

‘ସବୁ କଳା ଜାଣିଛି’

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-330 ♦BHUBANESWAR ♦THURSDAY ♦29 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୩୦ ♦ଭୁବନେଶ୍ୱର ♦ଗୁରୁବାର ♦୨୯ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ **ଭୁବନେଶ୍ୱର, ୨୮।୫ (ସମିସ):** ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ ସମୟରେ ତା’ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୁରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।




୨୦୨୩-୨୪ ଆର୍ଥିକ ବର୍ଷରେ ତତ୍‌କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▸ପୃଷ୍ଠା-୭

## ଓଡ଼ିଶାରେ ମୌସୁମୀ

### ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ **ଭୁବନେଶ୍ୱର, ୨୮।୫ (ସମିସ):** ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ’ ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▸ପୃଷ୍ଠା-୭






## ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

- ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର
- ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ
- ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର

■ **ଭୁବନେଶ୍ୱର, ୨୮।୫ (ସମିସ):** ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▸ପୃଷ୍ଠା-୭




## ଅସୁରକ୍ଷିତ ସଫେଇ କର୍ମଚାରୀ

# ବିନା ଗ୍ଲୋଭସ୍, ବୁଟ୍‌ରେ ଚାଲିଛି ଡ୍ରେନ୍ ସଫେଇ

ଚମ୍ପୁଆ,୨୮।୫(ସମିସ)

କିଛି ଅର୍ଥ ବଦଳରେ ନିଜ ଅଞ୍ଚଳର ସ୍ୱଚ୍ଛତା କାମରେ ଗୁରୁଦାୟିତ୍ୱ ବହନ କରୁଥିବା ସଫେଇ କର୍ମଚାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଚମ୍ପୁଆ ଏନ୍‌ଏସି ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସହରକୁ ସଫାସୁତରା ରଖିବା ପାଇଁ ଦୁଇଓଲି ସଫେଇ କାର୍ଯ୍ୟ କରାଯାଉଛି, ସତ ହେଲେ ଆନୁସଙ୍ଗିକ ସୁରକ୍ଷା ଗ୍ରହଣ କରାଯାଉନାହିଁ। କର୍ମଚାରୀମାନଙ୍କୁ ବୁଟ୍, ଗ୍ଲୋଭସ୍ ଆଦି ଦିଆଯାଉନଥିବା ବେଳେ ଅତି ଅପରିଷ୍କାର ସ୍ଥାନକୁ ଖାଲି ହାତରେ ସେମାନେ ସଫା କରୁଥିବା ଦେଖିବାକୁ ମିଳୁଛି। ଚମ୍ପୁଆରେ ଲଘୁଚାପ ଜନିତ ବର୍ଷା ପ୍ରତିଦିନ ହେବାରେ ଲାଗିଛି। ଜଳ ନିଷ୍କାସନ ପାଇଁ ଦୀର୍ଘଦିନ ଧରି ଅପରିଷ୍କାର ଭାବେ ପଡ଼ିରହିଥିବା ଡ୍ରେନଗୁଡ଼ିକର ସଫେଇ କାର୍ଯ୍ୟ ଏନ୍‌ଏସି ପକ୍ଷରୁ କରାଯାଉଛି। ମାତ୍ର ଏହି ସଫେଇ କର୍ମଚାରୀମାନେ ଖାଲି ହାତ ଓ ଚପଲ ପିନ୍ଧା ପାଦରେ ଘାସ ଉଠାଇବାରୁ ଆରମ୍ଭ କରି ଡ୍ରେନ ସଫା କରୁଛନ୍ତି। ଅନ୍ୟପକ୍ଷରେ ବଜାର ମଧ୍ୟରେ ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଦୋକାନଗୁଡ଼ିକରୁ ଏନ୍‌ଏସି ପକ୍ଷରୁ କର ଆଦାୟ କରାଯାଉଥିବା ବେଳେ ସେଠାରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡ଼ିକ କର୍ମଚାରୀମାନଙ୍କ ଦ୍ୱାରା ଖାଲି ହାତରେ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି। ଟେଣ୍ଡରଧାରୀ ଟେଣ୍ଡରପତ୍ରରେ ସଫେଇ କର୍ମଚାରୀଙ୍କୁ ଆନୁସଙ୍ଗିକ ପୋଷାକ, ବୁଟ୍, ଗ୍ଲୋଭ୍ସ, ଝାଡୁ, ହେଲମେଟ୍, ବାସକେଟ୍ ଆଦି ପ୍ରଦାନ କରିବାର ନିୟମ ରହିଥିଲେ ମଧ୍ୟ



ତାହାକୁ ଖୋଲାଖୋଲି ଉଲଙ୍ଘନ କରାଯାଉଛି। ସୂଚନାନୁଯାୟୀ, ମାସିକ ସଫେଇ ବାବଦରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଛି ଏବଂ ୬୦ରୁ ଅଧିକ ସଫେଇ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏପରିକି ୩ମାସରେ ଥରେ ଏହି କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କରାଯାଉଛି। ମାତ୍ର ସଫେଇ ସମୟରେ ଆବଶ୍ୟକୀୟ ସୁରକ୍ଷା ଉପକରଣ ପ୍ରଦାନ କରାଯାଉନାହିଁ। ଏନେଇ ସଫେଇ କର୍ମଚାରୀମାନେ ଆମକୁ ମାସେରୁ ଊର୍ଦ୍ଧ୍ୱ ହେବ ଉପକରଣ ମିଳୁନଥିବା କହୁଥିବା ବେଳେ ସାନିଟେସନ ଅଧିକାରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ, ଗ୍ଲୋଭସ୍ କିଛି କର୍ମଚାରୀଙ୍କ ଅଛି ଏବଂ ଅନେକଙ୍କ ସରିଯାଇଛି। ଟେଣ୍ଡର ନେଇଥିବା ସଂସ୍ଥାକୁ ଏବିଷୟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଟେଣ୍ଡର ନେଇଥିବା ସଂସ୍ଥା ଗ୍ଲୋଭ୍ସ ଛିଣ୍ଡିଲେ ତାହା ଦିଆଯାଉଛି ଏବଂ ଏହା ମହଜୁଦ ଅଛି ବୋଲି କହୁଛନ୍ତି। ଏଥିରୁ ଅନୁମେୟ ଯେ ବିଭାଗୀୟ ସମନ୍ୱୟର ଅଭାବ ଏହାର ପ୍ରମୁଖ କାରଣ ସାଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ୩ଜଣଙ୍କ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଲୁଟ୍

**ରାମଚନ୍ଦ୍ରପୁର,୨୮।୫(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ଅଳତି ଗାଁରେ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ବଡ଼ଧରଣର ଲୁଟ୍ ହୋଇଥିବା ଜଣାପଡ଼ିଛି। ଗାଁର ମଦନମୋହନ ବରାଳ, ରାମଚନ୍ଦ୍ର ବରାଳ ସମେତ ବାମନ ସେଠୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମଦନମୋହନ ବରାଳଙ୍କ ସପରିବାର ପୁରୀ ଯାଇଥିବା ବେଳେ ବଡ଼ପୁଅ ସଞ୍ଜୟ ବରାଳ ଏବଂ ବୋହୂ ଝୁମି ଘରେ ଖାଇପିଇ ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରେ ପଶି ସଞ୍ଜୟଙ୍କ ଶୋଇବା ଘର ବାହାରୁ ତାଲା ମାରିଦେଇ ଅନ୍ୟ ତିନୋଟି ଘରର ତାଲାକୁ ଭାଙ୍ଗି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ କରିନେଇଥିଲେ। ସଞ୍ଜୟ ଭୋର୍‌ରୁ କବାଟ ଖୋଲିବାକୁ ଚେଷ୍ଟା କରିବାରୁ କବାଟ ଖୋଲି ନଥିଲା, ପରେ ପଡ଼ୋଶୀଙ୍କ ସାହାଯ୍ୟରେ ଘରୁ ବାହାରି ଦେଖିଲା ବେଳକୁ ସବୁ ସରି ଯାଇଥିଲା। ଘରର ସବୁଆଡ଼େ ଆସବାବପତ୍ର



ଫିଙ୍ଗା ଫୋପଡ଼ା ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସଞ୍ଜୟ ତାଙ୍କ ବାପା ବୋଉଙ୍କୁ ଜଣାଇବାରୁ ପୁରୀରୁ ସେମାନେ ଫେରି ଆସିଥିଲେ। ସକାଳୁ ଚୋରି ନେଇ ମଦନ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଲୁଟ ସୁନା ଅଳଙ୍କାରର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଅଳତି ଗାଁର ଲକ୍ଷ୍ମଣ ବରାଳଙ୍କ ଘରୁ ମଧ୍ୟ ସମାନଢଙ୍ଗରେ ଲୁଟ୍ ହୋଇଛି। ଲକ୍ଷ୍ମଣ ବରାଳଙ୍କ ମାଆ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ଗୋଟିଏ ଆଟାଜ ସହ କିଛି ନଗଦ ଅର୍ଥ ଲୁଟି ନେଇଛି। ସେଭଳି ବାମନ ସେଠୀଙ୍କ ଘରର ଝରକା କଡ଼ରେ ଟଙ୍ଗା ହୋଇଥିବା ଏକ ଭ୍ୟାନିଟ୍‌ରୁ କେହି ଲୁଟେରା ଗତ ରାତିରେ ୧୦ ହଜାର ଟଙ୍କା ଲୁଟି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା, ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ଏବଂ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଲୁଟ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି।

## ଝରକା ଭାଙ୍ଗି ଘରୁ ଲୁଟିନେଲେ



**ହାଟଡ଼ିହୀ/ସୋସୋ,୨୮।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନାଞ୍ଚଳରେ ଚୋରି କମୁ ନଥିବା ବେଳେ ଦୁର୍ବୃତ୍ତମାନେ ମଉକା ଦେଖି ପୁଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। ଏପରିକି ଚୋରିରେ ଜଡ଼ିତ ଥିବା ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ। ମଙ୍ଗଳବାର ନନ୍ଦିପଦା ଥାନା ହାଟଡିହୀ ପଞ୍ଚାୟତ ନାହାଳିଆ ଗ୍ରାମର ବିଶ୍ୱନାଥ ନାୟକଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ଭାଙ୍ଗି ଘରେ ପଶି ଝିଅ ବିବାହ ପାଇଁ ରଖିଥିବା ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ୬୦ରୁ ୭୦ ହଜାର ଟଙ୍କା ଚୋରି ହୋଇଛି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିବନ୍ଧ,୨୮।୫(ସମିସ):** ଝୁମ୍ପୁରା ଥାନାଞ୍ଚଳ ନହବେଡ଼ା ପଞ୍ଚାୟତ କାଞ୍ଜିପାଣି ମହାନ୍ତ ସାହିରେ ମଙ୍ଗଳବାର ଅଘଟଣ ଘଟିଛି। ସେହି ଗ୍ରାମର କ୍ଷେତ୍ରବାସୀ ମହାନ୍ତ (୪୬)ଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ବୁଧବାର ଏନେଇ ପରିବାର ପକ୍ଷରୁ ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ଣରୁ କ୍ଷେତ୍ରବାସୀ କୁଆଡ଼େ ଚାଲିଯାଇଥିବା ବେଳେ ଘରକୁ ଫେରିନଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରିବା ବେଳେ ଗାଁରୁ କିଛିବାଟ ଦୂରରେ ଥିବା ଏକ ମହୁଲଗଛ ଡାଳରେ କ୍ଷେତ୍ରବାସୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତୁରନ୍ତ ଝୁମ୍ପୁରା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବାସହ କେନ୍ଦୁଝର ସାଇଣ୍ଟିଫିକ ଟିମ ଏବଂ ମାଜିଷ୍ଟ୍ରେଟ ଝୁମ୍ପୁରା ତହସିଲଦାର ରୋହିତ ବାଗଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଥିଲା। ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

**ଚମ୍ପୁଆ,୨୮।୫(ସମିସ):** ଚମ୍ପୁଆ ରେଞ୍ଜ ଅଧୀନ ରଜିଆ ପଞ୍ଚାୟତର ପତଳା ଗ୍ରାମରେ ଆଜି ଭୋର୍ ସମୟରେ ଶୌଚ ହେବାକୁ ଯାଇଥିବା ବୃଦ୍ଧା ଗୀତାରାଣୀ ନାଏକ ହାତୀ ଆକ୍ରମଣର ଶିକାର ହେବାସହ ଗୁରୁତର ଆହାତ ହୋଇଛନ୍ତି। ଚିକିତ୍ସା ପାଇଁ ଗ୍ରାମବାସୀ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହାତୀ ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସହ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଛି। ସୂଚନା ଯୋଗ୍ୟକି ଆଜକୁ ୧୦ ବର୍ଷ ତଳେ ଗୀତାରାଣୀଙ୍କ ସ୍ୱାମୀ ସୁକ୍ରୁ ନାଏକଙ୍କୁ ଦନ୍ତାହାତୀ ଘର ଆଗରେ କଚାଡ଼ି ମାରି ଦେଇଥିଲା।

## ହାଟଡ଼ିହୀରେ ନୂତନ ତହସିଲଦାରଙ୍କ ଯୋଗଦାନ



**ସୋସୋ,୨୮।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍‌ସ୍ଥ ତହସିଲରେ ନୂତନ ତହସିଲଦାର ଭାବେ ଶିବବ୍ରତ ତ୍ରିପାଠୀ ଯୋଗଦେଇଛନ୍ତି। ସେ ଚମ୍ପୁଆରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଯୋଗଦାନ କରିଥିବା ନୂତନ ତହସିଲଦାରଙ୍କୁ କାର୍ଯ୍ୟାଳୟର କର୍ମଚାରୀ ସମ୍ବର୍ଦ୍ଧିତ କରିଛନ୍ତି।

## ମୃତ ଲାଇନ୍‌ମ୍ୟାନ୍‌ଙ୍କ ପରିବାରକୁ ସହାୟତା



**ଆନନ୍ଦପୁର,୨୮।୫(ସମିସ):** ଆନନ୍ଦପୁର ବିଦ୍ୟୁତ୍ ବିଭାଗରେ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଇନ୍‌ମ୍ୟାନ୍ ଭାବେ କାର୍ଯ୍ୟରତ ଥିବା ଜଗନ୍ନାଥ ମହାନ୍ତିଙ୍କ ଗତ ୧୫ ତାରିଖରେ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଆନନ୍ଦପୁର ଡିଭିଜନରେ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ କର୍ମଚାରୀଙ୍କ ସହ ଆନନ୍ଦପୁର ଡିଭିଜନର ନିର୍ବାହୀଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତ ଉପସ୍ଥିତି ରହି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। କେନ୍ଦୁଝର ଜିଲ୍ଲା ବିଦ୍ୟୁତ୍ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରାଜେଶ କୁମାର ଦାଶ, ସହସମ୍ପାଦକ ଶ୍ରୀକାନ୍ତ ଶ୍ରୀକାନ୍ତ ବେହେରା, ପରାମର୍ଶଦାତା ମାଧବ ଜେନା, ରଞ୍ଜନ ମହାପାତ୍ର, ଦେବାଶିଷ ଦତ୍ତ, ତପନ ସାହୁ, ଗୌତମ ମଲ୍ଲିକ ପ୍ରମୁଖ ତାଙ୍କ ବାଲେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଏକାଦଶାହରେ ସାମିଲ ହୋଇଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସଂଘ ପକ୍ଷରୁ ୫୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

## ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ବାଲିବନ୍ଧ,୨୮।୫(ସମିସ):** ଝୁମ୍ପୁରା ଦୋଳପଡ଼ିଆରେ ଆୟୋଜିତ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ୨୪ତାରିଖରେ ଅଧିବାସ, ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୮ରେ ନାମଯଜ୍ଞ ପୂର୍ଣ୍ଣାହୁତି ସହିତ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ମୟୂରଭଞ୍ଜ ଜିଲ୍ଲାର ଗୋହାଲ ଡିହି ସଂକୀର୍ତ୍ତନ ମଣ୍ଡଳୀ, ନେଦାଭାଡ଼ି ସଂକୀର୍ତ୍ତନ ମଣ୍ଡଳୀ, ଗହଳା ମୁଣ୍ଡା ସଂକୀର୍ତ୍ତନ ମଣ୍ଡଳୀ, ଅଁଳାକୁଡ଼ା ସଂକୀର୍ତ୍ତନ ମଣ୍ଡଳୀ, ମହୁଲିଆ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ କେନ୍ଦୁଝର ଜିଲ୍ଲା ଝୁମ୍ପୁରାସ୍ଥିତ ତ୍ରିନାଥ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ହରିନାମ ଶ୍ରବଣ ସାଙ୍ଗକୁ ପ୍ରଭୁଙ୍କ ଆଶୀର୍ବାଦ ଲାଭ ନିମନ୍ତେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ● ଇ-ଗଭର୍ଣ୍ଣାନ୍ସ ପ୍ରଣୟନରେ ଉତ୍କର୍ଷତା

# ଶୁଆକାଟୀ ପଞ୍ଚାୟତକୁ ଜାତୀୟ ଜୁରୀ ପୁରସ୍କାର

**କେନ୍ଦୁଝର,୨୮।୫(ସମିସ):** ବାଂଶପାଳ ବ୍ଲକର ଶୁଆକାଟୀ ପଞ୍ଚାୟତ ୨୨ତମ 'ଜାତୀୟ ଇ-ଗଭର୍ଣ୍ଣାନ୍ସ ଆୱାର୍ଡ'-୨୦୨୫ରେ ମର୍ଯ୍ୟାଦାଜନକ ଜୁରୀ ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ଜିଲ୍ଲା ପାଇଁ ସୁନାମ ଆଣିଛି। ଚଳିତ ବର୍ଷ ପ୍ରଥମଥର ପାଇଁ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହାଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ସଫଳତା ହାସଲ କରିପାରିଛି। ଏହିସମ୍ମାନ ତୃଣମୂଳସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଶୁଆକାଟୀ ସମେତ ଗୁଜରାଟର ପଲସାନା ପଞ୍ଚାୟତ ଏବଂ ଉତ୍ତରପ୍ରଦେଶର ଲଳିତପୁର ପୌରପରିଷଦ ପୁରସ୍କାର ଜିଣିଛନ୍ତି। ଚଳିତ ବର୍ଷ ତୃଣମୂଳସ୍ତରରେ ଡିଜିଟାଲ୍ ସଶକ୍ତିକରଣ ଉପରେ ବୃଦ୍ଧି ପାଉଥିବା ଗୁରୁତ୍ୱକୁ ମାନ୍ୟତା ଦେବା ଲାଗି ଏହି ପୁରସ୍କାର ଅନ୍ତର୍ଭୁକ୍ତ କରାଯାଇଛି। ଦେଶର ସରକାରୀ ଏଜେନ୍ସି ଏବଂ ପ୍ରତିଷ୍ଠାନ ଗୁଡ଼ିକରେ ଡିଜିଟାଲ୍ ଶାସନରେ ଉତ୍କର୍ଷତାକୁ ସ୍ୱୀକୃତି ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଇ-ଗଭର୍ଣ୍ଣାନ୍ସ ପାଇଁ ବାର୍ଷିକ ଜାତୀୟ ପୁରସ୍କାର ଅନୁଷ୍ଠିତ ହୋଇଥାଏ। କୃତ୍ରିମ ବୁଦ୍ଧିମତ୍ତା ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନବସୃଜନ, ସାଇବର ସୁରକ୍ଷା ଅଭ୍ୟାସ, ଡାଟା



ବିଶ୍ଳେଷଣ ମାଧ୍ୟମରେ ଡିଜିଟାଲ୍ ପରିବର୍ତ୍ତନ ଏବଂ ରାଜ୍ୟ କିମ୍ବା ଜିଲ୍ଲାସ୍ତରରେ ସଫଳ ଜାତୀୟ ପ୍ରକଳ୍ପଗୁଡ଼ିକର ପ୍ରତିକୃତି ସମେତ ଛଅଟି ବର୍ଗରେ ମୋଟ ୧୦ ସ୍ୱର୍ଣ୍ଣ ଏବଂ ୬ ରୌପ୍ୟ ପୁରସ୍କାର ଘୋଷଣା କରାଯାଇଥିଲା। ପ୍ରତ୍ୟେକ ସ୍ୱର୍ଣ୍ଣ ପୁରସ୍କାରରେ ଟ୍ରଫି, ପ୍ରମାଣପତ୍ର ଏବଂ ୧୦ ଲକ୍ଷ ପ୍ରୋତ୍ସାହନ ପ୍ରଦାନ କରାଯାଏ ଏବଂ ରୌପ୍ୟ ପୁରସ୍କାର ବାବଦରେ ୫ ଲକ୍ଷ ମିଳିବ। ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି, ଶୁଆକାଟୀ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ସେ ଶୁଆକାଟୀ ପଞ୍ଚାୟତର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉନ୍ନତ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ସଫଳତା ନିଶ୍ଚିତ ଭାବରେ ଜିଲ୍ଲା ଏବଂ ବାହାରେ ଥିବା ଅନ୍ୟ ପଞ୍ଚାୟତଗୁଡ଼ିକୁ ଉନ୍ନତ ସେବା ପ୍ରଦାନ ପାଇଁ ଡିଜିଟାଲ୍ ମାଧ୍ୟମକୁ ଗ୍ରହଣ କରିବାକୁ ପ୍ରେରଣା ଦେବ। ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଆଉ ଦୁଇପାଦ ଆଗକୁ ନେବାରେ ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଶା ରାଜ୍ୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ ବ୍ୟବସ୍ଥା ମାଧ୍ୟମରେ କରିବାକୁ ନିଷ୍ପତ୍ତି ନେଇଛି। ଅଧିକାରୀ ଏବଂ କର୍ମଚାରୀଙ୍କ ତାଲିମ ସମାପ୍ତ ହୋଇଛି। ଓସ୍ୱାସ ମାଧ୍ୟମରେ ସମସ୍ତ ନଥି କାର୍ଯ୍ୟ ସମ୍ପାଦନ ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହେବ।

# ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ହୁଇଲ୍‌ଚେୟାର ପ୍ରଦାନ

**କେନ୍ଦୁଝର,୨୮।୫(ସମିସ):** କେନ୍ଦୁଝର ଜିଲ୍ଲାର ଦୁଇ ତାରକା ଦିବ୍ୟାଙ୍ଗ କ୍ରୀଡ଼ାବିତ ଅଭୟ କୁମାର ଜେନା ଓ ବିକ୍ରମାଦିତ୍ୟ ଜେନା ଆସନ୍ତା ଜୁନ ମାସ ୪ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଗ୍ୱାଲିୟରରେ ଅନୁଷ୍ଠିତ ହେବାକୁ ଥିବା ମାଧବରାଓ ସିନ୍ଧିଆ ଜାତୀୟ କ୍ରିକେଟ ଚାମ୍ପିଅନସିପରେ



ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଟିମର ଅଂଶବିଶେଷ ଭାବରେ ଭାଗ ନେବେ। ଏଅବସରରେ ଆଜି ଜିଲ୍ଲାପାଳ ବିଶାଳ ସିଂହ କ୍ରୀଡ଼ାବିତ ଦ୍ୱୟଙ୍କୁ ଭେଟି ସଫଳତା କାମନା କରିବାସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଦୁଇଟି ବ୍ୟାଟେରୀ ଚାଳିତ ଅତ୍ୟାଧୁନିକ ସ୍ପୋର୍ଟ୍ସ ହୁଇଲଚେୟାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଅଜୟ କୁମାର ଜେନା ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳର ଅଧିନାୟକତ୍ୱ କରୁଛନ୍ତି, ଯାହା କେନ୍ଦୁଝର ପାଇଁ ଏକ ବଡ଼ ଉପଲବ୍‌ଧି। ଶ୍ରୀ ଜେନା ପାରା ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପରେ ମଧ୍ୟ ପ୍ରଭୂତ ସଫଳତା ହାସଲ କରିଛନ୍ତି। ସେହିଭଳି ବିକ୍ରମାଦିତ୍ୟ ଜେନା କ୍ରିକେଟ ସହିତ ଜଣେ ଉଚ୍ଚକୋଟିର ପାରା ଆଥଲେଟ ଭାବରେ ଓଡ଼ିଶା ଷ୍ଟେଟ ପାରା ଆଥଲେଟ ଚାମ୍ପିଅନସିପ ୨୦୨୪ରେ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ସମେତ ସଟପୁଟ ଓ ଡିସକସ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସମ୍ବର୍ଦ୍ଧନା ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କୁମାର ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ରହି ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅନ୍ତର୍ଜାତୀୟ ଓପନ୍ ଟାଇକ୍ୱୋଣ୍ଡୋ ଚାମ୍ପିଅନସିପ୍

# ଭାଗନେଲେ ୧୧ ଛାତ୍ରଛାତ୍ରୀ

**ସୋସୋ,୨୮।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ପଞ୍ଚାୟତ ବେରୁଣପଦି ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲର ୧୧ ଛାତ୍ରଛାତ୍ରୀ ଅନ୍ତର୍ଜାତୀୟ ଓପନ୍ ଟାଇକ୍ୱୋଣ୍ଡୋ ଚାମ୍ପିୟନସିପ୍‌ରେ ଭାଗ ନେଇଛନ୍ତି। କଟକ ଇନ୍‌ଡୋର୍ ଷ୍ଟାଡିୟମରେ ଏହି ଖେଳ ଆୟୋଜିତ ହେବ। ସୁଦିସା ପଲତା, ଅଭିଲିପ୍ସା ନାୟକ, ଅଙ୍କିତା ପ୍ରିୟଦର୍ଶୀନି ପହି, ସାଇ ସଂପୂର୍ଣ୍ଣା ତରେଇ, ସାଇଶ୍ରଦ୍ଧା ରାଉତ, ସାଇ ପ୍ରତିକ୍ଷା ରାଉତ, ଶକ୍ତିପ୍ରଜ୍ଞା ରାଉତ, ପ୍ରତ୍ୟୁସ ଭୂୟାଁ, ସମିଷ୍ଟା ଭୂୟାଁ, ଜିଏନ ସୁରିୟା ପ୍ରଣବ ରାଉତ, ପ୍ରତ୍ୟୁଷ ରାଉତ ପ୍ରମୁଖ ୧୧ ଜଣ ଛାତ୍ରଛାତ୍ରୀ କଟକ ଯାତ୍ରା କରିଛନ୍ତି। ଛାତ୍ରଛାତ୍ରୀ ଟାଇକ୍ୱୋଣ୍ଡୋ ଅନ୍ତର୍ଜାତୀୟ ଖେଳରେ ଭାଗ ନେଇଥିବାରୁ ଏନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହିତ ଶିକ୍ଷା ସହିତ କ୍ରୀଡ଼ାର ବଡ଼ ଭୂମିକା ବୋଲି ବିଦ୍ୟାଳୟର



ଶିକ୍ଷକ ମାନେ ମତପ୍ରକାଶ କରିଥିଲେ। ବିଦାୟ ସମୟରେ ଖେଳ ଶିକ୍ଷକ ନାଗି ବେର୍ସା ସେମାନଙ୍କ ସହିତ ଯାଇଥିବା ବେଳେ ରାଧାକାନ୍ତ ସାହୁ, ଶେଖର ଭୂୟାଁ, ବିକାଶ ସିଂ, ଉତ୍ତମ ସାହୁ, ଘନଶ୍ୟାମ ବେହେରା ଓ ରିୟା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିବାଦର ଘଟିଲା ଅନ୍ତ

# ଏବିଓଙ୍କୁ ଦାୟିତ୍ୱ ପ୍ରଦାନ କଲେ ଚମ୍ପୁଆ ବିଇଓ

**ଚମ୍ପୁଆ,୨୮।୫(ସମିସ):** ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗରେ ଦାୟିତ୍ୱକୁ ନେଇ ଚାଲିଥିବା ଟଣାଓଟରା ଶେଷ ହୋଇଛି। ପୂର୍ବତନ ବିଇଓ ପ୍ରକାଶ ସାହୁ ଗତ ୨୭ ତାରିଖ ରାତିରେ ବରିଷ୍ଠ ଏବିଓ ନରେନ୍ଦ୍ର କୁମାର ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସୂଚନାନୁଯାୟୀ, ପୂର୍ବରୁ ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗରେ ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ପ୍ରକାଶ ଚନ୍ଦ୍ର ସାହୁଙ୍କ ସୁନ୍ଦରଗଡ଼ ଜିଲ୍ଲା କଲାବିରା ବ୍ଲକକୁ ବଦଳି ହୋଇଥିଲା। ବଦଳି ପରେ ଦୀର୍ଘଦିନ ଧରି ଅନୁପସ୍ଥିତ ଶ୍ରୀ ସାହୁ ଦାୟିତ୍ୱ ହସ୍ତାନ୍ତର କରିନଥିଲେ। ଫଳରେ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷକ ମାନେ ସ୍ୱତନ୍ତ୍ର ଟିଚର ଏଲିଜିବିଲିଟି ଟେଷ୍ଟ ପାଇଁ ବିଇଓଙ୍କର ଦସ୍ତଖତର ଆବଶ୍ୟକ ପଡୁଥିବା ବେଳେ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ପରେ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚମ୍ପୁଆ



ବ୍ଲକର ଏବିଓଙ୍କୁ ଶିକ୍ଷକଙ୍କ ଦସ୍ତଖତ ସମସ୍ୟା ସମାଧାନ ପାଇଁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଚିଠି ଅନୁଯାୟୀ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସାହୁଙ୍କୁ ବରିଷ୍ଠ ବିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ କଲାବିରାରେ ଦାୟିତ୍ୱ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଗତ ମଙ୍ଗଳବାର ଶ୍ରୀ ସାହୁ ବରିଷ୍ଠ ଏବିଓ ନରେନ୍ଦ୍ର କୁମାର ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ବୁଧବାର ଶ୍ରୀ ନାଏକ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଶିକ୍ଷକଙ୍କ ସମସ୍ୟା, ତୁରନ୍ତ ସମାଧାନ ସହିତ ଶିକ୍ଷା ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଅଲ ଉତ୍କଳ ପ୍ରାଇମେରୀ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ, ସଭାପତି ଚିତ୍ତରଞ୍ଜନ ମହାନ୍ତ, ଲଳିତ ମାହନ୍ତ ପ୍ରମୁଖ ଶିକ୍ଷକ ସଦସ୍ୟ ଗଣ ଶ୍ରୀ ନାଏକଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ।

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

# ୬ ଘଣ୍ଟା ଅନ୍ଧାରରେ ମାତୃ ଓ ଶିଶୁ ବିଭାଗ

ଚମ୍ପୁଆ,୨୮।୫(ସମିସ)

୧୯୧୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ତଥା ରେଫରାଲ ମେଡିକାଲ ଭାବେ ପରିଚିତ ଡାକ୍ତରଖାନା ତାହାର ଗାରିମା ହରେଇବାକୁ ବସିଲାଣି ବୋଲି ଅଭିଯୋଗ ହେଉଛି। ଡାକ୍ତର ଅଭାବ ଜନିତ ଚିକିତ୍ସା ସେବା ପାଇଁ ରୋଗୀମାନେ ଜିଲ୍ଲା ମୁହାଁ ହେଉଥିବା ବେଳେ ପ୍ରସୂତି ମାଆମାନେ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସମସ୍ୟା ପିଛା ଛାଡୁ ନଥିବା ବେଳେ କେତେବେଳେ ଡାକ୍ତର ଅଭାବ ତ କେତେବେଳେ ରୋଗୀମାନେ ଘଣ୍ଟାଘଣ୍ଟା ଧରି ଅନ୍ଧାରରେ ରହୁଛନ୍ତି। ଗତ ୨୭ ତାରିଖ ସନ୍ଧ୍ୟାରେ ଏହି ରେଫରାଲ ତଥା ଉପଖଣ୍ଡ ଚିକିତ୍ସାଳୟରେ ଏପରି ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ୍ ଅଭାବରୁ ରୋଗୀଙ୍କୁ ଟର୍ଚ୍ଚ ମାରି ଖାଦ୍ୟ ପରଷା ଯାଉଥିବା ବେଳେ ଶିଶୁ ଓ ପ୍ରସୂତି ବିଭାଗରେ ରୋଗୀମାନେ ଘଣ୍ଟାଘଣ୍ଟା ଧରି ମୋବାଇଲ ଟର୍ଚ୍ଚ ଜାଳି ବସିଥିବାର ଦେଖିବାକୁ ମିଳିଥିଲା। ଦୀର୍ଘଦିନରୁ ଏହି ବିଭାଗ



● ମୋବାଇଲ ଟର୍ଚ୍ଚଧରି ରୋଗୀ ବସିଛନ୍ତି
● ଡିଜି ଖରାପ କହି ବିଭାଗ ନୀରବ

ପାଇଁ ଡିଜିର ବ୍ୟବସ୍ଥା ରହିଥିଲେ ହେଁ ତାହା ଖରାପ ଅବସ୍ଥାରେ ପଡ଼ିରହିଛି। ବାରମ୍ବାର ଅଭିଯୋଗ କଲେ ଜରୁରୀ ସମୟରେ ସାମାନ୍ୟ ମରାମତି କରାଯାଇ କିଛି ଘଣ୍ଟା ପାଇଁ ଚଳାଯାଉଛି। ଦାୟିତ୍ୱରେ ଥିବା ବିଦ୍ୟୁତ୍ କର୍ମଚାରୀ ବାବୁଲା ନାଏକ କହିଛନ୍ତି, ଏହାର ମରାମତି ନିମନ୍ତେ ଡିଜି ପ୍ରଦାନ କମ୍ପାନୀକୁ ଅବଗତ କରାଯାଇଛି। ଏନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କୁ ପଚାରିବାରୁ କହିଛନ୍ତି। କମ୍ପାନୀକୁ ଡିଜି ବିଷୟରେ ଅବଗତ କରାଯାଇଛି। କିଛିଦିନ ତଳେ କମ୍ପାନୀ କର୍ମଚାରୀ ଆସି ଡିଜି ମରାମତି ପାଇଁ ୭୦ ହଜାର ଟଙ୍କାର ଅଟକଳ ଖର୍ଚ୍ଚ ହେବ ବୋଲି ସୂଚନା ଦେଇଛନ୍ତି। ଦିନେ ଦୁଇଦିନ ଭିତରେ ଏହାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

ସକାଳ THE SAKALA



www.sakalaepaper.com

### ମନରେଗା କାର୍ଯ୍ୟ କରୁଛି ମେସିନ

# ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ

ଅନୁଗୋଳ, ୨୮ ।୫(ସମିସ)

ରାଜ୍ୟରେ କୌଣସି ଶ୍ରମିକ କାର୍ଯ୍ୟହରା ନ ହେବା ପାଇଁ ସରକାର ମନରେଗା ଯୋଜନାରେ ପ୍ରତି ଶ୍ରମିକଙ୍କୁ ବର୍ଷରେ ୧୦୦ ଦିନର ନିଶ୍ଚିତ କାର୍ଯ୍ୟ ଯୋଗାଇ ଦେଉଛନ୍ତି । ତଥାପି ରାଜ୍ୟରୁ ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କାରଣ ସରକାର ଯେଉଁ ମହତ୍ତ୍ୱାକାଂକ୍ଷୀ ଯୋଜନାଗୁଡ଼ିକ ପ୍ରଣୟନ କରିଛନ୍ତି ତୃଣମୂଳ ସ୍ତରରେ ତାହାର ବାସ୍ତବ ରୂପ ସମ୍ପୂର୍ଣ୍ଣ ଅଲଗା । ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରତି ଶ୍ରମିକ ୧୦୦ ଦିନର କାର୍ଯ୍ୟ ପାଇବା କଥା । କିନ୍ତୁ ବର୍ତ୍ତମାନ ପଞ୍ଚାୟତ ସ୍ତରରେ ଯେଉଁ କାର୍ଯ୍ୟ ସବୁ ଶ୍ରମିକ କରିବା କଥା ତାହା





ମେସିନ କରୁଛି । ନାମକୁମାତ୍ର ମଣିଷ କାର୍ଯ୍ୟ କରୁଥିବା ବେଳେ ବାସ୍ତବରେ ଜେସିବି ମେସିନ ଲଗାଇ ଖୋଲାଖୋଲି ନିୟମ ଉଲ୍ଲଂଘନ କରୁଛନ୍ତି ଜନ ପ୍ରତିନିଧିମାନେ । ଅନୁଗୋଳ ବ୍ଲକ ଶଙ୍ଖପୁର ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହି ପଞ୍ଚାୟତର ଖାଲଗାଁଠାରେ ଅମୃତ ସରୋବର ଯୋଜନାରେ ଏକ ପୋଖରୀ ଖନନ କାର୍ଯ୍ୟ ଜାରି ରହିଛି । ପଞ୍ଚାୟତ କର୍ତ୍ତୃପକ୍ଷ ନିଜେ ଏହି କାର୍ଯ୍ୟ ନିର୍ବାହ କରୁଥିବା ଜଣାପଡ଼ିଛି । ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ ହୋଇଛି । ଏବେ ଖନନ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ମଣିଷ ବଦଳରେ ମେସିନ ଲାଗି କାର୍ଯ୍ୟ କରାଯାଉଥିବା ଦେଖାଯାଇଛି । ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ସେ କହିଲେ, ଆମର କୌଣସି କାର୍ଯ୍ୟ ମେସିନ ଲାଗି ହେଉନାହିଁ । ସ୍ୱଷ୍ଟ ଦିବାଲୋକରେ ମେସିନ ଲଗାଇ ଶ୍ରମିକଙ୍କ ପେଟରେ ଲାତ ମାରିବା କେତେଦୂର ଠିକ ସେ ନେଇ ପ୍ରଶ୍ନ ଉଠିଛି । ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଧଡ଼ରପାଳ ପୁଞ୍ଜୀର ବାର୍ଷିକ ଉତ୍ସବ



ବଇଣ୍ଡା, ୨୮ ।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସେରେଣ୍ଡା ଗ୍ରାମ ଆମ୍ବତୋଟାରେ ବୁଧବାର ଅଖିଳ ଭାରତୀୟ ଗୋଁଡୱାନା ଗୋଁଡ ମହାସଭା ଧଡ଼ରପାଳ ପୁଞ୍ଜି ପକ୍ଷରୁ ୨୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ସମାଜର କର୍ମକର୍ତ୍ତାମାନେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଆମ୍ବତୋଟାରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୁଜାତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାସଭାପତି ସଦାଶିବ ନାୟକ, ଅନ୍ୟତମ ଅତିଥି ଭାବେ ପୁଞ୍ଜି ସଭାପତି ସତ୍ୟବାଦୀ ନାୟକ ସମ୍ପାଦକ, ଜୟରାମ ନାୟକ, କୃପାସିନ୍ଧୁ ନାୟକ, ପ୍ରସନ୍ନ ନାୟକ, ମହିଳା ରାଜ୍ୟ ସଭାପତି ସୁକାନ୍ତିବାଳା ନାୟକ ଯୋଗଦେଇଥିଲେ । ପ୍ରଥମେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗୋଣ୍ଡ ସମାଜର ରୀତିନୀତି ବିଷୟରେ ଆଲୋକପାତ କରିବା ସହ ମାଟ୍ରିକ ଓ ଦ୍ୱାଦଶ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଗୋଣ୍ଡ ସମାଜର ପୁଅ ଚେତକ କୁମାର ନାୟକ ନିର୍ବାହୀ ଯନ୍ତ୍ରୀ ହୋଇଥିବା ବେଳେ ଦୁଇଜଣ ଝିଅ ମୋନାଲିସା ନାୟକ ଓ ସିଗମାରାଣୀ ନାୟକ ଡାକ୍ତର ହୋଇଛନ୍ତି । ସେମାନଙ୍କୁ ଧଡ଼ରପାଳ ପୁଞ୍ଜି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ହେମନ୍ତ ନାୟକ ଧନ୍ୟବାଦ ଦେଇଥିଲେ । ଅର୍ଜୁନ ନାୟକ, ନୀଳାଚଳ ନାୟକ, ବିମ୍ବାଧର ନାୟକ, ଅମରେନ୍ଦ୍ର ନାୟକ, ରାମ ନାୟକ ସହଯୋଗ କରିଥିଲେ ।

## ବର୍ଷା ଆସିଲା: ଟଙ୍କା ଜମା ସତ୍ତ୍ୱେ ସମିତିକୁ ମିଳିଲାନି ଧାନ ବିହନ

କିଶୋରନଗର, ୨୮ ।୫(ସମିସ): ଚଳିବ ବର୍ଷ ଆଗୁଆ ମୌସୁମୀ ବର୍ଷା ଆସିଛି । ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଞ୍ଚଳରେ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ଧାନ ବିହନ ଯୋଗାଇ ଦିଆଯାଇନାହିଁ । କିଛି ଚାଷୀ ବାହାରୁ ଖୋଲା ବଜାରରୁ ଅଧିକ ଦରରେ ବିହନ କିଣିବାକୁ ବାଧ ହେଉଥିବା ବେଳେ ଅଧିକାଂଶ ଚାଷୀ ଏବେ ବି ସରକାରୀ ବିହନକୁ ଚାହିଁ ବସିଛନ୍ତି । ବ୍ଲକର ଧଉରାପାଲ୍ଲୀ ସେବା ସମବାୟ ସମିତି ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ଚାଷୀଙ୍କ ଆବଶ୍ୟକତାକୁ ଦେଖି ୧୦୦ କ୍ୱିଣ୍ଟାଲ, ରଣିଆକଟା ସମିତି ୩୦ କ୍ୱିଣ୍ଟାଲ, ବାମୁର ୩୦ କ୍ୱିଣ୍ଟାଲ, ହିମିତିରା ସମିତି ୧୦୦ କ୍ୱିଣ୍ଟାଲ ଧାନ ଯୋଗାଇବା ପାଇଁ ସରକାରଙ୍କ ନିକଟରେ ଟଙ୍କା ଜମା କରିଛନ୍ତି । ହେଲେ ଆଜିଯାଏଁ ସମିତିଗୁଡ଼ିକୁ ବିହନ ଯୋଗାଇ ଦିଆଯାଇନାହିଁ । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ହିମିତିରା ସେବା ସମବାୟ ସମିତି ସହ ଅନେକ ସମିତିକୁ ପ୍ରଶାସନ ତରଫରୁ କିଛିଦିନ ହେବ ଶହ ଶହ କ୍ୱିଣ୍ଟାଲ ୟୁରିଆ ସାର ଯୋଗାଇ ଦିଆଯାଇଛି । ହେଲେ ଏବେ ୟୁରିଆ ସାର ଦରକାର ନ ଥିବା ବେଳେ ସମିତିଗୁଡ଼ିକୁ ୟୁରିଆ ଯୋଗାଇ ଦେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ବ୍ଲକର ସମସ୍ତ ସେବା ସମବାୟ ସମିତିକୁ ଧାନ ବିହନ ଯୋଗାଇ ଦେବାକୁ ଦାବି ହେଉଛି ।



ବୁଧବାର ଅନୁଗୋଳରେ ଲଘୁଚାପ ଯୋଗୁଁ ବର୍ଷା ପରେ ମେଘାଛନ୍ନ ଆକାଶ (ଫଟୋ-ଚିକୁ)

## ଗଛରେ ଧକ୍କାହେଲା କାର; ଚାଳକ ଆହତ

କଣିହାଁ, ୨୮ ।୫(ସମିସ): କଣିହାଁ କଲେଜ ଛକ ଆମ୍ବେଦକର ସ୍ମୃତିପୀଠରେ ଥିବା ଏକ ଚାକୁଣ୍ଡା ଗଛରେ ଭାରସାମ୍ୟ ହରାଇ ବୁଧବାର ଏକ କାର ଧକ୍କା ହୋଇଛି । କାର ଚାଳକ ଜଣକ ଆହତ ହୋଇଛନ୍ତି । ସେ ହେଲେ ଏନଟିପିସି ଥାନା ଗଦଶିଳା ଗ୍ରାମର ସଞ୍ଜୀବ ନାଏକ (୪୩) । ଅପରାହ୍ନ ସାଢ଼େ ୧୨ଟାରେ ସଞ୍ଜୀବ କାର ନେଇ ଏନଟିପିସି ଆଡୁ କଣିହାଁ ଂସମୁଣ୍ଡାସ୍ଥିତ ଖୋଲାମୁହଁ କୋଇଲା ଖଣି ସାଇଟ ଅଫିସ ଅଭିମୁଖେ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।



## ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ



ଅନୁଗୋଳ, ୨୮ ।୫(ସମିସ): ବୁଧବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାରେ ଏଚ୍‌ଆଇଭି ଆକ୍ରାନ୍ତଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବାର ସମୀକ୍ଷା କରାଯାଇଥିଲା । ଏହା ସହ ଏଡ୍‌ସ ରୋଗ ନିୟନ୍ତ୍ରଣ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ହୋଇଛି । ଏଚ୍‌ଆଇଭି ଆକ୍ରାନ୍ତମାନେ ନିୟମିତ କିପରି ଔଷଧ ପାଇପାରିବେ, ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ମାନସ ରଞ୍ଜନ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ କସ୍ତୁରୀ ସି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଟାଇଁସିରେ ପରାକ୍ରମ ଶୋଭାଯାତ୍ରା




ସାତକୋଶିଆ, ୨୮ ।୫(ସମିସ): ଅପରେସନ ସିନ୍ଦୂରର ସଫଳତା ପରେ ସାତକୋଶିଆ ମଣ୍ଡଳ ବିଜେପି ପକ୍ଷରୁ ଟାଇଁସିଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଶୋଭାଯାତ୍ରା ଟାଇଁସି ଡାକବଙ୍ଗଳାଠାରୁ ବାହାରି ଗ୍ରାମର ସହିଦ ସୃତିପୀଠରେ ଶେଷ ହୋଇଥିଲା । ସେଠାରେ ସହିଦ ସୁଶାନ୍ତ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ବାପା ଜନକ ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାତକୋଶିଆ ମଣ୍ଡଳ ସଭାପତି ରାଜୁ ପଲେଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଂସଦଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ଆଠମଲ୍ଲିକ ବିଧାୟକ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ଯୁବନେତା ଓ ସମାଜସେବୀ ଅର୍ଜୁନ କୁମାର ସାହୁ, ପରେଶ ଦେଓ, ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଟାଇଁସି ସରପଞ୍ଚ ସୌଦାମିନୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ସାତକୋଶିଆ ମଣ୍ଡଳ ବିଜେପିର ଶରତ ଚନ୍ଦ୍ର ପ୍ରଧାନ, ବିକାଶ ସାହୁ, ଲିଟନ ସାନୁ, ହେମନ୍ତ ପ୍ରଧାନ, ଲକ୍ଷ୍ମୀଧର ସାହ, ଲକ୍ଷ୍ମଣ ସାହୁ, ଭଗବାନ ସାହୁ, ପ୍ରଭାତ ମିଶ୍ର, କୁମଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଯୁବ ସାମ୍ବାଦିକଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର

ଅନୁଗୋଳ, ୨୮ ।୫(ସମିସ): ଯୁବ ତଥା ସାହସୀ ସାମ୍ବାଦିକ ସ୍ୱର୍ଗତ ରଘୁନାଥ ସାହୁଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ଚତୁର୍ଥ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ରକ୍ତଦାନ ଭବନରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ



ଡା. ଶିବାନନ୍ଦ ମହାନ୍ତି ମୁଖ୍ୟଅତିଥି, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ବହୁ ସାମ୍ବାଦିକ, ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ପ୍ରତ୍ୟେକ ବର୍ଷ ରଘୁନାଥଙ୍କ ସ୍ମୃତିରେ ଏହି ଶିବିର ଆୟୋଜନ କରାଯାଇଥାଏ । ସାମ୍ବାଦିକ ସମରେଶ ନାଥ, ସମାଜସେବୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦ୍ୟାଶ୍ଲୋକ ମିଶ୍ର, ମହେଶ ଭୋମରାଜ, ଦେବରଞ୍ଜନ ସାମଲ ପ୍ରମୁଖ ଶିବିର ଆୟୋଜନ କରିଥିଲେ । ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

## ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ ନାଁ ବ୍ୟବହାରକୁ ବାରଣ

ଅନୁଗୋଳ, ୨୮ ।୫(ସମିସ): ପ୍ରେସ କାଉନସିଲ ଅଫ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ଅଙ୍ଗ ଯାହା ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ । ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସର ସ୍ୱାଧୀନତାକୁ ସୁରକ୍ଷିତ କରିବା ଓ ଭାରତରେ ସମ୍ବାଦପତ୍ର ଓ ସମ୍ବାଦ ସଂସ୍ଥାମାନଙ୍କ ମାନଦଣ୍ଡକୁ ରକ୍ଷା କରିବା । ନୂଆଦିଲ୍ଲୀସ୍ଥିତ ସୂଚନା ଭବନ, ଲୋଦି ରୋଡ୍ ସିଜିଓ କମ୍ପ୍ଲେକ୍ସଠାରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ରାଜ୍ୟ ଶାଖା ନାହିଁ କିମ୍ବା ଏହି ନାମରେ ନାମିତ କୌଣସି ପ୍ରାଧିକୃତ ଅଙ୍ଗ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟ କରେନାହିଁ । ମାତ୍ର ସମ୍ପ୍ରତି ଏହି ପ୍ରେସ କାଉନସିଲ ଶବ୍ଦ ଅନ୍ୟ ପ୍ରେସ ସଙ୍ଗଠନଗୁଡ଼ିକ ଦ୍ୱାରା ବ୍ୟବହୃତ ହେଉଥିବା ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଏହା ଯେ କେବଳ ପ୍ରେସ କାଉନସିଲ ଅଫ ଇଣ୍ଡିଆର ଅସ୍ତିତ୍ୱ ଓ ପ୍ରତିଷ୍ଠାର ମର୍ଯ୍ୟାଦା ହାନି କରୁଛି ତାହା ନୁହେଁ ବରଂ ଏହାର ବୈଶିଷ୍ଟ୍ୟପୂର୍ଣ୍ଣ ନାମ ଓ ଅଦ୍ୱିତୀୟ ଶକ୍ତି ଉପରେ ପ୍ରଭାବ ପକାଉଛି । ଏଣୁ ବିଧି ମାମଲା ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ଚିହ୍ନ ଓ ନାମର ଅନୁଚିତ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ । ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ସଙ୍ଗଠନ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ ଭାରତୀୟ ପ୍ରେସ ପରିଷଦ ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଇଛି । ଏହାର ଉଲ୍ଲଂଘନରେ ବିଧି ବ୍ୟବସ୍ଥା ଅନୁଯାୟୀ ଉଲ୍ଲଘଂନକାରୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ, ସଂସ୍ଥା ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରାବଧାନ ରହିଛି ।

## ଘରୁ ନାଗସାପ ଉଦ୍ଧାର

ବଇଣ୍ଡା, ୨୮ ।୫(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗଦେଇମୁଣ୍ଡା ଗ୍ରାମର ଯୋଗେଶ୍ୱର ସାହୁଙ୍କ ଘରୁ ବୁଧବାର ଏକ ନାଗସାପ ଉଦ୍ଧାର କରାଯାଇଛି । ସାପ ଉଦ୍ଧାରକାରୀଙ୍କ ସହାୟତାରେ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।

## ମଦ୍ୟପ ଚାଳକ ଗିରଫ

ବଇଣ୍ଡା, ୨୮ ।୫(ସମିସ): ଠାକୁରଗଡ଼ ଥାନା ପୁଲିସ ମଙ୍ଗଳବାର ପାଇକସାହି ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଠାକୁରଗଡ଼ ଥାନା ଖମାର ଅଞ୍ଚଳର ସୁବର୍ଣ୍ଣ ବେହେରାଙ୍କୁ ଗିରଫ କରିଛି । ଏ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## ଏବିଭିପି ପକ୍ଷରୁ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ପାଲଲହଡ଼ା, ୨୮ ।୫(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପାଲଲହଡ଼ା ନଗର ଶାଖା ପକ୍ଷରୁ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ସଭାଗୃହରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଲଲହଡ଼ା ନଗର ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଶଶାଙ୍କ ଶେଖର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମଦନ ମୋହନ ପ୍ରଧାନ, ସରୋଜ କୁମାର ପ୍ରଧାନ, ଅବିନାଶ ଦୁବେ, ନଗର ସମ୍ପାଦକ ସାଇ ବିଘ୍ନେଶ ସାହୁ, ଜିଲ୍ଲା ସଂଯୋଜକ ଆଶିଷ କୁମାର ବେହେରା, ଜିଲ୍ଲା ସଂଗଠନ ମନ୍ତ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ପୁରାତନ କାର୍ଯ୍ୟକର୍ତ୍ତା ସରୋଜ ସାହୁ, ହରେକୃଷ୍ଣ ପ୍ରଧାନ, ଧର୍ମେନ୍ଦ୍ର ମହାନ୍ତ, ଅବନୀ ପ୍ରଧାନ, କୁମୁଦ ରଞ୍ଜନ ଦେହୁରୀ, ଅଧ୍ୟାପକ ଜୟଦେବ ବିଶ୍ୱାଳ ପ୍ରମୁଖ ସହଯୋଗ



କରିଥିଲେ । କାର୍ଯ୍ୟକ୍ରମରେ ୧୭୮ ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଜାହ୍ନବୀ ସନ୍ୟାଲ, ହରପ୍ରିୟା ସାହୁ, ସରସ୍ୱତୀ ସାହୁ, ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ପ୍ରୀତିଷ୍ଠା ବେହେରା, ରାଜଲକ୍ଷ୍ମୀ ବେହେରା, ଗୀତାଞ୍ଜଳି ନାୟକ, ମୋନାଲିସା ସାହୁ, ଦେବସ୍ମିତା ବିଶ୍ୱାଳ, ରାଜଲକ୍ଷ୍ମୀ ମହାନ୍ତି, ଗୋପୀନାଥ ବେହେରା, ଅଜିତ ନାଏକ ପ୍ରମୁଖ ଏବିଭିପିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ନଗର ସହ ସମ୍ପାଦକ ପ୍ରିୟାଂଶୁ ପ୍ରିୟଦର୍ଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଅନୁଗୋଳ ଅବକାରୀ ବିଭାଗକୁ ସଫଳତା

## ୧୬୧ କେଜି ଗଞ୍ଜେଇ ଜବତ; ୨ ଗିରଫ

ଅନୁଗୋଳ, ୨୮ ।୫(ସମିସ): ଅନୁଗୋଳ ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା । ବିଭାଗ ପକ୍ଷରୁ ୧୪୯ ନଂ ଜାତୀୟ ରାଜପଥର ପାଲଲହଡ଼ା ବାଇପାସ୍ ଛକରେ ଚଢ଼ଉ କରାଯାଇ ୧୬୧ କେଜି ଗଞ୍ଜେଇ ଜବତ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ୧୦ ହଜାର ଟଙ୍କା ହେବ । ଏହି ମାମଲାରେ ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ଏକ ପିକ୍‌ଅପ୍ ଭ୍ୟାନ୍ ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମର ମାନଭଞ୍ଜନ ଗଡ଼ନାୟକ (୩୭) ଓ ରବୀନ୍ଦ୍ର ସାହୁ (୬୦) । ଏମାନେ ଛେଣ୍ଡିପଦାରୁ ମୟୂରଭଞ୍ଜକୁ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗ ସୂଚନା ଦେଇଛି ।



# ଚୋରା ବନ୍ଧୁକ ଜବତ; ୩ ଗିରଫ

ଅନୁଗୋଳ, ୨୮ ।୫(ସମିସ): ଗାଁ ଗହଳିରେ ଦେଶୀ ବନ୍ଧୁକ କାରବାର ସୀମିତ ହୋଇ ରହିନି । ସହରକୁ ବି ମାଡ଼ିଲାଣି ଏହାର ଚେର । ହୁଲୁରିସିଂହାରୁ ଏକ ଦେଶୀ ବନ୍ଧୁକ ମିଳିବା ପରେ ଏହା ସ୍ୱଷ୍ଟ ହୋଇଛି । ଏପଟେ ଅନୁଗୋଳ ଥାନା ପୁଲିସ ଚୋରା ବନ୍ଧୁକ କାରବାରରେ ଦୁଇଟି ଭିନ୍ନ ମାମଲା ରୁଜୁ କରି ୨ଟି ବନ୍ଧୁକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ହୁଲୁରିସିଂହାରେ ଜଣେ ବକ୍ତି ବନ୍ଧୁକ ଧରି ବୁଲୁଥିବା ଖବରପାଇ ଅନୁଗୋଳ ପୁଲିସ ଚଢ଼ଉ କରିଥିଲା । ସେଠାରେ ପୁଲିସ ପହଞ୍ଚିଲା ବେଳକୁ ଜଣେ ଯୁବକ ଦୌଡ଼ି ପଳାଇବାକୁ ଚେଷ୍ଟା କରିବା ସମୟରେ ପୁଲିସ ତାଙ୍କୁ ଗୋଡ଼ାଇ ଧରିଥିଲା । ପୁଲିସ ତାଙ୍କୁ ପଚରାଉଚରା କରିବା ସହ ଯାଞ୍ଚ କରିବାରୁ ତାଙ୍କ ପାଖରୁ ଗୋଟିଏ ଦେଶୀ ବନ୍ଧୁକ ମିଳିଥିଲା । ବନ୍ଧୁକର କାଗଜପତ୍ର କିମ୍ବା ଲାଇସେନ୍ସ ତାଙ୍କ ପାଖରେ ନ ଥିଲା । ପୁଲିସ ତାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଜରାପଡ଼ା ଥାନା ତୁବେ ଗାଁର ପିଣ୍ଟୁ ଜେନା (୩୭) । ସେ ହୁଲୁରିସିଂହାରେ ରହୁଛନ୍ତି । ସେହିପରି ସହର ଉପକଣ୍ଠ ହାଟଛକରେ ନାକା ଲଗାଇ ପୁଲିସ ଚେକିଂ କରୁଥିବା ବେଳେ ଏକ ଦେଶୀ ବନ୍ଧୁକ ପାଇଛି । ଏହି ମାମଲାରେ ପୁଲିସ ବନ୍ଧୁକ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁସାରେ, ପୁଲିସ ହାଟଛକରେ ୨୬ ତାରିଖ ରାତିରେ ନାକା ଲଗାଇ ଗାଡ଼ିମଟର ଯାଞ୍ଚ କରୁଥିଲା । ଏହି ସମୟରେ ବଅଁରପାଳ ଥାନା ପନ୍ଦରଭଣିଆ ଗାଁର ସୁବ୍ରତ ଭୁତିଆ (୩୦)ଙ୍କୁ ସନ୍ଦେହରେ ଅଟକାଇଥିଲା । ତାଙ୍କୁ ପଚରାଚରା ସମୟରେ ସେ ସନ୍ଦେହଜନକ କଥାବର୍ତ୍ତା କରିବାରୁ ପୁଲିସ ତାଙ୍କୁ ଯାଞ୍ଚ କରିଥିଲା । ତାଙ୍କ ପାଖରୁ ଏକ ଛୁରି ମିଳିବା ପରେ ପୁଲିସ ଅଧିକ ପଚରାଉଚରା କରିଥିଲା । ସେ ଢେଙ୍କାନାଳରେ ଏକ ଦେଶୀ ବନ୍ଧୁକ ଦେବା ପାଇଁ ଯାଇ ଫେରୁଥିବା ସେ ସ୍ୱୀକାର କରିଥିଲେ । ପରେ ପୁଲିସ ଟିମ୍ ମୋଟଙ୍ଗା ଥାନା ବ୍ରହ୍ମପୁର ଗାଁର ରାଜେଶ ପ୍ରଧାନ (୨୬)ଙ୍କ ଘରେ ଚଢ଼ଉ କରି ଏହି ବନ୍ଧୁକ ଜବତ କରିଛି । ଏହି ବନ୍ଧୁକର କୌଣସି କାଗଜପତ୍ର ସେ ଦେଖାଇ ନ ପାରିବାରୁ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି ।

# ମା’ ହିଙ୍ଗୁଳା ମନ୍ଦିରର ରତ୍ନମୁଦ ଉତ୍ସବ

ବଇଣ୍ଡା, ୨୮ ।୫(ସମିସ)

କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ ବିଡିସିଙ୍ଗ ଗ୍ରାମରେ ନିର୍ମିତ ମା ହିଙ୍ଗୁଳା ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଗ୍ରାମବାସୀ କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଆଣି ସ୍ଥାପନ କରିବା ପରେ ରୀତିନୀତି ଅନୁଯାୟୀ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମନ୍ଦିର ଚୂଡ଼ାରେ ବିଭିନ୍ନ ଧାତୁ ସହ ଧାନ ପକାଇଥିଲେ ।



ପୂଜକ ସତ୍ୟ ମୋହନ ରଥ ପୂଜାକାର୍ଯ୍ୟ ସମ୍ପାଦନ କରିଥଇଲେ । ଡ. ସଞ୍ଜୟ କୁମାର ପ୍ରଧାନ ଓ ତାଙ୍କ ପତ୍ନୀ ଜୟନ୍ତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

କାର୍ଯ୍ୟକ୍ରମରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ବିଜେପି ନେତା ପରେଶ ଦେଓ, ବିଜେପି ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗଦେଇଥିଲେ । ଗ୍ରାମବାସୀ ସମେତ ଗଣେଶ ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ ।



ସିଟି କଟକ

# ତାଳଦଣ୍ଡା ପାର୍ଶ୍ୱରେ ବଢ଼ୁଛି ବେଆଇନ ପାର୍କିଂ

କଟକ,୨୮।୫(ସମିସ):

ତାଳଦଣ୍ଡା କେନାଲ ପାଶ୍ୱର୍ରେ ବେଆଇନ ପାର୍କିଂ ବଢ଼ି ଚାଲିଛି। ବ୍ୟବସାୟୀକ ପେଣ୍ଠସ୍ଥଳ ଛତ୍ରବଜାର ଏବଂ ମାଲଗୋଦାମକୁ ସଂଯୋଗ କରୁଥିବା ଏହି ନୂତନ ରାସ୍ତାରେ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଛି। ତେବେ କଟକ ସହର ସମସ୍ୟା ମାମଲାର ଶୁଣାଣି କରି ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ବୁଧବାର ପୂର୍ବାହ୍ନରେ ମାଲଗୋଦାମ ଥାନା ଓ ଟ୍ରାଫିକ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ଉ ଆରମ୍ଭ ହୋଇଛି। ଯୋବ୍ରା ଆନିକଟ ଛକ ଠାରୁ ଛତ୍ର ବଜାର ଅର୍ବାନ ହାଟ ପର୍ଯ୍ୟନ୍ତ ପୁଲିସ ବେଆଇନ ପାର୍କିଂ କରିଥିବା ଗାଡି ଗୁଡିକୁ ଜବତ କରିଥିଲା। ପ୍ରାୟ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।



ନବୀକରଣ ପରେ ତାଳଦଣ୍ଡା କେନାଲ ସଂଲଗ୍ନ ପ୍ରଶସ୍ତ ରାସ୍ତାରେ ଗାଡି ଚଳାଚଳ ବୃଦ୍ଧି ପାଇଛି। ବିଶେଷକରି ଏସସିବି ମେଡିକାଲ ଓ ରେଳ ଷ୍ଟେସନ ପହଞ୍ଚିବାରେ ସୁବିଧା ହୋଇଛି। ମାତ୍ର ପ୍ରଶସ୍ତ ରାସ୍ତାରେ ମନଇଚ୍ଛା ଗାଡି ପାର୍କିଂ କରାଯିବାରୁ ଟ୍ରାଫିକ ସମସ୍ୟା ସଙ୍ଗୀନ ହୋଇପଡିଛି। ଫଳସ୍ୱରୂପ ବହୁ ସମୟ ରୋଗୀ ଧରି ଆସୁଥିବା ଆମ୍ବୁଲାନ୍ସ ଏହି ଭିଡରେ ଫଶି ରହୁଛି। ଅନ୍ୟପଟେ ବେଆଇନ ପାର୍କିଂ ଓ ରାସ୍ତା କଡ ବେପାରରୁ ନିର୍ଗତ ଆବର୍ଜନାରେ ତାଳଦଣ୍ଡାର ସୌନ୍ଦର୍ଯ୍ୟକରଣ ମଧ୍ୟ ଫିକା ପଡୁଛି। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାକୁ ଜବରଦଖଲ ତଥା ଭିଡମୁକ୍ତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁଲିସର ଧରପଗଡରେ ବୁଧବାର ପ୍ରାୟ ୪୦ଟି ଗାଡି ଜବତ ହୋଇଥିଲା। ତନ୍ମଧ୍ୟରେ ୨୫ଟି ବାଇକ, ୫ଟି ଟ୍ରକ ଓ ୧୦ଟି ଚାରି ଚକିଆ ଗାଡି ରହିଛି। ୫୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ ପରେ ଗାଡି ଗୁଡିକୁ ଛାଡି ଦିଆଯାଇଛି। ପୁର୍ନବାର ସେଠାରେ ପାର୍କିଂ କଲେ ଅଧିକ ପରିମାଣର ଜରିମାନା ଆଦାୟ ସହ ଗାଡି ଜବତ କରାଯିବ ବୋଲି ଚାଳକମାନଙ୍କୁ ଚେତାଇ ଦିଆଯାଇଛି। ସେହିପରି ରାଣୀହାଟ କ୍ଲକ ଟାୱାର ଛକ ନିକଟ ରାସ୍ତା କଡକୁ ମାଡିବସିଥିବା ବାଉଁଶ କାରୀଗରଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ପୂର୍ବରୁ ସେଠାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାପରେ ବି ବାଉଁଶ କାରୀଗରମାନେ ସେମାନଙ୍କ ସାମଗ୍ରୀ ଆଣି ସେହିସ୍ଥାନରେ ବିକ୍ରି କରୁଛନ୍ତି। ଯଦ୍ୱାରା ମୁଖ୍ୟ ରାସ୍ତା ସଙ୍କୁଚିତ ହେବା ସହିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଣୁ ଉକ୍ତ ବେପାରୀଙ୍କୁ ପୁଲିସ ସେଠାରୁ ତଡି ଦେଇଛି। ପୁଲିସ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀଙ୍କୁ ବେଆଇନ ପାର୍କିଂ ସମସ୍ୟା ବାବଦରେ ଅବଗତ କରା ଯାଇଥିବା ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

### ଟ୍ରାଫିକ ଓ ପୁଲିସର ଚଢ଼ଉ ଜୋର୍‌ଦାର୍

### ୪୦ ଗାଡି ଜବତ, ୨୦ ହଜାର ଜରିମାନା ଆଦାୟ

# ନବବିବାହିତାଙ୍କୁ ଯୌତୁକ ନିର୍ଯାତନା, ଥାନାରେ ମାମଲା

କଟକ,୨୮।୫(ସମିସ): ନବବିବାହିତାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଆଜି ମହିଳା ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୪ ମାସର ବିବାହ ଭିତରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଛି। ଏପରିକି କିରୋସିନି ଢ଼ାଳି ମାରିଦେବାକୁ ଉଦ୍ୟମ ହୋଇଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

ପୁଲିସର ସୂଚନା ମୁତାବକ, କଲେଜଛକ ପାଟରା ସାହିର ଅନ୍ନପୂର୍ଣ୍ଣା ପାତ୍ର ଅଭିଯୋଗ କରିଛନ୍ତି ଯେ, ଗତ ଫେବୃୟାରୀ ୨ରେ ବିଡାନାସୀ ଥାନା ଚହଟା ଜୟଗୁରୁ ଲେନର ଗୀରିଶ ଚନ୍ଦ୍ର ଲେଙ୍କା ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବହୁ ପୂର୍ବରୁ ବାପା, ମାଆଙ୍କ ଦେହାନ୍ତ ଘଟିଥିବାରୁ ଭାଇ ଓ ଅନ୍ୟ ସମ୍ପର୍କୀୟମାନେ ଅନ୍ନପୂର୍ଣ୍ଣାଙ୍କ ବିବାହ ଖର୍ଚ୍ଚ ତୁଲାଇଥିଲେ। ବର ପକ୍ଷଙ୍କ ଦାବି ମୁତାବକ ଆସବାବପତ୍ର ଓ ଟଙ୍କା ଦିଆଯାଇଥିଲା। ତେବେ ବାହାଘରର ମାତ୍ର କିଛି ଦିନ ପରେ ସ୍ୱାମୀ ଗୀରିଶଙ୍କ ସମେତ ଶାଶୂ ଘର ସଦସ୍ୟଙ୍କ ମନୋବୃତ୍ତି ବଦଳି ଯାଇଥିଲା। ହଠାତ ବାପ ଘରୁ ତିନି ଲକ୍ଷ ଆଣିବାକୁ ତାଙ୍କୁ କୁହାଗଲା। ଏତେ ଟଙ୍କା ଦେବାରେ ଅସମର୍ଥ ଥିବା ଜଣାଇବାରୁ ସ୍ୱାମୀ ତାଙ୍କୁ ମାରଧର କରିଥିଲେ। ଏହାସହ ତାଙ୍କର ସମସ୍ତ ସୁନା ଅଳଙ୍କାର ଛଡାଇ ନେଇ ରଖିଦେଲେ। ଏହାପରଠୁ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ନିର୍ଯାତନା ଦେବା ଆରମ୍ଭ କରିଦେଲେ। ଏପରିକି ଗତ ମାର୍ଚ୍ଚ ୨୮ ରେ ଅନ୍ନପୂର୍ଣ୍ଣାଙ୍କ ଦେହରେ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରାଗଲା। ଏ ସମ୍ପର୍କରେ ସୂଚନା ପାଇ ବଡ ଭାଇ ଓ ଅନ୍ୟମାନେ ଶାଶୂ ଘରକୁ ଆସି ବୁଝାସୁଝା କରି ଫେରିଥିଲେ। ଗତ ୧୬ ତାରିଖରେ ଗୀରିଶ ତାଙ୍କୁ ମାରଧର କରି ବଳପୂର୍ବକ ଏକାଧିକ ଔଷଧ ଖୁଆଇ ଦେଇଥିଲେ। ଏଥିଯୋଗୁଁ ଅନ୍ନପୂର୍ଣ୍ଣା ଗୁରୁତର ହୋଇପଡିଥିଲେ। ସିଟି ହସ୍ପିଟାଲରେ ତିନି ଦିନ ଧରି ଚିକିତ୍ସା ହେବା ପରେ ଘରକୁ ଫରିଥିଲେ। ସେ ସମୟରେ ସ୍ୱାମୀଙ୍କ ପରିବାର ସଦସ୍ୟ ପୁଲିସ ଆଗରେ ମିଛ ବୟାନ ଦେଇଥିଲେ। ଗତ ସାବିତ୍ରୀ ବ୍ରତ ଦିନ ନିର୍ଯାତନାର ସବୁ ସୀମା ଟପିଯାଇଥିଲା। ବ୍ରତ ଥିବାରୁ ପୂର୍ବରୁ ଛଡାଇ ରଖିଥିବା ଅଳଙ୍କାର ମାଗିବାରୁ ଅନ୍ନପୂର୍ଣ୍ଣାଙ୍କୁ ମାରଧର କରାଯାଇଥିଲା। ଶେଷରେ ଅନ୍ୟଉପାୟ ନପାଇ ମହିଳା ଥାନାର ଦ୍ୱାରସ୍ଥ ହୋଇ ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି। କେସ ନଂ ୮୦/୨୫, ବିଏନଏସର ଧାରା ୮୫, ୧୧୫(୨), ୧୦୯, ୩୫୧(୨), ୩(୫), ୪ ଦଫାରେ ୧୧ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି।

# ପ୍ରେସ୍ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କଟକ,୨୮।୫(ସମିସ): 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି। ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ। ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି।

■ କମ୍ୟୁନିଟି ଅର୍ଗାନାଇଜରଙ୍କ ଚାକିରି ନିୟମିତ ପ୍ରସଙ୍ଗ

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୨୮।୫(ସମିସ): ରାୟଗଡ଼ା ପୌର ପରିଷଦରେ ୧୪ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ମହିଳା କମ୍ୟୁନିଟି ଅର୍ଗାନାଇଜର (ଗୋଷ୍ଠୀ ସଂଗଠକ) ଙ୍କ ଚାକିରି ନିୟମିତ କରାଯିବା ପ୍ରସଂଗରେ ଦାୟର ମାମଲାରେ ୬ ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପୌର ପ୍ରଶାସନ ନିର୍ଦ୍ଦେଶକ ଓ ରାୟଗଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ସମାପିକା ପାତ୍ର ଓ ଅନ୍ୟ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ରାଜ୍ୟର ବିଭିନ୍ନ ପୌର ପରିଷଦରେ ଚୁକ୍ତିଭିତ୍ତିକ ଗୋଷ୍ଠୀ ସଂଗଠକ ନିଯୁକ୍ତି ପାଇଁ ଷ୍ଟେଟ୍ ଅର୍ବାନ ଡେଭେଲପମେଣ୍ଟ ଏଜେନ୍ସି ତରଫରୁ ୨୦୧୧, ସେପ୍ଟେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଆବେଦନକାରୀ ନିଯୁକ୍ତି ପାଇଥିଲେ। ମହିଳା ଗୋଷ୍ଠୀ ସଂଗଠକ ଭାବେ ଆବେଦନକାରୀଙ୍କୁ ମାସିକ ୫ ହଜାର ଟଙ୍କା ବେତନରେ ଏକ ବର୍ଷ ପାଇଁ ନିଯୁକ୍ତି ମିଳିଥିଲା। ବିଭିନ୍ନ ସମୟରେ ତାଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧି କରାଯିବା ସହିତ ଦରମା ମଧ୍ୟ ବୃଦ୍ଧି କରାଯାଇଥିଲା। ୧୪ ବର୍ଷ ଧରି କାର୍ଯ୍ୟ କରିଥିବାରୁ ଓ ପ୍ରଦର୍ଶନ ସନ୍ତୋଷଜନକ ହୋଇଥିବାରୁ ଆବେଦନକାରୀଙ୍କ ଚାକିରି ନିୟମିତ କରା ନ ଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ଦୁଇ ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି।

# ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



କଟକ,୨୮।୫(ସମିସ): ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ପ୍ରଶାନ୍ତ ପଣ୍ଡା ଜଣେ ଅମାୟିକ ସମର୍ପିତ ସାମାଜିକ କର୍ମୀ ଓ ସମାଜସେବୀ ଥିଲେ। ସେ ସର୍ବଭାରତୀୟସ୍ତରରେ ଉପଭୋକ୍ତା ଆନ୍ଦୋଳନକୁ ସାଲିସହୀନ ଭାବେ ପରିଚାଳନା କରିଥିଲେ। ତାଙ୍କ ଆକସ୍ମିକ ବିୟୋଗ ଜନସ୍ୱାର୍ଥ ସୁରକ୍ଷା ଦିଗରେ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଭୃଗୁ ବକ୍ସିପାତ୍ର, ପ୍ରଫେସର ବିରେନ୍ଦ୍ର ନାୟକ, ସୁବ୍ରତ ନନ୍ଦ, ଖଗେଶ୍ୱର ସେଠୀ, ଗୁରୁ ମହାନ୍ତି, ସୁଧିର ପଟ୍ଟନାୟକ, ପ୍ରତାପ ଶତପଥୀ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଦିଲ୍ଲୀପ ମହାପାତ୍ର, ଇଂ କ୍ଷୀରୋଦ ମହାପାତ୍ର, ବବି ବଳବନ୍ତରାୟ, ପ୍ରଶାନ୍ତ ନାୟକ, ଅରବିନ୍ଦ ମଲ୍ଲିକ, ଶିବାନନ୍ଦ ମହାନ୍ତି, ନୀଳକଣ୍ଠ ପ୍ରଧାନ, ସିଦ୍ଧାର୍ଥ ରଥ, ବି.କେ. ସିହ୍ନା, ବିନୟ ମହାପାତ୍ର, କବିର ଜେନା, ଅଜୟ ମିଶ୍ର, ଚିତ୍ତରଞ୍ଜନ କର, ଦେବକୀ ରଞ୍ଜନ ମହାପାତ୍ର, ଅମର ମିଶ୍ର, ସୁଧେନ୍ଦୁ ରାଉତରାୟ, ଦେବବ୍ରତ ଗରାବଡୁ, କାଶିନାଥ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରଜ୍ଞା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକସଭା



କଟକ,୨୮।୫(ସମିସ): ସମ୍ବାଦପତ୍ର ବିକ୍ରେତା ଜୟନ୍ତ ପ୍ରଧାନଙ୍କ ପରଲୋକ ହେତୁ ସଂଘ ତରଫରୁ ଏକ ଶୋକସଭା ବକ୍ସିବଜାର ଠାରେ ପାଳନ କରାଯାଇଛି। ଏହି ସଭାରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ପ୍ରଭାକର ସାହୁ, ରବି ପାଲ, ନବଘନ ସାହୁ, ଅଶୋକ ସାହୁ, ହେମନ୍ତ ପଟ୍ଟନାୟକ, ସନ୍ତୋଷ ରାଓ ଓ ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନିଲମ୍ବିତ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଚାକିରିରୁ ବରଖାସ୍ତ କଲେ ଜିଲ୍ଲାପାଳ

କଟକ,୨୮।୫(ସମିସ): ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡିଥିବା ବାରଙ୍ଗ ତହସିଲ ରାମଦାସପୁର ରାଜସ୍ୱ ସର୍କଲର ପୂର୍ବତନ ସହକାରୀ ରାଜସ୍ୱ ନିରୀକ୍ଷକ ତଥା ବର୍ତ୍ତମାନ ଡମପଡା ତହସିଲର ନିଲମ୍ବିତ ସହକାରୀ ରାଜସ୍ୱ ନିରୀକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କଟକ ଜିଲ୍ଲାପାଳ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି। ୨୦୧୬ ମସିହାରେ ଜନୈକ ବ୍ୟକ୍ତିଙ୍କଠାରୁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ପ୍ରଧାନଙ୍କୁ ଭିଜଲାନ୍ସ ଗିରଫ କରିଥିଲା। ଗତ ୨୦୧୬ ଏପ୍ରିଲ ୭ରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନ ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ସହ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦୦୦ ଟଙ୍କାର ଜରିମାନା ଦଣ୍ଡବିଧାନ କରାଯାଇଥିଲା। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୫.୦୪.୨୦୨୫ରେ ଶ୍ରୀ ପ୍ରଧାନଙ୍କୁ ସରକାରୀ ଚାକିରିରୁ କାହିଁକି ବରଖାସ୍ତ କରାଯିବ ନାହିଁ ସେ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ୧୪. ୦୫ ୨୦୨୫ ସୁଦ୍ଧା ସେ ଜିଲ୍ଲାପାଳଙ୍କ କୋର୍ଟରେ ହାଜିର ହୋଇ ନ ଥିଲେ କିମ୍ବା କୌଣସି ଲିଖିତ କାରଣ ଦର୍ଶାଅ ଉତ୍ତର ଦାଖଲ କରି ନ ଥିଲେ। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶ୍ରୀ ପ୍ରଧାନ ଏକ ପତ୍ର ଲେଖିଥିଲେ ଯେଉଁଥିରେ ଶାରିରୀକ ଅସୁସ୍ଥତା କାରଣରୁ ଲିଖିତ ଭାବେ କାରଣ ଦର୍ଶାଅ ଉତ୍ତର ଦାଖଲ କରିବାକୁ ଅସମର୍ଥ ବୋଲି ଦର୍ଶାଇଥିଲେ। ଏହା ଆଇନ୍ ଅନୁମୋଦିତ ହୋଇ ନ ଥିବାରୁ ଜିଲ୍ଲାପାଳ ଭାରତୀୟ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି।

# କଟକ କଲେଜ ଏନ୍‌ସିସି ପକ୍ଷରୁ ଆଲୋଚନାଚକ୍ର



କଟକ,୨୮।୫(ସମିସ): କଟକ କଲେଜ ଏନ୍‌ସିସି ପକ୍ଷରୁ "ବିକାଶ ଭି- ବିରାସତ୍ ଭି' କାର୍ଯ୍ୟକ୍ରମ ଅନୁଯାୟୀ ମାରାଥନ୍ ଓ ଏହି ସମ୍ପର୍କିତ ଆଲୋଚନା ଚକ୍ର ଅଧ୍ୟକ୍ଷା ଡକ୍ଟର ସୁସ୍ମିତା ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ୟାଡେଟ୍ ମାନେ ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶର ଶପଥ ନେବା ସହ କଲେଜ ପରିସର ପରିଷ୍କାର ପରିଚ୍ଛନ୍ନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ପାଢୀ, ଏନ୍‌ସିସି କାର୍ଯ୍ୟନିର୍ବାହୀ ସରୋଜ କୁମାର ଦାସ ଓ ଅଧ୍ୟାପିକା ଡ. ରଶ୍ମିତା ପରିଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜିତ ହୋଇଥିଲା। ଏନ୍‌ସିସି କ୍ୟାଡେଟ୍ ରିହାନ୍ ଖାନ୍, ପ୍ରେମଜିତ୍ କାଣ୍ଡି ଓ ଶ୍ରାବଣୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା କାର୍

ତ୍ରିଶୂଳିଆ,୨୮।୫(ସମିସ): ଗୋଡିସାହି ଫାଣ୍ଡି ଅଧିନସ୍ଥ ଗୋବିନ୍ଦପୁର ମୁଣ୍ଡଳି ମୁଖ୍ୟରାସ୍ତାରେ ଭାରସାମ୍ୟ ହରାଇ ଏକ କାର ଓଲଟି ପଡ଼ିଛି। ପ୍ରକାଶ ଯେ, ବୁଧବାର ଦିନ ଅନୁଗୋଳ ଜିଲ୍ଲା ତାଳଚେର ଗୋପାଳ ପ୍ରସାଦ ଗ୍ରାମର ଲୁଲୁ ବେହେରା ପରିବାର ସଦସ୍ୟଙ୍କୁ ନେଇ ଘରୁ ଭୁବନେଶ୍ୱର ଅ ଭି ମୁ ଖେ ଆସୁଥିଲେ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ମୁଣ୍ଡଳି ଗୋବିନ୍ଦପୁର ମୁଖ୍ୟ ରାସ୍ତାର ଗୋଡ଼ି ପୋଖରୀ ଠାରେ ଭାରସାମ୍ୟ ହରାଇ କାରଟି ରାସ୍ତା କଡକୁ ଓଲଟି ପଡିଥିଲା। ସୌଭାଗ୍ୟବଶତଃ ଓଲଟି ପଡ଼ିବା କାର ଭିତରେ ଲୁଲୁଙ୍କ ପରିବାର କୌଣସି କ୍ଷତି ହୋଇ ନ ଥିବାର ଜଣାପଡିଛି। ଖବର ପାଇ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରଟି ଉଦ୍ଧାର କରିଥିଲା।



# ବିଧାୟକଙ୍କ ପ୍ରତିନିଧି ଭାବେ ପ୍ରେମଚାନ୍ଦଙ୍କୁ ମିଳିଲା ସ୍ୱୀକୃତିପତ୍ର

ଚୌଦ୍ୱାର,୨୮।୫ (ସମିସ): ବିଧାୟକଙ୍କ ପ୍ରତିନିଧି ପଦ ପାଇଁ ଚୌଦ୍ୱାର ବିଜେଡ଼ିରେ ଗତ କିଛିଦିନ ହେଲା ବିଭିନ୍ନ ପ୍ରକାରର ଦ୍ୱନ୍ଦ୍ୱ ଚାଲିଥିବାବେଳେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ହସ୍ତକ୍ଷେପ ଫଳରେ ଘଟଣାର ଆଶୁ ସମାଧାନ ହୋଇପାରିଛି। ବିଧାୟକଙ୍କ ପ୍ରତିନିଧି ଭାବେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକଙ୍କୁ ପୁନଃ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ଚୌଦ୍ୱାର ପୌରପାଳିକାର ପୂର୍ବତନ ନଗରପାଳ ତଥା ବିଜେଡ଼ି କଟକ ଜିଲ୍ଲା ଉପସଭାପତି ପ୍ରେମଚାନ୍ଦଙ୍କୁ ନିଜର ପ୍ରତିନିଧି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏକ ବୈଠକରେ ଦଳୀୟ କର୍ମୀଙ୍କ ଗହଣରେ ଘୋଷଣା କରିଥିଲେ। ଏ ସମ୍ପର୍କରେ ବିଧାୟକ ପୌର କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ହେଲେ ପୌରପାଳିକା ତରଫରୁ ଶ୍ରୀ ନାୟକଙ୍କ ସହିତ କୌଣସି ପତ୍ରାଳାପ କରା ନ ଯିବା ଓ ପୌର ବୈଠକକୁ ଡକା ନ ଯିବା ଦ୍ୱାରା ଶ୍ରୀ ନାୟକ କ୍ଷୋଭ ପ୍ରକାଶ କରିଥିଲେ। ହେଲେ ପୂର୍ବତନ ବିଧାୟକ ପ୍ରଭାତଙ୍କ ହସ୍ତକ୍ଷେପ ଫଳରେ ସବୁ କଳ୍ପନାର ଅନ୍ତ ଘଟାଇ ଆଗାମୀ ପୌର ପରିଷଦ ବୈଠକ ପାଇଁ ପୌର କାର୍ଯ୍ୟାଳୟରୁ ବିଧାୟକଙ୍କ ପ୍ରତିନିଧି ଭାବେ ଶ୍ରୀ ନାୟକଙ୍କୁ ପତ୍ର ଦିଆଯାଇଥିବା ଜଣାପଡିଛି।

ସୁଭାଷ ସଂଗଠନର ଅଭିନବ ପ୍ରତିବାଦ

# ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ 'ଦଶତୁଠ'

କଟକ,୨୮।୫(ସମିସ):

ନଦୀ କୂଳିଆ ସହର କଟକରେ ନିର୍ଦ୍ଦିଷ୍ଟ ଦଶତୁଠ ନାହିଁ। କାଠଯୋଡ଼ି ଓ ମହାନଦୀ ଅବବାହିକାରେ ଗଢ଼ି ଉଠିଥିବା ଏହି ସହରରେ ତୁଠ କାର୍ଯ୍ୟ ପାଇଁ ଲୋକେ ଉପଯୁକ୍ତ ସୁବିଧା ପାଉନାହାନ୍ତି। ଏହା ଲୋକଙ୍କୁ ନାନାଦି ସମସ୍ୟାରେ ପକାଉଛି।

### ହାଣ୍ଡି ଧରି ବସିଲେ, ଖିଅର ହେଲେ

ଏହି ପରିପ୍ରେକ୍ଷୀରେ କଟକରେ ଦଶତୁଠ ବ୍ୟବସ୍ଥା କରିବା ଦାବିରେ ଆଜି ସୁଭାଷ ସଙ୍ଗଠନ ଏକ ନିଆରା ଢ଼ଙ୍ଗରେ ପ୍ରତିବାଦ କରିଥିଲା। କଟକ ମହାନଗର ନିଗମ(ସିଏମସି) କାର୍ଯ୍ୟାଳୟ ସମ୍ମୁଖରେ ଦଶ ହାଣ୍ଡି ଧରି ବସିବା ସହ ସଙ୍ଗଠନର କର୍ମକର୍ତ୍ତା ଖିଅର ହୋଇଥିଲେ।



ସହରର ବିଭିନ୍ନ ସମସ୍ୟାକୁ ନେଇ ସୁଭାଷ ସଙ୍ଗଠନ ଅଭିନବ ପ୍ରତିବାଦ ଜାରି ରଖିଛି। କଟକ ସହରର ଦୁଇ ପାଶ୍ୱର୍ରେ ଦୁଇଟି ପ୍ରମୁଖ ନଦୀ ରହିଥିବା ସତ୍ତ୍ୱେ ସାଧାରଣ ଲୋକେ ଦଶାହ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରି ପାରୁନାହାନ୍ତି। ପିତୃପୁରୁଷଙ୍କ ଦଶାହ ଶ୍ରାଦ୍ଧ ଓ ତର୍ପଣ ନିମନ୍ତେ ତୁଠ କାର୍ଯ୍ୟ ପାଇଁ ଗଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସଙ୍ଗଠନର ଉପସଭାପତି ଜ୍ଞାନରଞ୍ଜନ ଦାସଙ୍କ ନେତୃତ୍ୱରେ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ସଦସ୍ୟର ମାନେ ଖିଅର ହୋଇଥିଲେ। ସଙ୍ଗଠନର ସଭାପତି ସୁରେଶ ମହାନ୍ତି କହିଛନ୍ତି ଯେ, କଟକ ସହରର ବିଭିନ୍ନ ସମସ୍ୟାକୁ ନେଇ ଆମ ସଙ୍ଗଠନ ପ୍ରଶାସନ ପାଖରେ ପହଞ୍ଚି ଆସିଛି। ସହରର ଦୁଇ ପାଖରେ ନଦୀ ଥାଇ ମଧ୍ୟ ତୁଠ କାର୍ଯ୍ୟ ପାଇଁ କୌଣସି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଲୋକ ଅସୁବିଧାରେ ପଡୁଛନ୍ତି। ପୂର୍ବରୁ ବହୁବାର ଏଦିଗରେ ସିଏମସି କମିଶନର ଓ ମେୟରଙ୍କୁ ଅବଗତ କରାଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ। ସଙ୍ଗଠନ ପକ୍ଷରୁ ତୁଠ କାର୍ଯ୍ୟ କରାଯାଇ ପ୍ରଶାସନର ନିଦ ଭାଙ୍ଗିବାକୁ ଚେଷ୍ଟା ହୋଇଛି ବୋଲି ସେ କହିଥିଲେ। ପ୍ରତିବାଦରେ ବାପୁଜୀ କର, ରାକେଶ ବସ୍ତିଆ, ମଣ୍ଟୁ ସାହୁ, ହାଡିବନ୍ଧୁ ସାହୁ, ଅନ୍ନଦା ପ୍ରସାଦ ଦାସ, ଏନ୍ ଫଗୁଆ, ଲୋପାମୁଦ୍ରା ଷଡଙ୍ଗୀ, ରବୀନ୍ଦ୍ର ସାହୁ, ଅଭିଷେକ ସିଂହ, ଦୀପକ କୁମାର କାହାଳି ପ୍ରମୁଖ ସାମିଲ ଥିଲେ।

## ଦୁଇଟି ଚୋରି ମାମଲାର ପର୍ଦ୍ଦାଫାଶ

# ୪ ନାବାଳକଙ୍କ ସହ ୯ ଲୁଟେରା ଧରାପଡ଼ିଲେ





ଜୟପୁର,୨୮ ।୫ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ଦୁଇଟି ପୃଥକ ପୃଥକ ଚୋରି ମାମଲାରେ ୯ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରଥମ ଚୋରି ଘଟଣାରେ ୪ ଅଭିଯୁକ୍ତ ଏବଂ ୩ ନାବାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଟାଉନଥାନା ଅଧିନସ୍ଥ ଇରିଗେସନ କୋଲନୀ ନିକଟସ୍ଥ ବସ୍ତି ଅଞ୍ଚଳର ପପୁ ସୁନା (୧୯), ଅନିତ କୁଲଦୀପ (୩୦), ଆଦିତ୍ୟ ଖଣ୍ଡପାନ (୧୯), ଗୋପବନ୍ଧୁ ନଗରର ସ୍ୱାଧିନ ପାଣିଗ୍ରାହୀ (୨୦)ଙ୍କ ସମେତ ୩ ଜଣ ନାବାଳକ ରହିଛନ୍ତି । ସେହିପରି ଦ୍ୱିତୀୟ ଚୋରି ଘଟଣାରେ ସ୍ଥାନୀୟ କେନ୍ଦୁଗୁଡାର ଅଭିଯୁକ୍ତ ମନୋଜ ଜାନୀ (୨୧) ଏବଂ ଜଣେ ନାବାଳକ ଅଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି। ପ୍ରଥମ ଘଟଣା ଜୟପୁର ଇରିଗେସନ କୋଲନୀର ଘରର ତାଲାଭାଙ୍ଗି ଚୋରି ସାମଗ୍ରୀ ମଧ୍ୟରୁ ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନାଚେନ୍, ୩ଟି ସୁନା ମୁଦି, ୧୩ ଯୋଡି ସୁନାକାନଫୁଲ, ଦୁଇଟି ସୁନା ଲକେଟ୍, ଗୋଟିଏ ରୂପା ମଥାମଣି, ଗୋଟିଏ ମ୍ୟୁଜିକ ସିଷ୍ଟମ, ଗୋଟିଏ ରୁମ୍ ହିଟର, ଦୁଇଟି ମୋବାଇଲ ଏବଂ ଚାର୍ଜର, ୧୦ଟି ବ୍ୟାଗ ଜବତ କରାଯାଇଛି। ଦ୍ୱିତୀୟ ଚୋରି ଘଟଣାରେ ଗୋଟିଏ ସୁନା ମଙ୍ଗଳସୂତ୍ର, ୨ଟି ରୂପା ମୁଦି, ୨ଟି ରୂପା ମୁଦ୍ରା ଜବତ କରାଯାଇଛି। ଅଭିଯୁକ୍ତ ମାନେ ତାଲା ଭାଙ୍ଗିବାରେ ବ୍ୟବହାର କରିଥିବା ଲୁହା ଛଡ଼ ଜବତ କରାଯାଇଛି। ଏଥିନେଇ ଜୟପୁର ଟାଉନଥାନାରେ ଅପରାହ୍ନରେ ଏସ୍‌ଡିପିଓ ପାର୍ଥ କାଶ୍ୟପ ଜଗଦିଶ ଏବଂ ଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ ମିଳିତ ଭାବେ ସାମ୍ବିଦକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଅଭିଯୁକ୍ତ ଅନିତର ନାମରେ ଚୋରି, ଲୁଟ୍ ପ୍ରଭୃତି ୫ଟି ମାମଲା, ଅଭିଯୁକ୍ତ ସ୍ୱାଧୀନର ନାମରେ ୬ଟି ମାମଲା , ପପୁ ଏବଂ ମନୋଜର ନାମରେ ପୂର୍ବରୁ ଗୋଟିଏ ଲେଖାଏଁ ମାମଲା ରହିଛି।

ପୁଲିସ ସୂଚନା ଅନୁଯାୟୀ, ଇରିଗେସନ କୋଲନୀର ଅଭିଯୋଗକାରିଣୀ ଶିକ୍ଷୟିତ୍ରୀ ପପିର୍ଣ୍ଣା ପାଣିଗ୍ରାହୀ ନିଜ ଗୃହରେ ତାଲା ଦେଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ରହ୍ମପୁର ଯାଇ ଦୁଇଦିନ ପରେ ନିଜ ଘରକୁ ଗତ ୨୫ ତାରିଖ ଭୋର ୪ଟାରୁ ଫେରିଥିବା ବେଳେ ଘରର ମୁଖ୍ୟ ଦ୍ୱାରର କବାଟ ଖୋଲାରହିଥିବା ବେଳେ ଭିତରେ ଆଲମାରୀ ସବୁ ଭଙ୍ଗାଯାଇ ସାମଗ୍ରୀ ଗୁଡିକ ଚୋରି ହୋଇ ଯାଇଥିବା ଦେଖିଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱ ଅଧିକାରୀ ଏସ୍‌ଆଇ ସିଦ୍ଧାର୍ଥ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ତଦନ୍ତ ବେଳେ ପୁଲିସ ସିସି ଟିଭି ଏବଂ ଅନ୍ୟାନ୍ୟ ସୂତ୍ରରୁ ସୂଚନା ପାଇବା ପରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୯ ତାରିଖରେ ଟାଉନ୍ ଥାନାରେ ଲିଙ୍ଗରାଜ ନଗର ଅଞ୍ଚଳର ବାସିନ୍ଦା ଫିରୋଜ ଗୌଡଙ୍କ ଏତଲା ଦେଇଥିଲେ। ରାୟଗଡା ଯାଇ ପରଦିନ ସେ ଘରକୁ ଫେରିଥିଲେ। ଘରର ତାଲା ଭଙ୍ଗାଯାଇଥିବା ବେଳେ ଆଲମାରୀ ଭଙ୍ଗା ଯାଇ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଏତଲା ହୋଇଥିଲା। ଏହାର ତଦନ୍ତ ଏସ୍‌ଆଇ ରତିକାନ୍ତ ମହାକୁର କରିଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

## କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଲେ ମନ୍ତ୍ରୀ



ଉମରକୋଟ,୨୮।୫ (ସମିସ): ଚଳିତ ବର୍ଷ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଖାତିଗୁଡ଼ା ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲାର ରାଇଘର ଓ ଉମରକୋଟ ବ୍ଲକ୍‌ରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ୍ ହେଇଥିବା ଛାତ୍ରୀଙ୍କୁ ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉମରକୋଟ ଭାଲୁଗୁଡ଼ ସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପାଠପଢା ପାଇଁ ଆବଶ୍ୟକ କ୍ଷେତ୍ରରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଅନୁସାରେ ଚଳିତ ବର୍ଷ ଦଶମ ଶ୍ରେଣୀରେ ପିଏମ୍‌ଶ୍ରୀ ବିଦ୍ୟାଳୟରେ ଭଲ ନମ୍ବର ରଖି ପାସ୍ କରିଥିବା ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ନବରଙ୍ଗପୁରରେ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିବା ବେଳେ ରାଇଘର ବ୍ଲକ କୋଦୁଭାଟା ଗ୍ରାମର ବିଷ୍ଣୁ ପ୍ରିୟ ଗଣ୍ଡ ୯୫.୨ ପ୍ରତିଶତ, ଉମରକୋଟ ବ୍ଲକ ସିଲାଟି ଗ୍ରାମର ସ୍ୱରସ୍ୱତୀ ସରକାର ୯୩.୬ ପ୍ରତିଶତ, ଅନ୍ୱେଷ ପ୍ରଜ୍ଞା କରକରା ୯୧. ୨୦ ପ୍ରତିଶତ, ରାଇଘର ବ୍ଲକ୍ ନାକଟିସିମଲା ଗ୍ରାମର ରେଣୁ ପ୍ରିୟ ଗଣ୍ଡ, ୯୧ ପ୍ରତିଶତ, ଝରିଗା ବ୍ଲକ ପୂର୍ଲା ଗ୍ରାମର ପ୍ରଜ୍ଞା ପ୍ରମିତି ଗିରି ୯୦.୨୦ ପ୍ରତିଶତ ଅନୁପସ୍ଥିତ ଥିଲେ। ତେଣୁ ମନ୍ତ୍ରୀ ସେମାନଙ୍କୁ ନିଜ ବାସଭବନରେ ଡାକି ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀଙ୍କୁ ପାଖରୁ ସମ୍ବର୍ଦ୍ଧିତ ହୋଇ ଛାତ୍ରୀମାନେ ବହୁତ ଖୁସି ପ୍ରକାଶ କରିବା ସହ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟର ନାମ ରଖିବା ପାଇଁ ଆହୁରି ଅଧିକ କଷ୍ଟ କରିବେ ବୋଲି କହିଛନ୍ତି। ଉପସ୍ଥିତ ଅଭିଭାବକ ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟ ଛାତ୍ର ଛାତ୍ରୀଙ୍କ ମନୋବଳ ବଢ଼ାଇବ ବୋଲି କହିବା ସହ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ୩୭ ୯ କେଜି ଗଞ୍ଜେଇ ଜବତ

ଲକ୍ଷ୍ମୀପୁର, ୨୮।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପୁଲିସ ୩୭ ୯ କେଜି ଗଞ୍ଜେଇ ଜବତ କରିଥିବା ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ କହିଛନ୍ତି। ୨୭ ତାରିଖ ସକାଳ ପ୍ରାୟ



୪ଟା ସମୟରେ ଲକ୍ଷ୍ମୀପୁର ପୁଲିସ ଲକ୍ଷ୍ମୀପୁର ଠାରୁ ସିଙ୍ଗାରାମ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲେ। ଓଡ଼ିଆ ପେଣ୍ଠ ଗାଁ ଯାତ୍ରା ଚାଲିଥିବା ସମୟରେ ପୁଲିସ ଯାଞ୍ଚ ବେଳେ ହଠାତ ବକ୍ସାଇଟ ପରିବହନ କରୁଥିବା ଟ୍ରକ୍ ଗୁଡିକ ଧାଡିକି ଧାଡ଼ି ଠିଆ ହେବାରୁ ରାସ୍ତା ପୁରା ଜାମ୍ ହୋଇ ଯାଇଥିଲା। ରାସ୍ତା ହଠାତ୍ କେମିତି ଜାମ୍ ହେଲା ସେ ନେଇ ପୁଲିସ ରାସ୍ତା ଖାଲି କରିବା ଉଦ୍ଦେଶ୍ୟରେ କଣ ହୋଇଛି ଅନୁସନ୍ଧାନ କରିବା ବେଳେ ରାସ୍ତା ମଝିରେ ଓଆର ୧୦ଜେ ୫ ୯ ୩୨ ନମ୍ବର ଧାରୀ ଏକ ବୋଲେରୋ ଗାଡ଼ି ଠିଆ ହୋଇଥିବା ଦେଖିଥିଲେ। ଚାଳକ ଗାଡ଼ି ଛାଡ଼ି ପଳାଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ଲକ୍ଷ୍ମୀପୁର ପୁଲିସ ତଥା ଏସ୍‌ଆଇ ଶାନ୍ତିଲତା ବେହେରା, ଏସଆଇ ରମେଶ କିନ୍ତାଲୁ ଗାଡ଼ିକୁ ଯାଞ୍ଚ କରିବା ବେଳେ ସେଥିରେ ୧୫ ବସ୍ତାରେ ଥିବା ୩୭ ୯ କେଜି ଗଞ୍ଜେଇ ଠାବ କରାଯାଇଥିଲା। ପୁଲିସ ଗାଡ଼ି ଓ ଗଞ୍ଜେଇକୁ ଜବତ କରି ଥାନାକୁ ଆଣି ଥିଲେ। ଗଞ୍ଜେଇ କେଉଁ ମାନେ ଚାଲାଣ କରୁ ଥିଲେ, ସେ ନେଇ ଲକ୍ଷ୍ମୀପୁର ପୁଲିସ ବର୍ତ୍ତମାନ ତନାଘନା କରୁଛି। ପୁଲିସ କାହାରିକୁ ଗିରଫ କରି ନଥିବା ଜଣାପଡ଼ିଛି।

## ଏନ୍‌କେଟି ରୋଡ୍‌ରେ ମାପଚୁପ, ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ

ଜୟପୁର,୨୮ ।୫ (ସମିସ):



ଜୟପୁର ସହରର ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା (ଏନକେଟି ରୋଡ)ରେ ଜବରଦଖଲ ଉଚ୍ଛେଦ ନେଇ ମାପଚୁପ ବୁଧବାର କରାଯାଇଛି। ଏଥିପରେ ଏନ୍‌କେଟି ରୋଡର ପ୍ରବେଶ ପଥ ଠାରୁ ମଧୁମତି ହୋଟେଲ ପୂର୍ବରୁ ସମୁଦାୟ ୩୦ ଫୁଟ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ମାପଚୁପ କରାଯାଇଥିଲା। ରାସ୍ତାର ଦକ୍ଷିଣ ଦିଗ ପାଶ୍ୱର୍ରେ ରାଜମହଲର ପାଚେରୀ ନିକଟରୁ ଉତ୍ତର ଦିଗକୁ ୩୦ ଫୁଟ ଓସାରର ମାପ କରାଯାଇଥିବା ବେଳେ ସେଠାରୁ ପୁରଣାଗାଡ଼ ବାଇପାସ ଛକ ପର୍ଯ୍ୟନ୍ତ ୪୦ ଫୁଟର ମାପ କରାଯାଇଥିଲା। ଏଥିରେ ରାସ୍ତାର ମଧ୍ୟଭାଗରୁ ଉଭୟ ପଟେ ୨୦ ଫୁଟ୍ ଲେଖାଏଁ ରାସ୍ତା ଓ ଡ୍ରେନ୍ ରହିବ। ଆଜି ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ନିର୍ମାଣକାରୀ ସଂସ୍ଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ କୁମାର ବିପ୍ଳବ, ତହସିଲ ବିଭାଗର ରାଜସ୍ୱ ପରିଦର୍ଶକ ହରିହର ଶତପଥି, ଦିଲୀପ ପ୍ରଧାନ, ୨ ଜଣ ରାଜସ୍ୱ ନିରୀକ୍ଷକ ଏବଂ ପୌରସଂସ୍ଥା ପକ୍ଷରୁ ଅମିତ ଆଶୁତୋଷ ସାନ୍ତ୍ରାପାତ୍ର, ଶୁଭସ୍ମିତା ଜେନା, କର୍ମଚାରୀ ଜଗଦୀଶ୍ୱର ରାଓ ମିଳିତ ଭାବେ ମାପଚୁପ କରିଥିଲେ। ଜବରଦଖଲକାରୀ ମାନଙ୍କୁ ନିଜ ପକ୍ଷରୁ ସରକାରୀ ଜମି ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟଥା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତାକୁ ଓସାର ଏବଂ ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯିବା ନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦାୟୀତ୍ୱ ପ୍ରଦାନ କରାଯାଇଛି ବୋଲି ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡି ସୂଚନା ଦେଇଛନ୍ତି। ଏନ୍‌କେଟି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଶେଷ ହୋଇଥିବା ବେଳେ ଡ୍ରେନ୍ ଓ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଜୟପୁର ସହରର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରଶାସନ ଏବଂ ପୌରସଂସ୍ଥା ପକ୍ଷରୁ ସହରର ବିଭିନ୍ନ ଜନଗହଳୀପୂର୍ଣ୍ଣ ରାସ୍ତାରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସେହିପରି ଜୟପୁର ଜିଲ୍ଲା କୋର୍ଟ ରାସ୍ତାର ମାପଚୁପ ଶେଷ ହୋଇଥିବା ବେଳେ କୋର୍ଟ ଅଧିନସ୍ଥ ଜମି ହୋଇଥିବା ଯୋଗୁଁ ଅତିଶୀଘ୍ର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ଉପଜିଲ୍ଲାପାଳ କୁମାରୀ ରେଡ୍ଡି ପ୍ରକାଶ କରିଛନ୍ତି।

## ନୂତନ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୨୮।୫ (ସମିସ): ଓଡ଼ିଶା ପ୍ରଶାସନିକ ସେବାର ଯୁବ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ବୁଧବାର କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି।



ଏଥି ପୂର୍ବରୁ ସେ ଲାଞ୍ଜିଗଡ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। କୋରାପୁଟ ସହରର ସୌନ୍ଦର୍ଯ୍ୟକରଣ ଓ ବିକାଶକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି। ନୂତନ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗଦେବା ପରେ କାଉନ୍‌ସିଲର ପ୍ରଫୁଲ୍ଲ କୁମାର ମହାପାତ୍ର, ମାଲେଶ୍ୱର ରାଓ, ମୁନି ମୁଦୁଲି, କୃଷ୍ଣ ଖେମୁଣ୍ଡୁ ଓ ଗୁପ୍ତେଶ୍ୱର ରାଓ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ବିଧାୟକ ତାଲା ମାରିଥିଲେ, ଭାଟି ଖୋଲିଲା ପ୍ରଶାସନ



ବନ୍ଧୁଗାଁ, ୨୮।୫(ସମିସ): ମଦ ବିକ୍ରିକୁ ବିରୋଧ କରି ବିଧାୟକ ପବିତ୍ର ସାଉନ୍ତା ଓ କିଛି ଆଗ ଧାଡ଼ିର କର୍ମୀଙ୍କୁ ନେଇ ବନ୍ଧୁଗାଁ ବ୍ଲକରେ ଚାଲିଥିବା ଅଭିଯାନ ବିଫଳ ହେବାରେ ଲାଗିଛି। ବ୍ଲକ୍‌ରେ ଥିବା ଦେଶୀ ଓ ବିଦେଶୀ ମଦ ବିକ୍ରି ଦୋକାନରେ ସୋମବାର ଦିନ ବିଧାୟକ ତାଲା ପକାଇ ଦେଇଥିଲେ। ମଙ୍ଗଳବାର ଦିନ ମାଜିଷ୍ଟ୍ରେଟ ସୋନାଲି ପାତ୍ରଙ୍କ ଉପସ୍ଥିତିରେ ଅବକାରୀ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ଦ୍ୱାରା ତାଲା ଖୋଲିଥିଲେ। ଆଜି ମଦ ଦୋକାନ ଖୋଲିବା ପରେ ସ୍ୱାଭାବିକ ଭାବେ ମଦ ବିକ୍ରି ଆରମ୍ଭ ହୋଇଛି। ଦିନ ଥିଲା ମଦ ବନ୍ଦକୁ ନେଇ ଚାଷୀମୂଳିଆ ଆଦିବାସୀ ସଂଘ ତୀବ୍ର ବିରୋଧ କରି ଆସୁଥିଲା। ପୁଣି ନକ୍ସଲ ମାନଙ୍କ ଭୟ ନିର୍ବାଚନ ମଣ୍ଡଳୀକୁ ଥରହର କରୁଥିଲା। ଏହି ପ୍ରକାର ପରିସ୍ଥିତିରେ ମଧ୍ୟ ମଦ ବନ୍ଦ ଡାକରା ସଫଳ ହୋଇ ନ ଥିଲା। ବିଧାୟକଙ୍କ ଏହି ମଦ ବିକ୍ରି ବନ୍ଦକୁ କଂଗ୍ରେସ ଦଳର ଅନେକ କର୍ମୀ ସମର୍ଥନ ଦେଉଥିବା କୁହାଯାଉଛି। ମଦ ଦୋକାନ ରେ ତାଲା ଖୋଲିବା ସମୟରେ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ଅବକାରୀ ବିଭାଗ ଅଧିକାରୀ ଗୌରୀ ପଟ୍ଟନାୟକ ଉପସ୍ଥିତ ରହି ଥିଲେ।

## କସାପକନା ଗାଁରେ ସରକାରୀ ଯୋଜନା ବାଟବଣା

# ବିଶୁଦ୍ଧ ପାଣି, ପକ୍କା ରାସ୍ତା ଓ ଆବାସ ସାତସପନ



ବୈପାରୀଗୁଡ଼ା, ୨୮।୫(ସମିସ):

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ, ପକ୍କା ରାସ୍ତା ଓ ଆବାସ ଘର ନିମନ୍ତେ ସଂଘର୍ଷ କରୁଛନ୍ତି ଗ୍ରାମବାସୀ । ଗାଁଟି ମୌଳିକ ସୁବିଧାରୁ ବଞ୍ଚିତ ରହିଥିବାରୁ ବିକାଶର ବାଟ ଖଜୁଛି। କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ମାଝୀଗୁଡା ପଞ୍ଚାୟତର କସାପକନା ଗାଁରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଗାଁରେ ନାହିଁ ପକ୍କା ରାସ୍ତା, ବାଇକ୍ ତ ଦୂର ଚାଲି କି ଯିବା ବି କଷ୍ଟକର। ଆଉ ବର୍ଷା ଆସିଲେ ପ୍ରତିଦିନ କାଦୁଅ ରାସ୍ତାରେ ଘାଣ୍ଟି ହେଉଛନ୍ତି ଗାଁ ଲୋକେ। ଏମିତିକି ଜରୁରୀକାଳୀନ ପରିସ୍ଥିତିରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳେନି। ଖଟିଆରେ ରୋଗୀ ବୁହା ହୁଅନ୍ତି। ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ନଳକୂପ ଖନନ ହୋଇଛି। କିନ୍ତୁ ସେଥିରୁ ବାହାରୁଛି ଦୂଷିତ ପାଣି। ନଳକୂପର ଗୋଳିଆ ପାଣି ଲୋକେ ବ୍ୟବହାର କରିପାରୁନାହାନ୍ତି। ଏଣୁ ବାଧ ହୋଇ ଚୁଆ ପାଣି ଉପରେ ଗାଁଲୋକେ ଭରସା କରନ୍ତି। ସେପଟେ ଗାଁ ଭିତରେ ଆଖି ଜୁଆଡେ ଯାଉଛି, କେବଳ ନୁଆନିଆଣି ଚାଳ ଘର ଆଉ ଟିଣ ଘର। କେଉଁଠି ବି ଦେଖିବାକୁ ମିଳୁନି ଗୋଟିଏ ପକ୍କା ଘର। ମନେ ହୁଏ ସରକାରଙ୍କ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଏଠାକାର ବାଟ ଭୁଲିଯାଇଛି। ଏହି ଅବହେଳିତ ପାହାଡ଼ ଜଙ୍ଗଲ ଘେରା ଉପାନ୍ତ ଅଞ୍ଚଳରେ କମାର, ଗଦବା, ପରଜା ସମ୍ପ୍ରଦାୟର ୧୦୦ରୁ ଅଧିକ ଲୋକ ବାସବାସ କରନ୍ତି। ହେଲେ ଏମାନଙ୍କ କଷ୍ଟ ଯେପରି ଏଇ ଘଞ୍ଚ ଜଙ୍ଗଲ ଭିତରେ ସୀମିତ ହୋଇ ରହିଯାଉଛି। ଏ ସମସ୍ୟା ଯେପରି ଆଉ ସୁଧୁରିବନି, ତାହା ମଧ୍ୟ ଏଠାକାର ଲୋକଙ୍କ କଥାରୁ ବାରି ହୋଇଯାଉଛି। ଏହି ଗାଁ ପ୍ରତି କେବେ ପ୍ରଶାସନ ଦୃଷ୍ଟି ଦେବ, ଆଉ କେବେ ସମସ୍ୟା ସମାଧାନ କରିବ ତାହାଁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ନନ୍ଦପୁର ପରିଦର୍ଶନ କଲେ ଜୟପୁର ଏସ୍‌ବିଆଇ ଆଞ୍ଚଳିକ ପରିଚାଳକ

● ଖୁବ୍ ଶୀଘ୍ର ଖୋଲିବ ନୂତନ ବ୍ୟାଙ୍କ



ନନ୍ଦପୁର,୨୮।୫ (ସମିସ): ଦୀର୍ଘ ବର୍ଷ ପ୍ରତୀକ୍ଷା ଦୂର ହେବା ସହ ପୁରଣ ହେବାକୁ ଯାଉଛି ନନ୍ଦପୁର ସଦର ମହକୁମାବାସୀଙ୍କ ଆଶା। ଖୁବ୍‌ଶୀଘ୍ର ଏଠାରେ ଭାରତୀୟ ଟେଷ୍ଟ ବ୍ୟାଙ୍କ ଖୋଲିବାକୁ ଯାଉଛି। ବୁଧବାର ଜୟପୁର ଟେଷ୍ଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁବାସ ଚନ୍ଦ୍ର ବେହେରା ନନ୍ଦପୁର ପରିଦର୍ଶନ କରି ନୂତନ ବ୍ୟାଙ୍କ କୋଠାର ଅନୁଧ୍ୟାନ କରିବା ସହ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ଏଇଇ ଜସକେତନ୍ ବେହେରାଙ୍କ ସହ ଆଲୋଚନା କରି ବ୍ୟାଙ୍କ୍ ପରଚାଳନା ହେବାକୁ ଥିବା ନୂତନ କୋଠାର ଶେଷ ପର୍ଯ୍ୟାୟ ମରାମତି କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ତେବେ ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି ଖୁବ୍ ଶୀଘ୍ର ବ୍ୟାଙ୍କ୍ ପରିଚାଳନା ହେବ। କୋଠାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ପ୍ରସ୍ତୁତି ବୈଠକ



ଡାବୁଗାଁ, ୨୮।୫ (ସମିସ):

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ବିଡିଓଙ୍କ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରମ୍ପରିକ ପୀଠା ଓ ମିଠା ପ୍ରସ୍ତୁତି କରାଯିବ। ପ୍ରତି ପଞ୍ଚାୟତରୁ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଭାଗ ନେବେ। ଜୁନ ୪ ତାରିଖ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି। ଏଥିରେ ବିଡିଓ ଶରତ ମାଝି, ସିଡିପିଓ ମିନତୀ ଦାଶ, ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତମ, ଓଏଲଏମ ବିପିଏମ ଦୀପ୍ତି କିଶୋର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଦକ୍ଷତା ବ୍ଲକ ସହଭାଗୀ ମୋନାଲ ପରିଡା, ସମସ୍ତ ଏମବିକେ ଓ ସିଆରପିମାନେ ଉପସ୍ଥିତ ଥିଲେ।

## ଅପମିଶ୍ରିତ ଓ ବେଆଇନ ମଦ ବିକ୍ରି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୪ ବ୍ଲକ୍ ବାସିନ୍ଦା

କୋରାପୁଟ,୨୮।୫(ସମିସ):



ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ଜନସାଧାରଣ ଅସାଧୁ ମଦ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଅପମିଶ୍ରିତ ଓ ବେଆଇନ ମଦବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଅବକାରୀ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା ମଦ ଦୋକାନ ଏବଂ ମଦଭାଟି ଗୁଡ଼ିକରେ ନକଲି ମଦ ବିକ୍ରି କରାଯାଉଛି। ସେହି ମଦ ପିଇ ଲୋକେ ବେସାହାର ହେବା ସହ ରୋଗାଗ୍ରସ୍ତ ହେଉଛନ୍ତି । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ମଦ ବନ୍ଦ ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ସ୍ୱାଗତଯୋଗ୍ୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପଟେ ଲକ୍ଷ୍ମୀପୁର ବିଜେପି ପକ୍ଷରୁ ମଦବିକ୍ରିକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ତେଣୁ ୪ ବ୍ଲକରେ ଥିବା ମଦ ଦୋକାନ ଗୁଡିକରେ ବିକ୍ରି ହେଉଥିବା ମଦର ମାନ ପରୀକ୍ଷଣ କରି ଅପମିଶ୍ରିତ ଓ ବେଆଇନ ମଦବିକ୍ରି ବନ୍ଦ କରିବା ନେଇ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ କୋରାପୁଟ ଏସ୍‌ପି ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ତଦନ୍ତ ହେବ ଏବଂ ଅଭିଯୋଗର ସତ୍ୟତା ଥିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀ କହିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୮/୫/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୦,୪୩୬/-
ସୁନା: ୦୬.୬୦୦ ଗ୍ରାମ୍
ରୁପା: ୬୦.୯୦୦ ଗ୍ରାମ୍







## ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ

### ୫ ଗିରଫ, ମାରଣାସ୍ତ୍ର ଜବତ

**ପୁରୀ,୨୮।୫(ସମିସ):** ବାସେଲିସାହି ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ୫ ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ବସି ଡକାୟତି ଯୋଜନା କରୁଥିବାବେଳେ ଅଚାନକ ପୁଲିସ ସେଠାରେ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା କଣ୍ଡପୁରର ତପନ ପ୍ରଧାନ, ବାସେଲିସାହି ଜଗନ୍ନାଥ ବସ୍ତିରେ ରହୁଥିବା ଚନ୍ଦନପୁର ଖଣ୍ଡିଘରର ଦିବାକର ସ୍ୱାଇଁ, କୁମ୍ଭାରପଡ଼ା ଥାନା ବାଲିଉପର ସଞ୍ଜୟଜୀ କଲୋନୀର ସୋନୁ ନାୟକ, ବାସେଲିସାହି ଥାନା ଗୋଖାସାହିର ବାବୁନ ଭୋଇ ଓ ବଳିଆପଣ୍ଡା ଫାଦର ସ୍କୁଲ ନିକଟର ପ୍ରଶାନ୍ତ ବଳବନ୍ତରାୟ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଙ୍ଗଳବାର ରାତିରେ ଶାହ କଲେଜ ନିକଟ ଏକ ନିଛାଟିଆ ଜାଗାରେ ବସି ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇବା ପରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଫଳରେ ପୁଲିସ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୩ଟି ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ଛୁରୀ, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ୩ଟି ଖାଲି ବିୟର ବୋତଲ ଏବଂ ଗୋଟିଏ ଦିଆସିଲି ପ୍ୟାକେଟ୍ ଜବତ କରାଯାଇଛି। ଏ ନେଇ ପୁଲିସ ଏକ ମାମଲା (ନଂ. ୧୦୪/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲଣ କରିଛି।

## ଟ୍ରେନ୍‌ରେ ମୋବାଇଲ ଚୋରି କରି ଗିରଫ

**ପୁରୀ,୨୮।୫(ସମିସ):** ଟ୍ରେନ୍‌ରେ ଯାତ୍ରୀଙ୍କ ମୋବାଇଲ୍ ଚୋରି କରିବା ଅଭିଯୋଗରେ ଜିଆର୍‌ପି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାୟଗଡ଼ା ଜିଲ୍ଲା ଜେକେପୁରର ନରସିଂହ ଦୀପ (୪୦)। ପୁରୀ ଜିଆର୍‌ପି ଥାନା ସୂଚନା ଅନୁଯାୟୀ, ମଙ୍ଗଳବାର ଜଗତସିଂହପୁର କୁଜଙ୍ଗର ବିଶ୍ୱଜିତ୍ ପରିଡ଼ା ରାଉରକେଲା-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଯାତ୍ରା କରୁଥିଲେ। ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ମୋଟରୀ ଷ୍ଟେସନ ନିକଟରେ ବିଶ୍ୱଜିତ୍‌ଙ୍କ ମୋବାଇଲ୍ ଚୋରି କରିଥିଲେ ନରସିଂହ। ଏହା ଜାଣିପାରି ବିଶ୍ୱଜିତ ଏବଂ ଅନ୍ୟମାନେ ତାକୁ କାବୁ କରି ଭୁବନେଶ୍ୱର ଜିଆର୍‌ପି ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଭୁବନେଶ୍ୱର ଜିଆର୍‌ପି ଅଭିଯୁକ୍ତକୁ ପୁରୀ ଜିଆର୍‌ପି ଥାନା ଜିମା ଦେଇଥିଲେ। ପୁରୀ ଜିଆର୍‌ପି ପୁଲିସ ଏକ ମାମଲା (ନଂ.୪୪/୨୫) ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେ ଜେଲ୍ ଯାଇଛି।







ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ ଆଭାରେ ରଙ୍ଗାୟିତ ବାଦଲ (ଫଟୋ: ଅନୀଲ)

## ଜିଲ୍ଲାରେ ୨୩୦ ମିଲିମିଟର ବର୍ଷା ରେକର୍ଡ

**କାକଟପୁରରେ ସର୍ବାଧିକ ୫୭ ମିଲିମିଟର ବର୍ଷା**

**ପୁରୀ,୨୮।୫(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ବୁଧବାର ସକାଳୁ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ମଝିରେ ମଝିରେ ବନ୍ଦ ହେବା ପରେ ପୁଣି ବର୍ଷୁଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ମୋଟ ୨୩୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷାର ପରିମାଣ ରହିଛି ୧୯/୧୭ ମିଲିମିଟର। କାକଟପୁର ବ୍ଲକ୍‌ରେ ସର୍ବାଧିକ ୫୭ ମିଲିମିଟର ବର୍ଷା ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ୍‌ରେ ୧୬, ବ୍ରହ୍ମଗିରିରେ ୧୨, ଡେଲାଙ୍ଗରେ ୪, ଗୋପରେ ୩୮, କଣାସରେ ୨, କୃଷ୍ଣପ୍ରସାଦରେ ୭, ନିମାପଡ଼ାରେ ୧୫, ପିପିଲିରେ ୭, ପୁରୀରେ ୩୫, ସତ୍ୟବାଦୀ ବ୍ଲକ୍‌ରେ ୯ ମିଲିମିଟର ବର୍ଷା ହୋଇଛି। ସେହିପରି କୋଣାର୍କ ଏନ୍‌ଏସିରେ ୨୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ନାନଯାତ୍ରା ଓ ରଥଯାତ୍ରା ଶୃଙ୍ଖଳା ଉପରେ ଦୃଷ୍ଟି

## ପହଣ୍ଡିରେ ରହିବେ ଅଧୀକୃତ ସେବକ

**ପୁରୀ,୨୮।୫(ସମିସ):** ଗତବର୍ଷ ରଥଯାତ୍ରରେ ହୋଇଥିଲା ବଡ଼ ବିଶୃଙ୍ଖଳା। ଆଡ଼ପ ପହଣ୍ଡିବେଳେ ବଡ଼ ଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ି ଯାଇଥିଲେ। ତେଣୁ ଚଳିତବର୍ଷ ଯେପରି କୌଣସି ପ୍ରକାର ତ୍ରୁଟି ଓ ବିଶୃଙ୍ଖଳା ନ ହେବ ତା' ଉପରେ ଫୋକସ୍ ରଖିଛି ପ୍ରଶାସନ। ବିଶେଷକରି ସ୍ନାନଯାତ୍ରା ଓ ରଥଯାତ୍ରା ପହଣ୍ଡି ଶୃଙ୍ଖଳକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗତ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ପହଣ୍ଡି ପାଇଁ ସ୍ୱତନ୍ତ୍ର ଦଳ ନିର୍ଦ୍ଧାରଣ ହେବ। କେତେଜଣ ଶ୍ରୀବିଗ୍ରହଙ୍କୁ ପହଣ୍ଡି କରାଇବେ ତାହା ବି ସ୍ଥିରୀକୃତ ହେବ। ସେଥିପାଇଁ ବୁଧବାର ପହଣ୍ଡିରେ ନିୟୋଜିତ ହେବାକୁ ଥିବା ସେବକ ନିଯୋଗର ମୁଖିଆମାନଙ୍କୁ ଡାକି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଲୋଚନା କରିଛନ୍ତି। ପହଣ୍ଡିବେଳେ ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ, ଅଧୀକୃତ ସେବକଙ୍କ ବ୍ୟତିରେକ କେହି ରହିବେ ନାହିଁ। ସ୍ୱତ୍ୱଲିପି ମୁତାବକ ଦଇତାପତିମାନେ ପହଣ୍ଡି କରାଇବେ। ସିଂହାରୀ ଓ ପୂଜାପଣ୍ଡା ଦଉଡ଼ି ଧରିବେ। ସୁଆର ମହାସୁଆର ପଛ ପାଶ୍ୱର୍ରେ ରହିବେ। ପ୍ରତିହାରୀ ସେବକମାନେ କଡ଼େକଡ଼େ ରହିବେ। ଗୁରୁ ଗୋସେଇଁ ଦଉଡ଼ିର ଶେଷ ଅଂଶ ଧରିବେ ବୋଲି ଆଲୋଚନାରେ ଅଂଶଗ୍ରହଣ କରିଥିବା ଜଣେ ସେବକ କହିଛନ୍ତି। ଶ୍ରୀଅଙ୍ଗରେ ଯେପରି ସାମାନ୍ୟତମ ଆଘାତ ନ ପହଞ୍ଚେ ସେନେଇ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। କେତେଜଣ ସେବକ ରହିବେ ସଂଖ୍ୟା ନିର୍ଦ୍ଧାରିତ ହୋଇନଥିଲେ ହେଁ ଏ ସମ୍ପର୍କରେ ବିଚାର ବିମର୍ଶ ହୋଇଛି। ପରବର୍ତ୍ତୀ ସମୟରେ ଅଭିଜ୍ଞ ଓ ବରିଷ୍ଠ ସେବକମାନଙ୍କ ସହ ଆଲୋଚନା ପରେ ସଂଖ୍ୟା ନିରୂପଣ କରାଯିବ। ତେବେ ସୀମିତ ସଂଖ୍ୟାରେ ସେବକ ହିଁ କେବଳ ପହଣ୍ଡିରେ ସାମିଲ ହେବେ ବୋଲି ଚେତେଇ ଦିଆଯାଇଛି। ଯେଉଁମାନେ ଅଧୀକୃତ ସେବକ ଭାବେ ପହଣ୍ଡି ଦାୟିତ୍ୱରେ ରହିବେ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ଦିଆଯିବ।



ଶ୍ରୀମନ୍ଦିର ଭିତରେ ବର୍ଷାପାଣି

## ଅବହେଳିତ ସିଦ୍ଧମହାବୀର ମନ୍ଦିର

### ପୁଷ୍କରିଣୀ ଅବସ୍ଥା ବିପର୍ଯ୍ୟସ୍ତ; ଦେବୋତ୍ତର ଆୟୁକ୍ତଙ୍କୁ ଆପ୍‌ର ଅଭିଯୋଗ

**ପୁରୀ,୨୮।୫(ସମିସ):** ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରମୁଖ ତୀର୍ଥକ୍ଷେତ୍ର ହେଉଛି ସିଦ୍ଧମହାବୀର ମନ୍ଦିର। ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। କେବଳ ପୁରୀ ଜିଲ୍ଲା ନୁହେଁ ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଏଠାକୁ ଆସିଥା'ନ୍ତି। ସେହିପରି ମନ୍ଦିର ସଂଲଗ୍ନ ଏକ ପୁଷ୍କରିଣୀ ରହିଛି। ହେଲେ ଏହି ମନ୍ଦିର ଏବଂ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ମନ୍ଦିର ଟ୍ରଷ୍ଟବୋର୍ଡ ଏକପ୍ରକାର ଅକାମୀ ହୋଇପଡ଼ିଛି। ମନ୍ଦିର ଆୟବ୍ୟୟର ଅଡିଟ୍ ହେଉନାହିଁ। ତେଣୁ ଦୁର୍ନୀତିର ଗନ୍ଧ ବାରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଦେବୋତ୍ତର ଆୟୋଗଙ୍କୁ ଅଭିଯୋଗ କରିଛି ଆପ୍।



ଆପ୍ ପକ୍ଷରୁ କୁହାଯାଇଛି, ମନ୍ଦିର ମାଲିକାନାରେ କେତେ ଜମି ଅଛି? ସେଥିରୁ କେତେ ରାଜସ୍ୱ ଆଦାୟ ହେଉଛି ଏ ସମ୍ପର୍କରେ କେହି ଜାଣିପାରୁ ନାହାନ୍ତି। ଏହାର କୌଣସି ହିସାବ ରହୁନାହିଁ। ସିଦ୍ଧ ମହାବୀରଙ୍କ ଜମି ବେଆଇନ ଭାବେ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି ଦୀପ ଦୋକାନ ଓ ଜୋତାଷ୍ଟାଣ୍ଡ ନିଲାମ ଦିଆଯାଇଛି। ଦୀପ ଦୋକାନ ୮ ଲକ୍ଷ ଏବଂ ଦୀପ ଘର ମାସକୁ ୫ ହଜାର ଟଙ୍କା ଭଡ଼ା ଦିଆଯାଇଛି। ଏହି ହିସାବରେ ବର୍ଷକୁ ୮ଲକ୍ଷ ୬୦ ହଜାର ଆୟ ହେବା କଥା। ହେଲେ ମନ୍ଦିର ଖାତାକୁ କେତେ ଆସୁଛି ତାହା ଜଣାପଡୁ ନାହିଁ। ଏତଦ୍‌ବ୍ୟତୀତ ବିବାହ, ବ୍ରତଘର ଆଦି ଶୁଭ କାର୍ଯ୍ୟରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଟଙ୍କା ଆସୁଥିବା ସମ୍ଭାବନା ରହିଛି। ଏତେ ଟଙ୍କା ଆସିବା ପରେ ମଧ୍ୟ ମନ୍ଦିରର କାହିଁକି ଉନ୍ନତି ହେଉନାହିଁ ବୋଲି ପ୍ରଶ୍ନ କରିଛି ଆପ୍। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, 'ମୁକ୍ତା' ଯୋଜନାରେ ପୂର୍ବ ସରକାର ୭୧ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ କେବଳ ୧୪ ଲକ୍ଷ ଖର୍ଚ୍ଚରେ ମନ୍ଦିର ପଛ ପାଚେରି ନିର୍ମାଣ ହୋଇଛି। ଅନ୍ୟ କୌଣସି କାର୍ଯ୍ୟ ହୋଇପାରିନି। ୨୦୧୯ ଜୁଲାଇ ୨୨ରେ ମନ୍ଦିର ହୁଣ୍ଡି ଚୋରି ହୋଇଥିଲା। ୩ ବର୍ଷର ଦାନ ଟଙ୍କା ସେଥିରେ ପଡ଼ିଥିଲା। ହେଲେ ଚୋର ଧରାପଡ଼ିବା ପରେ ତା'ଠାରୁ ମାତ୍ର ୩୦ ହଜାର ଟଙ୍କା ଆଦାୟ ହୋଇଥିଲା। ଏତେ ବଡ଼ ଘଟଣା ପରେ କୌଣସି ପଦକ୍ଷେପ ନିଆ ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ଆପ୍ କହିଛି।

ସେହିପରି ମନ୍ଦିର ସଂଲଗ୍ନ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପାଣି ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇପଡ଼ିଛି। ଗତ ପଣା ସଂକ୍ରାନ୍ତି ଦିନ ପୋଖରୀରେ ମଲା ମାଛ ଭାସୁଥିବାରୁ ସେହି ଅଞ୍ଚଳ ଦୁର୍ଗନ୍ଧ ହେଉଥିଲା। ପୂର୍ବରୁ ମଧ୍ୟ ପୋଖରୀ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନ ଥିବା ଭକ୍ତମାନେ ଅଭିଯୋଗ କରି ଅସନ୍ତୋଷବ୍ୟକ୍ତ କରିଥିଲେ। ହେଲେ ପୌରସଂସ୍ଥାରେ ଆଳ ଦେଖାଇ ଏ ପର୍ଯ୍ୟନ୍ତ ପୋଖରୀର କୌଣସି ପ୍ରକାର କାମ କରାଗଲା ନାହିଁ। ଏବେ କିଛି ସ୍ୱେଚ୍ଛାସେବୀ ଆସି ପୋଖରୀକୁ ସଫା କରୁଛନ୍ତି। ତେଣୁ ଏ ସବୁ ଅଭିଯୋଗର ଉପଯୁକ୍ତ ତଦନ୍ତ ସହ ୧୦ ବର୍ଷର ଅଡିଟ୍ କରିବାକୁ ଦାବି କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୨୮।୫(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ




**ପୁରୀ,୨୮।୫(ସମିସ):** ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲାର ଡିଆର୍‌ସିଏସ୍ ସୁନିତା ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟର ଭୂମିକା ବିଷୟରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ସମବାୟ କିପରି ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତାହା ଉପରେ ଆଲୋକପାତ ହୋଇଥିଲା। ବର୍ତ୍ତମାନ ସମବାୟ ଏକ ଜନଆନ୍ଦୋଳନରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି। ଚଳିତ ମାସର ଥିମ୍ ଭାବରେ ଏଫ୍‌ଏକ୍ୟୁ ଧାନ ଉପରେ ସଚେତନତା ଏବଂ ଚାଷୀମାନଙ୍କୁ ସାର, ଉନ୍ନତ ବିହନ, କୀଟନାଶକର ପ୍ରୟୋଗ ଏବଂ କୃଷି ଉପକରଣ ବ୍ୟବହାର ଉପରେ ଥିଲା। ଏହି ଥିମ୍ ଉପରେ ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦ ବିଶେଷ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁପିଏନ୍‌ସିସି ବ୍ୟାଙ୍କର ପୁରୀ ଡିଜିଏମ୍ ତପତୀ ପଟ୍ଟନାୟକ, ବରିଷ୍ଠ ଏଆର୍‌ସିଏସ୍ ସ୍ୱରୂପ କର, ଏଆର୍‌ସିଏସ୍ ସନାତନ ବେହେରା, ଆର୍‌ଏମ୍‌ସି ସାକ୍ଷୀଗୋପାଳର ସମ୍ପାଦକ ଜିତେନ୍ଦ୍ର ଦାସ, ଆର୍‌ଏମ୍‌ସି ନିମାପଡ଼ାର ସମ୍ପାଦକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟକ୍ଷତା କରି ଡିଆର୍‌ସିଏସ୍ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ବର୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ସମବାୟ ସମିତି ଗଠନ, ଲ୍ୟାମ୍ପ୍‌ସ ଓ ପ୍ୟାକ୍ସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ କେନ୍ଦ୍ର ଖୋଲିବା, ସମବାୟ ମାଧ୍ୟମରେ କିପରି ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିହେବ ବୋଲି କହିଥିଲେ। ପୁରୀ ଜିଲ୍ଲାରେ ୨୪୫ ପ୍ୟାକ୍ସ କାର୍ଯ୍ୟ କରୁଛି। ବିଗତ ଖରିଫ ବର୍ଷରେ ସମବାୟ ବିଭାଗ ମାଧ୍ୟମରେ ୧୮ ଲକ୍ଷ ୫୨ ହଜାର ୩୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି ଯାହାକି ବିଗତ ବର୍ଷର ୧୫୦%ରୁ ଅଧିକ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଭଲ କାମ କରିଥିବା ସମବାୟ ସମିତିର ସମ୍ପାଦକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ଜିଲ୍ଲାର ଦୁଇ ଆର୍‌ଏମ୍‌ସିର ଅବଦାନ ପାଇଁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ସମବାୟ ନିରୀକ୍ଷକ ସତ୍ୟବ୍ରତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ: ନିରାମୟରେ ରୋଗୀଙ୍କୁ ଦୁର୍ବ୍ୟବହାର



### ସିଡିଏମ୍‌ଓଙ୍କୁ ଫେରାଦ ହେଲା ଆମ୍ ଆଦ୍‌ମୀ ପାର୍ଟି

### ପ୍ରେସ୍କ୍ରିପ୍‌ସନ ପଢ଼ିପାରିଲେନି ନିରାମୟ କର୍ମଚାରୀ

**ପୁରୀ,୨୮।୫(ସମିସ):** ବିପର୍ଯ୍ୟସ୍ତ ରୋଗୀ ସେବାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହି ଆସିଛି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। କେତେବେଳେ ଡାକ୍ତର ଅଭାବ ତ ପୁଣି କେତେବେଳେ ବିଭିନ୍ନ ମେସିନ ଅଚଳ ପାଇଁ ରୋଗୀଙ୍କୁ ହଇରାଣ ହେବାକୁ ପଡ଼ିଥାଏ। ଚିକିତ୍ସାରେ ଅବହେଳା ଅଭିଯୋଗକୁ ନେଇ ଅନେକଥର ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଅଧିକାଂଶ ସମୟରେ ଶିଶୁ ଓ ପ୍ରସୂତି ବିଭାଗର ଲିଫ୍ଟ ଅଚଳ ଶୁଣିବାକୁ ମିଳେ। ଅନେକ ଏହାକୁ ରେଫରାଲ୍ ହସ୍ପିଟାଲ କହୁଥିବାବେଳେ ଏବେ ନିରାମୟରେ ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫେରାଦ ହୋଇଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଆପ୍ ନେତ୍ରୀ କିରଣ ଦାସ ଜଣେ ରୋଗୀଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଲେଖିଥିବା ଔଷଧ ଆଣିବା ପାଇଁ ନିରାମୟକୁ ଯାଇଥିଲେ। ସେଠାରେ ଗୋଟିଏ ଔଷଧ ନ ଥିବାବେଳେ ବାକି ମିଳିଥିଲା। କିନ୍ତୁ ଦେଇଥିବା ଔଷଧ ଏକା ଭଳି ଦେଖାଯାଉଥିବାରୁ ମାର୍କରରେ ଟିକେ ଲେଖିଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଭିତରେ ବସିଥିବା ବାବୁ ମନା କରିଦେଲେ। କହିଲେ ନେଲେ ନିଅ ନ ହେଲେ ନାହିଁ। ରୋଗୀଙ୍କ ସମ୍ପର୍କୀୟଙ୍କୁ ବ୍ୟବହାର ଠିକ୍ ସେ କଲେ ନାହିଁ। କିଛି ସମୟ କଥା କଟାକଟି ହୋଇଥିଲା। ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହେଇଥିଲା। କଥା ଏତିକିରେ ସୀମିତ ନ ଥିଲା। ଯେଉଁ ଔଷଧ ନିରାମୟରେ ମିଳିଲା ନାହିଁ ତାହାକୁ ସରକାରୀ ଟେଣ୍ଡର ଦିଆଯାଇଥିବା ଘରୋଇ ଔଷଧ ଦୋକାନୀ ମଧ୍ୟ ପଢ଼ି ନ ପାରି ଫେରାଇ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୋଗୀ ଯଦି ନିରାମୟରେ ଔଷଧ ନ ପାଇବ ଏପରିକି ଖରାପ ବ୍ୟବହାର ଶୁଣିବ, ତେବେ ସରକାରୀ ଟ୍ୟାକ୍ସରେ ଚାଲୁଥିବା ଏତେ ବଡ଼ ହସ୍ପିଟାଲ କାହା ପାଇଁ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ମହିଳା ସଭାପତି ତପସ୍ୱିନୀ ଜଗଦ୍ଦେବ। ନିରାମୟରେ ସରକାର ୧୧୦ ପ୍ରକାର ଔଷଧ ମିଳିବା କଥା କହୁଥିବାବେଳେ ମାତ୍ର ୩୫ ପ୍ରକାର ଔଷଧ କାହିଁକି ମିଳିବ ବୋଲି ପ୍ରଶ୍ନ ଉଠାଇଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି। ସେହିପରି ଡାକ୍ତର ସ୍ପଷ୍ଟ ଭାବେ ସବୁ ଔଷଧ ଲେଖିବାକୁ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ଅନେକ ଡାକ୍ତର ଏହାକୁ ମାନୁନାହାନ୍ତି। ମନଇଚ୍ଛା ଗାରେଇ ପକାଉଛନ୍ତି। ଯାହାଫଳରେ ଔଷଧ କିଣିବାବେଳେ ହଇରାଣରେ ପଡୁଛନ୍ତି ରୋଗୀ।

ଏହି ପରିପ୍ରେକ୍ଷୀରେ ଆପ୍ ସିଡିଏମ୍‌ଓଙ୍କୁ ସାକ୍ଷାତ୍ କରି ଅଭିଯୋଗ କରିବା ସହ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲା। ଏହି ଦାବିଗୁଡ଼ିକ ହେଉଛି ନିରାମୟରେ ସମସ୍ତ ଔଷଧ ମିଳୁ, ଯଦି କୌଣସି ରୋଗୀ ଔଷଧ ସେବନ ନେଇ ଲେଖିଦେବାକୁ କହୁଛନ୍ତି ତାହା କରାଯାଉ, ସରକାରୀ ହସ୍ପିଟାଲରେ ରୋଗୀକୁ ଭଲ ବ୍ୟବହାର ପ୍ରଦର୍ଶନ, ମଙ୍ଗଳବାର ଘଟଣା ପାଇଁ ସମ୍ପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଓ ନିରାମୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ ପୂର୍ବରୁ ନିରାମୟ କର୍ମଚାରୀଙ୍କୁ ଉତ୍ତମ ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯାଉ। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆପ୍ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଆପ୍ ନେତ୍ରୀ ଜୟନ୍ତୀ ଜେନା କହିଛନ୍ତି।

■ ଚାକିରି ନାଁରେ ୭.୭୦ ଲକ୍ଷ ଠକେଇ ମାମଲା

# ଝାରପଡ଼ା ଜେଲ୍‌ରୁ ଠକ ଶୋଭନଙ୍କୁ ରିମାଣ୍ଡରେ ଆଣିଲା ବ୍ରହ୍ମପୁର ପୁଲିସ

ବ୍ରହ୍ମପୁର,୨୮।୫(ସମିସ): ଗୋଷାଣୀନୂଆଗାଁ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୁଅ ଓ ଝିଅ ପାଇଁ ସରକାରୀ ଚାକିରି କରାଇଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଶୋଭନ ରଞ୍ଜନ ବେହେରାଙ୍କୁ ଭୁବନେଶ୍ୱର ଝାଡ଼ପଡ଼ା ଜେଲରୁ ରିମାଣ୍ଡରେ ଆଣିଛି ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପୁଲିସ। ତାଙ୍କୁ ବ୍ରହ୍ମପୁର ଏସ୍‌ଡ଼ିଜେଏମ କୋର୍ଟରେ ହାଜର ପରେ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶୋଭନ ଏବଂ ତାଙ୍କ ୨ ସହଯୋଗୀ ରାଜେଶ ଚନ୍ଦ୍ର ବିଷୋୟୀ ଓ ସୁଜିତ କୁମାର ମହାନ୍ତି ମିଶି ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବକ ଯୁବତୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି।



ପ୍ରକାଶଥାଉକି, ଗୋଷାଣୀନୂଆଗାଁ ବଦ୍ରିରାଜନଗର ପ୍ରଥମ ଲାଇନର ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଓ ଝିଅ ଚାକିରି ସନ୍ଧାନରେ ରହିଥିଲେ। ୨୦୨୨ ଜାନୁଆରୀରେ ପ୍ରମୋଦ କୁମାର ପଟ୍ଟନାୟକ ଅଭିଯୁକ୍ତ ରାଜେଶଚନ୍ଦ୍ରଙ୍କ ଜରିଆରେ ଶୋଭନଙ୍କ ସହ ପରିଚୟ ହୋଇଥିଲେ। ପ୍ରମୋଦଙ୍କ ଝିଅଙ୍କୁ ଶିକ୍ଷୟିତ୍ରୀ ଓ ଅଡିଟର ତଥା ପୋଷ୍ଟାଲରେ ଚାକିରି କରାଇଦେବା ଓ ପୁଅକୁ ଚାକିରି କରାଇଦେବାକୁ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ୨୦୨୨ ଠାରୁ ୨୦୨୩ ମଧ୍ୟରେ ପ୍ରମୋଦଙ୍କ ଠାରୁ ଉପରୋକ୍ତ ୩ ଅଭିଯୁକ୍ତ ମୋଟ ୧୯ ଲକ୍ଷ ୭୦ ହଜାର ଟଙ୍କା ନେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ ପ୍ରମୋଦଙ୍କ ପୁଅ କିମ୍ବା ଝିଅଙ୍କୁ କୌଣସି ଚାକିରି ମଳିନଥିଲା। ଏନେଇ ପ୍ରମୋଦ ଥାନାରେ ଅଭିଯୋଗ କରିବି କହିବାରୁ ଅଭିଯୁକ୍ତମାନେ ପର୍ଯ୍ୟାୟକ୍ରମରେ ୧୨ ଲକ୍ଷ ଟଙ୍କା ଫେରାଇଥିଲେ। ମାତ୍ର ବଳକା ୭ ଲକ୍ଷ ୭୦ ହଜାର ଟଙ୍କା ମାଗିବାରୁ ଧମକ ଦେଇଥିଲେ। ପ୍ରମୋଦ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିବାପରେ ପୁଲିସ ଏକ ମାମଲା ଏକ ରୁଜୁ କରିଥିଲା। ଏପଟେ ଅଭିଯୁକ୍ତ ଶୋଭନ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ଠାରେ ସଂଯୋଗ କନ୍ସସଲଟାନ୍ସି ନାଁରେ ଏକ ସଂସ୍ଥା ଖୋଲି ଅନେକ ଯୁବତୀ ଯୁବତୀଙ୍କୁ ଠକିବାରେ ଲାଗିଥିଲେ। ଏ ନେଇ ଅଭିଯୋଗ ପରେ ଗତ ୧୬ ତାରିଖରେ ଭୁବନେଶ୍ୱର କମିସନେରେଟ ପୁଲିସ ଶୋଭନଙ୍କୁ ଗିରଫ କରି ଝାରପଡା ଜେଲକୁ ପଠାଇଥିଲା। ଶୋଭନ ଧରା ପଡିଥିବା ଜାଣିବା ପରେ ଗୋଷାଣୀନୂଆଗାଁ ପୁଲିସ ତାଙ୍କୁ ସେଠାରୁ ରିମାଣ୍ଡରେ ଆଣିଛି। ଏହି ଠକେଇ ରାକେଟର ଅନ୍ୟ ୨ ଅଭିଯୁକ୍ତ ଆଜି ସୁଦ୍ଧା ଗିରଫ ହୋଇପାରି ନାହାନ୍ତି।

# ୱାରେଣ୍ଟ ବଳରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୮।୫(ସମିସ): ୱାରେଣ୍ଟରେ ବଳରେ ଫେରାର ଅଭିଯୁକ୍ତକୁ ଗିରଫ କରିଛି ନିମଖଣ୍ଡି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଗୁରୁଣ୍ଡି ଗ୍ରାମର ସୁଶାନ୍ତ କୁମାର ନାୟକ। ସୂଚନାଯୋଗ୍ୟ ଯେ ,୨୦୨୧ମସିହାର ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ରହି ବିଚାରଣା ବେଳେ କୋର୍ଟରେ ଅନୁପସ୍ଥିତ ରହିଥିଲା ଅଭିଯୁକ୍ତ ସୁଶାନ୍ତ। ଫଳରେ କୋର୍ଟ ଅଭିଯୁକ୍ତ ସୁଶାନ୍ତ ନାଁରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

ସେହିପରି ଅନ୍ୟ ଦୁଇଟି ମାମଲାରେ ମଧ୍ୟ ସୁଶାନ୍ତଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ୩ଟି ୱାରେଣ୍ଟରେ ଫେରାର ଅଭିଯୁକ୍ତ ସୁଶାନ୍ତକୁ ନିମଖଣ୍ଡି ଥାନା ପୁଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି।

# ଗଞ୍ଜାମରେ ତୁହାକୁ ତୁହା ବର୍ଷା; ଜିଲ୍ଲାବାସୀ ଆଶ୍ୱସ୍ତ

ବ୍ରହ୍ମପୁର,୨୮।୫(ସମିସ): ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟ ସମେତ ଗଞ୍ଜାମ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଜାରି ରହିଛି। ସେହିକ୍ରମରେ ଜିଲ୍ଲାବାସୀ ଖରା, ଗରମ ଦାଉରୁ ଆଶ୍ୱସ୍ତି ପାଇଛନ୍ତି। ଚାଷୀ ମାନେ ମଧ୍ୟ ଖରିଫ ଧାନ ଚାଷର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରିବାକୁ ସଜାଗ ହୋଇଛନ୍ତି। ମୌସୁମୀ ଛୁଇଁବା ପୂର୍ବରୁ ଆସନ୍ତା ୩ରୁ ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ଏଥିଦ୍ୱାରା ଜିଲ୍ଲାରେ ଶୁଖିଲା ପଡ଼ିଥିବା ନଦୀନାଳ କିଛି ପରିମାଣରେ ପରିପୂର୍ଣ୍ଣ ହେବ ବୋଲି ଆଶା କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଜିଲ୍ଲାର ବହୁ ବ୍ଲକରେ ବର୍ଷା ହୋଇଥିବା ପାତ୍ରପୁର ବ୍ଲକରେ ସର୍ବାଧିକ ୨୪.୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ସେହିଭଳି ଜଗନ୍ନାଥପ୍ରସାଦରେ ୯.୪ମିମି, ବ୍ରହ୍ମପୁର ସହରରେ ୩.୨, ଶେରଗଡ଼ରେ ୨.୨ମିମି ବର୍ଷା ହୋଇଥିବା ଜଣାପଡ଼ିଛି।



ଅନୁରୂପ ଭାବେ ବୁଧବାର ଛତ୍ରପୁର ବ୍ଲକରେ ୧.୪ମିମି, ଗଞ୍ଜାମ ବ୍ଲକରେ ୩ମିମି, ଖଲ୍ଲିକୋଟ ବ୍ଲକରେ ୪.୫ମିମି, କୁକୁଡ଼ାଖଣ୍ଡି ବ୍ଲକରେ ୨.୫ମିମି, ଚିକିଟି ବ୍ଲକରେ ୭.୬ମିମି ବର୍ଷା ହୋଇଥିବା ପ୍ରକାଶ। ଏତଦବ୍ୟତୀତ ଜିଲ୍ଲାର ଅନ୍ୟ ବ୍ଲକ ଗୁଡ଼ିକରେ ମଧ୍ୟ ଝିପି ଝିପି ବର୍ଷା ଜାରି ରହିଥିବା ଜଣାଯାଇଛି। ଏହି ବର୍ଷା ଚାଷ କାର୍ଯ୍ୟ ପାଇଁ ବେଶ ଅନୁକୂଳ ହୋଇଛି। ସମ୍ପ୍ରତି ଚାଷୀମାନେ ତଳିଘରା ସଜାଡ଼ିବା କାର୍ଯ୍ୟ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଜିଲ୍ଲାରେ ଜୁଲାଇ ମାସ ଖରିଫ ଚାଷ କାର୍ଯ୍ୟ ଅଗ୍ରସର ହେବ। ଏଥିପୂର୍ବରୁ ସମସ୍ତ ପ୍ରକାର ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଛି। କୃଷି ବିଭାଗ ମଧ୍ୟ ଚଳିତଖରିଫରେ ଜିଲ୍ଲାରେ ଭଲ ଧାନ ହେବ ବୋଲି ଅନୁମାନ କରୁଛି। ବର୍ଷା

## ପ୍ରସ୍ତୁତ ହେଲେଣି ଚାଷୀ; ହସୁଛି ତଳିଘେରା

ଯଦି ଭଲ ହୁଏ ତେବେ ଖରିଫ ଧାନ ଚାଷ ବିଗତ ଦିନ ଅପେକ୍ଷା ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି। ଅପରପକ୍ଷେ ବର୍ଷା ପ୍ରଭାବରେ ଜିଲ୍ଲାବାସୀ ଗରମ ଦାଉରୁ ବେଶ ଆଶ୍ୱସ୍ତ ହୋଇଛନ୍ତି। ଏହି ବର୍ଷା ସମସ୍ତ କାର୍ଯ୍ୟ ଲାଗି ବେଶ ସହାୟକ ହେବ ବୋଲି ଜଣାପଡ଼ିଛି। ବର୍ଷା ଯୋଗୁଁ ବିଭିନ୍ନ ଛକ ଅଞ୍ଚଳ ମଧ୍ୟ ଖାଁ ଖାଁ ରହିଛି। ଗ୍ରୀଷ୍ମ ଦିନେ ଲୋକେ ଖରା ପାଇଁ ନୁହେଁ ବରଂ ବର୍ଷା ପାଇଁ ଛତା ଆପଣାଇଛନ୍ତି।

# ଓୟୁଜେ ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ

ବ୍ରହ୍ମପୁର,୨୮।୫(ସମିସ): ସ୍ଥାନୀୟ ସର୍କିଟ ହାଉସରେ ଓୟୁଜେ ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ସଂଘର ଜିଲ୍ଲା ସଭାପତି ସଦାଶିବ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାଂଗଠନିକ ଆଲୋଚନା ସହ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ମିଶ୍ର, ହରିହର ପାତ୍ର ଓ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବାବେଳେ ଏଲ୍ ସୁଦାମ ଦାସ, ସୁବାସ ଚନ୍ଦ୍ର ପାଢ଼ି, ଅର୍ଜୁନ ପଣ୍ଡା, ରାଜୀବ ଲୋଚନ ମିଶ୍ର, ବାଳକୃଷ୍ଣ ପଟ୍ଟନାୟକ, ଦ୍ୱିତୀକୃଷ୍ଣ ପଣ୍ଡା, କେ ସୁମିତା ପାତ୍ର, କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ରମେଶ ଚନ୍ଦ୍ର ପ୍ରଧାନଙ୍କୁ ସର୍ବସମ୍ମତ କ୍ରମେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ବଲାଙ୍ଗୀରର ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଥିଲା। ସଂଘ ଉପସଭାପତି ଏ.ରାଜାରାଓ ଓ ରାଜ ଗୋପାଳ ପାଢ଼ୀ, ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର, ସମ୍ପାଦକ ମେଘନାଦ ଦାସ, ସନ୍ତୋଷ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଅଶୋକ କୁମାର ମହାଙ୍କୁଡ଼, ସଦସ୍ୟ ସୁଦର୍ଶନ ନାୟକ, ଅରୁଣ ପଣ୍ଡା, ଶ୍ରୀପଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ୩ ଜଣଙ୍କଠାରୁ ସାଇବର ଠକ ଗ୍ୟାଙ୍ଗ୍ ଲୁଟିନେଲେ ୪୫ ଲକ୍ଷ

ବ୍ରହ୍ମପୁର,୨୮।୫(ସମିସ): ସହରର ୩ଜଣ ବ୍ୟକ୍ତିଙ୍କ ଠାରୁ ସାଇବର ଠକ ଠକି ନେଇଛନ୍ତି ୪୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ଠକେଇର ଶିକାର ହୋଇଥିବା ୩ଜଣ ବ୍ୟକ୍ତି ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ସହରର ଜଣେ ଯୁବକଙ୍କ ନିକଟକୁ ଗତକିଛି ଦିନ ପୂର୍ବେ ଟେଲିଗ୍ରାମ ଆପରେ ଅନଲାଇନ୍ ଟ୍ରେଡିଂ ନେଇ ଏକ ମେସେଜ୍ ଆସିଥିଲା। ଯୁବକ ଜଣକ ଉକ୍ତ ଲିଙ୍କକୁ କ୍ଲିକ୍ କରି ଏକ ଗ୍ରୁପରେ ଯୋଡ଼ି ହୋଇଥିଲେ। ସେହି ଗ୍ରୁପରେ ଅନଲାଇନ୍ ଟ୍ରେଡିଂ ନେଇ ବିଭିନ୍ନ ତଥ୍ୟ ପାଇଥିଲେ। ଟ୍ରେଡିଂ କଲେ ଅଧିକ ଟଙ୍କା ମିଳିବା ଆଶାରେ ସେ ଆଗ୍ରହ ପ୍ରକାଶ କରିଥିଲେ। ପର୍ଯ୍ୟାୟକ୍ରମେ ୨ଲକ୍ଷ ୩ହଜାର ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଗ୍ରୁପରେ କୌଣସି ମେସେଜ କିମ୍ବା ନିବେଶ କରିଥିବା ଟଙ୍କା ବାବଦରେ ସୂଚନା ପାଇ ନଥିଲେ। ଫଳରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପରେ ଘଟଣାକୁ ନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ।

ସେହିଭଳି ସହରର ଅନ୍ୟଜଣେ ବ୍ୟକ୍ତି ଏକ କମ୍ପାନୀ ଖୋଲିବା ଆଳରେ ସାଇବର ଠକେଇର ଶିକାର ହୋଇ ପ୍ରାୟ ୩୯ଲକ୍ଷ ହରାଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଇନ୍‌ଷ୍ଟାଗ୍ରାମରେ ଜଣେ ଅଜଣା ବ୍ୟକ୍ତିଙ୍କ ସହ ପରିଚୟ ହୋଇଥିଲା। ୧୦୦ଟଙ୍କା ନିବେଶ କଲେ ତାର ଦୁଇଗୁଣା ଅର୍ଥ ମିଳିବ ବୋଲି କହିବା ପରେ ଯୁବକ ଜଣକ ପ୍ରଥମେ କମ ଟଙ୍କା ଇନଭେଷ୍ଟ କରିଥିଲେ। ତାଙ୍କୁ ଦୁଇଗୁଣା ଟଙ୍କା ମଧ୍ୟ ଫେରସ୍ତ ମିଳିଥିଲା। ପରେ ଅଧିକ ଟଙ୍କା ଇନଭେଷ୍ଟ କଲେ ମୋଟା ଅଙ୍କର ଅର୍ଥ ମିଳିବା ଆଶାରେ ଯୁବକ ଜଣକ ଲକ୍ଷାଧିକ ଟଙ୍କା ଇନଭେଷ୍ଟ କରିଥିଲେ। ଏଭଳି ଭାବେ ପର୍ଯ୍ୟାୟକ୍ରମେ ସେ ୮ରୁ ୯ଲକ୍ଷ ଟଙ୍କା ଇନଭେଷ୍ଟ କରିସାରିବା ପରେ ମଧ୍ୟ ତାଙ୍କୁ କୌଣସି କମିଶନ ମିଳିନଥିଲା। ଉକ୍ତ ଟଙ୍କା ଫେରସ୍ତ କରିବାକୁ କହିବାରୁ ତାଙ୍କୁ ପୁଣି ଟଙ୍କା ଇନଭେଷ୍ଟ କରିବାକୁ କୁହାଯାଇଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏବଂ ସେ ଘଟଣାକୁ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଏଭଳି ଏକାଧିକ ଯୁବକଙ୍କ ଠାରୁ ସାଇବର ଠକ ଗ୍ୟାଙ୍ଗ ଲକ୍ଷାଧିକ ଟଙ୍କା ଅନାୟସରେ ଠକିନେବାରେ ସଫଳ ହେଉଥିବା ଜଣାପଡିଛି।

● ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଫେରାର ସ୍ୱାମୀ ଗିରଫ

ବ୍ରହ୍ମପୁର,୨୮।୫(ସମିସ): ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ମାମଲାରେ ବଡ଼ବଜାର ଥାନା ପୁଲିସ ଫେରାର ଥିବା ତାଙ୍କ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଉତପେଣ୍ଠ ସାହିର ପଙ୍କଜ କୁମାର ସାହୁ (୪୯)। ସୂଚନାଯୋଗ୍ୟ ଯେ, ଶ୍ରୀରାମନଗର ନିକଟ ଗଙ୍ଗାଧରନଗରର ରୁବିତା ଆଜକୁ ୨୦ବର୍ଷ ପୂର୍ବେ ପଙ୍କଜ ସାହୁଙ୍କୁ ବିବାହ କରିଥିଲେ। ଗତବର୍ଷ ଅଗଷ୍ଟ ୨୬ରେ ରୁବିତା କିଛି ଖାଇବା ପରେ ଗୁରୁତର ହୋଇପଡ଼ିଥିବାବେଳେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନେଇ ନିଜ ଶଳା ଶିବରାମଙ୍କୁ ସୂଚନା ଦେଇଥିଲେ। ଖବରପାଇ ଶିବରାମ ଓ ତାଙ୍କ ମା' ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ସେତେବେଳକୁ ରୁବିତାଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ବଡ଼ବଜାର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ରୁବିତାଙ୍କୁ ନିର୍ଯାତନା ପରେ ବିଷ ଦେଇ ହତ୍ୟା କରାଇଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିଥିଲା। ବୁଧବାର ପୁଲିସ ଅଭିଯୁକ୍ତ ପଙ୍କଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଆଇ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି।

# ନାବାଳିକା ଫଟୋରେ ନକଲି ଆକାଉଣ୍ଟ; ଜଣେ ଗିରଫ

ବ୍ରହ୍ମପୁର,୨୮।୫(ସମିସ): ଜଣେ ନାବାଳିକାଙ୍କ ଫଟୋ ବ୍ୟବହାର କରି ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଖୋଲିବା ଓ ଅଜଣା ଲୋକଙ୍କୁ ଅଶ୍ଳୀଳ କମେଣ୍ଟ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋଷାଣିନୂଆଗାଁର ବାଦଲ ଚୌଧୁରୀ (୨୩)। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ଧରି ସହରର ଜଣେ ନାବାଳିକାଙ୍କ ଫଟୋକୁ ବ୍ୟବହାର କରି ନକଲି ଫେସବୁକ ଭଳି ଅନେକ ସୋସିଆଲ ମିଡ଼ିଆରେ ଆକାଉଣ୍ଟ ଖୋଲି ଅଜଣା ଲୋକଙ୍କୁ ମେସେଜ ସହିତ ଅଶ୍ଳୀଳ କମେଣ୍ଟ କରୁଥିଲା ଜଣେ ଯୁବକ। ଫଳରେ ନାବାଳିକାଙ୍କ ମାନହାନୀ ହୋଇଥିଲା। ସମ୍ପୃକ୍ତ ଯୁବକ ଜଣକ ସୋସିଆଲ ମିଡିଆରେ ନାବାଳିକାଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଆସୁଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ବ୍ରହ୍ମପୁର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଇନ୍ସପେକ୍ଟର ଶଙ୍କର ପଣ୍ଡା ତଦନ୍ତ ବେଳେ ଅଭିଯୁକ୍ତ ବାଦଲ ଚୌଧୁରୀ ନାମକ ଯୁବକକୁ ଚିହ୍ନଟ କରି ବୁଧବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି।



# ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୨୮।୫(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟସେବା ସଜାଡ଼ିବା ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ମଞ୍ଚ ପକ୍ଷରୁ ଆବାହକ ଆଇନଜୀବି ଅବନୀ ଗୟାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମଓ ଡ଼ା. ଭବାନୀ ଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଭୁବନେଶ୍ୱର ଓ କଟକ ଦୂର ହୋଇଥିବାରୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦୁର୍ଘଟଣାରେ ଶିକାର ହେଉଥିବା ବ୍ୟକ୍ତି ସରକାରଙ୍କ ଆପତ୍ତକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହ କିଛି ବ୍ୟକ୍ତି ମୃତ୍ୟୁ ବରଣ କରୁଛନ୍ତି।



ତେଣୁ ଦକ୍ଷିଣ ଓଡିଶା ବାସୀଙ୍କ ନିମନ୍ତେ ଏମକେସିଜି ମେଡିକାଲ ଓ ଜିଲ୍ଲା ମୁଖ୍ୟ ସିଟି ହସ୍ପିଟାଲରେ ଅତି ଉନ୍ନତ ଚିକିତ୍ସା ବ୍ୟବସ୍ଥା କରିବାକୁ ମଞ୍ଚ ଦାବି କରିଛି। ଏହା ସହ ଏମକେସିଜି ମେଡିକାଲରେ ଥିବା ଟ୍ରମା କେୟାର ବିଭାଗକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସିଟି ହସ୍ପିଟାଲରେ ନୂତନ ଭାବେ ଟ୍ରମା କେୟାର ବିଭାଗ ଖୋଲିବା, ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ନିମନ୍ତେ ବ୍ରହ୍ମପୁରରେ କୌଣସି ଘରୋଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା, ଔଷଧ କଳା ବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସଠିକ ସମୟରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ, ସିଟି ହସ୍ପିଟାଲର ରୋଗୀଙ୍କୁ ନିୟମିତ ଫିଜିଓଥେରାପି ସେବା ଯୋଗାଇବା ଆଦି ବିଭିନ୍ନ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଆର. ସତ୍ୟ ନାରାୟଣ ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ଏସ. ଶାମ୍ବାଶିବା ରାଓ, ହୃଷିକେଷ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସୌରଶକ୍ତି ସଙ୍ଗେ ଆଗକୁ ବଢୁଛି ଟିପିଏସ୍‌ଓଡିଏଲ୍

# ଦକ୍ଷିଣ ଓଡ଼ିଶାର ୧୬ଟି ସ୍ଥାନରେ ୩୯୬.୪ କିଲୋୱାଟ୍‌ର ସୌର ପ୍ୟାନେଲ୍ ସ୍ଥାପିତ

ବ୍ରହ୍ମପୁର,୨୮।୫(ସମିସ): ପରିବେଶ ଓ ପର୍ଯ୍ୟାବରଣର ସ୍ଥିରତା ଓ ସୁରକ୍ଷା ତଥା ନବୀକରଣଯୋଗ୍ୟ ଶକ୍ତି ଆପଣେଇବା କ୍ଷେତ୍ରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ୧୬ଟି ସ୍ଥାନରେ ୩୯୬.୪ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ କରିଛି। ଟିପିଏସ୍‌ଓଡିଏଲ୍ ତାର ପରିଚାଳନାଗତ ଭିତ୍ତିଭୂମିରେ ସ୍ୱଚ୍ଛ ଶକ୍ତିକୁ

● ପ୍ରତିବର୍ଷ ୩୮୮.୫ ଟନ୍ କାର୍ବନ ଡାଇଅକ୍ସାଇଡ୍ ହ୍ରାସ ଲକ୍ଷ୍ୟ

● ଖୁବ୍‌ଶୀଘ୍ର ଆଉ ୧୦ଟି ଅଫିସ ସୌରଶକ୍ତିରେ ଚାଲିବ

ଆପଣାଇ ନୂଆ ରୂପ ଦେଇଛି। ଏହି ସୌର ପ୍ୟାନେଲଗୁଡ଼ିକ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ, ସର୍କଲ ଅଫିସ, ଡିଭିଜନ ଅଫିସ ସମେତ ପ୍ରାଇମେରୀ ସବଷ୍ଟେସନ ଓ ସେକ୍ସନ ଅଫିସରେ ସ୍ଥାପିତ ହୋଇଛି। ଏହି ସ୍ଥାନ ଗୁଡ଼ିକରେ ସୌର ପ୍ୟାନେଲ ସ୍ଥାପନ ହେବା ପରେ କେବଳ ଦୈନନ୍ଦିନ ବିଜୁଳି ଆବଶ୍ୟକତା ଯେ ପୂରଣ ହୋଇପାରୁଛି ତାହା ନୁହେଁ ବରଂ ଶକ୍ତି କ୍ଷେତ୍ରରେ ଏକ ସ୍ଥାୟୀ ବିକଳ୍ପ ଭାବରେ ବ୍ୟବହାର ହେବା ସହିତ ଉକ୍ତ ଅଞ୍ଚଳରେ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି।



ବ୍ରହ୍ମପୁର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ୧୦୦କିଲୋୱାଟର ସୌର ପ୍ୟାନେଲ ସ୍ଥାପନା ହୋଇଥିବା ବେଳେ କମ୍ପାନୀର ଛତ୍ରପୁର ଡିଭିଜନରେ ୩୪.୧କିଲୋୱାଟ, ଏମଆରଟି ଆମ୍ବଗଡ଼ଠାରେ ୨୭.୫କିଲୋୱାଟ, ଶାସନ ଆମ୍ବଗାଁ ପିଏସ୍‌ଏସରେ ୨୮.୬କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଥିବା ବେଳେ ହିଞ୍ଜିଳି ସିଆରସି, ଡିଭିଜନ ଅଫିସ ଓ ପିଏସ୍‌ଏସ୍ ଠାରେ ମୋଟ ୨୮.୦୫କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି। ସେହିପରି ଭଞ୍ଜବିହାର ପିଏସ୍‌ଏସ୍ (୧୬.୫କିଲୋୱାଟ), ନରେନ୍ଦ୍ରପୁର ପିଏସ୍‌ଏସ୍ (୧୮.୭କିଲୋୱାଟ), ତାରାତାରିଣୀ ପିଏସ୍‌ଏସ୍ (୧୭.୦୫କିଲୋୱାଟ), ଗୋପାଳପୁର ପିଏସ୍‌ଏସ୍(୧୫.୪କିଲୋୱାଟ) ଏବଂ ଗଞ୍ଜାମ ପିଏସ୍‌ଏସ୍(୧୭.୦୫କିଲୋୱାଟ)ରେ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି। ଆମ୍ବଗଡ଼ ପିଏସ୍‌ଏସ୍, ରାମଚନ୍ଦ୍ରପୁର ପିଏସ୍‌ଏସ୍, ଗୋଲନ୍ଥରା/ମନ୍ଦାଡି ପିଏସ୍‌ଏସ୍, ତାରାତାରିଣୀ ସେକ୍ସନ ଅଫିସ, ସିଟି ସର୍କଲ ଅଫିସ ଏବଂ ହିଞ୍ଜିଳି ଓ କଞ୍ଚୁରୁ ସେକ୍ସନ ମଧ୍ୟ ସବୁଜ ଶକ୍ତିକୁ ଆପଣେଇବା ଦିଗରେ ସହଯୋଗ କରୁଛନ୍ତି। ସୌରଶକ୍ତିକୁ ଆପଣେଇବା ଫଳରେ ଏହି ସ୍ଥାନଗୁଡ଼ିକରେ ବିଦ୍ୟୁତ ବିଲ୍ ହ୍ରାସ ପାଇଛି। ଉନ୍ନତ ସ୍ମାର୍ଟ ମିଟର ସାଙ୍ଗକୁ ଇଣ୍ଟରନେଟ ମାଧ୍ୟମରେ ମନିଟରିଂ ସିଷ୍ଟମକୁ ଆପଣାଇଛି ଟିପିଏସ୍‌ଓଡିଏଲ। ଯଦ୍ୱାରା ସଠିକ୍ ସମୟରେ ଶକ୍ତିର ବ୍ୟବହାର ଓ ଉତ୍ପାଦନକୁ ପରିଚାଳନା ଓ ନୀରିକ୍ଷଣ କରିବାରେ ସହାୟକ ହୋଇପାରୁଛି।

କମ୍ପାନୀର ଏହି ପଦକ୍ଷେପ ପରିବେଶ, ସାମାଜିକ ଓ ଶାସନ (ଇଏସଜି) ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଟିପିଏସ୍‌ଓଡିଏଲର ଏହି ପ୍ରୟାସ ଯୋଗୁ ପ୍ରତିବର୍ଷ କେବଳ ୩୮୮.୫ ଟନ୍ କାର୍ବନ ଡାଇଅକ୍ସାଇଡ୍ ହ୍ରାସର ଲକ୍ଷ୍ୟ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ବର୍ତ୍ତିବା ଯେ ସମ୍ଭବ ହୋଇପାରିବ ତାହା ନୁହେଁ। ଏହାସହିତ ନବୀକରଣ ଯୋଗ୍ୟ ଶକ୍ତିକୁ ଆପଣେଇବା ଦିଗରେ ଏହା ଏକ ଜାଗରଣ ସୃଷ୍ଟି କରିବ। କମ୍ପାନୀ ଭିତରେ ସୌରଶକ୍ତି ଓ ସ୍ଥାୟୀବିକାଶକୁ ପ୍ରାଧାନ୍ୟ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଏ ଦିଗରେ ଆପଣାଯାଇଛି। ଟିପିଏସ୍‌ଓଡିଏଲର ଏହି ସଫଳତା ବାବଦରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି "ସ୍ଥାୟୀ ବିକାଶ ଟିପିଏସ୍‌ଓଡିଏଲର କେବଳ ଏକ ପଦକ୍ଷେପ ନୁହେଁ; ଏହା ଆମର ପରିଚାଳନାଗତ ଦାୟିତ୍ୱ ଏବଂ ଏହା ଆମ ଡିଏନ୍‌ଏରେ ଅଛି। ଭବିଷ୍ୟତରେ ଦକ୍ଷିଣ ଓଡ଼ିଶାକୁ ଏକ ସବୁଜ ଶକ୍ତିର ଉତ୍ସ କରି ଗଢ଼ି ତୋଳିବା କ୍ଷେତ୍ରରେ ଏହିସବୁ ସୌର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏହା ସହିତ କାର୍ବନ ପଦଚିହ୍ନ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ"। ଭବିଷ୍ୟତରେ ଟିପିଏସ୍‌ଓଡିଏଲ୍ ସୌରଶକ୍ତି କ୍ଷେତ୍ରରେ ବହୁ ମହତ୍ତ୍ୱକାଂକ୍ଷୀ ଯୋଜନାମାନ ରଖିଛି ଯାହା ସୌର ଶକ୍ତିର ବିକାଶ ଦିଗରେ ବେଶ୍ ଉପଯୋଗୀ ହୋଇପାରିବ। କମ୍ପାନୀ ଆଗାମୀ ଦିନରେ ଏହାର ୧୦ଗୋଟି ପ୍ରାଇମେରୀ ସବଷ୍ଟେସନ, ସେକ୍ସନ ଅଫିସକୁ ସୌର ଚାଳିତ କରିବାର ଲକ୍ଷ୍ୟ ରଖିଛି। ଯାହାକି ୩୭୦କିଲୋୱାଟ୍ କ୍ଷମତା ବିଶିଷ୍ଟ। ଏସବୁ ଅଫିସ ସୌରଚାଳିତ ହେବା ପରେ କମ୍ପାନୀ ତାର ମୋଟ ସୌର କ୍ଷମତା ଦୁଇଗୁଣା କରିପାରିବ ଯାହାକି ୭୬୦କିଲୋୱାଟ୍ କ୍ଷମତାର ହେବ ଦକ୍ଷିଣ ଓଡ଼ିଶାରେ ସମୁଦାୟକୁ ସଶକ୍ତ କରିବା, ଅଭିନବ ପଦକ୍ଷେପ ଗ୍ରହଣ କରିବା, ଶକ୍ତି ସମାନତା ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଦୃଢ଼ ଭାବରେ ପ୍ରତିବଦ୍ଧ। ସୌରଶକ୍ତି କ୍ଷେତ୍ରରେ କମ୍ପାନୀର ଏହି ପ୍ରୟାସ ବିଶେଷ ଗୁରୁତ୍ୱ ରଖେ ଓ ଏକ ଦୃଷ୍ଟାନ୍ତ ଅଟେ।

# ଜିଲ୍ଲାସ୍ତରୀୟ 'ସିଏମ୍ ଟ୍ରଫି' ଫୁଟ୍‌ବଲ୍ ଉଦ୍‌ଘାଟିତ




ବ୍ରହ୍ମପୁର,୨୮।୫(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଅନ୍ତଃ ୧୫ବର୍ଷୀୟ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଫୁଟବଲ୍ ଉଦଘାଟିତ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ୍ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଫୁଟବଲ୍ ସଂଘ କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସ, ବ୍ରହ୍ମପୁର ତହସିଲଦାର ଈଶ୍ୱର ଚନ୍ଦ୍ର ସାହୁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ମାଲକାନଗିରି ବନାମ କଳାହାଣ୍ଡି ଜିଲ୍ଲା ମଧ୍ୟରେ ହୋଇଥିଲା। ଏଥିରେ କଳାହାଣ୍ଡି ୪-୨ ଗୋଲରେ ମାଲକାନଗିରିକୁ ହରାଇଛି। ଦ୍ୱିତୀୟ ମ୍ୟାଚ୍ ରାୟଗଡା ବନାମ ଗଜପତି ଜିଲ୍ଲା ମଧ୍ୟରେ ହୋଇଥିଲା। ଗଜପତି କୌଣସି ଗୋଲ ଦେଇ ପରିନଥିବା ବେଳେ ରାୟଗଡା ୧୧ ଗୋଲ କରି ବିଜୟୀ ହୋଇଥିଲା। ଶଶିକାନ୍ତ ହିମିରିକା ପ୍ଲେୟର ଅଫ ଦ ମ୍ୟାଚ୍ ଭାବେ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ, ବିଜୟ କୁମାର ପଟ୍ଟନାୟକ, ଡି. ଆପ୍ପାରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ. ବାବୁ, ପ୍ରମୋଦ ମହାରଣା, ଏଲ୍. କେ ରାଓ ରେ‡ୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ବେହେରା, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର, ରାଜେନ୍ଦ୍ର ଗନ୍ତାୟତ ଏବଂ ଜିଲ୍ଲାର ବରିଷ୍ଠ ଖେଳାଳି ମାନେ ଯୋଗ ଦେଇଥିଲେ।

# ସିଆରପିଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ଭାଇ

ସୁନ୍ଦରଗଡ଼, ୨୮।୫(ସମିସ)


ଫାଇଲ୍ ଫଟୋ

ସୁନ୍ଦରଗଡ଼ସଦର ଥାନା ନବରଙ୍ଗପୁର ଗ୍ରାମର ଏକ ଘରୁ ସିଆର୍‌ପିଙ୍କ ମୃତଦେହକୁ ବୁଧବାର ପୁଲିସ ଜବତ କରିଛି। ମୃତ ସିଆରପି ସୁଜାତା କିସାନ (୩୧) ବୋଲି ଜଣାପଡ଼ିଛି। ତାଙ୍କ ଭାଇ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବନ୍ଧାବାହାଲ ଗ୍ରାମର ସଂକୀର୍ତ୍ତନ କିସାନ ସୁନ୍ଦରଗଡ଼ ପହଞ୍ଚିବା ପରେ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସଂକୀର୍ତନଙ୍କ ଏତଲା ଅନୁଯାୟୀ, ଗତ ୨୦୧୧ ମସିହାରେ ତାଙ୍କ ଭଉଣୀ ସୁଜାତା ମହୁଲପାଲି ଥାନା ନଗାଡିହି ଗ୍ରାମର ପରକ୍ଷୀତ ମାଝୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୩ ବର୍ଷର ଝିଅ ରହିଛି। ସୁଜାତାଙ୍କ ସ୍ୱାମୀ ଗାଡି ଚାଳକ ଭାବେ କାମ କରୁଥିବାବେଳେ ସେମାନେ ନବରଙ୍ଗପୁରରେ ଘର ତିଆରି କରି ରହି ଆସୁଥିଲେ। ତେବେ କିଛି ବର୍ଷ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟି ପରକ୍ଷୀତ ଅନ୍ୟତ୍ର ରହୁଛନ୍ତି। ଝିଅ ଅଲେଇକେରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଭଉଣୀ ସୁଜାତା ଏଠାରେ ସିଆରପି ଭାବେ କାମ କରୁଥିଲେ। ତାଙ୍କୁ କେହି ହତ୍ୟା କରି ଫେରାର ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ସାଇନଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସୂଚନାଯୋଗ୍ୟ, ମୃତ ସିଆରପିଙ୍କ ଦେହରେ କୌଣସି ଗଭୀର କ୍ଷତ ଚିହ୍ନ ନଥିଲେ ହେଁ ତାଙ୍କ ବେକରେ ସାମାନ୍ୟ କ୍ଷତ ରହିଛି। ଅଭିଯୁକ୍ତ ତାଙ୍କ ଗଳା ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ବିଭିନ୍ନ ଦିଗରୁ ଅନୁଧ୍ୟାନ କରାଯାଉଥିବା ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର କହିଛନ୍ତି।

## ଅନ୍ତିମ ସତ୍କାର କଲେ ଶ୍ମଶାନ ବନ୍ଧୁ



ମୃତ ସିଆର୍‌ପି ସୁଜାତାଙ୍କ ଶବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକେ ଶବ ନିଜ ଗାଁକୁ ନେଇ ସତ୍କାର କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ସଦରଥାନା ଅଧିକାରୀ ସୁସ୍ମିତା ଦେବତା ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଶବ ସତ୍କାର ପାଇଁ ସହାୟତା ଲୋଡିଥିଲେ। ଏହାପରେ ସିଦ୍ଧାନ୍ତ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ଶିଶିର କୁମାର ବେହେରା ଓ ଦେବେନ୍ଦ୍ର ସାହୁଙ୍କ ସହ ଶବବାହକ ଗାଡି ଯୋଗେ ରାଣୀ ବଗିଚା ସ୍ଥିତ ସ୍ୱର୍ଗଦ୍ୱାରକୁ ମୃତଦେହ ନେଇ ଥାନା ଅଧିକାରୀଙ୍କ ଉପସ୍ଥିତିରେ ପରମ୍ପରା ଓ ନୀତିନିୟମ ସହିତ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘ ତରଫରୁ ଶବ ସତ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ, କାଠ କର୍ପୁର ଓ ଘିଅ ଯୋଗାଇ ଦିଆଯାଇଥିଲା। ଶ୍ମଶାନ ବନ୍ଧୁମାନଙ୍କର ସ୍ୱେଚ୍ଛାକୃତ ଶବସଂସ୍କାର ଓ ସାମାଜିକ ଦାୟିତ୍ୱବୋଧକୁ ପୁଲିସ ପ୍ରଶାସନ ଓ ଟ୍ରକ୍ ମାଲିକ ସଂଘ ସାଧୁବାଦ ଜଣାଇଛନ୍ତି।

# ମହିଳା କଲେଜକୁ ନାକ୍ ପକ୍ଷରୁ ବି-ଗ୍ରେଡ୍ ମାନ୍ୟତା

ସୁନ୍ଦରଗଡ଼, ୨୮।୫(ସମିସ): ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିଟେସନ୍ କାଉନସିଲ(ନାକ୍) ପକ୍ଷରୁ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଶୈକ୍ଷିକ, ପ୍ରଶାସନିକ ଓ ଭିତ୍ତିଭୂମି ଆଦି ଗୁଣବତ୍ତାକୁ ମୂଲ୍ୟାୟନ କରାଯାଇ ବି’ ଗ୍ରେଡର ମାନ୍ୟତା ପ୍ରଦାନ କରାଯାଇଛି। ନାକ୍ ପକ୍ଷରୁ ୨ ଦିନ ଧରି ଅନ୍‌ଲାଇନ ମାଧ୍ୟମରେ ପରିଦର୍ଶନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ମହାବିଦ୍ୟାଳୟର ସାମଗ୍ରିକ କାର୍ଯ୍ୟକଳାପ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ସେହିପରି ଆଇଏନ୍‌ଏସିସଂଯୋଜିକା ଡ. ଭାନୁପ୍ରିୟା ଓ ଆଇକ୍ୟୁଏସି ସଂଯୋଜିକା ଡ. ସଞ୍ଜିତା ଅଭିଜିତାଙ୍କ ନିଜ ଉପସ୍ଥାପନା ଉଚ୍ଚକୋଟୀର ଥିଲା। ମହାବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷା ଡ. ଗଡ଼ନାୟକ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ, ସଞ୍ଚାଳକ ମଣ୍ଡଳର ସଭ୍ୟ, ପୁରାତନ ଛାତ୍ରୀ, ଅଣ କର୍ମଚାରୀ ଓ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୁତ୍ରା ପଞ୍ଚାୟତ ସମିତି ବୈଠକ



କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଭାଗୃହରେ ବୁଧବାର ଏକ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ବିଡିଓ ଯୁଗଳକିଶୋର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଏବିଡିଓ ଲିଲି ସଞ୍ଜିତା ମିଞ୍ଜଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ସରପଞ୍ଚ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହେବା ସହ ବର୍ତ୍ତମାନ ନୂତନ ଭାବରେ ଆସିଥିବା ବିଭିନ୍ନ ପ୍ରୋଜେକ୍ଟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ କାମରେ ବିଲ ହେବାରେ ଅହେତୁକ ବିଳମ୍ବ, ଏନ୍‌ଆରଜିଏର୍‌ରେ ଧିର କାମ ଚାଲିଥିବା ନେଇ ଆଲୋଚନା କରାଯାଇଥିଲା। ସରପଞ୍ଚ, ସମିତି ସଭ୍ୟଙ୍କ ଅଜାଣତରେ ଠିକାଦାରମାନଙ୍କୁ କାମ ଦିଆଯାଉଥିବା, ବରିଷ୍ଠ ଯନ୍ତ୍ରୀ ନଥିବାରୁ ଠିକାଦାରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା, ବ୍ଲକରେ ଶୌଚାଳୟ ନିର୍ମାଣ, କାଓ ସେଡ୍ ମିଳୁନଥିବା ଭଳି ବିଭିନ୍ନ ସମସ୍ୟା ଉପରେ ସରପଞ୍ଚ, ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଥିଲେ।

# ଏକାଠି ଜଳିଲା ବାପ, ଝିଅଙ୍କ ଜୁଇ

ବୌଦ୍ଧ, ୨୮ ।୫(ସମିସ): ବୌଦ୍ଧ ଥାନା ବଘିଆପଡ଼ା-ଶଗଡ଼ା ରାସ୍ତାର ଆମ୍ବଝରୀ ପଞ୍ଚାୟତ ଗୌନ୍ଦିସର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବାପ, ଝିଅଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବୌଦ୍ଧରେ ବ୍ୟବଚ୍ଛେଦ ପରେ ଗାଁରେ ବୁଧବାର ଗାଁରେ ଶବ ପହଞ୍ଚିଥିଲା। ଗଜେନ୍ଦ୍ର ମଲ୍ଲିକ ଓ ତାଙ୍କ ୮ ବର୍ଷର ଝିଅର ଶବ ଗାଁରେ ପହଞ୍ଚିବା ପରେ କାନ୍ଦବୋବାଳି ପଡ଼ିଥିଲା। ଅତିରିକ୍ତ ବିଡିଓ ସୁଦାମ ଚରଣ ସାମଲ, ଟିକରପଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ ଗାଁରେ ମୃତଦେହ ପହଞ୍ଚାଇବାରେ ସହଯୋଗ କରିଥିଲେ। ଗ୍ରାମବାସୀ, ବନ୍ଧୁବାନ୍ଧବ ସହ ଏହି ଦୁଇ ଅଧିକାରୀ ଶ୍ମଶାନରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିଭଳି ଉଭୟ ମୃତକଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି।

# ଦୋକାନରେ ଅଗ୍ନିକାଣ୍ଡ; ଅଳ୍ପକେ ବର୍ତ୍ତିଲେ ବାଳିକା





କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଖତକୁରବାହାଲ ଗ୍ରାମପଞ୍ଚାୟତର ପତ୍ରାପଡ଼ାଠାରେ ଏକ ଦୋକାନ ଗୃହରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଜଣେ ବାଳିକାଙ୍କ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ ଶରିରର ବିଭିନ୍ନ ସ୍ଥାନ ପୋଡିଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ବୁଧବାର ଅପରାହ୍ନ ୩ଟା ସମୟରେ ଖତକୁରବାହାଲ ଗ୍ରାମପଞ୍ଚାୟତର ପତ୍ରାପଡ଼ାଠାରେ ଭକ୍ତା ବରୁଆଙ୍କ ଦୋକାନ ଗୃହରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। ସେହି ସମୟରେ ଦୋକାନ ଗୃହରେ ତାଙ୍କ ଝିଅ ସିମରନ ବରୁଆ ବସିଥିଲେ। ଦୋକାନ ଗୃହ ଭିତରୁ କଳେବଳେ ସିମରନ ବାହାରକୁ ବାହାରି ଯାଇଥିଲେ। ତଥାପି ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡିଯାଇଥିଲା। ତାଙ୍କୁ କୁତ୍ରା ଡାକ୍ତରଖାନାରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଖତକୁରବାହାଲ ପଞ୍ଚାୟତର ସମିତି ସଭ୍ୟା ପୁଷ୍ପା ତୀର୍କି କହିଛନ୍ତି।

# ରାଜସ୍ୱମନ୍ତ୍ରୀଙ୍କ ଭାବନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ସୁନ୍ଦରଗଡ଼, ୨୮।୫(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜଣେ ପ୍ରାକ୍ତନ ଛାତ୍ର ଭାବେ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟ ପରିଦର୍ଶନ ସମୟରେ ତାଙ୍କ ଛାତ୍ର ଜୀବନର ଅଭୁଲା ସ୍ମୃତି ମନେପକାଇଥିଲେ। ଏହି ଉଚ୍ଚ ବିଦ୍ୟାଳୟରୁ ସେ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବା ସହ ଜାତୀୟ ବୃତି ପାଇ ଉଚ୍ଚ ଶିକ୍ଷାଲାଭ କରିଥିବା କହିଥିଲେ। ତତ୍କାଳୀନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବନାମ୍ବର ପଟ୍ଟନାୟକ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି ମତପ୍ରକାଶ କରିଥିଲେ। ପରେ ବିଦ୍ୟାଳୟ ବିକାଶର ଖସଡା ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସଦର ଉପଜିଲ୍ଲାପାଳ ଦାଶରଥି ସରାବ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଶିକ୍ଷକ ବୀର ବିକ୍ରମ ସିଂହ ଦେଓ, ବିଧୁ ଭୂଷଣ ନାୟକ, ଶିକ୍ଷୟିତ୍ରୀ ସୁସ୍ମିତା ଯୋଷୀ, ଅରୁଣା କୁଲୁ, ରାଜ କିଶୋରୀ କେରକେଟା, ମନିଷା ଦୀପ୍ତି ବିଲୁଙ୍ଗ, ପୁରାତନ ଛାତ୍ର ସଂଘ ସଭାପତି ବେଣୁ ମାଧବ ତ୍ରିପାଠୀ, ସଦସ୍ୟା ସଂଯୁକ୍ତା ବହିଦାର ଓ ଅନ୍ୟାନ୍ୟ ପୁରାତନ ଛାତ୍ର ସଂସଦ ସଦସ୍ୟ ଉପସ୍ଥିତ ଥିଲେ।

# ଦେବେନ୍ଦ୍ର ସିଂ ସାଂସଦ ପ୍ରତିନିଧି ମନୋନୀତ



କୁତ୍ରା, ୨୮।୫(ସମିସ): ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ନୂତନ କୁତ୍ରା ବ୍ଲକ ପ୍ରତିନିଧିଙ୍କ ନାମ ଘୋଷଣା ହୋଇଛି। ବିଜେପିର ସ୍ଥାନୀୟ ବରିଷ୍ଠ କର୍ମୀ ଦେବେନ୍ଦ୍ର ସିଂହଙ୍କୁ ତାଙ୍କର ବ୍ଲକ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ସ୍ଥାନୀୟ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କର୍ମୀମାନେ ଦେବେନ୍ଦ୍ର ସିଂହଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁତ୍ରା ବିଜେପି ମଣ୍ଡଳ ସଭାପତି ରାଜେଶ ଲାକ୍ରା, ଖତକୁରବାହାଲ ବିଜେପି ମଣ୍ଡଳ ସଭାପତି ରାମେଶ୍ୱର ସିଂହ, ଜୁନାସ ଲୁଗୁନ, ଫ୍ରାନ୍ସିସ ମିଞ୍ଜ, ଗୋକୁଳାନନ୍ଦ ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବାଲି ଘାଟରେ ଚଢ଼ଉ; ହାଇୱା ଓ ପୋକଲିନ୍ ମେସିନ୍ ଜବତ

ସୁନ୍ଦରଗଡ଼, ୨୮।୫(ସମିସ): ସୋମବାର ବିଳମ୍ବିତ ରାତିରେ ଇବ୍ ନଦୀର କିରିପସିରା ବାଲି ଘାଟରେ ଭଷ୍ମା ଥାନା ପୁଲିସ ଚଢ଼ଉ କରିଛି। ସୁନ୍ଦରଗଡ଼ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିବା ସମୟରେ ଏକ ପୋକଲିନ ମେସିନ୍ ସାହାଯ୍ୟରେ ହାଇୱାରେ ବାଲି ଲୋଡ କରାଯାଉଥିବା ଦେଖିବାକୁ ମିଳିଥିଲା। ପୁଲିସ ପ୍ରକଲିନ୍ ମେସିନ୍ ସହ ହାଇୱାକୁ ଜବତ କରି ଖଣି ବିଭାଗକୁ ସୂଚନା ଦେଇଥିଲା।

# ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ସୁନ୍ଦରଗଡ଼, ୨୮।୫(ସମିସ): ହେମଗିରି ଥାନା ଅନ୍ତର୍ଗତ ବାଙ୍କୀବାହାଲ ଟପରିଆ ରାସ୍ତାର ପୁଷ୍ପା ପେଟ୍ରୋଲ ପମ୍ପଠାରେ ସଡ଼କ ଦୁର୍ଘଟଣାରେ ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛତାବରର ବିଜୟ କିଷାନ ଓ ଶୁଭମ୍ ଭୋଇ। ଉଭୟେ ଏମ୍‌ଏସ୍‌ପିଏଲ୍ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟା ପ୍ରାୟ ୮ ଟା ସମୟରେ ଛତାବରରୁ ଗଏକନପାଳି ସ୍ଥିତ ନିଜ କର୍ମକ୍ଷେତ୍ର କୁ ବିଜୟ ଓ ଶୁଭମ୍ ଯାଉଥିବା ବେଳେ ପୁଷ୍ପା ପେଟ୍ରୋଲ ପମ୍ପରୁ ବାହାରୁଥିବା ଏକ ଟ୍ରଲର(ଓଡି୧୬ ଏ ୬୯୧୫) ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଦୁହେଁ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ବିଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

## ଶଙ୍କରା ବସ୍ତି ଅଞ୍ଚଳ ପ୍ରଶସ୍ତୀକରଣ ବାଟ ଫିଟିଲା

# ଜମି ଅଧିଗ୍ରହଣ ପାଇଁ ପୌରପରିଷଦର ୱାର୍ଡ ସଭା

ସୁନ୍ଦରଗଡ଼, ୨୮।୫(ସମିସ)



ବହୁ ପ୍ରତିକ୍ଷୀତ ସମ୍ବଲପୁର-ସୁନ୍ଦରଗଡ଼-ରାଉରକେଲା (ଏସ୍‌ଏଚ-୧୦) ଚାରିଥାକିଆ ରାସ୍ତାର ଶଙ୍କରା ବସ୍ତି ଅଞ୍ଚଳର ପ୍ରଶସ୍ତିକରଣ ପାଇଁ ବାଟ ଫିଟିଛି। ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜମି ଅଧିଗ୍ରହଣ ନେଇ ପ୍ରସ୍ତାବ ଦେଇଛି। ଏହାପରେ ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ବୁଧବାର ଶଙ୍କରା କଲ୍ୟାଣ ମଣ୍ଡପରେ ଜମି ଅଧିଗ୍ରହଣ ନେଇ ଏକ ୱାର୍ଡ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଚିତାଭଙ୍ଗା ରାଜସ୍ୱ ଗ୍ରାମର ୦.୩୧୮୮ ଏକର ଏବଂ ତାଳଶଙ୍କରା ଗ୍ରାମର ୦.୩୨୮୩ ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିବା ସୂଚାଯାଇଥିଲା। ସୂଚନାଯୋଗ୍ୟ, ପ୍ରାୟ ଏକ ଦଶନ୍ଧି ତଳୁ ଏହି ଚାରିଥାକିଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲେ ହେଁ ସୁନ୍ଦରଗଡ଼ ସହର ଭିତର ଦେଇ ଯାଇଥିବା ରାସ୍ତାର ଶଙ୍କରାଠାରେ ଅଦ୍ୟାବଧି ପ୍ରଶସ୍ତୀକରଣ ହୋଇ ପାରିନାହିଁ। ଏହା ଅଣଓସାରିଆ ହୋଇ ରହିଥିବାରୁ ପ୍ରାୟ ସବୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲହୁରାଡିପା ବସ୍‌ଷ୍ଟାଣ୍ଡରୁ ସମ୍ବଲପୁର ପଟେ ଦିନ ବେଳା ବାଇପାସ ରାସ୍ତାରେ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଫଳରେ ସହରବାସୀ ବସ୍‌ଷ୍ଟାଣ୍ଡରୁ ସହର ଭିତରକୁ ଅଟୋରେ ଯିବା ଆସିବା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଲୋକେ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ହେଁ ରାସ୍ତା ପାର୍ଶ୍ୱରେ ବଡବଡ ଦୋକାନ, କୋଠା ବାଡି ଥିବାରୁ ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ସଙ୍କୋଚ ପ୍ରକାଶ କରୁଥିଲା। ତେବେ ବିଳମ୍ବରେ ହେଲେ ମଧ୍ୟ ପୂର୍ତ୍ତ ବିଭାଗ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ସ୍ୱାସ୍ଥ୍ୟ କାର୍ଡରେ ଗୋପବନ୍ଧୁଙ୍କ ଫଟୋ ରଖିବାକୁ ଦାବି

ଭୁବନ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପ୍ରଥମେ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାରେ ସାମ୍ବାଦିକଙ୍କ ପରିବାର ସ୍ୱାସ୍ଥ୍ୟ ସେବା ପାଇବା ସହ ପ୍ରତ୍ୟେକ ବର୍ଷ ଏହି କାର୍ଡର ନବୀକରଣ ହେଉଛି। ବର୍ତ୍ତମାନ ସରକାର ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁକରି ଏଥିରେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ସାମିଲ କରି ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରୁଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ଏହି ଦୁଇ ଯୋଜନାରେ ସ୍ୱାସ୍ଥ୍ୟବୀମା ଯୋଜନା ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦିଆଯାଉଥିବା କାର୍ଡର ଖୋଳ ଉପରେ ଗୋପବନ୍ଧୁଙ୍କ ଫଟୋ ରହିଛି। କିନ୍ତୁ ସାମ୍ବାଦିକଙ୍କୁ ଯେଉଁ କାର୍ଡ ଦିଆଯାଇଛି, ସେହି ଖୋଳରେ ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା ଲେଖାହୋଇ ନାହିଁ। ଏ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଯଦି ଗୋପବନ୍ଧୁଙ୍କ ଫଟୋ ରହିଲା ତେବେ ଗୋପବନ୍ଧୁ ସାମ୍ବାଦିକ ବୀମା ପାଜନାରେ କାହିଁକି ଫଟୋ ନ ରହିବ ତାହା ପ୍ରଶ୍ନବାଚୀ। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

କାମାକ୍ଷାନଗର,୨୮ ।୫(ସମିସ): କାମାକ୍ଷାନଗର ଥାନା ଚକାପାଳ ଗାଁରେ ଅଘଟଣ। ଆମ୍ବ ବଗିଚାରେ କାମ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ସେହି ଗାଁର ରଞ୍ଜନ ପଧାନ (୫୦)। ସବୁଦିନ ପରି ବୁଧବାର ରଞ୍ଜନ ଗାଁର ଜୟନ୍ତ ସାହୁଙ୍କ ଆମ୍ବବଗିଚାରେ କାମ କରୁଥିଲେ। ତେବେ ଅସାବଧାନତା ବଶତଃ ବଗିଚା ସୁରକ୍ଷା ପାଇଁ ଦିଆଯାଇଥିବା ବିଦ୍ୟୁତ୍ ବାଡ଼ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏ ନେଇ ତଦନ୍ତ କରୁଛି।

## କାଳବୈଶାଖୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ମରାମତି ଦାବି

ପରଜଙ୍ଗ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଗତ ୧୩ ତାରିଖ କାଳବୈଶାଖୀରେ ଲୋଧଣୀ, ପାଟରପଦା, କନ୍ଦରସିଂହା, ସାଆନ୍ଦା ଆଦି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ପ୍ରଭାବରେ ବହୁ ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲା। ଲୋଧଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଟିଣ ଛପର ଉଡ଼ିଯାଇଥିଲା। ଏବେ ବିଦ୍ୟାଳୟ ଛୁଟି ରହିଛି। ହେଲେ ଛୁଟି ଖୋଲିବା ପୂର୍ବରୁ ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ କିପରି ମରାମତି କରାଯାଇ ପାରିବ ସେ ନେଇ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଲୋଧଣି ସରପଞ୍ଚ ଝସକେତନ ବିଶ୍ୱାଳ, ସମିତି ସଭ୍ୟା ଜୟନ୍ତୀ ବିଶ୍ୱାଳ, ସମାଜସେବୀ ବାବୁଲି ବିଶ୍ୱାଳ ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଛୁଟି ଖୋଲିବା ପୂର୍ବରୁ ବିଦ୍ୟାଳୟ ମରାମତି କାର୍ଯ୍ୟ ସମ୍ପନ୍ନ କରିବାକୁ ଦାବି ହୋଇଛି।

ଫରେଷ୍ଟ ଗାର୍ଡ ହତ୍ୟା ଘଟଣା; ପୁଲିସ ଓ ବନବିଭାଗର ଜୋରଦାର ଚଢ଼ଉ

# ୬ ଶିକାରୀ ଗିରଫ; ପ୍ରତିବାଦରେ ଥାନା ଆଗରେ ଧାରଣା

ଖଜୁରିଆକଟା,୨୮ ।୫(ସମିସ)




ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକ୍ସନରେ ଶିକାରୀଙ୍କ ଗୁଳିରେ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ମୃତ୍ୟୁ ପରେ ଶିକାରୀଙ୍କୁ ଧରିବା ପାଇଁ ପୁଲିସ ଏବଂ ବନବିଭାଗ ତରଫରୁ ବିଭିନ୍ନ ଗ୍ରାମରେ ଜୋରଦାର ଚଢ଼ଉ କରାଯାଉଛି। ହିନ୍ଦୋଳ ଥାନା ରାଜମହନପୁର ତଣ୍ଟିଚିରା ଗ୍ରାମ ମଧ୍ୟବର୍ତ୍ତୀ କଇଁ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଥିବା ଏକ ଫାର୍ମ ହାଉସ ମଧ୍ୟରେ ଜନ୍ତୁ ଶିକାରୀ ସକ୍ରିୟ ରହିଥିବା ଖବର ପାଇ ସେମାନଙ୍କୁ ଧରିବା ପାଇଁ ନିଜିଗଡ଼ ସେକ୍ସନ ଫରେଷ୍ଟ ଗାର୍ଡ ପ୍ରହ୍ଲାଦଙ୍କ ସମେତ ବନ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚିଥିଲା। ଏହି ସମୟରେ ଶିକାରୀଙ୍କ ଗୁଳିରେ ପ୍ରହ୍ଲାଦଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ସ୍ଥାନୀୟ ବନବିଭାଗ ଓ ହିନ୍ଦୋଳ ଥାନା ପୁଲିସ୍ ଶିକାରୀଙ୍କୁ ଧରିବା ପାଇଁ ତତ୍ପର ହୋଇ ଉଠିଛନ୍ତି। ରବିବାରଠାରୁ ତନାଘନା ଚଢ଼ଉ ଜାରି ରହିଛି। ଜନ୍ତୁ ଶିକାର ଅଭିଯୋଗରେ ବିଭିନ୍ନ ଅଞ୍ଚଳରୁ ୯ ଜଣଙ୍କୁ ଧରି ଆଣି ଥାନାରେ ପଚରାଉଚରା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପୁଲିସ ୩ ଜଣଙ୍କୁ ଛାଡ଼ି ଦେଇଥିବା ବେଳେ ୬ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହିନ୍ଦୋଳ ଥାନା ମଧୁବନ ସାହିର ସୁଶାନ୍ତ ମହାନ୍ତି, ନିଜିଗଡ଼ର ପ୍ରକାଶ ନାୟକ, ରାଜମହନପୁରର ମହେଶ୍ୱର ନାୟକ, ହାଡ଼ିବନ୍ଧୁ ନାୟକ, ରାଧାନାଥପୁରର ଛବି ନାୟକ ଏବଂ ହିନ୍ଦୋଳ ଥାନା ଖରମୁଳୁ ଗ୍ରାମର ସୁରେଶ ପ୍ରଧାନ। ଏମାନଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି। ଚଢ଼ଉ ବେଳେ ୨ଟି ବନ୍ଧୁକ ଓ କିଛି ଫାଶ ଜାଲ ଜବତ କରାଯାଇଛି। ଅନ୍ୟପଟେ ପୁଲିସ୍ ଓ ବନବିଭାଗର ଏଭଳି ଚଢ଼ଉ ପ୍ରତିବାଦରେ ସନ୍ଧ୍ୟାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପରିବାର ଲୋକ ଥାନା ଫାଟକ ଆଗରେ ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଧାରଣାରେ ବସିଥିଲେ। ଏସ୍‌ଡିପିଓ ନନ୍ଦ ଘଟଣାସ୍ଥଳକୁ ଆସି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

● ପୌରାଞ୍ଚଳ ୧୩ନଂ ୱାର୍ଡରେ କୃତ୍ରିମ ବନ୍ୟା

## କଇଁଥ ପୋଲିଆ ସହ ଆଖପାଖ ଅଞ୍ଚଳ ଜଳାର୍ଣ୍ଣବ



ଢେଙ୍କାନାଳ,୨୮ ।୫(ସମିସ): ଢେଙ୍କାନାଳ ପୌରାଞ୍ଚଳ ୧୩ନଂ ୱାର୍ଡରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଚଳିତ ବର୍ଷ ଭାଗୀରଥି ସାଗର କାମ ଚାଲିଥିବାରୁ ରାସ୍ତା ଉପରେ ପଡ଼ିଥିବା ପଙ୍କ ମାଟିରେ ୨ ଚକିଆ ଯାନ ସ୍ଲିପ କରିବାରୁ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି। ପୌର ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଯୋଗୁଁ ବର୍ଷା ଆରମ୍ଭରୁ ତଳିଆ ଅଞ୍ଚଳରେ ମନୁଷ୍ୟକୃତ ବନ୍ୟା ସୃଷ୍ଟି ହୋଇଛି। ଫଳରେ ଦଣ୍ଡାରୋଡ୍, କଇଁଥ ପୋଲିଆ ସହ ଆଖପାଖ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବର୍ଷାଋତୁ ପୂର୍ବରୁ ସହରର ସମସ୍ତ ଡ୍ରେନ ସଫା କରାଯାଇଥାଏ। ପୌର ଯନ୍ତ୍ରୀ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଦାୟିତ୍ୱରେ ଥିବାବେଳେ ସହରର ଦିଗହୀନ ଯୋଜନା ଯୋଗୁଁ ସହରବାସୀ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ବୁଧବାର ଅପରାହ୍ନ ବର୍ଷାରେ ବସଷ୍ଟାଣ୍ଡରୁ ଆସୁଥିବା ମୁଖ୍ୟ ଡ୍ରେନ ଭାଗୀରଥି ସାଗର ଓ ପାରାଡ଼ାଇଜ୍ ଫୁଡ ବକ୍ସ ପାଖରେ ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚ ପାଣି ଜମା ହେଉଛି। ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି। କେତେକ ମହିଳାଙ୍କ ସ୍କୁଟିରେ ପାଣି ପଶିଯିବାରୁ ସ୍କୁଟି ଖରାପ ହୋଇଛି। ଅନ୍ୟ ପଟେ ଦଣ୍ଡାରୋଡ୍ ଉପରେ ଜଳମଗ୍ନ ହେଉଥିବାରୁ ୨ରୁ ୩ ଘଣ୍ଟା ସ୍ଥାନୀୟ ଲୋକେ ଯାତାୟାତ କରିପାରୁନାହାନ୍ତି। ଏହି ଜଳମଗ୍ନ ସମସ୍ୟା ସୁଧାରିବା ପାଇଁ ଗତ ଏକ ଦଶନ୍ଧିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ସାମାନ୍ୟ ବର୍ଷା ଯୋଗୁଁ ଯେଉଁଭଳି ପରିସ୍ଥିତି ସୃଷ୍ଟି ହେଉଛି ତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ୧୩ନଂ ୱାର୍ଡର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସୁଧାରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୃତ ବନରକ୍ଷୀଙ୍କ ପରିବାରକୁ ଭେଟିଲା ଅବସରପ୍ରାପ୍ତ ବନ ଅଧିକାରୀ ସଂଘ



ଢେଙ୍କାନାଳ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସେକ୍ସନରେ ଶିକାରୀଙ୍କ ଗୁଳିମାଡ଼ରେ ମୃତ୍ୟୁବରଣ କରିଥିବା ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କ ପରିବାରକୁ ଅବସରପ୍ରାପ୍ତ ବନ ଅଧିକାରୀ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଭେଟିଛନ୍ତି। ଗତ ୨୩ ତାରିଖ ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ ତଣ୍ଟିଚିରା ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଗୁଳିରେ ପ୍ରହ୍ଲାଦଙ୍କ ମୃତ୍ୟୁ ହୋଇଥିଲା। ଅବସରପ୍ରାପ୍ତ ବନ ଅଧିକାରୀ ସଂଘ ପ୍ରତିନିଧି ମଙ୍ଗଳବାର କାମାକ୍ଷାନଗର ଜିରିଡ଼ାମାଳୀସ୍ଥିତ ପ୍ରହ୍ଲାଦଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ଉପେନ୍ଦ୍ର କୁମାର ରାଉତ, ବସନ୍ତ କୁମାର ପଟ୍ଟନାୟକ, କିଶୋର ଚନ୍ଦ୍ର ନାୟକ, ମୁକୁନ୍ଦ ଚନ୍ଦ୍ର ନାୟକ, ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ସାମିଲ ଥିଲେ। ପ୍ରହ୍ଲାଦଙ୍କ ପରିବାରକୁ ଉପଯୁକ୍ତ ଅନୁକମ୍ପା ରାଶି ପ୍ରଦାନ କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ।

## ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



ଢେଙ୍କାନାଳ,୨୮ ।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ +୨ ବାର୍ଷିକ ପରୀକ୍ଷାରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଛି। କଳାରେ ପାସ୍ ହାର ୯୬ ପ୍ରତିଶତ, ବିଜ୍ଞାନରେ ୯୫ ପ୍ରତିଶତ ଓ ବାଣିଜ୍ୟରେ ୯୪ ପ୍ରତିଶତ ହୋଇଛି। କଳାରେ ଇପ୍ସିତା ଦାସ ୫୨୭ ନମ୍ବର ରଖି ୧ମ ସ୍ଥାନ ଅଧିକାର କରିଥିବା ବେଳେ ସନ୍ଧ୍ୟାରାଣୀ ମହାନ୍ତି ୫୧୮ ଓ ବନସ୍ମିତା ବାରିକ ୫୧୭ ନମ୍ବର ରଖି ଯଥାକ୍ରମେ ୨ୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଜ୍ଞାନରେ ଅର୍ଚ୍ଚିତା ସାହୁ ୪୮୨ ନମ୍ବର ରଖି ୧ମ ସ୍ଥାନ ଅଧିକାର କରିଥିବା ବେଳେ ବନିତା କାଣ୍ଡି ୪୮୦ ନମ୍ବର ରଖି ୨ୟ ଓ ଅଭିପ୍ସା ପ୍ରିୟଦର୍ଶିନୀ ଖଟୁଆ ୪୬୦ ନମ୍ବର ରଖି ୩ୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ଉଦିତା ପ୍ରିୟଦର୍ଶିନୀ ବେହେରା ୫୨୨ ନମ୍ବର ରଖି ୧ମ ସ୍ଥାନ ଅଧିକାର କରିଥିବା ବେଳେ ରେସ୍ମା ନାୟକ ୪୬୧ ଓ ଶୋଭନା ସ୍ୱାଇଁ ୪୧୭ ନମ୍ବର ରଖି ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ଅଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଶକୁନ୍ତଳା ଜେନା, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପିକା ସ୍ୱାତି ସୁଚରିତା ପ୍ରଧାନ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର, ସଂସ୍କୃତ ବିଭାଗ ଅଧ୍ୟାପକ ଉଦ୍ଧବ ମଲ୍ଲିକ ଏବଂ ଅନ୍ୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକମାନେ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଶିକ୍ଷାବିତ୍ ଦେବୀ ପ୍ରସାଦ ମିଶ୍ର ସମସ୍ତ ସଫଳ ଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଗିରଫ

ଗଁଦିଆ,୨୮ ।୫(ସମିସ): ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଅମୂଲ୍ୟ କୁମାର ସାମଲ (୪୩) ପୁଲିସ ସୂଚନା ଅନୁଯାୟୀ, ଅମୂଲ୍ୟ ବିନା ଅନୁମତିରେ ନିଜ ଘରେ ବେଆଇନ ଭାବେ ଏକ ବନ୍ଧୁକ ରଖିଥିଲେ। ଉକ୍ତ ବନ୍ଧୁକ ଦ୍ୱାରା ଅନେକ ସମୟରେ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାର କରୁଥିଲେ। ଖବର ପାଇ ମଙ୍ଗଳବାର ରାତିରେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଅମୂଲ୍ୟଙ୍କ ଘର ଖାନତଲାସୀ କରିବା ବେଳେ ବନ୍ଧୁକ ବାହାରିଥିଲା। ଏଥିସହ ଶିକାର ସମୟରେ ବ୍ୟବହୃତ କିଛି ବିସ୍ଫୋରକ ସାମଗ୍ରୀ ମଧ୍ୟ ମିଳିଥିଲା। ପୁଲିସ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଏକ ମାମଲା ରୁଜୁ କରି ବୁଧବାର ଅମୂଲ୍ୟଙ୍କୁ କୋର୍ଟ ଚାଲାଣ କରିଛି।

## ଇଷ୍ଟର୍ଣ୍ଣ ହାଚେରୀରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ସଦରଥାନା ବଳଦିଆବନ୍ଧ କାଶିଆପଦାରେ ଥିବା ଇଷ୍ଟର୍ଣ୍ଣ ହାଚେରୀ (କୁକୁଡ଼ା ଫାର୍ମ) ରେ ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼କୁରୁମ ଟାଙ୍ଗରର ନୃସିଂହ ଖଟୁଆ। ଏ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।
ଏହି କୁକୁଡ଼ା ଫାର୍ମରେ ନୃସିଂହ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳ ୮ଟାରେ ସେ କୁକୁଡ଼ା ଫାର୍ମକୁ ଯାଇଥିଲେ। ଫାର୍ମରେ କାମ କରୁଥିବା ଅନ୍ୟ କର୍ମଚାରୀଙ୍କ କହିବା ଅନୁସାରେ ନୃସିଂହ ଅଣ୍ଡା ସଂଗ୍ରହ କରୁଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତୁରନ୍ତ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଫାର୍ମ ଫାଟକ ସମ୍ମୁଖରେ ଲୋକେ ଆନ୍ଦୋଳନ କରିଥିଲେ। ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଜଣକୁ ଚାକିରି ଦେବାକୁ ଦାବି କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ଲିଖିତ ପ୍ରତିଶ୍ରୁତି ନ ମିଳିଛି ଗେଟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଫାର୍ମରେ ଶ୍ରମିକମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଭଳି ଘଟଣା ଘଟିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ଦୁର୍ବୃତ୍ତଙ୍କ ଜଘନ୍ୟ କାଣ୍ଡ

## କୂଅରେ ପକାଇଲେ ପରିସ୍ରା ଓ ମଳ

ଢେଙ୍କାନାଳ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ସଦର ଥାନା ବିରାଡ଼ିଆ ଫାଣ୍ଡି କାଇମାଟି ଗ୍ରାମରେ ଥିବା ଏକ କୂଅରେ



ଜଣେ ଦୁର୍ବୃତ୍ତ ପରିସ୍ରା ଏବଂ ମଳ ପକାଇବା ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କାଇମାଟି ହରିଜନ ସାହିରେ ଥିବା ଏକ ଖୋଲା କୂଅରୁ ଗ୍ରାମବାସୀ ପାନୀୟଜଳ ବ୍ୟବହାର କରିଥାନ୍ତି। ଗତ ୨୭ ତାରିଖ ଗ୍ରାମର ଗୌତମ ନାଏକ ଉଲଗ୍ନ ହୋଇ କୂଅରେ ପରିସ୍ରା କରିବା ସହ ମଳ ପକାଇଥିଲେ। ପ୍ରତିବାଦ କରିବାରୁ ସେ ଗାଳିଗୁଲଜ କରିବା ସହ ଝିଅବୋହୂମାନଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ସାହିବାସିନ୍ଦା ବିରାଡ଼ିଆ ଫାଣ୍ଡିରେ ଅଭିଯୋଗ କରିବା ପରେ କୂଅରୁ ସମ୍ପୂର୍ଣ୍ଣ ଭାବେ ପାଣି ନିଷ୍କାସନ କରିବାକୁ ପୁଲିସ ତାଙ୍କୁ ନିର୍ଦ୍ଦେଶ ଦେଇଥିଲା। ହେଲେ ଗୌତମ କୌଣସି ନିର୍ଦ୍ଦେଶ ମାନୁ ନ ଥିବା ବେଳେ କୂଅରେ ବିଷ ପକାଇଦେବାକୁ ଧମକ ଚମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରମାର ସୁକାନ୍ତି ନାଏକ, ଛଇଳ ନାଏକ, ଗୁଲୁରୀ ନାଏକ, ରଞ୍ଜିତ ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କାମାକ୍ଷାନଗର,୨୮ ।୫(ସମିସ): ରାଜ୍ୟରେ ଦିନକୁ ଦିନ ସାମ୍ବାଦିକମାନଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ ବୃଦ୍ଧି ପାଉଛି। ସାମ୍ବାଦିକତା ଭଳି ପବିତ୍ର ବୃତ୍ତିକୁ ଆପଣାଇଥିବା ସାମ୍ବାଦିକମାନଙ୍କ ଜୀବନ ପ୍ରତି ପ୍ରତି ମୁହୂର୍ତ୍ତରେ ବିପଦ ଦେଖାଦେଇଛି। ତେଣୁ ତୁରନ୍ତ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି କାମାକ୍ଷାନଗର ସାମ୍ବାଦିକ ସଙ୍ଘ। ସଙ୍ଘ ସଭାପତି ହିମାଂଶୁଶେଖର ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ନିକଟରେ ବଲାଙ୍ଗିରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଲୋକଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ପାଇଁ ସଙ୍ଘ ତରଫରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଘ ସମ୍ପାଦକ ହୃଦୟବଲ୍ଲଭ ମିଶ୍ର, ଉପ ସଭାପତି ଶ୍ରୁତିପଦ ନନ୍ଦ, ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ସେଠୀ, କାର୍ଯ୍ୟନିର୍ବାହୀ ସଦସ୍ୟ ବିଦ୍ୟାଧର ବରାଳ, ରାକେଶ ଦେହୁରୀ, ସଦାଶିବ ସେଠୀ, ସରୋଜକାନ୍ତ ବେହେରା, ସର୍ବେଶ୍ୱର ପାତ୍ର, ବିମଳ ବିଶ୍ୱାଳ, ମନୋଜ କୁମାର ସାହୁ, ଭୂପେଶ କୁମାର ରାଉତ, ରିତେଶ ବ୍ରହ୍ମା, ଜନ୍ମେଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ।

## ପରଜଙ୍ଗ ବଜାରରୁ ଦୋକାନ ଘର ଉଚ୍ଛେଦ

ପରଜଙ୍ଗ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ତହସିଲ ପ୍ରଶାସନ ପକ୍ଷରୁ ଦୋକାନ ଘର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପରଜଙ୍ଗ ବଜାରରୁ ପଡ଼ାତିରା, ବଡ଼କମର ଅଭିମୁଖେ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ବଜାର ମଧ୍ୟରେ ଥିବା ପୁରୁଣା ୟୁକୋ ବ୍ୟାଙ୍କ ସମ୍ମୁଖରେ ଥାନା ପାଚେରିକୁ ଲାଗି କେତେକ ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରିଆସୁଥିଲେ। ଏହି ସମସ୍ତ ଦୋକାନ ବୁଧବାର ଉଚ୍ଛେଦ କରିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଅତିରିକ୍ତ ତହସିଲଦାର ମଦନ ମୋହନ ଜେନାଙ୍କ ଉପସ୍ଥିତିରେ ଜେସିବି ମେସିନ ଲଗାଇ ଦୋକାନ ଘରଗୁଡ଼ିକୁ ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ଆରଆଇ ଦୀପକ କୁମାର ଲେଙ୍କା, ସୁପରଭାଇଜର ଅରବିନ୍ଦ ସାହୁ, ପ୍ରିପ୍ରଦା ଜେନା, ଅମିନ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାପକ ପୁଲିସ ମୃତୟନ ହୋଇଥିଲେ।



# ମଞ୍ଜୁରୀପଡ଼ା ହରିଜନ ସାହିରେ ପାନୀୟ ଜଳ ସମସ୍ୟା

ଗଁଦିଆ,୨୮ ।୫(ସମିସ): ଗଁଦିଆ ବ୍ଲକ ସୀମାନ୍ତରେ ଅବସ୍ଥିତ ଦଶମାଣପାଟଣା ପଞ୍ଚାୟତ ମଞ୍ଜୁରୀପଡ଼ା ହରିଜନ ସାହିରେ ପାନୀୟ ଜଳର ଉତ୍କଟ ଅଭାବ ଦେଖିବାକୁ ମିଳିଛି। ସାହିବାସିନ୍ଦା ବିଶୁଦ୍ଧ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ସାହିଠାରୁ ଦୁଇ କିଲୋମିଟର ଦୂରରେ ଥିବା ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି। ସେହି ନଳକୂପରୁ ସମୁଦ୍ରକୁ ଶଙ୍ଖେ ସଦୃଶ ପାଣି ଗରା ମାଠିଆରେ ସଂଗ୍ରହ କରି ଆଣୁଛନ୍ତି।
ସାହିରେ ସମୁଦାୟ ୪୦ ପରିବାରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ସାହିରେ ଗୋଟିଏ ଖୋଲା କୂଅ ଥିଲେ ମଧ୍ୟ ଖରାଦିନେ ଶୁଖିଯାଉଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ସାହିରେ ଏକ ନଳକୂପ ବସାଯାଇଥିଲେ ସୁଦ୍ଧା ଏହାର ଲାଭ ଲୋକଙ୍କୁ ମିଳିପାରୁ ନାହିଁ। କାରଣ ଉକ୍ତ



ନଳକୂପରୁ ଅପରିଷ୍କାର ନାଲି ରଙ୍ଗର ପାଣି ବାହାରୁଛି। ପାଣିକୁ କିଛି ସମୟ ପାତ୍ରରେ ରଖିଲେ ତାହା ଉପରେ ଏକ ସର ପଡ଼ିଯାଉଛି ଯାହା ପାନୀୟ ପାଇଁ ବ୍ୟବହାର ଯୋଗ୍ୟ ହେଉ ନ ଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ବସୁଧା ଯୋଜନାରେ ପଞ୍ଚାୟତରେ ଏକ ଓଭରହେଡ୍ ଟାଙ୍କି କରାଯାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଥିରେ ଲାଗିଥିବା ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଦ୍ୱାରା ପାଣି ଯୋଗାଣ କରିବା ଫଳରେ ପଞ୍ଚାୟତରେ ଥିବା ଅନେକ କୂଅ ଶୁଖିଯାଉଛି। ଫଳରେ ଏହି ଯୋଜନାରେ ଜଳ ଯୋଗାଣ ପ୍ରଭାବିତ ହେଉଛି। ଏଣୁ ବିଭାଗୀୟ ଅଧିକାରୀ ଏହି ସାହିବାସିନ୍ଦାଙ୍କ ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।





## ଆତ୍ମହତ୍ୟା ପରେ ପରିବାର ଲୋକଙ୍କ ଅଭିଯୋଗ

# ପୁଲିସ ପାଇଁ ପୁଅ ମରିଗଲା

ଭୁବନେଶ୍ୱର, ୨୮।୫ (ସମିସ)

କିଛିଦିନ ପରେ ପୁଣି ବିବାଦକୁ ଆସିଛି ଭରତପୁର ଥାନା। ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଯୁବକ ଆତ୍ମହତ୍ୟା କରିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ମୃତ ଯୁବକଙ୍କ ମାଆ ସିଧାସଳଖ ଏଭଳି ଆତ୍ମହତ୍ୟା ପାଇଁ ପୁଲିସର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। କହିଛନ୍ତି ଯେ, ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ କୋହଳ ମନୋଭାବ ଯୋଗୁଁ ତାଙ୍କ ପୁଅ ଆତ୍ମହତ୍ୟା କରିଛନ୍ତି। ଅପରପକ୍ଷେ ଭରତପୁର ବସ୍ତିରେ ଉମାକାନ୍ତ ସେଠୀ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ନ୍ୟାୟ ଦାବିକରି ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

■ ପ୍ରତିବାଦରେ ଷ୍ଟୁଡିଓ ଛକ-ଚନ୍ଦକା ରାସ୍ତାରୋକ

■ ୩ ଦିନ ପୂର୍ବେ ବାଡ଼େଇଥିଲେ ସ୍ତ୍ରୀ, ଶଳା ଓ ଶାଳୀ

■ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ବନ୍ଧାହେଲେ ପତ୍ନୀ

ମିଳିଥିବା ସୂଚନା ଅନୁସାରେ, ଭରତପୁରରେ ରହୁଥିବା ଉମାକାନ୍ତ ପ୍ରାୟ ୧୭ ବର୍ଷ ପୂର୍ବେ ଭାରତୀଙ୍କୁ ବିବାହ କରିଥିବା ବେଳେ ସେମାନଙ୍କର ପୁଅ ଓ ଝିଅ ଅଛନ୍ତି। ଭାରତୀ ଗତ ୬ ତାରିଖ ଦିନ ପୁଅଝିଅଙ୍କୁ ନେଇ ପଡ଼ିଶା ଘରେ ରହୁଥିବା ବିଜୟ ଚୈହାନଙ୍କ ସହିତ ଉତ୍ତରପ୍ରଦେଶ ପଳାଇଥିଲେ। ଗତ ୨୩ ତାରିଖ ଦିନ ଉମାକାନ୍ତ ସ୍ଥାନୀୟ ଅଞ୍ଚଳର ଏକ ଭୋଜିକୁ ଯାଇଥିବା ବେଳେ ଆରତୀ ଓ ବିଜୟ ସେଠାକୁ ଆସିଥିଲେ। ଉମାକାନ୍ତ ସେମାନଙ୍କ ପାଖକୁ ଯାଇଥିବା ବେଳେ ଶଳା ଲୋକନାଥ, ଶାଳୀ ଆରତୂଓ ପତ୍ନୀ ମିଶି ତାଙ୍କୁ ମାଡ଼ ମାରିଥିଲେ। ଲୋକନାଥ ଏକ ଠେଙ୍ଗାରେ ଉମାକାନ୍ତଙ୍କ ଗୋଡ଼, ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ଉମାକାନ୍ତ ତଳେ ପଡ଼ି ଯିବାପରେ ସେମାନେ ସ୍କୁଟି, ଟଙ୍କା ଓ ପରିଚୟପତ୍ର ନେଇ ଫେରାର ହୋଇ ଯାଇଥିଲେ। ଏନେଇ ଉମାକାନ୍ତ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।



ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ୍ୟ ଉମାକାନ୍ତ ଖାଇପିଇ ଘରେ ଶୋଇଥିଲେ। ବୁଧବାର ସକାଳୁ ଘର ଭିତରୁ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଉମାକାନ୍ତ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ।

ତେବେ ଉମାକାନ୍ତଙ୍କ ଅଭିଯୋଗ ଉପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଲୋକମାନେ ଷ୍ଟୁଡିଓ ଛକ-ଚନ୍ଦକା ରାସ୍ତା ଅବରୋଧ କରିଥିଲେ। ପୁଲିସ ଉମାକାନ୍ତଙ୍କୁ ବାରମ୍ବାର ଥାନାକୁ ଡକାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ସେଥିଲାଗି ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପତ୍ନୀ ଭାରତୀ ମଧ୍ୟ ଉମାକାନ୍ତଙ୍କ ଆତ୍ମହତ୍ୟା ପାଇଁ ଦାୟୀ ବୋଲି କହିଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଓ ଜୋନ୍ ୩ ଏସିପି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣା ଆରମ୍ଭ ପୁଣି ଥରେ ତଦନ୍ତ ହେବ ବୋଲି ପୁଲିସ କହିଥିଲା। ଏଥିସହିତ ଯେଉଁମାନେ ବି ଦୋଷୀ ହୋଇଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପୁଲିସର ହସ୍ତକ୍ଷେପ ପରେ ଯାଇ ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ରାସ୍ତା ରୋକ୍ ହଟିଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଥିଲା। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ପତ୍ନୀ ଭାରତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

■ ଲୋକପ୍ରତିନିଧିଙ୍କୁ ଅଣଦେଖା

## ବିଏମ୍‌ସି କମିଶନରଙ୍କୁ ଭେଟିଲେ ବିଜେଡି ବିଧାୟକ



ଭୁବନେଶ୍ୱର, ୨୮।୫ (ସମିସ): ଉଦ୍‌ଘାଟନର ନିୟମ ମାନୁନି ବିଏମ୍‌ସି। ଉନ୍ନୟନମୂଳକ କାର୍ଯ୍ୟରେ ଲୋକ ପ୍ରତିନିଧିଙ୍କୁ ଡକାଯାଉନି କିନ୍ତୁ ଉଦ୍‌ଘାଟନ ହୋଇଯାଉଛି। କର୍ପୋରେସନ ଆକ୍ଟ ବା କର୍ପୋରେସନ ମାନୁଆଲ ଅନୁସାରେ ଡକାଯିବା କଥା। ହେଲେ ଉଦ୍ଦେଶ୍ୟମୂଳକ ଭାବେ ଉପେକ୍ଷା କରାଯାଉଛି ବୋଲି ବିଜେଡି ବିଧାୟକମାନେ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ଭୁବନେଶ୍ୱର ବିଜେଡି ବିଧାୟକମାନେ ବିଏମସି କମିଶନରଙ୍କୁ ଭେଟିଲେ। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ବିଧାୟକ ଭେଟି ଉନ୍ନୟନ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟମୂଳକ ଭାବରେ ଡକା ନ ଯାଉଥିବା ଅଭିଯୋଗ କରିଛନ୍ତି। ନିୟମ ଅନୁସାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦଘାଟନ ସମୟରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଡାକିବା କଥା। ଲୋକଙ୍କ ପାଖରେ ଉତ୍ତରଦାୟୀ ପ୍ରତିନିଧିଙ୍କୁ ଅବହେଳା କଲେ ଜନସାଧାରଣଙ୍କ ନିକଟରେ କ'ଣ ଉତ୍ତର ରଖିବେ ବୋଲି ପ୍ରଶ୍ନ କରିଛନ୍ତି ନିର୍ବାଚିତ ପ୍ରତିନିଧି। ଏହାକୁ ନେଇ ଏସଓପି ଖୁବଶୀଘ୍ର ଅଣାଯାଉ ବୋଲି ଦାବି କରିଛନ୍ତି। ସେପଟେ ଅଭିଯୋଗକୁ ଗରୁତର ସହ ନେଇଛନ୍ତି କମିଶନର। ଆଗାମୀ ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇ ଏ ସମ୍ପର୍କରେ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିଓଭି ଗାଡ଼ିରେ ବସିବାକୁ ନେଇ ମାର୍‌ପିଟ୍

# ନନ୍ଦନକାନନରେ ଦିଲ୍ଲୀ-ରାଜସ୍ଥାନ ରକ୍ତାକ୍ତ ଲଢ଼େଇ

ନନ୍ଦନକାନନ, ୨୮।୫(ସମିସ): ବିଓଭି ଗାଡ଼ିରେ ବସିବାକୁ କେନ୍ଦ୍ରକରି ନନ୍ଦନକାନନରେ ଦୁଇ ପର୍ଯ୍ୟଟକ ଦଳ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ରକ୍ତାକ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଗଣ୍ଡଗୋଳ ଏତେ ଉଗ୍ର ହୋଇଥିଲା ଯେ ଦୁଇ ପର୍ଯ୍ୟଟକ ଦଳର ମହିଳା ପୁରୁଷ ମଧ୍ୟରେ ଚୁଟି, ସାର୍ଟ, ଓଢ଼ଣି ସାଲୱାର ଧରି ଭିଡାଭିଡି ହୋଇ ଚିରାଚିରି ଯାଇଥିଲା। ମରାମରି ପର୍ଯ୍ୟଟକଙ୍କମୁଣ୍ଡ ଫାଟି ରକ୍ତ ବୋହିଥିଲା। ସୁରକ୍ଷା କର୍ମୀ ଓ ବିଓଭି ଗାଡି ଚାଳକ ମାନେ ସେଠାରେ ଥାଇ ମଧ୍ୟ ପର୍ଯ୍ୟଟକ ମାନଙ୍କ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। ପୁଲିସ ପିସିଆର ଗାଡି ଆସିବା ଶୁଣି ଗଣ୍ଡଗୋଳ ମାରପିଟ ଥମିଥିଲା। ନନ୍ଦନକାନନ ଜଣେ ଅଧିକାରୀଙ୍କ କହିବାନୁଯାୟୀ ବିଓଭି ଗାଡ଼ିରେ ବସିବାକୁ ନେଇ ଉଭୟ ଦୁଇ ପର୍ଯ୍ୟଟକ ଦଳ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଦୁଇଗୋଷ୍ଠୀ ଦିଲ୍ଲୀ ଓ ରାଜସ୍ଥାନରୁ ଆସିଥିଲେ। ବିଭିନ୍ନ ସମୟରେ ବଓଭି ଗାଡିର ଉତ୍ତମ ପରିଚାଳନା ଅଭାବରୁ ଏହିଭଳି ଗଣ୍ଡଗୋଳ ବହୁବାର ନନ୍ଦନକାନନରେ ହେଉଥିବା ନେଇ ଆଗରୁ ନଜର ଅଛି। ପର୍ଯ୍ୟଟକ ଓ ନନ୍ଦନକାନନ ସୁରକ୍ଷା ପାଇଁ ସ୍ୱତନ୍ତ୍ରଭାବେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସଏଫ) ନିଯୁକ୍ତ ହୋଇଥିଲା ବେଳେ ଏଭଳି ଘଟଣା ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ପୁଲିସ ଏଭଳି ଘଟଣାକୁ ଗୁରୁତ୍ୱ ନଦେବା ନେଇ ମଧ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନା ଅନୁସାରେ ଗତକାଲି ମଙ୍ଗଳବାର ଅପରାହ୍ନରେ ରାଜସ୍ତାନ ଓ ଦିଲ୍ଲୀରୁ ଦଳ ହୋଇ ପର୍ଯ୍ୟଟକ ଆସିଥିଲେ। ଅପରାହ୍ଣରେ ସରୀସୃପ ଉଦ୍ୟାନ ନିକଟରେ ଥିବା ବିଓଭି ଗାଡିରେ ବସିବା ଅପେକ୍ଷା ସ୍ଥଳରେ ଗାଡ଼ିରେ ବସିବା ପାଇଁ ଅପେକ୍ଷା କରିଥିଲେ।



ବିଓଭି ଗାଡି ଆସିବା କ୍ଷଣି ଉଭୟ ପର୍ଯ୍ୟଟକ ଦଳ ଗାଡ଼ିରେ ବସିବାକୁ କାଉଲୁ ବାଉଲୁ ହୋଇ ଚଢ଼ିଥିଲେ। ଏହି ଭିତରେ ବସିବାକୁ ଜାଗା ପାଇବା ପାଇଁ ପ୍ରତିଯୋଗିତା ହେଲା ଭଳି ପରିସ୍ଥିତି ହୋଇଯାଇଥିଲା। ଉଭୟ ଦଳଙ୍କ ବୟସ୍କ ପର୍ଯ୍ୟଟକମାନେ ଯେ ଯୋଉଠି ପାଇଲେ ବସିଯାଇଥିଲେ। ପିଲାମାନେ ପଛରେ ବସିଥିଲେ। ଏତିକି ବେଳେ ପିଲାମାନଙ୍କୁ ନିଜ ନିଜ ପାଖରେ ବସାଇବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସାମନ୍ୟ ବଚସାରୁ ଉଭୟଦଳର ମହିଳା ଓ ପୁରୁଷ ପର୍ଯ୍ୟଟକଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇଯାଇଥିଲା। ବିଧା ଗୋଇଠା ଲଗେଇ ମରାମରି ହେବା ସହ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ପିନ୍ଧିଥିବା ବସ୍ତ୍ର, ଚୁଟି ଧରାଧରି ହୋଇ ଝିଙ୍କାଝିଙ୍କି ହୋଇଥିଲେ। ଏଥିରେ ଜଣେ ପୁରୁଷ ପର୍ଯ୍ୟଟକ ଙ୍କ ମୁଣ୍ଡ ଫାଟି ଧାର ଧାର ରକ୍ତ ବୋହିଥିଲା। ସେଠାରେ ଥିବା ସୁରକ୍ଷା କର୍ମୀ ଓ ଅନ୍ୟମାନେ ନୀରବ ଦ୍ରଷ୍ଟା ସାଜିଥିବା ବେଳେ ପୁଲିସ ପିସିଆରକୁ ଖବର ଦେଇଥିଲେ। ପୁଲିସ ପିସିଆର ଭ୍ୟାନ ପହଞ୍ଚିଲା ବେଳକୁ ଉଭୟ ଦଳ ଭିତରେ ଗଣ୍ଡଗୋଳ ଥମି ଯାଇଥିଲା। ପୁଲିସ ପିସିଆର ପହଞ୍ଚି ଉଭୟ ଦଳ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ବୁଝାଇ ଆପୋଷ ସମାଧାନ କରି ଛାଡିଥିଲା। ତେବେ ବୁଦ୍ଧିଜୀବୀ ମହଲରେ ଏନେଇ ଚିନ୍ତା ପ୍ରକାଶ ପାଇଛି। ଏଭଳି ଘଟଣା ବହୁବାର ଘଟୁଥିବା ବେଳେ, ପର୍ଯ୍ୟଟକ ଙ୍କ ସୁରକ୍ଷା କୁ ନନ୍ଦନକାନନ କତୃପକ୍ଷ, ପୁଲିସ, ସୁରକ୍ଷା କର୍ମୀ ଏବଂ ବେଟେରି ଗାଡ଼ି ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କିପରି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି।



■ ପର୍ଯ୍ୟଟକଙ୍କ ମୁଣ୍ଡ ଫାଟି ବୋହିଲା ଧାର ଧାର ରକ୍ତ

■ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ

# ମୁଣ୍ଡ ନେଉଛି 'ଆମ ବସ୍': ୮ ମାସରେ ୧୮ ମୃତ

ଭୁବନେଶ୍ୱର, ୨୮।୫(ସମିସ): ରାସ୍ତାରେ ତାଣ୍ଡବ ରଚୁଛି ଆମ ବସ୍। ଆମ ବସ୍‌କୁ ଦେଖି ଲୋକେ ଏବେ ଡରିବା ଆରମ୍ଭ କଲେଣି। ନିୟମିତ ବ୍ୟବଧାନରେ ଏହି ବସ୍ କାହାରି ନା କାହାରି ଜୀବନ ନେଇ ଚାଲିଛି। ଗତ ୮ ମାସ ମଧ୍ୟରେ ୫୦ରୁ ଅଧିକ ଛୋଟବଡ଼ ଦୁର୍ଘଟଣା ଘଟାଇଲାଣି 'ଆମ ବସ୍'। ଏହି ଦୁର୍ଘଟଣାରେ ରାଜ୍ୟରେ ୧୮ ଜଣଙ୍କ ମୃତ୍ୟୁ ହେଲାଣି। କେବେ କାହାଠାରୁ ବାପା ଠାରୁ ପୁଅକୁ ଛଡ଼ାଇ ନେଉଛି ତ ପୁଣି କେବେ ମାଆଠାରୁ ଝିଅକୁ ଛଡାଇ ନେଉଛି। ଆମ ବସ୍‌ର ଏଭଳି ତାଣ୍ଡବରେ ଲୋକେ ଆତଙ୍କିତ ହୋଇଯାଉଛନ୍ତି।



ସୂଚନାଯୋଗ୍ୟ, ଗତ ଫେବୃଆରୀରେ ଭୁବନେଶ୍ୱରର କିଟ୍ ଛକରୁ ନନ୍ଦନକାନନ ଛକ ରାସ୍ତାର ରଘୁନାଥପୁର ପାଖରେ 'ଆମ ବସ୍' ଧକ୍କାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିଲା। ସେହିମାସରେ ପାତ୍ରପଡ଼ା ନିକଟରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲ। ଅନ୍ୟପକ୍ଷରେ ମେ ୧୪ ତାରିଖରେ ବାଲିପାଟଣା ଥାନା ଅଞ୍ଚଳରେ ଆମ ବସ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିଲା। ସମ୍ବଲପୁର ବରପାଲି ଥାନା ପଟେଇପାଲିର ରାମଚନ୍ଦ୍ରଙ୍କ ଝିଅ ମୁନି (୧୨)ଙ୍କ ଉପରେ ମୋ ବସ୍ ଚଢିଯାଇଥିଲା।

ବାରମ୍ବାର ଦୁର୍ଘଟଣାକୁ ବିଶେଷଜ୍ଞମାନେ ପରିଚାଳନାଗତ ତ୍ରୁଟି ବୋଲି କହୁଛନ୍ତି। ଏଥିରେ ଡ୍ରାଇଭର ଚୟନ ପ୍ରକ୍ରିୟାରେ ତ୍ରୁଟି ପରିଲିଖିତ ହେଉଥିବା ଅଭିଯୋଗ ହେଉଛି। ଡ୍ରାଇଭରମାନଙ୍କ ସମ୍ପର୍କରେ ନ ଜାଣି ସେମାନଙ୍କୁ କାମରେ ରଖାଯାଉଛି। ଯାହାଦ୍ୱାରା ଅନେକ ସମୟରେ ସେମାନେ ନିଶା ସେବନ କରି ଗାଡି ଚାଳନା କରୁଛନ୍ତି। ଗୋଟିଏ ବଡ଼ ଦୁର୍ଘଟଣା ପରେ ଲୋକ ଦେଖାଣିଆ ଚେକିଂ ହେଉଛି। ଏହାପରେ ପୁଣି ଯାହାକୁ ସେଇଆ। ସେହିପରି ଡ୍ରାଇଭରମାନଙ୍କୁ ଓଭର ଟାଇମ୍ କରାଯାଉଛି ବୋଲି ଅଭିଯୋଗ ହେଉଛି। ଫଳରେ ସେମାନେ ଶୋଇବାକୁ ସମୟ ପାଉନାହାନ୍ତି। ଏହା ଦୁର୍ଘଟଣାର ସବୁଠାରୁ ବଡ଼ କାରଣ ବୋଲି କୁହାଯାଇଛି।

# ପଟିଆ ଷ୍ଟେସନ ରାସ୍ତାରେ ବିପଦ ଡାକୁଛି ଆ'

ନନ୍ଦନକାନନ, ୨୮।୫(ସମିସ): ଭୁବନେଶ୍ୱର ମୁନିସିପାଲିଟି ଅନ୍ତର୍ଗତ ପଟିଆ ଷ୍ଟେସନ ରାସ୍ତା ଅବସ୍ଥା ଶୋଚନୀୟ। ଯେଉଁଥିରେ ବଡ଼ ବଡ଼ ଖାଲ ହୋଇ ବିପଦ ଆଁ କରି ଅନେଇ ରହିଛି। ଏହି ରାସ୍ତାଟି ବିଡିଏ ଦ୍ୱାରା ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନନ୍ଦନକାନନ ରୋଡ ଠାରୁ ପଟିଆ ରେଳ ଷ୍ଟେସନ ପର୍ଯ୍ୟନ୍ତ ଏହି ରାସ୍ତାଟିରେ ବହୁ ସ୍ଥାନ ଦବି ଯାଇ ଫାଟ ସୃଷ୍ଟି ହେବା ସହ ନଳା ହେଲା ଭଳି ଅବସ୍ଥା ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ପଡ଼ିଥିବା ପେଭର ବ୍ଲକ ଦବି ପୋତି ହୋଇଗଲାଣି। ଅନେକ ସ୍ଥାନରେ ମଧ୍ୟ ପେଭର ବ୍ଲକ ଉଭାନ ହୋଇଗଲାଣି। ଯେଉଁଥିପାଇଁ ଯାତ୍ରୀମାନେ ଅହରହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁଇ ପଟେ ଚଲାପଥ ପାଇଁ ପଡ଼ିଥିବା ଚେକର୍ଷ ସବୁ ଭାଙ୍ଗି ରୁଜି ଗଲାଣି। ଯେଉଁଥିରେ ବୟସ୍କଙ୍କ ଠାରୁ ପିଲା ପର୍ଯ୍ୟନ୍ତ ଅନେକ ସମୟରେ ଝୁଣ୍ଟି ପଡ଼ିଯିବାର ଦେଖାଯାଉଛି। ରାସ୍ତା ମଝିରେ ରାସ୍ତା ଦବି ଯିବା ଫଳରେ ବହୁଜାଗାରେ ଖାଲ ଖମା ସୃଷ୍ଟି ହୋଇଛି। ଲୋକେ ଗାଡିମଟରରେ ଗଲାବେଳେ ଅଚାନକ ଭାବେ ସେହି ଖାଲ ରେ ପଡ଼ି ଯାଇ ଦୁର୍ଘଟଣା ର ଶିକାର ହେଉଛନ୍ତି। ବହୁ ସମୟରେ ଆଗ ରେ ଯାଉଥିବା ଗାଡି ଖାଲ ପଡ଼ିବାରୁ ହଠାତ୍ ବ୍ରେକ ମାରିବାରୁ ପଛରେ ଯାଉଥିବା ଗାଡି ପଛକୁ ପଛ ପିଟିହୋଇ ଦୁର୍ଘଟଣା ଘଟୁଛି। ଏନେଇ ଗଣ୍ଡଗୋଳ ହେବା ଦେଖାଯାଉଛି। ଦୁଇ ପାର୍ଶ୍ୱରେ ଯିଏ ପଇଲା ଯେତେବେଳେ ଆସି ବଡ ବଡ ଗାତ ଖୋଳି ଦେଇ ଯାଉଛନ୍ତି। ଏଠିଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି। ଚଲାପଥକୁ ମାଡିବସି ଦୋକାନ ବଜାର କରିବା କାରଣରୁ ଚାଲିକି ଯାଉଥିବା ପଥଚାରୀ ଅସୁବିଧାରେ ପଡୁଛନ୍ତି।



## ଇଞ୍ଜିନିୟରିଂ ଛାତ୍ରଙ୍କୁ ହାଣିବା ଘଟଣା; ଆଉ ଦୁଇ ଗିରଫ



ଭୁବନେଶ୍ୱର, ୨୮।୫ (ସମିସ): ପୂର୍ବଶତ୍ରୁତାରୁ ଇଞ୍ଜିନିୟରିଂ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ଆଉ ଦୁଇ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭାଗବତ ବସ୍ତିର ହାପି ଓରଫ୍ ନିବାସ ପ୍ରଧାନ (୨୦) ଓ ରାହୁଲ ଗୁରୁ (୨୦)।

ପୁଲିସ ସୂଚନା ଅନୁସାରେ, ଚାନ୍ଦବାଲି ଥାନା ପଳାସପୁରର ସିଲୁ ଭୋଟପଡ଼ା ସ୍ଥିତ ରାଜଧାନୀ ଇଞ୍ଜିନିୟର କଲେଜରେ ବି-ଟେକ୍ ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। କିଛିଦିନ ପୂର୍ବେ ଅଭିଯୁକ୍ତମାନଙ୍କ ସହିତ ସିଲୁଙ୍କର ଜଣେ ସାଙ୍ଗକୁ ମାଡ଼ ମାରିଥିଲେ। ପରବର୍ତ୍ତୀ ସମୟରେ ଏହି ବିବାଦକୁ ସମାଧାନ କରିବା ପାଇଁ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେଠାରେ ସିଲୁ ଓ ବିଶୁ ମଧ୍ୟରେ କଥା କଟାକଟି ହୋଇଥିଲା। ବିଶୁ ସେବେଠାରୁ ସିଲୁଙ୍କୁ ପାନେ ଦେବ ବୋଲି ଯୋଜନା କରିଥିଲା।

ଗତ ୨୦ ତାରିଖ ରାତି ପ୍ରାୟ ସାଢେ ୮ ଟା ସମୟରେ ସିଲୁ ଓ ତାଙ୍କର ଦୁଇ ବନ୍ଧୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭିତରେ ଥିବା ପଡ଼ିଆରେ ବସିଥିଲେ। ସେହି ସମୟରେ ବିଶୁ, ସୂର୍ଯ୍ୟକାନ୍ତ, ପିଣ୍ଟୁ, ହାପି, ରାହୁଲ ଓ ତାଙ୍କ ସହଯୋଗୀମାନେ ମିଶି ହଠାତ୍ ସିଲୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ସିଲୁଙ୍କ ଛାତି, ହାତ ଓ ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସପିଟାଲ ଓ ପରେ ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସିଲୁଙ୍କ ବାପା କୁମୁଦ ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ହାପି ଓ ରାହୁଲଙ୍କୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଦୁଇଟି ଖଣ୍ଡା ଜବତ କରିଛି। ପୂର୍ବରୁ ବିଶୁ, ସୂର୍ଯ୍ୟକାନ୍ତ ଓ ପିଣ୍ଟୁ ଗିରଫ ହୋଇଥିଲେ।

# ଜଙ୍ଗଲରେ ଚାଲିଛି ଦେଶୀ ମଦ ଫ୍ୟାକ୍ଟ୍ରି

ଭୁବନେଶ୍ୱର, ୨୮।୫(ସମିସ)

ଗତବର୍ଷ ବ୍ରହ୍ମପୁର ଚିକିଟିରେ ମଦମୃତ୍ୟୁ ଘଟଣାକୁ ନେଇ ପୁଲିସ ଏବଂ ଅବକାରୀ ବିଭାଗ ଏପର୍ଯ୍ୟନ୍ତ ଅଡୁଆରେ ପଡ଼ିଥିବା ବେଳେ ଖୋଦ ରାଜଧାନୀ ଉପକଣ୍ଠରେ ଚାଲିଛି ଦେଶୀ ମଦପ୍ରସ୍ତୁତି। ବିଶେଷକରି ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲିଆ ଅଞ୍ଚଳରେ ନକଲି ଦେଶୀ ମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଜଙ୍ଗଲ ଦେଇ ରାଜ୍ୟର ପ୍ରମୁଖ ୫ ଜିଲ୍ଲାକୁ ଏହି ମଦ ସହଜରେ ପଠାଯାଇପାରୁ ଥିବାରୁ ଚନ୍ଦକା ଜଙ୍ଗଲ ଅଞ୍ଚଳକୁ ମଦ ତିଆରି କାରଖାନା ଭାବେ ଧରି ନେଇଛନ୍ତି ମାଫିଆ।

ସେହିଭଳି ରାଜଧାନୀର ସାଲିଆସାହି ଭଳି ବିଭିନ୍ନ ବସ୍ତିରୁ ଏହିଜଙ୍ଗଲ ରାସ୍ତା ଦେଇ ମଧ୍ୟ ରାଜ୍ୟର ଅନ୍ୟ ଜିଲ୍ଲାକୁ ଅତି ସହଜ ଉପାୟରେ ମଦ ଯୋଗାଇ ଦିଆଯାଉଛି। ଗତ ମାସରେ ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରୁ ଏଭଳି ଏକ ଦେଶୀ ମଦ କାରଖାନା ଠାବ କରାଯାଇଥିଲା। ଯେଉଁଠାରେ ଚୋରା ମଦ ମାଫିଆମାନେ ଏକ ପାଣି ଫ୍ୟାକ୍ଟ୍ରିରେ ମଦ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଚନ୍ଦକା ଜଙ୍ଗଲ ଦେଇ କଟକର ବିଭିନ୍ନ ଗ୍ରାମାଞ୍ଚଳ, ଖୋର୍ଦ୍ଧା, ନୟାଗଡ଼ ଓ ଢେଙ୍କାନାଳ ଅଞ୍ଚଳକୁ ଯାତାୟତର ଜଙ୍ଗଲି ରାସ୍ତା ଥିବାରୁ ସେହିବାଟ ଦେଇ ମଦ ପଠାଯାଉଥିଲା। ଭୁବନେଶ୍ୱରରେ ଏକ ପ୍ୟାକିଂ ପାଣି ବୋତଲରେ ଦେଶୀ ମଦ ବିକ୍ରି ହେଉଥିବା ସୂଚନା ପାଇଁ ଅବକାରୀ ବିଭାଗ ପକ୍ଷରୁ ଚନ୍ଦକା ପୁଲିସ ସହାୟତାରେ ଚଢ଼ଉ କରାଯାଇ ୧୫ ଲକ୍ଷ ଟଙ୍କାର ମଦ ଜବତ କରାଯାଇଥିଲା। ଏହା କେବଳ ଗୋଟିଏ ନୁହେଁ ବିଭିନ୍ନ ସମୟରେ ଚନ୍ଦକା ଜଙ୍ଗଲ ଭିତରେ ଥିବା ମଦ ଫ୍ୟାକ୍ଟ୍ରିକୁ ମଧ୍ୟ ଅବକାରୀ ବିଭାଗ ଠାବ କରିଛି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ମଦ ମାଫିଆ ଏବଂ ମଦ ପ୍ରସ୍ତୁତ କରୁଥିବା ଲୋକେ ଜଙ୍ଗଲ ରାସ୍ତା ଦେଇ ସହଜରେ ଚମ୍ପଟ ମାରୁଛନ୍ତି।

■ ଘଞ୍ଚ ଜଙ୍ଗଲ ଦେଇ ସହଜ ହେଉଛି କାରବାର

■ ପାଞ୍ଚ ଜିଲ୍ଲାରେ ଚାଲିଛି ମାଫିଆଙ୍କ ନେଟ୍‌ୱର୍କ

ଅବକାରୀ ବିଭାଗର କହିବାନୁଯାୟୀ ମଦ ମାଫିଆମାନେ ଏହି ଜଙ୍ଗଲ ଭିତର ଦେଇ ଡଗର ରାସ୍ତା କରିଛନ୍ତି। ଯେଉଁ ରାସ୍ତା ଦେଇ କେବଳ ଭୁବନେଶ୍ୱର, ଖୋର୍ଦ୍ଧା ନୁହେଁ, ନୟାଗଡ଼, କଟକ, ଢେଙ୍କାନାଳ, ଅନୁଗୁଳ ଜିଲ୍ଲାକୁ ଅତି ସହଜ ଉପାୟରେ ପଠାଯାଇପାରୁଛି। ମାଫିଆମାନେ ମଦ ପ୍ରସ୍ତୁତ ପରେ ସେଗୁଡ଼ିକ ଟ୍ୟୁବ୍ ଏବଂ ବ୍ଲାଡର ଯୋଗେ ସାଇକଲ୍‌ରେ ଝୁଲାଇ ନେଇ ବିଭିନ୍ନ ହବ୍‌ଗୁଡ଼ିକରେ ପକାଇ ଦେଇ ଆସନ୍ତି। ସେମାନଙ୍କ ନେଟୱର୍କ ମୁତାବକ ଆଉ କିଛି କର୍ମଚାରୀ ସେହି ଅବ୍‌ଠାରୁ ମଦ ବ୍ଲାଡର୍ ନେଇ ବିଭିନ୍ନ ଜିଲ୍ଲାକୁ ଯାଇଥାନ୍ତି। ଏସବୁ ଭିତରେ କେହି କାହାରିକୁ ଦେଖି ପାରନ୍ତି ନାହିଁ। ଜିଲ୍ଲାୱାରି ଥିବା ଏଜେଣ୍ଟମାନେ ଦେଶୀ ମଦକୁ ଛୋଟଛୋଟ କୋଚିଆ ବେପାରୀଙ୍କୁ ମଦ ଯୋଗାଇ ଥାନ୍ତି। ଏଥିରେ ଆବଶ୍ୟକ ପରିମାଣର ପାଣି ମିଶାଇ ବିକ୍ରି କରିଥାନ୍ତି।





ଅପରପକ୍ଷେ ଜିଲ୍ଲା ବିଭିନ୍ନ ଅବକାରୀ ବିଭାଗ ନକଲି ମଦ ପ୍ରସ୍ତୁତକାରୀଙ୍କୁ ବାରମ୍ବାର ଗିରଫ କରିବା ପରେ ମଧ୍ୟ ମଦ ମାଫିଆମାନେ ଜେଲ୍‌ରୁ ଜାମିନ୍‌ରେ ଆସି ପୁଣି ବେପାର ଆରମ୍ଭ କରି ଦେଉଛନ୍ତି। ବିଶେଷକରି ଦିନମଜୁରିଆ ଶ୍ରେଣୀର ଲୋକଙ୍କୁ ମଜୁରି ଦେଇ ନିଶା ମାଫିଆ ମଦ ପ୍ରସ୍ତୁତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ମଦଗୁଡ଼ିକରେ ନିମ୍ନମାନର ୟୁରିଆ ତଥା ଅନ୍ୟାନ୍ୟ ନିଶା ସାମଗ୍ରୀ ମିଶା ଯାଉଥିବାରୁ ଏହାକୁ ପାନ କରୁଥିବା ଲୋକେ ୧୫ ଦିନ ମଧ୍ୟରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାଜଧାନୀର ସାଲିଆସାହି, ଧରୁକୁଟୀ ବସ୍ତି, ଗାଡ଼କଣ, ଭରତପୁର, ପଳାଶୁଣି, ଲକ୍ଷ୍ମୀସାଗର, ହଳଦୀ ପଡ଼ିଆ ଆଦି ଅନେକ ବସ୍ତିରେ ଏହି ନକଲି ମଦ ପ୍ରସ୍ତୁତ କରାଯାଇ ଏହି ଉପାୟରେ ବିଭିନ୍ନ ବସ୍ତିରେ ବିକ୍ରି କରାଯାଉଛି ଏବଂ ଅନ୍ୟ ଜିଲ୍ଲାକୁ ମଦ ପଠାଯାଉଛି।

ମଦ ପ୍ରସ୍ତୁତିରେ ଗ୍ରାମାଞ୍ଚଳର ତଥା ଜଙ୍ଗଲ ଭିତରେ ରହୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଆଦିବାସୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ମଦ ଯୋଗାଣରେ ବହୁ ଶିକ୍ଷିତ ଯୁବଗୋଷ୍ଠୀ ନିୟୋଜିତ ହୋଇଥିବା ଜଣାପଡ଼ିଛି। ଯେଉଁମାନେ କି ପାର୍ଟଟାଇମ୍ କାରବାର କରି ଭଲ ଅର୍ଥ ରୋଜଗାର କରୁଛନ୍ତି।

### ଶରତ ପିଆରଏମ କଲେଜ; ଭିତ୍ତିଭୂମି ଥିଲେ ବି ମିଳୁନି ଡିଗ୍ରୀ ମାନ୍ୟତା

# ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ସଜବାଜ

**ଉଲ୍ଲେଖନୀୟ ଅବଦାନ ପାଇଁ ମିଳିଛି 'ପ୍ରକୃତି ମିତ୍ର' ପୁରସ୍କାର**

ଶରତ, ୨୮।୫(ସମିସ): ଶରତ ଅଞ୍ଚଳ ବଣପାହାଡ ଘେରା ମୂଲକ। ଯେଉଁଠି ସଜ ସକାଳର ନାଲି କିରଣରେ ଚେଇଁ ଉଠେ ବଣମୂଲକର ଜନଜୀବନ। ଝାଟିମାଟି ଜଙ୍ଗଲ ମାୟାରେ ବାୟା ଏଠାକାର ମଣିଷ। ଦାରିଦ୍ର୍ୟ ଏମାନଙ୍କର ପିଛା ଛାଡ଼ି ନାହିଁ। ଜଙ୍ଗଲକୁ ନ ଗଲେ ଜଳେନି ଚୁଲି। ଶିକ୍ଷା ସମସ୍ତଙ୍କ ଭାଗ୍ୟରେ ଜୁଟେନି। ମାଟ୍ରିକ ପରେ ବହୁ ମେଧାବୀ ଛାତ୍ରଛାତ୍ରୀଙ୍କ ଭାଗ୍ୟରେ ପାଠ ପଢ଼ାର ଡୋରି ବନ୍ଧା ହୋଇ ଯାଉଥିଲା। ହେଲେ ଏଠାରେ ଗଢିଉଠିଥିଲା ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ଅନେକ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷାର ଆଶା ଯୋଗାଇଲା; ହେଲେ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ +୨ ବିଜ୍ଞାନ କି +୩ ଶ୍ରେଣୀ ଏଯାଏ ଖୋଲିନି। ପେଟ ପାଇଁ ଚିନ୍ତା କରୁଥିବା ଗରିବ ପାଠପଢ଼ା ପାଇଁ ଦୂର ସ୍ଥାନରେ ପିଲାଙ୍କୁ ଛାଡ଼ିବାକୁ ସାହାସ ଜୁଟେ ନାହିଁ। ତେଣୁ ସେଇଠି ଅଟକି ଯାଏ ଶିକ୍ଷାର ଭାଗ୍ୟ। ରାଜ୍ୟ ସରକାର ଯୁକ୍ତ ୨ କନିଷ୍ଠ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗରୁ କାଢି ନେଇ ଗଣଶିକ୍ଷା ବିଭାଗରେ ମିଶ୍ରଣ ନିଷ୍ପତ୍ତି ନେଲେ। ଫଳରେ ପ୍ରତି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଅର୍ଥାତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବ। ଏହି ନିଷ୍ପତ୍ତି ପରେ ଶରତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଅବସ୍ଥା ଦୋ' ଛୋକିରେ। ଦୀର୍ଘ ଦିନଧରି ସ୍ଥାନୀୟ ଲୋକେ ଅକ୍ଳାନ୍ତ ଉଦ୍ୟମ କରି ଗଢି ଉଠିଥିବା ଏହି ଅନୁଷ୍ଠାନର ଅବସ୍ଥା କ'ଣ ହେବ ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ଖୋଲା ଯାଇଥିବା ଏହି ମହାବିଦ୍ୟାଳୟ ସତରେ କ'ଣ ବନ୍ଦ ହେବ ? ଏଭଳି ଅନେକ ପ୍ରଶ୍ନ ଜନସାଧାରଣଙ୍କ ମନରେ ବିସ୍ମୟ ସୃଷ୍ଟି କରିଛି। ପିଆରଏମ କଲେଜକୁ +୩ କଲେଜର ମାନ୍ୟତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଶରତ ଅଞ୍ଚଳର ବୁଦ୍ଧିଜୀବି, ଛାତ୍ରଛାତ୍ରୀ ହଜାର ହଜାର ପୋଷ୍ଟକାର୍ଡ ପଠାଇଥିଲେ




ସୁଦ୍ଧା କିଛି ସୁଫଳ ମିଳିନାହିଁ। ଯୁବ ସମାଜସେବୀ ତଥା ଆଦିବାସୀ ନେତା ଲକ୍ଷ୍ମୀଧର ସିଂ ପୂର୍ବରୁ ଶିକ୍ଷା ସଚିବଙ୍କୁ ଭେଟି ଅବଗତ କରାଇଥିଲେ ବି କିଛି ସୁଫଳ ମିଳିନି। ବିଜେପି ସରକାର କ୍ଷମତାକୁ ଆସିବା ପରେ 'ଶରତ ବିକାଶ ମଞ୍ଚ' ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ +୨ ବିଜ୍ଞାନ, ବାଣିଜ୍ୟ ଏବଂ +୩ ଖୋଲାଯିବା ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ପତ୍ର ସଂଖ୍ୟା ୧୯୮୫/୧୬.୮.୨୦୨୪ ଅନୁଯାୟୀ ଉକ୍ତ ମହାବିଦ୍ୟାଳୟରେ +୨ ବିଜ୍ଞାନ, ବାଣିଜ୍ୟ ଏବଂ +୩ ଖୋଲାଯିବାର ଆବଶ୍ୟକତା ଉପଲବ୍ଧି କରି ସରକାରଙ୍କୁ ଜଣାଇଥିଲେ। ହେଲେ ଏ ଯାଏ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। କପ୍ତିପଦା ଓ ଠାକୁରମୁଣ୍ଡା ବ୍ଲକର ମଧ୍ୟସ୍ଥଳରେ ଶରତ ଅଞ୍ଚଳ ଅବସ୍ଥିତ। ଏହି କଲେଜ ୧୯୯୪ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ପ୍ରତିଷ୍ଠା ପାଇଁ ଆଗେଇ ଆସିଥିଲେ କିଛି ଶିକ୍ଷାବିତ୍। ଉଚ୍ଚ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଉକ୍ତ ମହାବିଦ୍ୟାଳୟକୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ଏହାର କାର୍ଯ୍ୟଦକ୍ଷତା ଓ ବାର୍ଷିକ ଫଳାଫଳ ଉପରେ ବେଶ୍ ସନ୍ତୋଷ ଲାଭ କରିଛନ୍ତି। ଜିଲ୍ଲାରେ +୨ କନିଷ୍ଠ ମହାବିଦ୍ୟାଳୟ ଭାବେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବାବେଳେ ୫୦୦ରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। କଲେଜର ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ଶିବିର ମାଧ୍ୟମରେ ନିକଟସ୍ଥ ଗ୍ରାମରେ ପହଞ୍ଚି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନିଶା ନିବାରଣ, ଅନ୍ଧ ବିଶ୍ୱାସ, ଗୁଣିଗାରେଡ଼ି ଉପରେ ବିଭିନ୍ନ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହି କଲେଜରେ ସମସ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ଏ ଯାଏ ଡିଗ୍ରୀ କଲେଜର ମ୍ୟାତା ମିଳିନାହିଁ। ସେହିପରି ବୃକ୍ଷରୋପଣ, ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଆଗାମୀ ଦିନରେ ଏହି କଲେଜକୁ +୩ ମାନ୍ୟତା ନ ମିଳିଲେ ଆଗାମୀ ଦିନରେ ଜନଆନ୍ଦୋଳନ ଦାନା ବାନ୍ଧିବ ଏଥିରେ ସନ୍ଦେହ ନାହିଁ।

## ଜାତୀୟ ରାଜପଥ ମରାମତି ଆରମ୍ଭ



ରାଇରଙ୍ଗପୁର, ୨୮।୫ (ସମିସ): ବଡ଼ଡାଲିମା ବଜାର ଜାତୀୟ ରାଜପଥ ଅବସ୍ଥା ବିପର୍ଯ୍ୟସ୍ତ ହୋଇଛି। ମରାମତି ଅଭାବରୁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକ ଯାତାୟାତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାରଣ ହେବା ପରେ ରାଇରଙ୍ଗପୁର ବିଧାୟକ ତତ୍ପର ହୋଇ ବଡ଼ଡାଲିମା ବଜାରରେ ପହଞ୍ଚିଥିଲେ। ଏହା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ମରାମତି ଆରମ୍ଭ କରିଥିଲେ।

## ପୁରୁଣିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଚୋରି

ବୈଶିଙ୍ଗା, ୨୮।୫( ସମିସ): ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଇନଭର୍ଟର, ବ୍ୟାଟେରୀ, ମାଇକ ବକ୍ସ ସହ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରିଛି। ଏବେ ସ୍କୁଲ ଛୁଟି ଥିବାରୁ କେବଳ ରୋଷ୍ଟର ମାଧ୍ୟମରେ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଡ୍ୟୁଟି କରୁଛନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶନିବାର ଡ୍ୟୁଟି ସାରି ତାଲା ପକାଇ ଘରକୁ ଯାଇଥିଲେ। ଏହା ପରେ ରବିବାର ଏବଂ ସୋମବାର ଛୁଟି ଥିବା କାରଣରୁ ବିଦ୍ୟାଳୟ ଯାଇନଥିଲେ। ମଙ୍ଗଳବାର ସକାଳେ ସହକାରୀ ଶିକ୍ଷୟିତ୍ରୀ ମମତା ଦାସ ବିଦ୍ୟାଳୟ କାର୍ଯ୍ୟାଳୟ ଖୋଲିବା ବେଳକୁ ଆଲମିରା ଭଙ୍ଗା ଯିବା ସହ ୨ଟି ବ୍ୟାଟେରୀ, ୧ଟି ଇନଭର୍ଟର, ମାଇକ ବକ୍ସ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀ ସାହୁ ଏବଂ ପରିଚାଳନା କମିଟି ସଦସ୍ୟ ପୁଲିସକୁ ଖବର ଦେଇଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ଗୋଟିଏ ରାତିରେ ୨ଟି ଦୋକାନରୁ ଚୋରି

ବୈଶିଙ୍ଗା/ପୁରୁଣିଆ, ୨୮।୫(ସମିସ): ଗୋଟିଏ ରାତିରେ ଦୁଇଟି ଦୋକାନରୁ ଲୁଟିନେଲେ ଦୁର୍ବୃତ୍ତ। ବୈଶିଙ୍ଗା ଥାନା ଅନ୍ତର୍ଗତ ବଙ୍ଗାଳିଡାହି ଛକର ଶିରିଶଚନ୍ଦ୍ର ମହାନ୍ତଙ୍କ ପାନ ଦୋକାନ ଓ ବାମଡା ଛକର ମନୋରମା ସାହୁଙ୍କ ଦୋକାନରୁ ଗତ ରାତିରେ ଚୋରି ହୋଇଛି। ବିଳମ୍ବିତ ରାତିରେ ଲୋକେ ଶୋଇଯିବା ପରେ କୌଶଳ କ୍ରମେ ଚୋରମାନେ ଦୋକାନ ଚାବି ଭାଙ୍ଗି ଟଙ୍କା ଓ ପେଟ୍ରୋଲ ଲୁଟି ନେଇଯାଇଛନ୍ତି। ପୂର୍ବରୁ ଉକ୍ତ ଗ୍ରାମର ରମାକାନ୍ତ ମହାନ୍ତଙ୍କ ବାଇକ ଚୋରି ଓ ବଙ୍ଗାଳିଡାହି ଛକରୁ ବ୍ୟାଙ୍କ ଅଫ ଇଣ୍ଡିଆ କିଓସ୍କ ଶାଖାରୁ କମ୍ପ୍ୟୁଟର, ପ୍ରିଣ୍ଟର, ଇନଭଟର ଆଦି ଚୋରି ହୋଇଥିଲା।

## ବରିଷ୍ଠ ନାଗରିକଙ୍କ ପକ୍ଷରୁ ଯୋଗ ଶିବିର

କୁଆମରା, ୨୮।୫(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ରୁ ଅଧିକ ବରିଷ୍ଠ ଯୋଗଦେଇଥିଲେ। ମଞ୍ଚର ସଭାପତି ସନାତନ ଜେନା, ସମ୍ପାଦକ ଗୌର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଯୋଗ ଶିକ୍ଷକ ଭାବେ ଅଜୟ କୁମାର ଦ୍ୱିବେଦୀ, ଗୌରମୋହନ ସାହୁ, ସୁଦର୍ଶନ ଜେନା ଯୋଗଦେଇ ନିରୋଗ ପାଇଁ ଯୋଗ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ।

## ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବାର୍ଷିକ ଉତ୍ସବ

କୁଆମରା, ୨୮।୫(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ସିକିଡିଆ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ୨୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପୂଜା ଅର୍ଚ୍ଚନା ପାଇଁ ଦିନ ତମାମ ଭିଡ ଲାଗି ରହିଥିଲା। ପୂର୍ବାହ୍ନରେ ଠାକୁରଙ୍କୁ ସ୍ନାନ ମାର୍ଜନା କରାଯିବା ପରେ ନୂତନ ବସ୍ତ୍ର ପରିଧାନ, ପୂଜା କାର୍ଯ୍ୟ ଏବଂ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଅଭିନ୍ନ ମାଇତିଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ସାର୍ନା ଧର୍ମ କୋଡ଼ ଲାଗୁ ଦାବିରେ ଜେଏମ୍‌ଏମ୍‌ର ସ୍ମାରକପତ୍ର



କପ୍ତିପଦା, ୨୮।୫(ସମିସ): ଜନଗଣନା ପୂର୍ବରୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସଂଗଠନର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାଶ ଓ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମଙ୍କ ଆହ୍ୱାନ କ୍ରମେ କପ୍ତିପଦା ସଂଗଠନ ତରଫରୁ ସାର୍ନା ଧର୍ମାବଲମ୍ବୀ ଲୋକଙ୍କୁ ଚିହ୍ନଟ ପାଇଁ ଗଣନାରେ ସ୍ୱତନ୍ତ୍ର କୋଡ଼ ବ୍ୟବହାର କରାଯିବାକୁ ଦାବି କରିଛି। ଏଥିପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସହସମ୍ପାଦକ ସ୍ନେହଲତା ହାଁସଦା, ଜିଲ୍ଲା ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ନନା ସଏ, ଦୁବାଇ ସୋରେନ, ବାପି ସୋରେନ, ବାପୁନ ସଏ, ବୁଦ୍ଧିରାମ ସଏ ପ୍ରମୁଖ ଉପସ୍ଥିତ ଥିଲେ।

**ରାଇରଙ୍ଗପୁର:** ଆଦିବାସୀ ସମ୍ପ୍ରଦାୟ ଲୋକେ ପ୍ରକୃତି ପୂଜକ ହେବା ସହିତ ସାରନା ଧର୍ମକୁ ପାଳନ କରନ୍ତି। ଆଦିବାସୀଙ୍କ ସାରନା ଧର୍ମର ସରକାରୀ ମାନ୍ୟତା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ହେଲେ କେନ୍ଦ୍ର ଓ ରାଜ୍ୟ ସରକାର



ଆଦିବାସୀଙ୍କ ନ୍ୟାଯ୍ୟ ଦାବି ପ୍ରତି ଅବହେଳା କରୁଥିବା ଅଭିଯୋଗ ହୋଇଛି। ଆଜି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ତିରିଂ ବ୍ଲକ କମିଟି ପକ୍ଷରୁ ଏକ ଦାବିପତ୍ର ତିରିଂ ବିଡ଼ିଓ ଙ୍କ ଜରିଆରେ ରାଜ୍ୟପାଳ ଙ୍କୁ ପ୍ରେରଣ କରାଯାଇଛି। ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ ଆସନ୍ତା ଜନଗଣନା ପୂର୍ବରୁ ଆଦିବାସୀ ମାନଙ୍କ ସାରନା ଧର୍ମ କୁ ସରକାରୀ ମାନ୍ୟତା ପ୍ରଦାନ ସହିତ ସାରନା ଧର୍ମ ପାଇଁ କୋଡ ବ୍ୟବସ୍ଥା କରିବା ଦାବି ରହିଛି। କାର୍ଯ୍ୟକ୍ରମ ରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଙ୍ଗଠନ ସମ୍ପାଦକ ଶଙ୍ଖଚରଣ ମାଝୀ ସହିତ ସୁନ୍ଦର ମୋହନ ମୁର୍ମୁ, ଫାଗୁ ସୋରେନ, ଲକ୍ଷ୍ମଣ ମୁର୍ମୁ, ବସନ୍ତ କୁମାର ସୋରେନ, ଗୋପାଳ ଚନ୍ଦ୍ର ମୁର୍ମୁ, ମଙ୍ଗଳ ମାର୍ଣ୍ଡି, ଗୁରୁ ଚରଣ ସୋରେନ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଜାମଦା:** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପକ୍ଷରୁ ସାର୍ନା ଧର୍ମ ମାନ୍ୟତା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦେବାଶିଷ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁନାରାମ ଛକରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ ଜେଏମଏମ କର୍ମକର୍ତ୍ତାଙ୍କୁ ନେଇ ବିଶାଳ ରାଲି ବାହାରିଥିଲା। ଦେଶରେ ଆଦିବାସୀ ସମ୍ପ୍ରଦାୟ ପ୍ରକୃତିର ପୂଜା କରିବା ସହିତ ସାର୍ନା ଧର୍ମରେ ବିଶ୍ୱାସ କରନ୍ତି ଏବଂ ପୂଜା ପଦ୍ଧତି ସମ୍ପୂର୍ଣ୍ଣ ଅଲଗା। ତେଣୁ



ଜନ ଗଣନା ପୂର୍ବରୁ ସାର୍ନା ଧର୍ମ ମାନ୍ୟତା ସହ ସେନସସ କୋଡର ବ୍ୟବସ୍ଥା ପାଇଁ ଦାବି ହୋଇଛି। ମୟୂରଭଞ୍ଜ ଜିଲ୍ଲା ଜେଏମଏମ ଉପ ସଭାପତି ଘନଶ୍ୟାମ ପିଙ୍ଗୁଆ, ବ୍ରାଞ୍ଚ ଆସିକା ସେକ୍ରେଟାରୀ ମେଘରାୟ ଟୁଡୁ, କିଣିରାମ ଆଲ୍ଡା, ଚନ୍ଦ୍ର ମୋହନ ପିଙ୍ଗୁଆ ପ୍ରମୁଖ ଦାବିପତ୍ର ସମୟରେ ଉପସ୍ଥିତ ଥିଲେ।

**ମୋରଡା:** ମୋରଡ଼ା ବ୍ଲକ ଜେଏମ୍‌ଏମ୍ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶରେ ଆଦିବାସୀ ସମ୍ପ୍ରଦାୟ ପ୍ରକୃତିର ପୂଜକ ଏବଂ ଆଦିବାସୀ ସାର୍ନା ଧର୍ମରେ ବିଶ୍ୱାସ କରନ୍ତି। ଏମାନଙ୍କ ପୂଜା ପଦ୍ଧତି, ଧର୍ମ ବିଶ୍ୱାସ ଅନ୍ୟ ସମ୍ପ୍ରଦାୟ ତଥା ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ, ବୌଦ୍ଧ ଓ ଜୈନଧର୍ମଠାରୁ ସମ୍ପୂର୍ଣ୍ଣ ଅଲଗା। ତେଣୁ ଆଗାମୀ ଜନଗଣନା ପୂର୍ବରୁ ଆଦିବାସୀଙ୍କୁ ସାର୍ନା ଧର୍ମର ମାନ୍ୟତା ଦେବା ସହିତ ସେନସସ କୋଡ଼ର ବ୍ୟବସ୍ଥା କରାଯିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜେଏମଏମ ମୋରଡା




ବ୍ଲକ ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ମହାନ୍ତ, କୁଆଁରିଡିଙ୍ଗା ପଞ୍ଚାୟତ ସଭାପତି ଶ୍ରବଣ କୁମାର ମହାନ୍ତ, ବାଉଁଆଁସୁହା ପଞ୍ଚାୟତ ସଭାପତି ବାଇଦୁଙ୍ଗ ମହାନ୍ତ, ଉପସଭାପତି ତ୍ରିଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଉଦଳା ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାସ୍ତାରେ ଆଣ୍ଠୁଏ ପାଣି; ସହରବାସୀ ହନ୍ତସନ୍ତ

ଉଦଳା, ୨୮।୫(ସମିସ): ଆଗକୁ ବର୍ଷା ଋତୁ; ହେଲେ ଉଦଳା ସହରର ଡ୍ରେନ ଅବସ୍ଥା ବେହାଲ। ଅସରାଏ ବର୍ଷାରେ ସହର ସାରା ପାଣି ଜମିରହିଛି। ଏନଏସିର ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ ଯୋଗୁଁ ବିଭିନ୍ନ ୱାର୍ଡରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଏଭଳି ସମସ୍ୟା ଆଜିଯାଏ ସମାଧାନ ହୋଇପାରୁନାହିଁ। ଫଳରେ ଲୋକେ ଅଣ୍ଠୁଏ ଲେଖାଏଁ ପାଣିରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏନ୍‌ଏସିର ପ୍ରାୟ ସବୁ ଡ୍ରେନ ମୁକୁଳା ପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। କେଉଁଠି ମୁକୁଳା ତ ଅନ୍ୟ କେଉଁଠି ଭଙ୍ଗାରୁଜା ଅବସ୍ଥାରେ ରହିଛି ଡ୍ରେନ। ଏନଏସି କିମ୍ବା ପୂର୍ତ୍ତ ବିଭାଗ ମରାମତି କରିବାର ନାଁ ଧରୁନାହିଁ। ବର୍ଷା ଦିନ ପୂର୍ବରୁ ମରାମତି ନ ହେଲେ ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବା ଥୟ। ଏପରିକି କେତେକ ସ୍ଥାନରେ ଡ୍ରେନ ନ ଥିବାରୁ ରାସ୍ତାରେ ବର୍ଷାପାଣି ଲହଡି ମାରୁଛି। ୭ନଂ. ୱାର୍ଡର



ଅଷ୍ଟଶମ୍ଭୁ ନିକଟରେ ପାଣି ଜମିରହିଛି। ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ରାସ୍ତାରେ ଫୁଟେ ପାଣି ଜମି ରହିଛି। ଅପରପକ୍ଷରେ କେତେକ ସ୍ଥାନରେ ନିର୍ମାଣ ହୋଇଥିବା ଡ୍ରେନ ଯେଉଁଠି ୫ ଫୁଟ ଗାତ ଓ ୩ ଫୁଟ ଓସାର କରାଯାଇଛି; ଯାହାକି ଜନଗହଳି ସ୍ଥାନରେ ମୁକୁଳା ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷାରେ ମୁଖ୍ୟ ରାସ୍ତା ସମେତ ଅଧିକାଂଶ ୱାର୍ଡରେ ପାଣି ଲହଡି ମାରୁଛି। ତେଣୁ ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ଉଦଳା ସହରର ବାସ୍ତବ ଚିତ୍ର ସାମ୍ନାକୁ ଆସିବା ସୁନିଶ୍ଚିତ। ଏଥିପ୍ରତି ଏନଏସି ଆଦୌ ଗୁରୁତ୍ୱ ଦେଉ ନଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଣୁ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଡ୍ରେନେଜ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଏନଏସି ନିକଟରେ ସହରବାସୀ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ନେଇ ମାସା ଆର୍ମୀ ପକ୍ଷରୁ ଦାବିପତ୍ର

ଉଦଳା, ୨୮।୫(ସମିସ): କପ୍ତିପଦା ଉପଖଣ୍ଡର ଉଦଳା ହସ୍ପିଟାଲରେ ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ନେଇ ମାସା ଆର୍ମୀ ପକ୍ଷରୁ ଉପଖଣ୍ଡ ସଭାପତି ସୁବାଷ ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମାକାନ୍ତ ସଏଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଖାଲି ପଡ଼ିଥିବା ବିଭିନ୍ନ ବିଭାଗରେ ଡାକ୍ତର ନିଯୁକ୍ତି, ଡାକ୍ତରଖାନାରେ ଡାକ୍ତର ଉପସ୍ଥିତ ରହୁନାହାନ୍ତି। ଫଳରେ ରୋଗୀ ହଇରାଣ ହେଉଛନ୍ତି। ତେଣୁ ଡାକ୍ତରମାନେ ଡ୍ୟୁଟି ସମୟରେ ଉପସ୍ଥିତ ରହିବା,




ଡାକ୍ତରଙ୍କ କୋଠରୀ ବାହାରେ ନାମ ଫଳକ ଲଗାଯିବା, ବେଡ ସଂଖ୍ୟା ବୃଦ୍ଧି, ହସ୍ପିଟାଲରେ ସିଟି ସ୍କାନ୍, ଅଲ୍ଟ୍ରା ସାଉଣ୍ଡ ମେସିନ ଖୋଲିବା, ୨୪ ଘଣ୍ଟିଆ ସେବା ଯୋଗାଇବା ଆଦି ନେଇ ଉଲ୍ଲେଖ କରାଯାଇଛି। ସେହିପରି ରୋଗୀ ନେବା ଆଣିବା ବ୍ୟାଟେରୀ ଚାଳିତ ଗାଡି ବ୍ୟବସ୍ଥା ସହିତ ଷ୍ଟ୍ରେଚର ସଂଖ୍ୟା ବୃଦ୍ଧି କରାଯାଉ, ହସ୍ପିଟାଲ୍ କ୍ୟାମ୍ପସ ଭିତରେ ନିଜସ୍ୱ ବେସରକାରୀ କ୍ଲିନିକ୍ ବନ୍ଦ, ହସ୍ପିଟାଲର ଭିତ୍ତିଭୂମି ବିକାଶ ନେଇ ଦାବି କରାଯାଇଛି। ଆଗାମୀ ଦିନରେ ଏହିସବୁ ଦାବି ପୂରଣ ନ ହେଲେ ସଂଗଠନ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଆଜିର ପ୍ରତିନିଧି ମଣ୍ଡଳୀରେ କପ୍ତିପଦା ଉପଖଣ୍ଡ କାର୍ଯ୍ୟକାରୀ ସଭାପତି ବିର୍ଭୀମ ମାର୍ଣ୍ଡି, ହରି ମୋହନ ମାର୍ଣ୍ଡି, ଦାମୁଦର୍ ସିଂ, ଶ୍ରୀନାଥ ସରେନ, ଗାଲୁରାମ ହେମ୍ବ୍ରମ, ଶିବୁନାଥ କିଷ୍କୁ, ଗଙ୍ଗାଧର ମୁର୍ମୁ, ଦେବେନ୍ଦ୍ର ସରେନ, ମୁନା ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ।

### ସରକାରୀ ଅବହେଳା; ଲୋପ ପାଇବ ବେତନଟୀ ଦେବୋତ୍ତର ଅଫିସ

# ଠାକୁର ଜମି ଲିଜ୍ ନେଇ ମୁନାଫା କମାଉଛନ୍ତି ଅସାଧୁ କର୍ମଚାରୀ

ବେତନଟୀ, ୨୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଏକ ଗଡ଼ଜାତ ରାଜ୍ୟ ଭାବେ ରାଜାମାନଙ୍କ ଦ୍ୱାରା ଶାସିତ ହୋଇ ଆସୁଥିବାରୁ ବିଭିନ୍ନ ସ୍ଥାନରେ ଦେବା ଦେବୀଙ୍କ ପୀଠ ସ୍ଥାପିତ ହୋଇ ସେବା ପୂଜା ବାର୍ଷିକ ପର୍ବ ପର୍ବାଣି ଓ ଉତ୍ସବ ପାଳନ ପାଇଁ ନିଷ୍କର ଜମି ରାଜଶାସନ ସମୟରୁ ଖଞ୍ଜି ଦିଆଯାଇଥିଲା। ପରେ ରାଜ୍ୟ ସରକାର ଶାସନ କ୍ଷମତାକୁ ଆସିବା ପରେ ଦେବୋତ୍ତର ଜମି ବର୍ଷକୁ ବର୍ଷ ଜବର ଦଖଲ ହୋଇ ଚାଲିବା ଏବଂ ଦେବୋତ୍ତର ବିଭାଗ ଦାୟିତ୍ୱ ରେ ଥିବା ଅଧିକାରୀଙ୍କ ସ୍ୱାର୍ଥ ଓ ଦୁର୍ନୀତିଖୋର ମନୋଭାବ ଯୋଗୁଁ ଏ ଗୁଡ଼ିକ ଜବରଦଖଲ ମୁକ୍ତ କରାଯିବା ପାଇଁ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ରହିବାରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନେକ ସରକାରୀ ଦେବୋତ୍ତର ଭୂସମ୍ପତ୍ତି ଠାକୁରଙ୍କ ଅଧିନରେ ନାହିଁ। ସେହିପରି ଶ୍ରୀ ଶ୍ରୀ ରଘୁନାଥ ଜୀଉ ବିଜେ ବାରିପଦାଙ୍କ ବେତନଟୀ ମୌଜରେ ୧୫ ଏକର ୭୭ ଡେସିମିଲ, ଆମ୍ବଯୋଡା ମୌଜାରେ ୫୫ ଏକର ୬୯ ଡେସିମିଏ, ଶୁଖିଲାହାର ସାମିଲ ମହୁଲିଆ ମୌଜାରେ ୭୫୨ ଏକର ୮୪ ଡେସିମିଲ ସମେତ ଅନ୍ୟାନ୍ୟ ମୌଜା ମିଶି ମୋଟ ୨ ହଜାର ଏକରରୁ ଅଧିକ ଚାଷ ଜମି, ଜଙ୍ଗଲ ଓ ପତିତ କିସମର ଜମି ରହିଛି। ଏହା ବାରିପଦା ଉପଜିଲ୍ଲାପାଳଙ୍କ ଦେବୋତ୍ତର ବିଭାଗର ତତ୍ତ୍ୱାବଧାନରେ କେତେକ ଅସାଧୁ ଦେବୋତ୍ତର କର୍ମଚାରୀଙ୍କ ପାଇଁ ଆଉ ନାହିଁ। ବିଭିନ୍ନ ଅନୁପ୍ରବେଶକାରୀଙ୍କ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଏ ଅଞ୍ଚଳକୁ



ଫେରିବାଲା ଓ ଶ୍ରମିକ ଭାବେ କାମ କରିବାକୁ ଆସି ସରକାରଙ୍କ ଦେବୋତ୍ତର ବିଭାଗର ଅସାଧୁ କର୍ମଚାରୀଙ୍କ ଦ୍ୱାରା ଦୀର୍ଘ ମିଆଦି ସୂତ୍ରରେ ସରକାରୀ ଜମିକୁ ଶାଗ ମାଛ ମୂଲ୍ୟରେ ଲିଜ ଦିଆଯାଇଛି। ଫଳରେ କର୍ମଚାରୀମାନେ କୋଟି କୋଟି ଟଙ୍କାର ମୁନାଫା ଉଠାଇ ଠାକୁରଙ୍କ ସହିତ ବିଶ୍ୱାସଘାତକତା କରିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ନୀରବ। ଏହି ଦେବୋତ୍ତର ଜମି ହଡପ ଘଟଣା ଉପରେ ଜାଲିଆତି ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଠାରେ ରାଜାଙ୍କ ସମୟରୁ ଏକ ଦେବୋତ୍ତର କାର୍ଯ୍ୟାଳୟ ଥିଲେ ବି ଏଠାକାର ମ୍ୟାନେଜର ଦାୟିତ୍ୱରେ ଥିବା କର୍ମଚାରୀ ସପ୍ତାହକୁ ଦୁଇଦିନ ଆସୁଛନ୍ତି। ଦେବୋତ୍ତର ଜମି ଲିଜ ନେଇଥିବା ବ୍ୟକ୍ତି ମାମୁଲି ସଲାମୀ ଦେବୋତ୍ତର ବିଭାଗକୁ ଦେଇ ଡେସିମିଲ ପ୍ରତି ଲକ୍ଷ ଲକ୍ଷ ଟଙ୍କାରେ ଅନ୍ୟକୁ ବିନା କାଗଜପତ୍ରରେ କେବଳ ହାତ ଲେଖା ରସିଦରେ ହସ୍ତାନ୍ତର କରି କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି। ଏହାର ସୁଯୋଗ ନେଇ ଯେଉଁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଦେବୋତ୍ତର ଜମି ଦଖଲ କରି ଦୀର୍ଘବର୍ଷ ଧରି ଏଠାରେ ଗୋଟିଏ ମସଜିଦ ଥିବା ସତ୍ତ୍ୱେ ଆଉ ଏକ ମସଜିଦ ନିର୍ମାଣ କରିଥିଲେ। ତାହାକୁ ନୂତନ ଉପଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା ତୁରନ୍ତ ଉଚ୍ଛେଦ ପାଇଁ ବେତନଟୀ ତହସିଲଦାରଙ୍କୁ ଆଦେଶ ଦେବା ପରେ ଗତକାଲି ଉଚ୍ଛେଦ ହୋଇଛି। ଫଳରେ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇବା ସହିତ ଉପଜିଲ୍ଲାପାଳଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଜବର ଦଖଲ ଜମି ଦଖଲ ମୁକ୍ତ କରି ଉପଯୁକ୍ତ ସଲାମି ଧାର୍ଯ୍ୟ କରିବାକୁ ବେତନଟୀ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା



ରାଉରକେଲା,୨୮।୫(ସମିସ): ମଙ୍ଗଳବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରୁ ଏହି ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ମାନସ ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ରବି ରାୟ, ରଶ୍ମି ରଞ୍ଜନ ପାଢୀ, ସବୀର ହୁସେନ, ଗଣେଶ ପ୍ରଧାନ, ଜ୍ଞାନରଞ୍ଜନ ଦାସ, ବାଦଲ ଶ୍ରୀଚନ୍ଦନ, ଆଶିଷ ମହାନ୍ତି, ନଚିକେତା ମହାପାତ୍ର, ଡେଭିଡ୍ ରାଓ, ଶିବୁ ସାହୁ, ପ୍ରବୋଧ ଦାସ, ମନୁ ସାମଲ, ପ୍ରଫୁଲ୍ଲ ପ୍ରଧାନ, ରମେଶ ଗୁପ୍ତା, ଧୁଷା ନାୟକ, ବିଶ୍ୱନାଥ ବାରିକ୍, ରଘୁ ଦାସ, ଖଦାଳ ସେଠି, ରଂଜିତା ମଲ୍ଲିକ, ବସନ୍ତ ସାମଲ, ବନମାଳୀ ବିଭାର, ଦିବାକର ଦିପ୍, ସଙ୍ଗୀତା ଲାକ୍ରା, ରୁକସାନ ବେଗମ୍, ଝରଣା ତ୍ରିପାଠୀ, ଧର୍ମା ନାୟକ, ପ୍ରତାପ ନାୟକ, କାହ୍ନୁ ବିଶୋଇ, ଏମ୍‌ଡି ହେଜଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# କେସିଙ୍ଗା ଡାକ୍ତରଖାନାରେ ସିବିସି ଟେଷ୍ଟ ବନ୍ଦ

**ତାର ପୋଡ଼ିଯାଇଥିବାରୁ ଚାଲୁନି ମେସିନ**

**ବାହାରେ ଟେଷ୍ଟ ପାଇଁ ୩ଶହ ଟଙ୍କା ପଡୁଛି**

କେସିଙ୍ଗା, ୨୮।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଡାକ୍ତରଖାନାର ସମସ୍ୟା ସମ୍ପର୍କରେ ବାମର୍ୱାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଉଛି; ହେଲେ ଏଥିରେ କୌଣସି ସୁଧାର ଆସୁନି। କେତେବେଳେ ସଫାସୁତୁରାକୁ ନେଇ ପ୍ରଶ୍ନଉଠିଛି ତ କେତେବେଳେ ଡାକ୍ତରମାନେ ରୋଗୀଙ୍କୁ ଭଲ ବ୍ୟବହାର କରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଏଠାରେ ୪ ମାସ ହେଲାଣି ସିବିସି ଟେଷ୍ଟ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ ଟେଷ୍ଟ ହେଉ ନ ଥିବା ମାନି ଥିଲେ; କିନ୍ତୁ ୪ ମାସ ନୁହେଁ। ମାସେ ହେବ ଏଥିଲାଗି ଆବଶ୍ୟକ ଥିବା ମେସିନର ତାର ଛିଣ୍ଡି ଯିବାରୁ ଟେଷ୍ଟ ବନ୍ଦ ରହିଛି। କେସିଙ୍ଗାରେ ଏହି ମେସିନର ତାର ମିଳୁନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ସିବିସି ଏହିପରି ଏକ ଟେଷ୍ଟ ଯାହା ୨୦ରୁ ୨୨ ପ୍ରକାର ରକ୍ତ ଟେଷ୍ଟ ହୋଇଥାଏ। ପ୍ରତିଦିନ ରୋଗୀ ମେଡିକାଲ ଆସିଲେ ସିବିସି ଟେଷ୍ଟ କରି ରିପୋର୍ଟ ଆଣିବାକୁ ଡାକ୍ତର କହୁଛନ୍ତି; ହେଲେ ସରକାରୀ ମେଡିକାଲ୍‌ରେ ଟେଷ୍ଟ ନ ହେବାରୁ ଗରିବ ଖଟିଖିଆ ଲୋକମାନେ ବାଧ୍ୟ ହୋଇ ପ୍ରାୟ ୩ ଶହ ଟଙ୍କା ଖର୍ଚ୍ଚ କରି ମେଡିକାଲ ବାହାରେ ଟେଷ୍ଟ କରି ରିପୋର୍ଟ ଆଣୁଛନ୍ତି।

**ବାରୁଦ ବୋଝେଇ ଟ୍ରକ୍ ଲୁଟ୍ ପରେ ମାଓ ଉପଦ୍ରବ ଅଞ୍ଚଳରେ କୋକୁଆ ଭୟ**

# ମାଓ ଇଲାକାରେ ନ ଥିଲା ସୁରକ୍ଷା ବ୍ୟବସ୍ଥା

**■ ୨୦୨୨ରୁ ବାଙ୍କୋ ଖଣିକୁ ଯାଉଥିଲା ବିସ୍ଫୋରକ ସାମଗ୍ରୀ**
**■ ପୁଲିସ ଗୁଇନ୍ଦା ବିଭାଗର କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ**

ରାଉରକେଲା,୨୮।୫(ସମିସ):

ସୁନ୍ଦରଗଡ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଳକଟା ଜଙ୍ଗଲରେ ୩୦ରୁ ୪୦ ସନ୍ଦିଗ୍ଧ ସଶସ୍ତ୍ର ମାଓବାଦୀ ଏକ ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିବା ଘଟଣା ରାଜ୍ୟ ପୁଲିସର ନିଦ ହଜେଇ ଦେଇଛି। ଏହି ଘଟଣା ପରେ ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତବର୍ତ୍ତୀ ମାଓ ଉପଦ୍ରୁତ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି। ଲୁଟ୍ ମିନି ଟ୍ରକରେ ୫ ଟନ ଓଜନର ବିସ୍ଫୋରକ ସାମଗ୍ରୀ ରହିଥିବାରୁ ଏହା କମ୍ବିଂ ଅପରେସନରେ ନିୟୋଜିତ ହେଉଥିବା ପୁଲିସ ଓ ଯବାନଙ୍କ ପାଇଁ କେତେ ଘାତକ ହୋଇ ଛିଡା ହେବ ତାକୁ ନେଇ ପୁଲିସର ଚିନ୍ତା ବଢ଼ିଛି। ପଡୋଶୀ ଛତିଶଗଡ଼ ରାଜ୍ୟରେ ପୁଲିସର ବ୍ୟାପକ ମାଓ ସଂହାର ଓ ମାଓବାଦୀଙ୍କ ପୁଲିସ ନିକଟରେ ଆତ୍ମସମର୍ପଣ ପରେ ମାଓ ସଂଗଠନ ପ୍ରତିକ୍ରିୟାଶୀଳ ଓ ପ୍ରତିଶୋଧ ପରାୟଣ ହୋଇ ଓଡିଶା ମୁହାଁ ହେବାର ଏହି ବିସ୍ଫୋରକ ସାମଗ୍ରୀ ଲୁଟ ଘଟଣା ଏକ ଟ୍ରାଏଲର ନୁହେଁ ତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୁଲିସ ଆଇଜି ଅପରେସନ ଡକ୍ଟର ଦୀପକ କୁମାରଙ୍କ ରାଉରକେଲାକୁ ମାରାଥନ ଗସ୍ତ କରି ଘଟଣାର ସମୀକ୍ଷା କରି ଫେରିଥିବା ବେଳେ ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋଠାରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀକୁ ପଥର ଖାଦାନରେ ବିସ୍ଫୋରଣ ପାଇଁ ବିସ୍ଫୋରକ ପ୍ରଦାନ ପାଇଁ ୨୦୨୨ ଏପ୍ରିଲ ମାସରୁ ୨୦୨୭ ଏପ୍ରିଲ ମାସ ପର୍ଯ୍ୟନ୍ତ ଅନୁମତି ମିଳିଥିଲା। ସୁତରାଂ ଗତ ୩ ବର୍ଷ ଧରି ରାଉରକେଲାରୁ ଉକ୍ତ ପଥର ଖାଦାନରୁ ନିୟମିତ ଭାବେ ବିସ୍ଫୋରକ ସାମଗ୍ରୀ ଯାଉଥିଲା। ୨୦୦୯ ମସିହାରେ ରାଉରକେଲାରୁ କୋଇଡା ଅଭିମୁଖେ ଯାଉଥିବା ୮ ଟନ ବୋଝେଇ ଏକ ଟ୍ରକକୁ ମାଓବାଦୀମାନେ ଲୁଟି ନେଇ ଝାଡଖଣ୍ଡ ରାଜ୍ୟକୁ ନେଇ ଯାଇଥିଲେ ଏବଂ ଉକ୍ତ ରାତିରେ କୋଇଡା ଥାନା ସବଇନିସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ବନ୍ଧୁକ ମୁନରେ ଅପହରଣ କରି ଅତ୍ୟନ୍ତ ବର୍ବୋରଚିତ ଭାବେ ବନ୍ଧୁକ ବଟ୍‌ରେ ଛେଚି ହତ୍ୟା କରିଥିଲେ। ଯାହାକି ସେତେବେଳେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିଲା। ଏହାପରେ ମଧ୍ୟ ୨୦୦୨ ମସିହାରୁ ମାଓ ଉପଦ୍ରୁତ ଇଲାକା ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣିକୁ ବିନା ସୁରକ୍ଷାରେ ବିସ୍ଫୋରକ ସାମଗ୍ରୀ ପଠାଯାଉଥିବା ଜଣାପଡ଼ିଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ସ୍ଥଳେ କେ. ବଲାଙ୍ଗ ଥାନା ପୁଲିସ କିପରି ମାଓ ଇଲାକାରେ ଏହି ବିସ୍ଫୋରକ ସାମଗ୍ରୀ ଯିବା ପାଇଁ ଅନୁମତି ଦେଇଥିଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ଦୀର୍ଘଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ମାଓ ନକ୍ସଲ ସକ୍ରିୟ ରହିଥିଲେ ମଧ୍ୟ ବିସ୍ଫୋରକ ଭଳି ଜିନିଷ ବିନା ସୁରକ୍ଷାରେ କେମିତି ଯାଉଥିଲା, ପୁଲିସ ଗୁଇନ୍ଦା ବିଭାଗ ନିକଟରେ ଏ ସୂଚନା ଥିଲା କି ନାହିଁ, ଯଦି ଥିଲା ତାହେଲେ ପୁଲିସ ଏଭଳି ବିସ୍ଫୋରକ ଚାଲାଣକୁ କିପରି ହାଲୁକା ଭାବେ ନେଇଥିଲା ଇତ୍ୟାଦି ଅନେକ ଅସମାହିତ ପ୍ରଶ୍ନ ଏବେ ତଦନ୍ତକାରୀ ଅଧିକାରୀଙ୍କ ଚିନ୍ତା ବଢାଇ ଦେଇଛି। ଅପରପକ୍ଷେ ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ କେ. ବଲାଙ୍ଗ ଥାନା ମାଓ ହିଂସା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ଥାନା ହୋଇଥିବା ବେଳେ ଉକ୍ତ ଥାନା ଦାୟିତ୍ୱରେ ଅନେକ ସମୟରେ ଜଣେ ସବ୍‌ଇନ୍ସପେକ୍ଟର ରହୁଛନ୍ତି। ସେଠାରେ ରହିଥିବା ସିଆରପିଏଫ କ୍ୟାମ୍ପକୁ ମଧ୍ୟ ବହୁ ଦିନ ହେବ ପ୍ରତ୍ୟାହାର କରି ନିଆଯାଇଛି। ଡିଭିଏଫ ଓ ଏସପିଓମାନଙ୍କୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ସଂପ୍ରତି ସମ୍ଭାବ୍ୟ ମାଓ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳର ସୁରକ୍ଷାକୁ ବଢାଇବାକୁ ଦାବି ହୋଇଛି।

## ସଂଜିତ ସାଂସଦଙ୍କ ଲାଠିକଟା ବ୍ଲକ୍ ପ୍ରତିନିଧି ମନୋନୀତ

ରାଉରକେଲା, ୨୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ବ୍ଲକ୍‌ରେ ସାଂସଦ ପ୍ରତିନିଧି ଭାବେ ଲାଠିକଟାର ସଂଜିତ ସାହୁଙ୍କୁ ସୁନ୍ଦରଗଡ ଜିଲ୍ଲାର ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ସଂଜିତ ସାଂସଦ ଶ୍ରୀ ଓରାମଙ୍କ ପକ୍ଷରୁ ପ୍ରତିନିଧି ଭାବେ ବ୍ଲକର ସମସ୍ତ ସରକାରୀ ବୈଠକରେ ଯୋଗ ଦେବେ ବୋଲି ଜଣାପଡିଛି।

# ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଅଗ୍ନି ନିର୍ବାପନ ଓ ଉଦ୍ଧାର କୌଶଳ





ରାଉରକେଲା,୨୮।୫(ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ର ଓ ଏଣ୍ଡଜି ୱାର୍ଡ୍‌ରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ଡେପୁଟି ସିଏମ୍‌ଓ ଡା. ମଧୁମିତା ସାହୁ, ଡା. ସୁଶୀଲ କୁମାର ଓ ଡକ୍ଟର ଏ. ମିଞ୍ଜଙ୍କ ସମେତ ଡାକ୍ତରଖାନାର ଅନ୍ୟ ବହୁ ବରିଷ୍ଠ ଡାକ୍ତର, ନର୍ସ, କର୍ମଚାରୀ ଏବଂ ବିଭିନ୍ନ ୱାର୍ଡର ବହୁ ସଂଖ୍ୟକ ରୋଗୀ ଏବଂ ଦର୍ଶକ ଉପସ୍ଥିତ ଥିଲେ। ଏଭଳି ସଚେତନାତକ କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର କର୍ମଚାରୀମାନଙ୍କୁ ସମ୍ଭାବ୍ୟ ଅଗ୍ନି ଜନିତ ବିପଦରେ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ପ୍ରୟୋଗ ଏବଂ ଉଦ୍ଧାର କୌଶଳ ବିଷୟରେ ଅବଗତ କରାଯାଇଥିଲା। ଏଥିରେ ୪ ଜଣ ରୋଗୀ ଏବଂ ଗୋଟିଏ ଶିଶୁ ପାଇଁ ଏକ କାଳ୍ପନିକ ଉଦ୍ଧାରକାଳୀନ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅଗ୍ନିଶମ ଦଳ, ଉଦ୍ଧାରକାରୀ ଦଳ ରୋଗୀଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରଦର୍ଶନ କରିବା ସହିତ ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପରେ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା। ଏହା ବିନୟ ମହାଜନଙ୍କ ନେତୃତ୍ୱ ତଥା ଜେ.ବି ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ଦଳ, ସହାୟକ ପରିଚାଳକ (ଅଗ୍ନିଶମ ସେବା) ବିଭାଗ ସହାୟତାରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇଜିଏଚର ସିନିୟର ପରାମର୍ଶଦାତା ଡା. ରିତା ସୁରିତ ସଂଯୋଜନା କରିଥିଲେ।

# ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ଓ ସହର ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକଙ୍କୁ ଆରଏମଏସ୍‌ର ସାକ୍ଷାତ



ରାଉରକେଲା,୨୮।୫(ସମିସ): ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଆରଏମ୍‌ଏସ୍‌ର ଏକ ଦଳ ନୂତନ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ମାନସ କୁମାର ରଥ ଓ ସହର ପ୍ରଶାସନ ବିଭାଗ ମୁଖ୍ୟ ପ୍ରବନ୍ଧକ ଭାବେ ପଦୋନ୍ନତି ପାଇଥିବା ଟିଜି କାନେକରଙ୍କୁ ସ୍ୱାଗତ କରିବା ସହ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା ମଜଦୂର ସଭାର କର୍ମକର୍ତ୍ତାମାନେ ରାଉରକେଲା ଇସ୍ପାତ କାରଖାନା, ଟାଉନ ମେଣ୍ଟାନାନ୍ସ ଓ ଇସ୍ପାତ ଜେନେରାଲ ହସପିଟାଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଆଇଜିଏଚରେ ଓପିଡି ସେବା ଓ ଆଲଟ୍ରା ସାଉଣ୍ଡ, ସିଟି ସ୍କାନ, ଏମ୍‌ଆର୍‌ଇ ଇତ୍ୟାଦିରେ ଦୈନଦିନ ଦେଖାଦେଉଥିବା ବିଳମ୍ବ ଯୋଗୁଁ ରୋଗୀ ସେବାରେ ବ୍ୟାଘାତ, ରିଙ୍ଗ ରୋଡ ଓ ମୁଖ୍ୟ ରାସ୍ତାରେ ଗୋରୁ ମଇଁଷିମାନଙ୍କ ଅବାଧ ଯାତାୟାତ ଫଳରେ ପ୍ରତ୍ୟେକ ଦିନ ଶ୍ରମିକ କର୍ମଚାରୀମାନେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିବା, ଟାଉନ ମେଣ୍ଟନାନ୍ସ କ୍ୱାର୍ଟର ଗୁଡ଼ିକ ମରାମତି ଓ ରକ୍ଷଣାବେକ୍ଷଣ କରାନଯିବା ଆଦି ଉପରେ ଆଲୋଚନା ହୋଇଥିଲା। ସେହିପରି ଠିକା ଶ୍ରମିକଙ୍କ ନିରାପତ୍ତାକୁ ଧ୍ୟାନ ନଦେଇ କଷଣ ଓ ଶୋଷଣ କରାଯାଉଥିବା ଓ ସ୍ଥାୟୀ ଶ୍ରମିକଙ୍କ ପୂର୍ଣ୍ଣାଙ୍ଗ ମଜୁରୀ ଚୁକ୍ତିନାମା ନହେବା ଯୋଗୁଁ ଦେଖାଦେଇଥିବା ଦରମା ଅସଙ୍ଗତ ଆଦି ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମ ଓ ଆଲୋଚନାରେ ରାଉରକେଲା ମଜଦୂର ସଭାର ଅସିତ୍ ଦାସ, ସିଦ୍ଧେଶ୍ୱର ବଳ, ପତିତପାବନ ଜେନା, ଦିଲ୍ଲୀପ କୁମାର ଜେନା, ପ୍ରମୋଦ ଦାସ, ସତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ସରୋଜ ରାଉଳ, ବିକାଶ ନାୟକ, ବସନ୍ତ ପଲେଇ, ଓକିଲ ମହନ୍ତ ଓ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୭ରେ ରଜ ରାଜକୁମାରୀ ସିଜିନ-୪ର ଗ୍ରାଣ୍ଡ ଫିନାଲେ




ରାଉରକେଲା,୨୮।୫(ସମିସ): ଗରିମା ପରିବାର ତରଫରୁ ରଜ ରାଜକୁମାରୀ ସିଜିନ - ୪ର ଆସନ୍ତା ଜୁନ୍ ୧୭ରେ ଦିନ ଗ୍ରାଣ୍ଡ ଫିନାଲେ ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଅନୁଷ୍ଠାନ ତରଫରୁ ସେକ୍ଟର-୨ ସ୍ଥିତ କମ୍ୟୁନିଟି ସେଣ୍ଟର୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗରିମାର ଅଧ୍ୟକ୍ଷା ନିହାରିକା ବସ୍ତିଆ, ଉପାଧ୍ୟକ୍ଷା ପ୍ରଣତୀ ଜେନା, ସଭାପତି ମମତା ନାଏକ, ଉପସଭାପତି ରେବତୀ ବାରିକ, ସାଧାରଣ ସମ୍ପାଦିକା ଶର୍ମିଳା ରାଜଗୁରୁ ସୂଚନା ଦେଇଥିଲେ। ଏଥିପାଇଁ ଆସନ୍ତା ଜୁନ୍ ୭ ତାରିଖରେ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ୍‌ଠାରେ ରଜ ରାଜକୁମାରୀ ସିଜିନ - ୪ର ଅଡିସନ ସହ ରଜ ସଜବାଜ, ପୋଡ ପିଠା ଓ ପୁଚିଖେଳ ଆଦି ପ୍ରତିଯୋଗିତାର ଅଡିସନ କରାଯିବ। ରଜ ରାଜକୁମାରୀ ପ୍ରତିଯୋଗୀମାନଙ୍କ ବୟସ ସୀମା ୧୩ ବର୍ଷରୁ ୨୨ ବର୍ଷ ମଧ୍ୟରେ ରଖାଯାଇଛି। ଏଥିରେ ଓଲିଉଡ଼ ଅଭିନେତ୍ରୀ ଇପ୍ସିତା ଅତିଥି ତଥା ବିଚାରକ ଭାବେ ଯୋଗଦେବେ। ଏହି ପ୍ରତିଯୋଗିତା ଗୁଡିକରେ ଶ୍ରେଷ୍ଠ କୃତି ୩ ପ୍ରତିଯୋଗୀଙ୍କୁ ୧୭ ତାରିଖରେ ସିଭିକ ସେଣ୍ଟରଠାରେ ନଗଦ ଅର୍ଥ ସହ ପୁରସ୍କାର ପ୍ରଦାନ କରାଯିବ। ଏହାସହ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ ଯେ, ୧୭ ତାରିଖ ଦିନ ଅତିଥି ଭାବେ ଓଲିଉଡ ଅଭିନେତ୍ରୀ ଭୂମିକା ଦାଶ ଯୋଗଦେବେ। ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଲୋକାଭିମୁଖୀ କରିବା ପାଇଁ ଗରିମା ପରିବାରର ଏଭଳି ପ୍ରୟାସ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦିକା ଡ. ସରିତା ମଲ୍ଲ, କୋଷାଧ୍ୟକ୍ଷ ଶଙ୍କରିନା ପ୍ରଧାନ, ସହ କୋଷାଧ୍ୟକ୍ଷ ସନ୍ତୋଷୀ ମଲ୍ଲିକ, କାର୍ଯ୍ୟକ୍ରମର ଆବାହକ ସିଲି ମହାନ୍ତି ଓ ସହ ଆବାହିକା ଶାନ୍ତିଲତା ବାରିକଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

**ଶକ୍ତି ପରିଚାଳନା ବିଭାଗର ପ୍ରୟାସ**

# ଆରଏସ୍‌ପିର ନୂତନ ବୈଷୟିକ ଅର୍ଥନୈତିକ ମାନଦଣ୍ଡ ସ୍ଥାପନ

ରାଉରକେଲା, ୨୮।୫(ସମିସ):



ଶକ୍ତି ପରିଚାଳନା ବିଭାଗ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) କୁ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ବୈଷୟିକ ଅର୍ଥନୈତିକ ମାନଦଣ୍ଡ ସ୍ଥାପନ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ସ୍ଥାୟୀତ୍ୱ ଓ କାର୍ଯ୍ୟକ୍ଷମ ଦକ୍ଷତା ପ୍ରୟାସରେ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରାଇଛି। ଧ୍ୟାନ କେନ୍ଦ୍ରିତ ଏବଂ ରଣନୈତିକ ପଦକ୍ଷେପ ମାଧ୍ୟମରେ, ଆରଏସ୍‌ପି ଅଶୋଧିତ ଇସ୍ପାତ ଟନ ପିଛା ସର୍ବକାଳୀନ ଶ୍ରେଷ୍ଠ ୫.୯୨ ଗିଗା କ୍ୟାଲୋରୀ ଆପେକ୍ଷିକ ଶକ୍ତି ଉପଯୋଗ ହାର ହାସଲ କରିଛି ଏବଂ ୨୦୨୩-୨୪ର ପୂର୍ବ ଶ୍ରେଷ୍ଠ ୫.୯୮୪ ଗିଗା କ୍ୟାଲୋରି ରେକର୍ଡକୁ ଅତିକ୍ରମ କରିଛି। ଏହି ମାଇଲଖୁଣ୍ଟ ଶକ୍ତି ଦକ୍ଷତାରେ ଏକ ପ୍ରମୁଖ ଉନ୍ନତିକୁ ପ୍ରତିଫଳିତ କରେ, ଯାହା କାର୍ବନ ପାଦଚିହ୍ନ ହ୍ରାସ କରିବା ଏବଂ ସ୍ଥାୟୀ ଇସ୍ପାତ ନିର୍ମାଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି। ଇଏମ୍‌ଡିର ପଦକ୍ଷେପ ଯୋଗୁଁ ଏଲଡି ଗ୍ୟାସ ଇଲ୍ଡରେ ଏକ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷରେ ଅଶୋଧିତ ଇସ୍ପାତ ଟନ ପିଛା ୭୦.୪୧ ଘନମିଟରରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭୫.୮୯ ଘନମିଟରରେ ପହଞ୍ଚିଛି। ସେହିପରି, କୋକ୍ ଓଭେନ୍ ଗ୍ୟାସ ଉତ୍ପାଦନ ମଧ୍ୟ ୨୦୨୩-୨୪ ରେ ପ୍ରତି ଟନ୍ ଡ୍ରାଇ କୋକ୍ ପିଛା ୩୧୮ ଘନମିଟରରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୩୨୧ ଘନମିଟରକୁ ବୃଦ୍ଧି ପାଇଛି, ଏବଂ ବର୍ଦ୍ଧିତ ଗ୍ୟାସ ପୁନରୁଦ୍ଧାର ଏବଂ ବ୍ୟବହାରକୁ ପ୍ରତିଫଳିତ କରୁଛି। ଭିତ୍ତିଭୂମି ଅଖଣ୍ଡତା ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ପ୍ରତି ଏହାର ପ୍ରତିବଦ୍ଧତା ସହ ବିଭାଗ ୨୭୬୦ ମିଟର ଗ୍ୟାସ ପାଇପ ଲାଇନଗୁଡ଼ିକର ବଦଳ ମଧ୍ୟ କରିଛି। ଯାହା ପ୍ଲାଣ୍ଟରେ ଗୁରୁତ୍ୱପୂର୍ଣ୍ଣ ଗ୍ରାହକମାନଙ୍କୁ ନିରନ୍ତର ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସୁନିଶ୍ଚିତ କରୁଛି। ବିଭାଗ ନିରନ୍ତର ପ୍ରୟାସ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି କରିବାକୁ ପ୍ରତିବଦ୍ଧ ରହିଛି ତଥା ପ୍ଲାଣ୍ଟର ସ୍ଥାୟୀତ୍ୱ, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟ-ପ୍ରଭାବଶାଳୀତାର ପ୍ରମୁଖ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ କରୁଛି।

# ମାଇଁକୁ ବ୍ଲାକମେଲ୍ କରି ଭଣଜା ଗିରଫ

ଧର୍ମଗଡ଼, ୨୮।୫(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଲିମସେର ଗାଁର ଜଣେ ଯୁବକ ତାଙ୍କ ପଡୋଶୀ ମହିଳାଙ୍କୁ ଗିରଫ କରି ବନ୍ଧା ହୋଇଛି। ଅଭିଯୁକ୍ତ ଜଣକ ହେଉଛି ପ୍ରେମାନନ୍ଦ ମେହେର ଓରଫ ପ୍ରେମ (୩୭) ତେବେ ସମ୍ପୃକ୍ତ ମହିଳା ଜଣକ ହିସାବରେ ତାଙ୍କର ମାଇଁ ହେବେ। ଗାଧୁଆ ଘରେ ଗାଧୋଇବା ବେଳେ ପ୍ରେମ ମାଇଁଙ୍କ ଅଜଣାତରେ ମୋବାଇଲରେ ଭିଡିଓ ସୁଟିଂ କରିଥିଲା। ଏହି ଭିଡିଓକୁ ସେ ମହିଳାଙ୍କ ଘରର ସଦସ୍ୟମାନଙ୍କୁ ହ୍ୱାଟ୍ସଆପରେ ବାରମ୍ବାର ପଠଉଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଭାଇରାଲ କରିବାର ଭୟ ମଧ୍ୟ ଦେଖାଇବାକୁ ପଛାଉ ନ ଥିଲା। ଭାଇରାଲ କରିଦେବା ଭୟ ଦେଖାଇ କେତେବେଳେ ସୁନା ଅଳଙ୍କାର ମାଗୁଥିଲା ତ ଆଉ କେତେବେଳେ ଟଙ୍କା ମାଗୁଥିଲା। ଏହା ଅସହ୍ୟ ହେବାରୁ ମହିଳାଙ୍କ ଘର ଲୋକେ ଗୋଲାମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରିଥିଲା। ଶେଷରେ ଅଭିଯୁକ୍ତ ପ୍ରେମ ବନ୍ଧା ହୋଇଛି। ଭିଡିଓ ରେକର୍ଡିଂ କରିବାରେ ବ୍ୟବହୃତ ମୋବାଇଲ ଓ ସିମ କାର୍ଡ ଜବତ ହୋଇଛି।



**ଗାଧୋଇବାବେଳର ଭିଡିଓ ସୁଟିଂ କରି ଭାଇରାଲ ଧମକ ଦେଉଥିଲା**

**ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିଲା ବହୁ କିମ୍ବଦନ୍ତୀର ମୁକସାକ୍ଷୀ 'ଓ' ବଙ୍ଗଳା**

# ଡାକବଙ୍ଗଳା ଶୂନ୍ୟ ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ,୨୮।୫(ସମିସ): ବ୍ରିଟିଶ ଅମଳରୁ ବହୁ କିମ୍ବଦନ୍ତୀର ମୁକସାକ୍ଷୀ ପାଲଟିଥିବା ଅଳଭା 'ଓ' ବଙ୍ଗଳା ମାଟିରେ ମିଶିଲାଣି । ରକ୍ଷଣାବେକ୍ଷଣ ଅଭାବରୁ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା 'ଓ' ଡାକବଙ୍ଗଳା ଏବେ ନିଜର ସତ୍ତା ହରାଇବାକୁ ବସିଛି । 'ଓ' ବଙ୍ଗଳାଟି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯିବା ପରେ ପଟ୍ଟାମୁଣ୍ଡାଇ ହୋଇଛି ଡାକମଙ୍ଗଳା ଶୂନ୍ୟ। ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହର କେନ୍ଦ୍ରସ୍ଥଳରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଉଚ୍ଛେଦ କରାଯାଇ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ମିଶାଇ ଦିଆଯାଇଛି । ଏଣେ ଅଳଭାଠାରେ ଥିବା ଜଳ ସମ୍ପଦ ବିଭାଗ 'ଓ' ବଙ୍ଗଳା ରକ୍ଷଣାବେକ୍ଷଣ ଅଭାବରୁ ଏକ ପ୍ରକାର ମାଟିରେ ମିଶିବାକୁ ବସିଛି। ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ପଟ୍ଟାମୁଣ୍ଡାଇ ଏବେ ଡାକବଙ୍ଗଳା ଶୂନ୍ୟ। ରାଜନୈତିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରିଆସୁଥିବା ପଟ୍ଟାମୁଣ୍ଡାଇରେ ନୂତନ ଡାକବଙ୍ଗଳା ପ୍ରତିଷ୍ଠା ହୋଇ ନ ପାରିବା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି ।

ପୂର୍ବରୁ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଏହି ଅଞ୍ଚଳକୁ ଆସୁଥିବା ବିଭିନ୍ନ ପଦାଧିକାରୀଙ୍କୁ ଆତିଥ୍ୟ ଦେଇଆସୁଥିଲା। ଏହା ମଧ୍ୟ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଙ୍କ ପାଇଁ ବିନିଯୋଗ ହେଇପାରୁଥିଲା। ତେବେ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଭାବେ ନିର୍ମାଣ ହୋଇଥିବା ମାତୃ ଓ ଶିଶୁ ସୌଧ ପାଇଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଉଚ୍ଛେଦ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ମିଶାଇ ଦିଆଯାଇଛି । ତେବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଜାଗା ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଉଚ୍ଛେଦ ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। କିନ୍ତୁ ପୂର୍ତ୍ତ ବିଭାଗର ମନମାନୀ ଓ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ପଟ୍ଟାମୁଣ୍ଡାଇରେ ନୂତନ ଡାକବଙ୍ଗଳା ପ୍ରତିଷ୍ଠା ହୋଇପାରିନାହିଁ। ପଟ୍ଟାମୁଣ୍ଡାଇ ଭିତରକନିକା ଜାତୀୟ ଉଦ୍ୟାନ ପ୍ରବେଶ ପଥରେ ଅବସ୍ଥିତ ହୋଇଥିବାରୁ ବହୁ ପର୍ଯ୍ୟଟକ ରାତ୍ରଯାପନ ପାଇଁ ପଟ୍ଟାମୁଣ୍ଡାଇରେ ଡାକବଙ୍ଗଳା ନ ଥିବାରୁ ବିଭିନ୍ନ ଘରୋଇ ମଣ୍ଡପ ଓ ଲଜରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି ।



ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବଜାରଠାରୁ ଦୂରରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ପାଶ୍ୱର୍ ପୌରପରିଷଦ ଅଧୀନସ୍ଥ ଅଳଭା ଗ୍ରାମ ନିକଟରେ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଅଳଭା 'ଓ' ବଙ୍ଗଳା ଦୀର୍ଘ ୨ ଦଶନ୍ଧୀ ଧରି ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଏହା ଏବେ ମାଟିରେ ମିଶିବାକୁ ବସିଛି। ନିଛାଟିଆ ସ୍ଥାନରେ ବ୍ରିଟିଶ ଅମଳରୁ ପ୍ରତିଷ୍ଠା ହୋଇଥିବା 'ଓ' ବଙ୍ଗଳା ଜଳ ସମ୍ପଦ ଅଧୀନରେ ରହିଆସିଛି। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଏହାର ପୁନଃନିର୍ମାଣ ଓ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଛି। ଏହା ରାଜନେତା ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରି ପାଲଟିଛି । ଏହି 'ଓ' ବଙ୍ଗଳା ଅନେକ ସମୟରେ ରାଜନେତାଙ୍କ ଆମୋଦପ୍ରମୋଦ ସ୍ଥାନ ପାଲଟିଛି । ବହୁ ସମୟରେ ବିଭିନ୍ନ ରାଜନୈତିକ ଦଳ ଏଠାରେ ସଭା ସମିତି ଓ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି । ତେବେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଉଚ୍ଛେଦ ହେବା ପରେ ରାଜନେତା ଅନ୍ୟତ୍ର ବସାଉଠା କରିବା ଓ ନିଜ ନିଜର ଦଳୀୟ କାର୍ଯ୍ୟାଳୟ ଖୋଲିବା ପରେ 'ଓ' ବଙ୍ଗଳାକୁ କ୍ରମେ ଯାତାୟାତ ଠପ ହୋଇଯାଇଛି । ଏଠାରେ ନିଯୁକ୍ତ ରାତ୍ର ଜଗୁଆଳୀ ରହୁନାହାନ୍ତି। ଦୁର୍ବୃତ୍ତମାନେ କବାଟ, ଝରକା ତାଡ଼ି ନେଇ ସାରିଲେଣି । ଲତା ବୁଦାରେ ପରିପୂର୍ଣ୍ଣ 'ଓ' ବଙ୍ଗଳା ପରିସରରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଅଭିଯୋଗ ହେଉଛି। ଏହି 'ଓ' ବଙ୍ଗଳା ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିଲେ ହେଁ ସତେ ଯେମିତି ବିଭାଗ ଦାୟିତ୍ୱ ହୀନ ହୋଇଯାଇଛି। ବହୁ କିମ୍ବଦନ୍ତୀ ବହନ କରୁଥିବା ଓ ପଟ୍ଟାମୁଣ୍ଡାଇର ଶେଷ ସନ୍ତକ 'ଓ' ବଙ୍ଗଳା ମାଟିରେ ମିଶିବାକୁ ଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗ ଏହି 'ଓ' ବଙ୍ଗଳାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ସହିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପଟ୍ଟାମୁଣ୍ଡାଇ ଚୂନଡିଅଠାରେ ପୁନର୍ବାର ନିର୍ମାଣ କରିବା ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

**■ କରିଲୋପାଟଣା-ନଡ଼ିଆବରାଇ ରାସ୍ତା**

## କାର୍ଯ୍ୟକୁ ୨ଦିନ ପୂରିନାହିଁ; ଉଠି ଗଲାଣି ପିଚୁ



ମାର୍ଶାଘାଇ,୨୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କରିଲୋପାଟଣା ବିଶି ସ୍ୱାଇଁ ଗଡ଼ା-ନଡିଆବରାଇକୁ ସଂଯୋଗ କରୁଥିବା ୫କିମି ରାସ୍ତା ୨ଦିନ ତଳେ ପିଚୁକାର୍ଯ୍ୟ କରାଯାଇଥିଲା। ଗ୍ରାମଉନ୍ନୟନ ବିଭାଗ ଜ୍ଞାତସାରରେ ପିଚୁ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷପ ଗ୍ରହଣକରାଗଲା ନାହିଁ। ରାସ୍ତା ଉପରୁ ପୁରୁଣା ପିଚୁ ତଡ଼ା ନ ଯାଇ ଅତ୍ୟନ୍ତ ତରବରିଆ ଭାବେ ନିମ୍ନମାନର କାର୍ଯ୍ୟନେଇ ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ଯାହାଫଳରେ ୨ଦିନ ନପୂରଣୁ ରାସ୍ତା ଉପରୁ ନୂତନ ପିଚୁ ଉଠିଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସରକାର କୋଟି କୋଟି ଅର୍ଥ ବ୍ୟୟବରାଦ କରି ଗ୍ରାମାଞ୍ଚଳ ରାସ୍ତା ବିକାଶ କରିବାକୁ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଠିକାସଂସ୍ଥା ରାସ୍ତା କାର୍ଯ୍ୟ ଠିକଣା ଭାବେ କରୁନାହିଁ। ଏଭଳିସ୍ଥଳରେ ମାର୍ଶାଘାଇ ବ୍ଲକ୍ କରିଲୋପାଟଣାଳ ନାରାୟଣପୁର, ପଣସୁଆପଡ଼ା ସମେତ ଗରଦପୁର ବ୍ଲକ ନଡ଼ିଆବରାଇ ପର୍ଯ୍ୟନ୍ତ ରାସ୍ତା ଉପରେ ମାର୍ଶାଘାଇ ଓ ଗରଦପୁର ବ୍ଲକ ଡିଆବରାଇ, ତିକନପୁର, କଳାବୁଦା ସମେତ ଅନ୍ୟାନ୍ୟ ପଞ୍ଚାୟତ ଜନସାଧାରଣ ଜିଲ୍ଲା ସଦର ମହକୁମାକୁ ଗମନାଗମନ କରିବା ନିମନ୍ତେ ଏକାମାତ୍ର ମୁଖ୍ୟରାସ୍ତା ଭାବେ ବିବେଚିତ ହେଉଛି । ତେବେ କରିଲୋପାଟଣା-ନଡିଆବରାଇ ରାସ୍ତା ଯେଭଳି ନିମ୍ନମାନର କରାଯାଇଛି ତାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ୫କିମି ରାସ୍ତାରୁ ୨ଦିନରେ ପିଚୁ ଉଠିଯାଉଛି । ଆଗାମୀ ୨ମାସ ମଧ୍ୟରେ ରାସ୍ତାରୁ ସମ୍ପୂର୍ଣ୍ଣ ପିଚୁ ଉଠିଯିବା ବୋଲି ପୂର୍ବତନ ସମିତିସଭ୍ୟ ଅନ୍ନଦା ତ୍ରିପାଠୀ ଗ୍ରାମଉନ୍ନୟନ ବଡିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ହିମାଂଶୁ ପ୍ରତିହାରୀଙ୍କୁ ପଚାରିବାରୁ ପିଚୁକାର୍ଯ୍ୟ ଠିକ୍ ଭାବେ ହୋଇଛି। ୭ଦିନରେ ପିଚୁ ରାସ୍ତରେ ସେଟିଂ ହେବ ସମୟ ରହିଛି। ଯଦି ଲୋକେ ରାସ୍ତାରୁ ହାତରେ ପିଚୁକୁ ତାଡିବେ ତାହା ଉଠିବ ବୋଲି କହିଛନ୍ତି । ବର୍ତ୍ତମାନ କାର୍ଯ୍ୟ ଚାଲୁ ରହିଛି, ଯେଉଠି ନିମ୍ନମାନର କାର୍ଯ୍ୟ ହୋଇଥିବ ତାହାକୁ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ କରିବ ବୋଲି ପ୍ରକଶ କରିଛନ୍ତି ।

## ବୀର୍ ସାଭରକରଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା,୨୮।୫(ସମିସ): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାଭରକରଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସଭରକରଙ୍କୁ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଅବିହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜସେବୀ ଇଞ୍ଜିନିୟର ଅକ୍ଷୟ କୁମାର ପାଣି ସ୍ୱାଧୀନତା ପାଇଁ ସଭରକରଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ସାଭରକରଙ୍କ କ୍ରାନ୍ତିକାରୀ ବିଚାରଧାରାକୁ ବାଦ୍‌ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଲେଖାଯାଇ ପାରେନା ବୋଲି ମତବ୍ୟକ୍ତ କରିଥିଲେ। ଯୁବ ସାମ୍ବାଦିକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବୀରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁବ ଆଇନଜୀବୀ ନୀତିଶ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ/ଦଣ୍ଡିସାହି,୨୮।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ବଲୁରିଆ ପଞ୍ଚାୟତର ପ୍ରଥମ ସରପଞ୍ଚ ଜିତେନ୍ଦ୍ର ରାଉତଙ୍କଏକାଦଶାହ ଅବସରରେ ବଲୁରିଆଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ବିଶ୍ୱଜିତ ମହାନ୍ତି, ପ୍ରଭାତ କୁମାର ମଲ୍ଲିକ, ଚକ୍ରଧର ମଲ୍ଲିକ, ବିକ୍ରମ ପରିଡ଼ା, ପ୍ରଦୋଷ ରାଉତ, ପ୍ରଭାତ ରାଉତ, ଜନ୍ମେଜୟ ନାୟକ, ତାପସ ଦାଶ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚିନ୍ମୟ କୁମାର ରାଉତ, ତନ୍ମୟ କୁମାର ରାଉତ ଓ ବିନୟ କୁମାର ରାଉତ ପରିଚାଳନା କରିଥିଲେ ।

**■ ସରକାରୀ ଅର୍ଥ ଅପବ୍ୟୟ ଅଭିଯୋଗ**

## ଆଦର୍ଶ ଗ୍ରାମରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ



ପଞ୍ଚୁପାଣ୍ଡବ,୨୮।୫(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଲାଗିଥିଲା ଷ୍ଟ୍ରିଟଲାଇଟ୍। ସେଥିରୁ ଶତାଧିକ ଲାଇଟ୍ ଅଚଳ ହୋଇଥିବା ଅଭିଯୋଗ ହେଉଛି । ବିଭିନ୍ନ ଯୋଜନାରୁ ଲାଗିଥିବା ଲାଇଟ୍ କିଛିଦିନ ପରେ ଅଚଳ ହୋଇପଡ଼ିରହିଥିବାବେଳେ ରକ୍ଷଣାବେକ୍ଷଣ କରିବା ପାଇଁ କାହାରି ନଜର ପଡୁନାହିଁ। ଠିକାଦାର ନିମ୍ନମାନର ଲାଇଟ୍ ଲଗାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ଦେଖିବାକୁ ମିଳୁଛି ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଆଦର୍ଶ ଗ୍ରାମର ସାହୁ ସାହିରେ। ଏହି ଲାଇଟ୍ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଆଦର୍ଶ ଯୋଜନାରୁ ଲଗାଯାଇଥିଲା। କିଛିଦିନ ପରେ ଲାଇଟ୍ ଅଚଳ ହୋଇଥିବା ଅଭିଯୋଗ କରିଥିଲେ ସୁଦ୍ଧା ବର୍ଷେ ପାଖାପାଖି ହେବ ପଞ୍ଚାୟତ ଅଧିକାରୀ ହୁଅନ୍ତୁ କିମ୍ବା ଠିକାଦାର କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଠିକାଦାର ଜଣଙ୍କ ନିମ୍ନମାନର ଲାଇଟ୍ ଲଗାଇ ଥିବାବେଳେ ଚାରି ପଟରେ ସୁରକ୍ଷା ବାଡ଼ର ବ୍ୟବସ୍ଥା ନାହିଁ। ଲାଗିଥିବା ୪ଟି ଲାଇଟ୍‌ରୁ ୩ଟି ଅଚଳ ହୋଇ ଦୀର୍ଘଦିନ ଧରି ପଡ଼ି ରହିଛି। ସେହିପରି ବିଭିନ୍ନ ପଞ୍ଚାୟତରେ ଲାଇଟ୍ ଅଚଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଚଳ ଲାଇଟ୍‌କୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଅନାସ୍ଥାରେ ପଦଚ୍ୟୁତ ହେଲେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା

ମହାକାଳପଡ଼ା,୨୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ ବୁଧବାର ଅନାସ୍ଥାରେ ପଦଚ୍ୟୁତ ହୋଇଛନ୍ତି । ମହାକାଳପଡ଼ା ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ୪୯ ଜଣ ସମିତି ସଭ୍ୟସଭ୍ୟା ଏବଂ ସରପଞ୍ଚ ଯୋଗଦେଇଥିଲେ । ସମସ୍ତେ ଅନାସ୍ଥା ସପକ୍ଷରେ ମତ ଦେଇଥିଲାବେଳେ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ପକ୍ଷରେ ବା ଅନାସ୍ଥା ପ୍ରସ୍ତାବ ବିରୋଧରେ କେହି ସଦସ୍ୟ ସଦସ୍ୟା ନ ଥିଲେ। ଏହି ବୈଠକରେ ମହାକାଳପଡ଼ା ତହସିଲଦାର ଶିବ ମଲିକ ସଭାପତିତ୍ୱ କରି ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ଗୃହୀତ ହେଲା ବୋଲି ସୂଚନା ଦେଇଥିଲେ ।ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟାଦେଶ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା ଅଧ୍ୟକ୍ଷ ଦାୟିତ୍ୱରେ ରହିବେ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ସୂଚିତ କରାଯାଇଛି ।

## ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୨୮।୫(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠ ପାଳକଣା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା କୋରୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବଂଗତ କୃଷ୍ଣଚନ୍ଦ୍ର ସେଠୀ (ପଣ୍ଡିତ)ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ତଥା ସତୀର୍ଥର ମିଳିତ ସୌଜନ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିବାବେଳେ ରାଜଶ୍ରୀର ସମ୍ପାଦକ ଆଶୁକବି ହେମନ୍ତ ଜେନା ଏବଂ ନୂପୁର ଅନୁଷ୍ଠାନର ସଞ୍ଚାଳକ କବି ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ମନ୍ମଥନାଥ ବରାଳ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟ, ଶିକ୍ଷାବିତ ରଘୁନାଥ ରାଉତ, ରଞ୍ଜିତ ପ୍ରସାଦ ଜେନା, ଭାଗୀରଥି ଜେନା ଏବଂ ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡ଼ା, ହରିପଦ ବେହେରା, ଭରତ ଚନ୍ଦ୍ର ଦାସ ଏବଂ ତଅପୋଇ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅମର ପ୍ରସାଦ ରାଉତ ବେଦପାଠ ଓ ବସନ୍ତ କୁମାର ମଲ୍ଲିକ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପରମାନନ୍ଦ ଥାଟୋଇ, କୃପାସିନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଆଡଭୋକେଟ ବିଜୟ କୁମାର ପରିଡ଼ା, ନାଟ୍ୟକାର ରାଜୁ ସାମଲ, ସାମ୍ବାଦିକ ଦେବାଶିଷ ସ୍ୱାଇଁ, ବ୍ୟଙ୍ଗକବି ଅପର୍ତ୍ତି ଚରଣ ସେଠୀ, ସମାଜସେବୀ କୃତିବାସ ଜେନା, ହିରଣ୍ୟ ବେହୁରା, ବାବାଜୀ ଚରଣ ମଲ୍ଲିକ , ଯୁବନେତା ରାଜେଶ ପଣ୍ଡା, ଅକ୍ଷୟ କୁମାର ତରାଇ, ଜଗନ୍ନାଥ ନାୟକ, ମହେଶ୍ୱର ନାୟକ, ରବୀନ୍ଦ୍ରନାଥ ଭଳ, ଶଙ୍କର୍ଷଣ ସାହୁ ସ୍ମୃତିଚାରଣ କରିଥିଲେ। ସର୍ବଶ୍ରୀ ରବୀନ୍ଦ୍ର ପଣ୍ଡା, ରମାକାନ୍ତ ସାହୁ, ଲକ୍ଷ୍ମୀଧର ବେହେରା, ଦାମୋଦର ମଲ୍ଲିକ, ବିଷ୍ଣୁଚରଣ ସେଠୀ, ହରେକୃଷ୍ଣ ଜେନା ଏବଂ ଅକ୍ଷୟ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ

## ସତ୍ୟ-ସୁଷମା ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ ଓ ରକ୍ତଦାନ ଶିବିର



ଆଳି,୨୮।୫(ସମିସ): ଆଳି ବ୍ଲକ୍ କୋଳିଡିହ ପଞ୍ଚାୟତର ଦିନିଆରି ଗ୍ରାମରେ ସତ୍ୟ-ସୁଷମା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କମିଶନରେଟ ହେଡ୍‌କ୍ୱାର୍ଟରରେ ଡିସିପି ଭାବେ କାର୍ଯ୍ୟରତ ଥିବା ଦିନିଆରି ଗ୍ରାମର ସୁରେଶ ଚନ୍ଦ୍ର ପାତ୍ରଙ୍କ ପତ୍ନୀ ସୁଷମା ବରାଳ ଓ ଡାକ୍ତରୀ ଛାତ୍ର ସାନପୁଅ ସତ୍ୟସ୍ୱରୂପ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଚତୁର୍ଥ ରକ୍ତଦାନ ଶିବିର, ମାଟ୍ରିକ ଓ +୨ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଅଦ୍ୟୁତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଡକ୍ଟର କୁଶାସନ ପରିଡା, ମୁଖ୍ୟବକ୍ତା ଭାବେ ଡକ୍ଟର ବନବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ଖଣ୍ଡେଇ, ଟ୍ରଷ୍ଟର ସଭାପତି ସୁରେଶ ପାତ୍ର ଓ ସମ୍ପାଦକ ନରେଶ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ଆଳି, ରାଜକନିକା ଓ ରାଜନଗରର ୨୪ ଜଣ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାବାଜୀ ରାଉତ, ରବିନାରାୟଣ ମହାନ୍ତି, ବିଚିତ୍ରା ନନ୍ଦ ବିଳାସ, ରବୀନ୍ଦ୍ର ମହାନ୍ତି, ରଞ୍ଜିତ ନାୟକ, ପ୍ରଭାସ ଧଳ, ଦିବାକର ନାୟକ ପ୍ରମୁଖ ସହଯୋଗ କରିଥିବାବେଳେ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ରେଡକ୍ରସ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିବବେଳେ ୨୬ ଜଣ ରକ୍ତଦାନ କରିଥିଲେ।

**■ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ବେପରୁଆ ମନୋଭାବ**

## ପାନୀୟଜଳ ପାଇପ୍ କାମରେ ତ୍ରୁଟି ଅଭିଯୋଗ

ଗରଦପୁର,୨୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ କାର୍ଯ୍ୟ ଚାଲୁ ରହିଥିବାବେଳେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା କର୍ମଚାରୀଙ୍କ ବେପରୁଆ ମନୋଭାବ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପ ପାଇଁ ଗରଦପୁର ବ୍ଲକ ଅଞ୍ଚଳର ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ଘଟୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ବହୁ ଘଟଣା ଘଟି ଯାଇଥିବାବେଳେ ନିକଟରେ ପଳସୁଧା ପଞ୍ଚାୟତର ପଳସୁଧା ଗାଁରେ ଘଟିଥିବା ଘଟଣାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ।



ମେଗା ପାନୀୟଜଳ ପ୍ରକଳ୍ପ କର୍ମଚାରୀଙ୍କ ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ପଞ୍ଚାୟତକୁ ସଂଯୋଗୀକରଣ ହୋଇ ଜଳଯୋଗାଣ କରାଯାଉଥିବା ପୁରୁଣା ପାଇପ ଲାଇନ୍ ଫାଟିଯାଇଥିଲା। ତେବେ ମେଗା ପ୍ରକଳ୍ପର କର୍ମଚାରୀ ତାହାକୁ ମରାମତି ନ କରି ଆଗକୁ କାର୍ଯ୍ୟ ଜାରି ରଖିବା ଫଳରେ ଗ୍ରାମକୁ ଜଳଯୋଗାଣ ବାଧାପ୍ରାପ୍ତ ହେବାରୁ ଗ୍ରାମବାସୀ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ତ୍ରିଲୋଚନ ଜେନା ଏ ନେଇ ଘଟଣା ସ୍ଥଳକୁ ଯାଇ ଦେଖିବା ସହ ଫାଟିଯାଇଥିବା ପାଇପ ଲାଇନକୁ ତୁରନ୍ତ ମରାମତି କରିବା ପରେ ଅନ୍ୟତ୍ର କାର୍ଯ୍ୟ କରିବା ପାଇଁ ମେଗା ପ୍ରକଳ୍ପର କର୍ମଚାରୀଙ୍କୁ କହିଥିଲେ। ସେମାନେ ସରପଞ୍ଚ ପ୍ରତିନିଧିଙ୍କ କଥାକୁ ଗୁରୁତ୍ୱ ନ ଦେଇ ଆଉ କିଛି ଲୋକଙ୍କୁ ଡାକି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବା ପରେ ଘଟଣାସ୍ଥଳକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଭ୍ରମାତ୍ମକ ପ୍ରତିକ୍ରିୟା ଦେଇ ସରପଞ୍ଚଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର କରିଥିଲେ। ଯେଉଁଥିପାଇଁ ସରପଞ୍ଚଙ୍କ ପକ୍ଷରୁ ସ୍ଥାନୀୟ କୁଦାନଗରୀ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ଓ ସ୍ଥାନୀୟ ଭଦ୍ରଲୋକଙ୍କ ଜରିଆରେ ଆପୋଷ ସମାଧାନ ହୋଇଥିଲା। ଏଠାରେ ଗୋଟିଏ କଥା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ପାଇଁ ସରକାରୀ ସ୍ତରରେ କ'ଣ ପ୍ରାବଧାନ ରହିଛି, ତାହାର କୌଣସି ସୂଚନା ଫଳକ ପ୍ରତ୍ୟେକ ପଞ୍ଚାୟତରେ କାହିଁକି ଲଗାଯାଇନାହିଁ। କାର୍ଯ୍ୟ ଆରମ୍ଭ ଓ ଶେଷର ସମୟ ସୀମା ବାବଦରେ କିଛି ସୂଚନା ନ ଥିବାବେଳେ କାର୍ଯ୍ୟ ପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ଯୋଗୁଁ ମନମୁଖୀ କାର୍ଯ୍ୟ କରିଦେଇ କୋଟି କୋଟି ଟଙ୍କା ଲୁଟିନେବା ପାଇଁ ଠିକା ସଂସ୍ଥା ପକ୍ଷରୁ ମସୁଧା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି ।

## ବଣିକ ସଂଘ ପ୍ରାକ୍ତନ ସଭାପତିଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୮।୫(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ପ୍ରାକ୍ତନ ସଭାପତି ଓ ସମ୍ପାଦକ ପିତାମ୍ବର ସାହୁଙ୍କ ଦ୍ୱାଦଶାହ ଅବସରରେ ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଡ. ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପ୍ରାକ୍ତନ ପ୍ରଶାସକ ଡ. କେଳୁଚରଣ ସ୍ୱାଇଁ, ମନୋଜ ପରିଡ଼ା, ଲିଟୁ ପାତ୍ର, ସୁରେନ୍ଦ୍ର ରାଉତ,ସଞ୍ଜୟ ସାହୁ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, କାଉନସିଲର ମଳୟ ଓଝା, ସେକ୍ ଅବଦୁଲ ବାରୀ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର ଓ ଅକ୍ଷୟ ସାହୁ, ରାଜ୍ୟ ବିଜେଡି ପ୍ରାକ୍ତନ ସମ୍ପାଦକ ରାଜେଶ ପଣ୍ଡା, ରାଜ୍ୟ ଛାତ୍ର ବିଜେଡି ପ୍ରାକ୍ତନ ସମ୍ପାଦକ ବୈବ୍ରତ ବିଶ୍ୱାଳ, ଯୁବନେତା ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।





### ଏକାମ୍ର ହାଟକୁ ନେଇ ହଇହାଟା ଗ୍ରାହକ

# ଅବ୍ୟବସ୍ଥିତ ପାର୍କିଂ, ବିପର୍ଯ୍ୟସ୍ତ ପରିମଳ

ଭୁବନେଶ୍ୱର, ୨୮।୫(ସମିସ)

ରାଜଧାନୀର ପ୍ରମୁଖ ହାଟ ଭାବେ ରାଜଧାନୀ ହାଟ (୧ ନମ୍ବର ହାଟ) ପରିଚିତ। ସମସ୍ତ ପ୍ରକାର ଜିନିଷ ଉପଲବ୍ଧ ହେବା ସହ ହୋଲ୍‌ସେଲ୍‌ ଦରରେ ମିଳୁଥିବାରୁ ଏଠାରେ ପ୍ରତ୍ୟହ ହଜାର ହଜାର ଗ୍ରାହକଙ୍କର ସମାଗମ ହୋଇଥାଏ। ସହର ସହ ଉପକଣ୍ଠ ଓ ଆଖପାଖ ଜିଲ୍ଲାର ଗ୍ରାହକମାନେ ମଧ୍ୟ ଏଠାରେ ଭିଡ଼ ଜମାଇଥାନ୍ତି। ହେଲେ

### ଖୁବ୍‌ଶୀଘ୍ର ସବୁ ସମସ୍ୟାର ସମାଧାନ ହେବ: ବ୍ୟବସାୟୀ ସଂଘ

ସମୟ ସହ ଏଠାରେ ଦୋକାନ ମଧ୍ୟ ବଢ଼ିଲା। ବର୍ତ୍ତମାନ ଏଠାକୁ ଆସୁଥିବା ଗ୍ରାହକଙ୍କ ପାଇଁ ପାର୍କିଂ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଏହା ସହିତ ହାଟ ଭିତରର ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। କେଉଁଠି ଅଳିଆ କୁଢ଼ ତ କେଉଁଠି ପଚାସଢ଼ା ପରିବା ପଡ଼ି ଦୁର୍ଗନ୍ଧ ଆସୁଛି। ସେହିପରି ବର୍ଷା ଦିନରେ ହାଟ ଭିତରେ କାଦୁଅ ପଚପଚ ରାସ୍ତାରେ ପଶିବା କାଠିକର ପାଠ ହୋଇପଡୁଛି। କେବଳ ସେତିକି ନୁହେଁ ଶୌଚାଳୟ ପରିଶେ ଏତେ ଦୁର୍ଗନ୍ଧମୟ ହେଉଛି ଯେ, ସେହି ବାଟ ଦେଇ ଯିବାକୁ ଗ୍ରାହକ ନାକ ଟେକୁଛନ୍ତି।

କଥାଟି ହେଲା ପ୍ରତିଦିନ ହାଟକୁ ହଜାର ହଜାର ଲୋକ ଆସୁଥିବାରୁ ପାର୍କିଂରେ ଗାଡ଼ି ରଖିବାକୁ ଜାଗା ନାହିଁ। ସେତିକି ସ୍ଥାନରେ ଗାଡ଼ି ରହିବା ପରେ ଗ୍ରାହକମାନେ ପଛକୁ ପଛ ଗାଡ଼ି ରଖି ହାଟକୁ ଚାଲି ଯାଉଛନ୍ତି। ଫଳରେ ଗାଡ଼ି ରଖିବା ଓ ବାହାର କରିବାରେ ଲୋକଙ୍କୁ ସମସ୍ୟା ସହ ଟ୍ରାଫିକ ଜାମ ମଧ୍ୟ ହେଉଛି। ରାସ୍ତାକୁ ଲାଗି ରହିଥିବା ନାଳ ପରେ ପରେ ଏଠାରେ ଏକ ବଡ଼ ପାର୍କିଂ ଜାଗା ଥିଲେ ହେଁ ସେତିକି ଯଥେଷ୍ଟ ହେଉ



ନାହିଁ। ସେହି ସ୍ଥାନକୁ ମଧ୍ୟ ପାର୍କିଂ ପାଇଁ ମଝିରେ ବନ୍ଦ ରହିଥିଲା। ଟ୍ରାଫିକ ସମସ୍ୟା ଯୋଗୁଁ ଗାଡି ରଖିବାକୁ ଅନୁମତି ଦିଆଯାଉ ନଥିଲା। ନିୟମ ନମାନି ଲୋକ ଗାଡି ରଖିଲେ ଟ୍ରାଫିକ୍ ପୁଲିସ ଗାଡି ଉଠାଇ ନେଉଥିଲେ। ପାର୍କିଂ ପାଇଁ ରାସ୍ତାର ଅପରପାର୍ଶ୍ୱରେ ମାର୍କେଟ୍ ବିଲ୍ଡିଂକୁ ଲାଗି ବହୁତଳ ଗାଡି ପାର୍କିଂ ନିର୍ମାଣ ହୋଇଥିଲେ ହେଁ ଗ୍ରାହକଙ୍କୁ ଅନ୍ୟପଟେ ଗାଡି ରଖି ହାଟକୁ ଯିବାରେ ସମସ୍ୟା ଯୋଗୁଁ କେହି କେହି ନୋ ପାର୍କିଂରେ ମଧ୍ୟ ଗାଡି ରଖି ଯିବାକୁ ବାଧ ହେଉଥିଲେ। ୫ ଶହ ଗାଡି ପାର୍କିଂ ପାଇଁ ଥିବାବେଳେ ମାର୍କେଟରେ ୧୪ ଶହ ବ୍ୟବସାୟୀ ଅଛନ୍ତି। ପ୍ରତିଦିନ ଏତେ ଗ୍ରାହକ ଆସୁଥିବାରୁ ସେତକ ଜାଗା ଯଥେଷ୍ଟ ନୁହଁ। ହେଲେ ଗତ କିଛି ମାସ ହେବ ବ୍ୟବସାୟୀ ସଂଘ ତରଫରୁ ପାର୍କିଂ ପାଇଁ ଅନୁମତି ଅଣାଯାଇ ସଠିକ୍ ଭାବେ ପାର୍କିଂ କରିବାକୁ ଲୋକ ମଧ୍ୟ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି।





ଏନେଇ ବ୍ୟବସାୟୀ ମହାସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ଖୁବଶୀଘ୍ର ହାଟର ସମସ୍ତ ସମସ୍ୟାକୁ ସମାଧାନ କରାଯିବାର ବ୍ୟବସ୍ଥା ହେଉଛି। ବର୍ତ୍ତମାନ ସୁଦ୍ଧା ପାର୍କିଂ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଷ୍ଟେଟ ବ୍ୟାଙ୍କ ନିକଟରେ, ଏୟାର ଇଣ୍ଡିଆ ଗଳି ଆଦି ସ୍ଥାନରେ ଗ୍ରାହକଙ୍କ ପାଇଁ ମଧ୍ୟ ବର୍ତ୍ତମାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଖୁବଶୀଘ୍ର ସ୍ଥାୟୀ ସମାଧାନ ହେବାର ଯୋଜନା ଚାଲିଛି। ଏହା ସହିତ ଶୌଚାଳୟ ଏବଂ ହାଟର ସ୍ୱଚ୍ଛତା କାର୍ଯ୍ୟ ହେଉଛି ସମୟ ଲାଗିବ। ହାଟର ନବୀକରଣ କାର୍ଯ୍ୟ ସହ କିପରି ମାର୍କେଟ ଭଲ ଭାବେ ଚାଲିବ ସେ ପାଇଁ ଯୋଜନା ହେଉଛି। ବର୍ତ୍ତମାନ ସଂଘ ତରଫରୁ ରାସ୍ତା ପଟ ଦ୍ୱାରରେ ନୂଆ ଗେଟ ଲଗାଯାଇଥିବାବେଳେ ହାଟକୁ ଯିବାକୁ ଥିବା ରାସ୍ତେରେ ଆଉ ୯ଟି ଗେଟ ଲଗାଯିବାର ଅଛି ବୋଲି ସେ କହିଛନ୍ତି।

## ଆଇଏମ୍‌ଏସ୍‌ ଆଣ୍ଡ ସମ୍‌ ହସ୍ପିଟାଲରେ ବିଶ୍ୱ ସିଜୋଫ୍ରେନିଆ ଦିବସ




ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗ ପକ୍ଷରୁ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ସୁଶ୍ରୀ ମନିଷା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମାନସିକ ରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରଜିତ ସାହୁ ଅଧ୍ୟକ୍ଷତା କରିଥିଲେ। ହାସ୍ୟ କଳାକାର ଦୀପକ ତ୍ରିପାଠୀ (ଟୁକୁନା ଷ୍ଟାଇଲିଷ୍ଟ) ଯୋଗଦେଇ ନିଜର ମଜାଦାର ତଥା ନିଆରା ଢଙ୍ଗରେ ସିଜୋଫ୍ରେନିଆ ଭଳି ରୋଗର ସାଧାରଣ ଜନତାଙ୍କ ମନରେ ଥିବା ଭୁଲ ଧାରଣା ଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ନାଟକ ପରିବେଷିତ ହୋଇଥିଲା। ଶେଷରେ ବିଭାଗୀୟ ପ୍ରଫେସର ଡ. ଶୁଭେନ୍ଦୁ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୯ ଶିଳ୍ପୀଙ୍କ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ ପ୍ରଦର୍ଶିତ



ଭୁବନେଶ୍ୱର, ୨୮।୫(ସମିସ): ଶାନ୍ତିସ୍ତୂପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାଲିଥିବା ୮ ଦିନିଆ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ କଳା ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ଏହାର ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଭାସ୍କର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିଜର ନିରବଚ୍ଛିନ୍ନ କଳା ଯାତ୍ରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗଦେଇ କାଠ ଖୋଦେଇ ଭାସ୍କର୍ଯ୍ୟକୁ ଆଗାମୀ ଦିନରେ ଆହୁରି ବଳିଷ୍ଠ କରିବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ଆର୍ଯ୍ୟାନ୍ ସାମଲ, ଲିପ୍ସା ପ୍ରଧାନ, ସୋନାଲି ନାୟକ, ବୃନ୍ଦାବନ ପଣ୍ଡା, ସୁମିତ୍ ଦାସ, ଦେବରାଜ ମହାରଣା, ପ୍ରତିଭା ବେହେରା ଓ ରିତେଶ ସାହୁ ପ୍ରମୁଖ ନିଜନିଜ ବିଷୟବସ୍ତୁର ଅଲଗା ଅଲଗା ଶୈଳୀରେ ଆଧୁନିକ ଭାସ୍କର୍ଯ୍ୟ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଅଧାପକ ଚନ୍ଦନ କୁମାର ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

## ସାରସ୍ୱତ ସମାଜର ସାହିତ୍ୟ ଆସର

ଭୁବନେଶ୍ୱର, ୨୮।୫(ସମିସ): ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସାରସ୍ୱତ ସମାଜ ମାସିକ କବିତା ଆସର ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅମ୍ବରିଶ ଶତପଥୀ, ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ଅଧ୍ୟାପିକା ଡ. ସରୋଜିନୀ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ୬୦ରୁ ଊର୍ଦ୍ଧ୍ୱ କବି, ସାହିତ୍ୟିକ ଓ ଲେଖକ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୫(ସମିସ): ଆଧ୍ୟାତ୍ମିକ ସତ୍‌ସଙ୍ଗ ଚେତନା ସମିତି ଓ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ଦୁର୍ଗା ପଡ଼ିଆ ଠାରେ ୯ ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବାବାଜୀ ରାଧାରମଣ ଦାଶ, ଡ. ନାରାୟଣ ମହାପାତ୍ର, ରବୀନ୍ଦ୍ର ପାତ୍ର, ତ୍ରିଲୋଚନ ନାୟକ, ଡ. ରୁଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩ ଜଣ ପ୍ରବଚକ ହରିହର ଜେନା, ଗୁରୁପ୍ରସାଦ ମହାପାତ୍ର ଓ ସନ୍ତୋଷ ସାହୁ ପ୍ରବଚନ ଦେଇଥିଲେ।

## 'ଓଡ଼ିଶୀ ଶୌର୍ଯ୍ୟ ସମ୍ମାନ' ପ୍ରଦାନ ଉତ୍ସବ



ଭୁବନେଶ୍ୱର, ୨୮।୫(ସମିସ): ଓଡ଼ିଶୀ ଫାଉଣ୍ଡେସନ ଦ୍ୱାରା 'ଓଡ଼ିଶୀ ଶୌର୍ଯ୍ୟ ସମ୍ମାନ-୨୦୨୫' ଜନତା ମଇଦାନରେ ହେଉଥିବା ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବହେଳିତ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ମାନ୍ୟବର ବିଧାୟକ ବାବୁ ସିଂ, ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତ୍ରି ଡ. ରୋଜାଲିନ ମିଶ୍ର ପାଟଶାଣୀ, ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ। ଫଉଣ୍ଡେସନର ପ୍ରତିଷ୍ଠାତ୍ରୀ ସୋନାଲିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅକାର୍ଯ୍ୟକ୍ରମକୁ ବର୍ଷା ଓ ଶୁଭ୍ରଜିତ ସଂଯୋଜନା କରିଥିବାବେଳେ ସାଇକ୍ରିଷ୍ଟା ମହାନ୍ତି, ମୌସମୀ ମୋନାଲିସା ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ମୁଁ ତୋ ସାବିତ୍ରୀ' ମୁକ୍ତିଲାଭ

ଭୁବନେଶ୍ୱର, ୨୮।୫(ସମିସ): ପବିତ୍ର ସାବିତ୍ରୀରେ ମୁକ୍ତିଲାଭ କରିଛି 'ତୁ ମୋ ସାବିତ୍ରୀ' ମ୍ୟୁଜିକ୍ ଭିଡ଼ିଓ। ଓଲିଉଡ଼ର କମେଡି ଅଭିନେତା ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରିୟା ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ମ୍ୟୁଜିକ୍ ଭିଡିଓକୁ ପ୍ରଯୋଜନା କରିଛନ୍ତି ରିଙ୍କୁ ପ୍ରଧାନ ଓ ପ୍ରିୟା ପ୍ରଧାନ। ଏହାର ନିର୍ଦ୍ଦେଶନା ମଣ୍ଟୁ ଜେନା ଦେଇଥିବା ବେଳେ ରିଙ୍କୁ ପ୍ରଧାନ, ପ୍ରିୟା ପ୍ରଧାନ, ଅମର ମହାପାତ୍ର, ରାହୁଲ ରଙ୍ଗିଲା, ବୁଲ୍ଟି, ଶୁଭସ୍ମିତା ଏବଂ ସ୍ୱିଟି ପ୍ରମୁଖ ଅଭିନୟ କରିଛନ୍ତି। ଏହାର ଗୀତ ରଚନା ପି. ଶାରଦା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିଣ୍ଟୁ ଦାସ ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶକ ମଣ୍ଟୁ ଜେନା, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଲାଇନ୍ ପ୍ରଡ୍ୟୁସର ଅମର ମହାପାତ୍ର, ପ୍ରଯୋଜକ ରିଙ୍କୁ ପ୍ରଧାନ, ପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ପ୍ରତିଭାଙ୍କୁ ସୌମ୍ୟାଞ୍ଜଳି ସମ୍ମାନ




ଭୁବନେଶ୍ୱର, ୨୮।୫(ସମିସ): ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୌମ୍ୟାଞ୍ଜଳି ନୃତ୍ୟକଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇ ଡ. ମାନସୀ ମିଶ୍ରଙ୍କ ନିଷ୍ଠା, ଅଧ୍ୟବସାୟ ଏବଂ ଓଡିଶୀ ନୃତ୍ୟ ପ୍ରତି ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନିମାକାନ୍ତ ରାଉତରାୟ ଏବଂ ବାଦ୍ୟଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ସୌମ୍ୟାଞ୍ଜଳି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୌମ୍ୟାଞ୍ଜଳି ନୃତ୍ୟକଳାର ନୃତ୍ୟାଙ୍ଗନାମାନେ ଗୁରୁବନ୍ଦନା ନୃତ୍ୟ ପରିବେଷଣ କରିଥିଲେ। ଡ. ମାନସୀ ମିଶ୍ର କାର୍ଯ୍ୟ ପରିଚାଳନା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତଙ୍କୁ ଡକ୍ଟରେଟ୍



ଭୁବନେଶ୍ୱର, ୨୮।୫(ସମିସ): କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ଜୟପୁରସ୍ଥିତ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡ଼େ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ଆନୁଷ୍ଠାନିକ ଭାବରେ ପ୍ରଦାନ କରିଥିଲେ। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୬ତମ ସମ୍ମାନଜନକ ଡକ୍ଟରେଟ୍।

### ସହରୀକରଣକୁ ନେଇ ସଂକଟରେ ପରିବେଶ

# ବିରଳ ହେଲେଣି କୀଟପତଙ୍ଗ, ସାଧବବୋହୂ ସ୍ୱପ୍ନ

ଭୁବନେଶ୍ୱର, ୨୮।୫(ସମିସ)

ଦିନଥିଲା ବର୍ଷା ଟିକେ ହୋଇଗଲେ ମାଟି ନରମ ହୋଇଯିବା ପରେ ଘାସ ଗାଲିଚା ଉପରେ ଲାଲ ଟୁକ୍‌ଟୁକ୍ ସାଧବ ବୋହୂଙ୍କୁ ଦେଖିବାକୁ ମିଳୁଥିଲା ବେଳେ କିଛିବର୍ଷ ହେଲା ଆଉ ଦେଖିବାକୁ ମିଳୁନାହାନ୍ତି ସାଧବ ବୋହୂ। କେବଳ ଏହି ସାଧବ ବୋହୂ ନୁହନ୍ତି ଏହି କୀଟ ପରି

### ରାଜଧାନୀରେ ରାହା ଖୋଜୁଛନ୍ତି ବିରଳ ଜୀବ

ଅନେକ କୀଟ ପତଙ୍ଗ ମଧ୍ୟ ଏବେ ଲୋପ ପାଇବାକୁ ବସିଲେଣି। ବିଶେଷ କରି ଜୁଳୁଜୁଳୁଆ ପୋକ, ଗୋବର ପୋକ, ସଞ୍ଜ ପୋକ ପରି ଅନେକ କୀଟ ଆଉ ଦେଖିବାକୁ ମିଳୁନାହିଁ। ସହରୀକରଣ ଏବଂ ପରିବେଶ ପ୍ରଦୂଷଣ କାରଣରୁ ଏହି କିଟ କ୍ରମେ ଲୋପ ପାଇବାକୁ ବସିଲାଣି।

ପରିବେଶବିତଙ୍କ କହିବାନୁଯାୟୀ ଏକଦା ରାଜଧାନୀ ସହରର କେନ୍ଦ୍ରସ୍ଥଳ ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରଜାତିର କିଟ ପତଙ୍ଗ ସମେତ ବର୍ଷା ଆସିଲେ ନାଲି ଟୁକ୍‌ଟୁକ୍ ସାଧବ ବୋହୂ ଦେଖିବାକୁ ମିଳିଥିଲା। ପିଲାମାନେ ଏହି ସାଧବବୋହୂଙ୍କ ସଂଗ୍ରହ କରୁଥିବା ବେଳେ ଏହା ପରିବେଶ ସନ୍ତୁଳନର ଅନ୍ୟତମ ଉପାଦାନ ସାଜିଥିଲେ। ସେହିଭଳି ଗୋବର ପୋକଭଳି ବିଭିନ୍ନ କୀଟ ଏବଂ ଅନ୍ୟାନ୍ୟ ପତଙ୍ଗ ଅନ୍ୟ ଜୀବମାନଙ୍କ ପାଇଁ ଆହାର ପାଲଟିଥିଲା। ହେଲେ ଗତ ୩ ରୁ ୪ ଦଶନ୍ଧୀ ଧରି ଏହି କୀଟ ପତଙ୍ଗ କ୍ରମେ ଲୋପ ପାଇବାରେ ଲାଗିଛନ୍ତି। ବିଶେଷକରି ଗତ କିଛି ଦଶନ୍ଧୀ ମଧ୍ୟରେ ଦ୍ରୁତ ସହରୀକରଣ ଯୋଗୁଁ ରାଜଧାନୀ ଛାତ୍ର ଉପରେ ବହୁତଳ ବିଶିଷ୍ଟ ଅଟାଳିକା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଏଥିସହିତ ରାଜଧାନୀର କଳେବର ବୃଦ୍ଧି ସାଙ୍ଗକୁ ଉପକଣ୍ଠରେ ମଧ୍ୟ ବହୁତଳ ବିଶିଷ୍ଟ କୋଠା ନିର୍ମାଣ ହୋଇଛି। ଯାହା ଏକ ପ୍ରକାର ସହରୀକରଣକୁ ପ୍ରଦର୍ଶୀତ କରୁଥିବା ବେଳେ ଏହା ପ୍ରକୃତିକ ପାଇଁ ବିପଦ ପାଲଟିଛି।





ଏହିକ୍ରମରେ ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ସାଧବବୋହୂ ସଂଖ୍ୟା ମଧ୍ୟ ଏକ ପ୍ରକାର ବିଲୋପ ହୋଇଛି ବୋଲି କୁହାଯାଇପାରେ। ଅପରପକ୍ଷେ ପରିବେଶବିତଙ୍କ କହିବାନୁଯାୟୀ ସହରୀକରଣ ପ୍ରଭାବ ସାଙ୍ଗକୁ ରାସାୟନିକ ସାରର ବହୁଳ ପ୍ରୟୋଗ ଏବଂ ବ୍ୟାପକ ପଲିଥିନ ବ୍ୟବହାର ଯୋଗୁଁ ସେଭଳି ଜୀବମାନଙ୍କ ବଂଶ ଲୋପ ପାଇଛି। ଅନେକ କ୍ଷେତ୍ରରେ ସେଭଳି କୀଟଙ୍କ ବଂଶ ବିସ୍ତାର ହୋଇ ନ ପାରି ସେମାନେ ଲୋପ ପାଇବାରେ ଲାଗିଛି। ଅନେକଙ୍କ କହିବାନୁଯାୟୀ ୧୦ ବର୍ଷ ତଳେ ନନ୍ଦନକାନନ, ଶିଖରଚଣ୍ଡୀ, ଦାରୁଠେଙ୍ଗ, ପଥର ଗାଡ଼ିଆ, ରଘୁନାଥପୁର ଉପକଣ୍ଠ ଅଞ୍ଚଳରେ ସାଧବ ବୋହୂ ଦେଖିବାକୁ ମିଳୁଥିଲା। ହେଲେ ସହରୀକରଣ ପାଇଁ ଏବେ ସେସବୁ ଅଞ୍ଚଳରେ ମଧ୍ୟ ଏଭଳି କୀଟ ଦେଖିବାକୁ ମିଳୁନାହାନ୍ତି।

ଅପରପକ୍ଷେ ପକ୍ଷୀ ବିଶେଷଜ୍ଞ ପ୍ରମୋଦ କୁମାର ଧଳଙ୍କ କହିବାନୁଯାୟୀ, ମାଟିରେ ଅଧିକ ରାସାୟନିକ ସାର ପ୍ରୟୋଗ ଏବଂ ମଶା ମାରିବା ପାଇଁ ଧୂଆଁ ପ୍ରୟୋଗ ଏବଂ ପରିବେଶ ପ୍ରଦୂଷଣ ଦ୍ୱାରା ଏହି କୀଟ ପତଙ୍ଗ ବଂଶ ଲୋପ ପାଇବାରେ ଲାଗିଛନ୍ତି। ଆଉ ଆଗକୁ ଏହି ସବୁ କୀଟ ପତଙ୍ଗ ଦେଖିବାକୁ ସ୍ୱପ୍ନ ହୋଇଯିବେ ବୋଲି ସେ କହିଛନ୍ତି।

ଅପରପକ୍ଷେ ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବାନୁଯାୟୀ ସାଧବବୋହୂମାନଙ୍କ ଶରୀର ଉପରେ ଥିବା ଲାଲ ମାଇଟ୍ ବା ଭେଲଭେଟ୍ ହେଉଛି ଆରାକନିଡ୍ ଜାତୀୟ ପ୍ରାଣୀ। ଯାହା ସାଧାରଣତଃ ମାଟି ଓ ପତ୍ରର ଅଳିଆ ଆବର୍ଜନାରେ ଦେଖାଯାଏ। ଗ୍ରୀଷ୍ମର ପ୍ରଭାବରେ ମାଟିରେ ଲୁଚି ରହିଥିବା ଏହି ପ୍ରାଣୀ ବର୍ଷାଭିଜା ନରମ ମାଟିର ସ୍ପର୍ଶରେ ବାହାରକୁ ନିର୍ଗତ ହୋଇ ପ୍ରାକୃତିକ ଦୃଶ୍ୟକୁ ଅତ୍ୟନ୍ତ ଉପଭୋଗ୍ୟ କରିଥାନ୍ତି। ଚାଷୀକୂଳ ବିଶ୍ୱାସ କରନ୍ତି ଯେ ଏମାନେ ହେଉଛନ୍ତି ସୁଖ ଓ ସମୃଦ୍ଧିର ବାର୍ତ୍ତାବହ ଓ ଯଦିଓ ଏମାନଙ୍କର ସଂଖ୍ୟା ଅତୀବ ବିପଦପୂର୍ଣ୍ଣ ନୁହେଁ। କିନ୍ତୁ ବାସସ୍ଥଳୀର ଅବକ୍ଷୟ, ମୃତ୍ତିକା ପ୍ରଦୂଷଣ ଏବଂ କୀଟନାଶକ ପଦାର୍ଥର ଅତ୍ୟଧିକ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇଁ ଚାଲିଛି। ମୃତ୍ତିକାର ଜୈବବିବିଧତା ପ୍ରତି ଲୋକମାନଙ୍କର ସଚେତନତା ବୃଦ୍ଧି ଏହାର ପରିବେଶଗତ ଗୁରୁତ୍ୱକୁ ଉଜାଗର କରିବାରେ ସହାୟକ ହେବ ଏବଂ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

# ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ପ୍ରକ୍ରିୟା ଲାଗି ପଡ଼ିଲା ଧର୍ମଗୁଳା



ରଘୁନାଥପୁର,୨୮।୫(ସମିସ): ରଘୁନାଥପୁର ବ୍ଲକ୍ ତାରପୁର ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ପ୍ରକ୍ରିୟା ଧର୍ମଗୁଳା ପଡ଼ି ଶେଷ ହୋଇଛି। ୨୦୨୪ ଅକ୍ଟୋବର ମାସରେ ୪,୫ ଓ ୬ ନଂ ଦୋକାନ ଗୃହ ପାଇଁ ୩୪ ଜଣ ବ୍ୟକ୍ତି ଆବେଦନ କରିଥିଲେ। ୧,୨,୩ ନଂ ଦୋକାନ ଗୃହ ବଣ୍ଟନ କାର୍ଯ୍ୟଶେଷ ହେଉଥିବା ବେଳେ ୪,୫,୬ ନଂ ବଣ୍ଟନ ଗୃହ ବୁଧବାର ଜିପିଓ ସ୍ମାରକ କୁମାର ମହାନ୍ତି, ସରପଞ୍ଚ ସୁଷମା ମଲ୍ଲିକ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ପିଇଓ ଦୀପକ ଦେଶୁରି, କେତେକ ୱାର୍ଡମେମ୍ବର ଓ ଆବେଦନକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏକ ବାକ୍ସରେ କ୍ରମାନ୍ୱୟରେ ବିଭିନ୍ନ ଗୃହ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ନାମ ଥିବା ଚିରୁକୁଟି ମଧ୍ୟରୁ ଗୋଟିଏ ଚିରିକୁଟିକୁ ଜଣେ ଛୋଟ ଶିଶୁ ଅଭିନନ୍ଦନ ପଣ୍ଡାଙ୍କ ଦ୍ୱାରା କଢାଯାଇଥିଲା। ୪ନଂ ଗୃହ ପାଇଁ ୧୫ ଜଣ ବ୍ୟକ୍ତି ଆବେଦନ କରିଥିବାବେଳେ ୫ନଂ ଗୃହ ପାଇଁ ୧୦ଜଣ ଓ ୬ନଂ ଗୃହ ପାଇଁ ୯ ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ୪ନଂ ଗୃହ ତାରପୁର ଗ୍ରାମର ବୈକୁଣ୍ଠନାଥ ରାଉତ, ୫ନଂ ଗୃହ ହରିଶପୁର ଗ୍ରାମର କାଞ୍ଚନବାଳା ମଲ୍ଲିକ ଓ ୬ନଂ ଗୃହର ଅଚ୍ଛୁତପୁର ଗ୍ରାମର ପ୍ରଭୁଦତ୍ତ ପଣ୍ଡାଙ୍କ ନାମ ଚିରିକୁଟି ମାଧ୍ୟମରେ ଅଭିନନ୍ଦନ ପଣ୍ଡା ଉଠାଇଥିଲେ। ଏହି ଗୃହ ପାଇବା ପାଇଁ ହେଲେ ୧୦ ହାଜର ଟଙ୍କା ସିକୁରିଟି ଜମା କରିବାକୁ ଥିବାବେଳେ ମାସିକ ୧୫ ଶହ ଟଙ୍କା ଭଡା ଏବଂ ଇଲେକ୍ଟ୍ରି ଓ ପାଣି ପାଇଁ ସ୍ୱତନ୍ତ୍ର ଦେୟ ଦେବାକୁ ପଡ଼ିବ। ଆସନ୍ତା ୩୦ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ମିଟିଂ ହୋଇ ଏ ସମ୍ପର୍କରେ ଥିବା ନିୟମାବଳୀ ଜଣାଯିବା ସହ ଦୋକାନ ନେଇଥିବା ବ୍ୟକ୍ତିଙ୍କ ସହ ଏଗ୍ରିମେଣ୍ଟ କରାଯିବ ବୋଲି ସରପଞ୍ଚ ମଲ୍ଲିକ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ, ସମାଜସେବୀ ବିଜୟ କୁମାର ଦାଶ ଓ ଅଜିତ କୁମାର ଓଝା, ମିଲୁ ପଣ୍ଡା, ଅକ୍ଷୟ ମଲ୍ଲିକ, ଲୁଲୁପଣ୍ଡା ଯୋଗ ଦେଇଥିବାବେଳେ ସନାତନ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କୁଶିଆପାଳ କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ



ଡେରାବିଶ,୨୮।୫(ସମିସ): ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ ଅଧୀନ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ବୁଧବାର ମୁଗମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାର୍କଫେଡ ଏରିଆ ଅଫିସର ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ରାଉତ ଯୋଗଦେଇ ବ୍ଲକ୍ ଅଞ୍ଚଳର ଚାଷୀମାନେ ଏହି ମଣ୍ଡିରେ ସେମାନଙ୍କ ଉତ୍ପାଦିତ ରବି ଫସଲ ମୁଗ ଓ ବିରି ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିବାର ସୁବିଧା ନେଇପାରିବେ ବୋଲି କହିଥିଲେ। ମୃତ୍ୟୁଞ୍ଜୟ ଦାସ ଚାଷୀମାନେ ରବି ଫସଲ ଯଥା ମୁଗ ଓ ବିକ୍ରି ବିକ୍ରୟ କଲେ ସରକାରୀ ଭାବେ ମୁଗ କ୍ୱିଣ୍ଟାଲ ପ୍ରତି ୮ ୬ ୮ ୨ ଟଙ୍କା ଓ ବିରି କ୍ୱିଣ୍ଟାଲ ପ୍ରତି ୭୪୦୦ ଟଙ୍କା ପାଇବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡାଇରେକ୍ଟର ଫଗୁ ଚରଣ ସାହୁ, ନିର୍ମଳ ସେଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସହ-ସମ୍ପାଦକ ମାନସ କୁମାର ସ୍ୱାଇଁ, ଡିଇଓ ଧ୍ରୁବ ଚରଣ ନାୟକ, ଚିନ୍ମୟ ଚିତ୍ତରଞ୍ଜନ ସାହୁ, କୈଳାସ ଚନ୍ଦ୍ର ସାହୁ, କୁଳମଣି କର ପ୍ରମୁଖ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ନାୟକ, କରୁଣାକର ସାହୁ, ପିତାମ୍ବର ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଡେରାବିଶ,୨୮।୫(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅଧୀନ ତିଲକରପୁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସ୍ୱାଇଁଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଛି। ଶ୍ରୀ ସ୍ୱାଇଁ ଦୀର୍ଘଦିନ ଧରି କଣିପଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଥିଲା। ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ସହିତ ଡେରାବିଶ କଲେଜ ପରିସରକୁ ନିଆଯାଇ ଥିଲା। ସେଠାରେ ତାଙ୍କୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଳି ଜଣାଇଥିଲେ। ଶ୍ରୀ ସ୍ୱାଇଁ ଦଧିବାମନଜୀଉ ମନ୍ଦିରର ପୂର୍ବତନ ଟ୍ରଷ୍ଟୀ ରହିଥିବା ବେଳେ ଡେରାବିଶ କଲେଜର ମଧ୍ୟ ପ୍ରତିଷ୍ଠାତା ସଦସ୍ୟ ରହିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ପୁଅ ଦିଲୀପ ମୁଖାଗ୍ନି ଦେଇଥିଲେ।

# ପରିଅଙ୍ଗ ଗ୍ରାମ ମୁରବୀଙ୍କ ଦେହାନ୍ତ



କୁଜଙ୍ଗ,୨୮।୫(ସମିସ): କୁଜଙ୍ଗ ବ୍ଲକ୍ ବାଲିଆ ପଞ୍ଚାୟତ ପରିଅଙ୍ଗ ଗ୍ରାମ ମୁରବୀ ବାସୁଦେବ ରାଉତ (୭୪)ଙ୍କ ହୃଦଘାତରେ ଶନିବାର ବିଳମ୍ବିତ ରାତିରେ କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି। ବାସୁଦେବ ବାବୁ କୁଜଙ୍ଗ ସାହିତ୍ୟ, ସଂସ୍କୃତି ଓ ଚାଷୀ ସଂଗଠନର ସଦସ୍ୟ ଥିଲେ। ୧୯୭୦ କୁଜଙ୍ଗ ବିବି ହାଇସ୍କୁଲ୍ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀ ଶିକ୍ଷାବିତ୍ ରଜନୀକାନ୍ତ ଦାସ, ଡଃ କାହ୍ନୁଚରଣ ସ୍ୱାଇଁ, ଇଂ ବ୍ରଜବନ୍ଧୁ ଖଟେଇ, ବୈଷ୍ଣବ ପ୍ରଧାନ, ବିଜୟ ସାହୁ, ସଚ୍ଚିଦାନନ୍ଦ ଦାସ, ରାଜୀବ ସାମଲ, ମଦନ ଦାସ, ଗିରିଜା ପଟ୍ଟନାୟକ, ଅଭୟ ମହାନ୍ତି, ଉର୍ମିଳା ବେହେରା, ପ୍ରମିଳା ସ୍ୱାଇଁ, ବିଷ୍ଣୁ ମାଝୀ, ଅଞ୍ଜଳି ସାମଲ, ପ୍ରଜ୍ଞା ସାମନ୍ତ, ରଞ୍ଜନ ଦାସ, ବିଜୟ ରାଉତ ପ୍ରମୁଖ ଶେଷ ଦର୍ଶନ ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସହପାଠୀ ତଥା ଅବସରପ୍ରାପ୍ତ ମତ୍ସ୍ୟ ଅଧିକାରୀ ରଜନୀ କାନ୍ତ ଦାସ ଶୋକ ପ୍ରକାଶ କରିଛନ୍ତି।

# ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ



ପାରାଦୀପ,୨୮।୫(ସମିସ): ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ପାରାଦୀପ ସର୍କିଟ୍ ହାଉସରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଲେ ଯେ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ। ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଉନ୍ନୟନମୂଳକ କାର୍ଯ୍ୟ ପ୍ରଗତି ତଥା କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଟାର୍ଗେଟ ପୂରଣ ହେବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ତହସିଲଦାର ସ୍ୱରୁପ୍ ନନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ବାଲିକୁଦା -ଏରସମା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ

# ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ

ଜଗତସିଂହପୁର/ବାଲିକୁଦା,୨୮।୫(ସମିସ):



ବାଲିକୁଦା -ଏରସମା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଅଧ୍ୟକ୍ଷତା କରି ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଏବଂ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ ବୋଲି କହିଥିଲେ। ଏହାସହ ଏହି ଜଳସମ୍ପଦ ବିଭାଗର ଅସମ୍ପୂର୍ଣ୍ଣ ଥିବା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ତା ସହ କାଠଗଡିରୁ ବଳଭଦ୍ରପୁର,ଗଡହରିଶପୁର ଇଷ୍ଟ ରାମତରା ପର୍ଯ୍ୟନ୍ତ ସମୁଦ୍ର ଜୁଆର ରୋକିବା ପାଇଁ ଏକ ବନ୍ଧ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଦଶବାଟିଆ ଓ ବାଲିତୁଠ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ମୁଲୁଙ୍ଗା, ଓଲରା ଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବା, ନିର୍ବାଚନ ମଣ୍ଡଳୀରେଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କରିବା, ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବନ୍ଦର, ହାୱଖାନା, ଶିଆଳି, ମାଙ୍କଡ଼ଖିଆ ପର୍ଯ୍ୟଟନସ୍ଥଳୀ ମାନ୍ୟତା, ଗମନା ଗମନ ପାଇଁ ଜଗତସିଂହପୁରକୁ ବାଲିକୁଦା ଏରସମା ଦେଇ ଢ଼ିହସାହି, ଜନତା କୋଠି-ଡେଙ୍ଗାପୋଲ ରାସ୍ତାକୁ ପ୍ରଶସ୍ତୀକରଣ କରିବା, ପାନୀୟ ଜଳସମସ୍ୟା ପାଇଁ ଏଲ ଆଣ୍ଡ ଟି ଦ୍ୱାରା ପରିଚାଳିତ ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରୁ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ ବିଧାୟକ। ଏହି ବୈଠକରେ ରବି ନାରାୟଣ ଜେଠୀ ସମନ୍ୱୟ ଓ ସହଭାଗିତା ରହିଲେ ଉନ୍ନୟନ ସମ୍ଭବ ବୋଲି କହିଥିଲେ। ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ପ୍ରକାଶ ଚନ୍ଦ୍ର ପ୍ରଧାନ, ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ପଞ୍ଚାୟତ ସମିତି ବୈଠକ

# ବ୍ଲକ୍ ଉପାଧ୍ୟକ୍ଷଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ନେଇ ହଟ୍ଟଗୋଳ



ନାଉଗାଁ,୨୮।୫(ସମିସ): ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିରୂପେ ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣ ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଁଣ, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାଂସଦ ଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡାଙ୍କ ସମେତ ଉକ୍ତ ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ପରିଲିଖିତ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପଟେ ଏହି ବୈଠକରେ ଆଲୋଚନା ଚାଲିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପୁହାଣଙ୍କ ଏକ ପ୍ରସ୍ତାବ ଉପରେ ବିଡ଼ିଓ ଆଶୁତୋଷ ମିଶ୍ର ଉପାଧ୍ୟକ୍ଷ କିଏ ସେ ତାଙ୍କୁ ଚିହ୍ନି ନାହାନ୍ତି ବୋଲି କହିବାପରେ ବୈଠକ ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବିଧାୟକ ଶ୍ରୀ ଦାସ ଜନ ପ୍ରତିନିଧି ମାନଙ୍କୁ ବୁଝାସୁଜା କରିବା ପରେ ଉପାଧ୍ୟକ୍ଷ ପୁନର୍ବାର ବୈଠକ ସାମିଲ ହୋଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ଲକରେ ଦୀର୍ଘ ୪ମାସ ଧରି ସ୍ଥାୟୀ ବିଡ଼ିଓ ନଥିବା ବେଳେ ଜଗତସିଂହପୁର ବିଡ଼ିଓ ଶ୍ରୀ ମିଶ୍ର ଏହି ବ୍ଲକର ଅତିରିକ୍ତ ବିଡ଼ିଓଙ୍କ ଦାୟିତ୍ୱରେ ରହି ଥିବା ବେଳେ ସେ କେବଳ ସଭା ସମିତିକୁ ଛାଡ଼ିଦେଲେ ଅନ୍ୟ କୌଣସି ଦିନ ତାଙ୍କୁ ବ୍ଲକରେ ଦେଖିବାକୁ ମିଳୁନଥିବା ଜନ ପ୍ରତିନିଧି ମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଏମିତିକି ବିଡ଼ିଓଙ୍କ ଅନୁପସ୍ଥିତ କାରଣରୁ ବ୍ଲକର ସମସ୍ତ ପଞ୍ଚାୟତ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା ମଧ୍ୟ କୁହାଯାଇଥିଲା। ଯାହାକୁନେଇ ବିଧାୟକ ଶ୍ରୀ ଦାସ ଏହାର ଯଥାଶୀଘ୍ର ସମାଧାନ କରାଯାଇ ଏଠାରେ ଜଣେ ସ୍ଥାୟୀ ବିଡ଼ିଓଙ୍କୁ ଖୁବଶୀଘ୍ର ନିଯୁକ୍ତି କରାଯିବା ନେଇ ଜନ ପ୍ରତିନିଧି ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗ



ତିର୍ତ୍ତୋଲ,୨୮।୫(ସମିସ): ତିର୍ତ୍ତୋଲ ବ୍ଲକ୍ ଅଧୀନ ତେନ୍ତୁଳିପଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ପରିଜା(୮୩)ଙ୍କ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁତ୍ର ଅଭୟ, କନିଷ୍ଠ ପୁତ୍ର ଅକ୍ଷୟ, ବୋହୂ, ନାତି ନାତୁଣୀ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। କଟକସ୍ଥିତ କାଜି ପାଟଣା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସରଗ୍ରହଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଭୟ ମୁଖାଗ୍ନି ଦେଇଥିଲେ।

# ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର,୨୮।୫(ସମିସ): ଜଗତସିଂହପୁର ଜିଲ୍ଲାର ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତବର୍ଷ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ୧ମ,୨ୟ ଏବଂ ୩ୟ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହା ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଓତାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ +୨ କଳାରେ ସ୍ମୃତିପ୍ରଜ୍ଞା ଲେଙ୍କା ୧ମ, ନିବେଦିତା ଦାଶ ୨ୟ ଏବଂ ଶଶ୍ୱତୀ ପ୍ରୀୟଦର୍ଶିନୀ ୩ୟ, +୨ ବିଜ୍ଞାନରେ ସତ୍ୟଜିତ୍ ବର୍ଦ୍ଧନ ୧ମ, ଶୁଭ୍ରାଦୀପା ସେଠୀ ୨ୟ ଏବଂ ଆଦିତ୍ୟ ସାହୁ ୩ୟ, +୨ ବାଣିଜ୍ୟରେ ସୌଭାଗିନୀ ବିଶ୍ୱାଳ ୧ମ, ରିତୁବର୍ଣ୍ଣା ସ୍ୱାଇଁ ୨ୟ ଏବଂ ଅର୍ପିତା ପାତ୍ର ୩ୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ, ଅନୀଲ କୁମାର ଦାଶ, ମନୋଜା ମରୀ ସ୍ୱାଇଁ, ନୃସିଂହ ଚରଣ ସାମନ୍ତରାୟ, ସତ୍ୟଜିତ୍ ସାହୁ ଏବଂ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷାନୁଷ୍ଠାନର ବରିଷ୍ଠ କର୍ମଚାରୀ ଅସୀମ ଅମିତାଭ ଲେଙ୍କା ସହଯୋଗ କରିଥିଲେ।

# ବିଶ୍ୱ ଦରବାରରେ ଓଡ଼ିଆ ସଂସ୍କୃତି ପହଞ୍ଚାଇବାରେ ସାରଳା ଦାସଙ୍କ ଭୂମିକା




ତିର୍ତ୍ତୋଲ,୨୮।୫(ସମିସ): ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ମହାକବି ସାରଳା ଦାସଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି ତିର୍ତ୍ତୋଲ ବ୍ଲକ୍ ଅଧୀନ ତେନ୍ତୁଳିପଦା ଶନିମନ୍ଦିର ପରିସରରେ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ରାଧାମୋହନ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଇଂ ସୁବାସ ଚନ୍ଦ୍ର ସାହୁ ତାଙ୍କ ବକ୍ତବ୍ୟ ରେ ସାରଳା ଦାସଙ୍କ ରଚିତ ମହାନ୍ କାବ୍ୟ ଓଡ଼ିଆ ମହାଭାରତ ତାଙ୍କର ମୌଳିକ ରଚନା ଥିଲା। ଏଥିରେ ତତ୍‌କାଳୀନ ସାମାଜିକ ଚଳଣିକୁ ଅତି ନିଖୁଣ ଭାବରେ ଚିତ୍ରଣ କରିଥିଲେ ବୋଲି ମତ ବ୍ୟକ୍ତ କରିଥିଲେ। ପରିଷଦର ସଭାପତି ତଥା ଅବସରପ୍ରାପ୍ତ ପ୍ରସାଶନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ତାଙ୍କ ବକ୍ତବ୍ୟରେ ଓଡ଼ିଆ ଘରର ପରମ୍ପରାଠାରୁ ଚଳଣି ପର୍ଯ୍ୟନ୍ତ ସମସ୍ତ ବିଷୟ ସାରଳା ଦାସଙ୍କ ରଚିତ ଗ୍ରନ୍ଥ ମାନଙ୍କରେ ରହିଛି। ରାଜ୍ୟ ସରକାର ଏହି ମହାନ୍ ମାଟିରେ ମହା କବିଙ୍କୁ ସରକାରୀସ୍ତରରେ ବିଦ୍ୟାଳୟ ପାଠ୍ୟ ଖସଡ଼ାରେ ସ୍ଥାନିତ କରାଗଲେ ଛାତ୍ର ଛାତ୍ରୀ ମାନେ ଏହି ମହାନ୍ ସାଧକଙ୍କ ବିଷୟ ରେ ଜାଣି ପାରିବେ ବୋଲି କହିଥିଲେ। ଗାଳ୍ପିକ ପ୍ରଭାତ ପରିଜା ସାରଳା ମହାଭାରତରେ ଥିବା ଗୌରୀ ପାକ ଓ ସୌରି ପାକ ସହିତ ଓଡ଼ିଆ ଘର ରନ୍ଧଣାର ତୁଳନା କରିଥିଲେ। ସମାଜସେବୀ ବିରଜା ପ୍ରସନ୍ନ ପରିଜା ଓ ଅବସରପ୍ରାପ୍ତ କୃଷି ଅଧିକାରୀ ରବୀନ୍ଦ୍ର ନାଥ ସିଂ ତାଙ୍କ ବକ୍ତବ୍ୟରେ ଘରେ ଘରେ ସାରଳା ମହାଭାରତ ପଠନ କରାଗଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ଭାଗୀରଥି ମହାନ୍ତି, ଆଶିଷ ପରିଜା, ସୁରେନ୍ଦ୍ର ସାହୁ, ନମିତା ସିଂ, ଶ୍ରଦ୍ଧାଞ୍ଜଳି ଦାସ, ସୁବ୍ରତ ଦାଶ, ଅକ୍ଷୟ ମହାନ୍ତି, ଅଚ୍ୟୁତାନନ୍ଦ ବେହେରା, ଦେବବ୍ରତ ବାରିକ ଓ ସୁଶାନ୍ତ ପରିଜା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୨ବର୍ଷ ହେଲା ମଶାଣି ଘର କାର୍ଯ୍ୟ ଅଧାରେ



ଏରସମା,୨୮।୫(ସମିସ): ତିର୍ତୋଲ ଥାନା ଅଧୀନ ଇବିରସିଂ ପଞ୍ଚାୟତର ଇବିରସିଂ ଗାଁର ୧୭ ନଂ ୱାଡରେ ମଶାଣି ଘରଟିଏ ନାହିଁ। ୧୨ ବର୍ଷ ପୂର୍ବେ ମଶାଣି ଘର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏବେ ମଶାଣିକୁ ଯିବା ପାଇଁ ରାସ୍ତା ନାହିଁ। ବ୍ୟକ୍ତିଗତ ରାସ୍ତା ଦେଇ ମଶାଣିକି ଯିବାକୁ ପଡ଼ିଥାଏ। ଏହି ଗାଁରେ ୨୦୦ରୁ ଉର୍ଦ୍ଧ୍ୱଲୋକ ବାସ କରନ୍ତି। ପ୍ରାୟତଃ ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଗାଁକୁ ଯାଇଥିବା ଢଳେଇ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲଣି। ଗାଁରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଜଳୁ ନାହିଁ। ଗାଁର ଶେଷ ଭାଗରେ ଥିବା ପୋଖରୀଟି ଦଳରେ ଭର୍ତ୍ତି ହୋଇଗଲାଣି। ଗାଁ ମଝିରେ ସରକାରୀ ନଳକୂଅ କରାଯାଇଅଛି। କିନ୍ତୁ ଏହି ପାଣି ଯିବା ପାଇଁ ଡ୍ରେନ ନ ଥିବାରୁ ସେହି ଠାରେ ପାଣି ଜମୁଛି। ସେହିପରି ଗାଁରେ ଥିବା ମାର୍କେଟ କମ୍ପ୍ଲେକ୍ସ ଦୀର୍ଘ ୧୨ବର୍ଷରୁ ଉର୍ଦ୍ଧ୍ୱ ହେବ କାମ ସରିଥିଲେ ମଧ୍ୟ ବଣ୍ଟନ କରାଯାଉ ନାହିଁ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



କୁଜଙ୍ଗ,୨୮।୫(ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତର ଜନାପାଳ କଳ ଘର ସମ୍ମୁଖରେ ଥିବା ବିଦ୍ୟୁତ୍ ବିଭାଗ ଏକ ବଡ଼ ଟ୍ରାନ୍ସଫର୍ମର୍ ଆରମ୍ଭରୁ ମୁକୁଳା ପଡ଼ିଛି। ଅତି ନିମ୍ନଭାଗରେ ଶକ୍ତିଶାଳୀ ତାର ଜୀବନ୍ତ ଅବସ୍ଥାରେ ଖୋଲା ପଡ଼ିଥିବାବେଳେ କେଉଁ ସମୟରେ ଧନଜୀବନ ହାନୀ ଘଟିବା ସମ୍ଭାବନା ଥିବା ଅଭିଯୋଗ କରିଛନ୍ତି କଂଗେସ ନେତା ଅରୁଣ କୁମାର ମଲ୍ଲିକ। ବିଭାଗୀୟ ଅଧିକାରୀ ଲାଭ ପାଇଁ ବ୍ୟସ୍ତ ଥିବାବେଳେ ଲୋକଙ୍କ ସୁରକ୍ଷା ପ୍ରତି ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷାଋତୁ ଆସୁଥିବାବେଳେ ମୁକୁଳା ଖୁଣ୍ଟ ସହ ଲାଇନ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦେବାକୁ ଦାବି କରାଯାଇଛି।

# ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଜଗତସିଂହପୁର,୨୮।୫(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତିଶଙ୍କର ରାୟ ଦୁର୍ଘଟଣାର କାରଣ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ତାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ କହିଥିଲେ। ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ସଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ ସେ ପ୍ରତି ଦୃଷ୍ଟି ଦିଆଯାଉ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ନିରଞ୍ଜନ ବେହେରା କହିଲେ ଯେ ଇଫ୍‌କୋ ଛକ ପାଖରେ କାର୍ଯ୍ୟ ଆରମ୍ଭ ହୋଇଯାଇଛି, ଯାହାଫଳରେ ଦୁର୍ଘଟଣାର ମାତ୍ରା କମିବ। ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ କହିଲେ ଯେ ଅଧିକ ଦୁର୍ଘଟଣାଗ୍ରସ୍ତ ଥାନାପରିସରଗୁଡ଼ିକ ଉପରେ ଧ୍ୟାନ ଦିଆଯିବ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସାଇନବୋର୍ଡ ଲଗାଇବାର ସ୍ଥାନ ଚୟନକରି ନିର୍ବାହୀ ଅଧିକାରୀ, ପୌରପରିଷଦ, ଜଗତସିଂହପୁରଙ୍କୁ ଅବଗତ କରାଇବା ପାଇଁ କୁହାଯାଇଥିଲା। ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ ଓ ଟ୍ରକ୍ ମାଲିକ ସଂଘ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଅଠରବାଙ୍କୀରୁ ପାରାଦୀପ ରାସ୍ତା ମରାମତି ପାଇଁ ଏନ୍‌ଏଚ୍‌ଏଆଇ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ କମିଟିର ସଦସ୍ୟ, ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ।

ମ୍ୟୁନିସିପାଲିଟିର ୨୨ତମ ସାଧାରଣ ବୈଠକ

# ନୂଆ ଟେଣ୍ଡରକୁ ବିରୋଧ; କାଉନସିଲରଙ୍କ ହଟ୍ଟଗୋଳ

ପାରାଦୀପ,୨୮।୫(ସମିସ):



ପାରାଦୀପ ମ୍ୟୁନିସିପାଲିଟିର ୨୨ତମ ସାଧାରଣ ବୈଠକ ବୁଧବାର ମ୍ୟୁନିସିପାଲିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତି ସ୍ୱାଇଁ, ଉପାଧ୍ୟକ୍ଷା ଛବିଲତା ରାଉତ, ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ଗୌତମ ନାୟକଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ। ମ୍ୟୁନିସିପାଲିଟି ଅଧୀନ ୧୯ ଟି ୱାର୍ଡର ବିକାଶ, ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ଷାଦିନେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବା ସହିତ ଜଳ ନିଷ୍କାସନ ପଥକୁ ଖୋଲା ରଖିବାକୁ କୁହାଯାଇଥିଲା। ସାନିଟେସନ୍ କାର୍ଯ୍ୟକୁ ସ୍ୱଚ୍ଛ କରିବା ପାଇଁ ଆଉ ଏକ ନୂଆ ସଂସ୍ଥାକୁ ନିୟୋଜିତ କରିବା ନେଇ ଆଲୋଚନା କରାଯାଇଥିଲା। ବିଶେଷକରି ଡିଓଭି ଗାଡ଼ିଗୁଡିକ ୱାର୍ଡମାନଙ୍କର ସ୍ୱଚ୍ଛତା କ୍ଷେତ୍ରରେ ବ୍ୟବହାର ହେଉଥିବାବେଳେ ଯେଉଁମାନେ ନିୟୋଜିତ ଅଛନ୍ତି ସେମାନେଙ୍କ କାମକୁ ତଦାରଖ କରିବାକୁ କୁହାଯାଇଥିଲା। ଏକ ଆପ୍ ମାଧ୍ୟମରେ ଲୋକେ ସମସ୍ତ ଅଭିଯୋଗ କରିପାରିବେ ଓ ଅନ୍‌ଲାଇନ ମାଧ୍ୟମରେ ମ୍ୟୁନିସିପାଲିଟି ଦେୟ ପ୍ରଦାନ କରିପାରିବେ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ସାନିଟେସନ ୱାର୍କକୁ ନେଇ କିଛି କାଉନସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କିଛି ସମୟ ହୋହାଲ୍ଲା ହେବାର ଦେଖିବାକୁ ମିଳିଥିଲା। ସାନିଟେସନ କାମ ଟେଣ୍ଡରକୁ ନିଆଯିବା ନେଇ କେତେଜଣ କାଉନସିଲର ମତ ଦେଇଥିବାବେଳେ ଆଉ କେତେଜଣ ଏହାକୁ ବିରୋଧ ମଧ୍ୟ କରିଥିଲେ। ଯେହେତୁ ୨୦୨୪ ମେ ୩୦ କୁ ସାନିଟେସନ କାମର ଟେଣ୍ଡର ସରିଥିଲା, ଏହାକୁ ଗୋଟିଏ ବର୍ଷ ଏକ୍ସଟେନ୍ସନ କରିବାକୁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ତେବେ ଚଳିତ ବର୍ଷ ମେ' ୩୧ ପର୍ଯ୍ୟନ୍ତ ଏହି ଏକ୍ସଟେନ୍ସନ ଥିଲା। ମେ' ୩୧ ପୂର୍ବରୁ ଏହି ସାନିଟେସନ ୱାର୍କକୁ ଟେଣ୍ଡରକୁ ନେବା କଥା, କିନ୍ତୁ ଏହାକୁ ପୁଣି ଆଉ ଏକ ବର୍ଷ ବଢାଇବା ପାଇଁ କିଛି କାଉନସିଲର ପ୍ରସ୍ତାବ ଦେବାରୁ ଏହାକୁ କିଛି କାଉନସିଲର ବିରୋଧ କରିଥିଲେ। ଏହା ମଧ୍ୟରେ କିଛି ସମୟ ଗୃହ ମଧ୍ୟରେ ହୋହାଲ୍ଲା ହୋଇଥିଲା। ଟେଣ୍ଡର କଲେ ସ୍ୱଚ୍ଛତା ଆସିବା ନେଇ କେତେଜଣ କହୁଥିବାବେଳେ ଚଳିତବର୍ଷ ଶୀଘ୍ର ମୌସୁମୀ ଆସୁଥିବାରୁ ଆଉ ସମୟ ନାହିଁ ବୋଲି କେତେଜଣ ସଫେଇ ଦେଇଥିଲେ। ହେଲେ କାଉନସିଲରମାନଙ୍କ ମଧ୍ୟରେ ଏଭଳି କଥା କଟାକଟି ସମୟରେ ଉପସ୍ଥିତ ଅଫିସରମାନେ ନିରବ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ସହିତ ସିଟିବିଟି (ଗୋଷ୍ଠୀ ଶୌଚାଳୟ ଗୁଡିକର ରକ୍ଷଣାବେକ୍ଷଣ, ମରାମତି ଓ ସ୍ୱଚ୍ଛତାର) ଟେଣ୍ଡର ଗତ ମାର୍ଚ୍ଚ ମାସରେ ସରିଯାଇ ଥିବାରୁ ନୂଆ ଟେଣ୍ଡର ନ ହୋଇ ଦୁଇ ମାସ ଏକ୍ସଟେନ୍ସନ ହୋଇଥିବା ତା ପୁଣି କୌଣସି କାଉନସିଲ ବୈଠକରେ ପାସ୍ ନ ହୋଇ କରାଯାଇଥିବା ନେଇ ପୌର ଉପାଧ୍ୟକ୍ଷା ଛବି ଲତା ରାଉତ ଅସନ୍ତୋଷ ପ୍ରକାଶ କରିଥିଲେ।



# ଅସରାଏ ବର୍ଷାରେ ଭାସୁଛି କୁବେରପୁରୀ

ଭୁବନେଶ୍ୱର, ୨୮।୫(ସମିସ)

ଅସରାଏ ବର୍ଷାରେ ପାଣି ଘେରରେ କୁବେରପୁରୀ ଆଳୁଗଦି। ଖୋଦ୍ ଆଳୁର ପେଣ୍ଠସ୍ଥଳରେ ଆଳୁ ବ୍ୟବସାୟୀ ଚିନ୍ତାରେ। ପ୍ରତିଦିନ ଖାଉଟିଙ୍କୁ ଖାଦ୍ୟରେ ଆଳୁ ଯୋଗାଉଥିବା ଏହି ବ୍ୟବସାୟୀମାନେ ନିୟମିତ ଦୁର୍ଦ୍ଦଶା ଭୋଗୁଥିଲେ ବି ସେମାନଙ୍କ ସମସ୍ୟା ଦୀର୍ଘଦିନ ହେଲା ସମାଧାନ ହୋଇପାରୁନାହିଁ। ଆଇଗିଣିଆ ସ୍ଥିତ କୁବେରପୁରୀ ଆଳୁଗଦି କୁହାଯାଉଥିବା ଏହି ପେଣ୍ଠସ୍ଥଳରେ ପ୍ରତିଦିନ ଶତାଧିକ ଟ୍ରକ୍ ଆଳୁ, ପିଆଜ ତଥା ଅନ୍ୟାନ୍ୟ ସବୁଜ ପରିପରିବା ବିକ୍ରି ହେଉଥିଲେ ବି ଦୁଃଖର କାରଣ ପାଲଟିଛି ବର୍ଷା ପାଣି। କାରଣ ଅସରାଏ ବର୍ଷାରେ ଏଠାରେ କୃତ୍ରିମ ପୋଖରୀ ସୃଷ୍ଟି ହେବା ସହ କାଦୁଅରେ ଗାଡ଼ି ଅଟକି ଯାଉଛି। ବ୍ୟବସାୟରେ କ୍ଷତି ହେବା ଯେତିକି କଷ୍ଟ ନୁହେଁ ଆଣ୍ଠୁଏ ଉଚ୍ଚର କାଦୁଅରେ ପଶି ଯିବାଆସିବା କରିବା କଷ୍ଟ ସମସ୍ତଙ୍କୁ ବଳି ଯାଉଛି। ନୂତନ ଭାବେ ନିର୍ମାଣ ହୋଇଥିବା ପିଇବା ପାଣି ପ୍ରକଳ୍ପ ନିକଟରେ ଆଣ୍ଠୁଏ କାଦୁ ସାଙ୍ଗକୁ ଆବର୍ଜନା ଯୋଗୁଁ ଦୁର୍ଗନ୍ଧରେ ଫାଟି ପଡ଼ୁଛି।

■ ବ୍ୟବସାୟ କ୍ଷତିଠାରୁ ବଳିଯାଉଛି କାଦୁଅ ଯନ୍ତ୍ରଣା

■ ପିଇବା ପାଣି ପାଇଁ ବି ହନ୍ତସନ୍ତ ବ୍ୟବସାୟୀ ଓ ବାହାର ଗାଡ଼ି ଚାଳକ

୧୯୯୩ ମସିହାରେ ପ୍ରାୟ ୯ ଏକର ପରିମିତ ସ୍ଥାନରେ ଆଇଗିଣିଆରେ ରହିଛି ଏହି ଆଳୁ ଗୋଦାମ। ସାଧାରଣରେ ବ୍ୟବସାୟିକ ଭାଷାରେ ଏହା ଆଳୁ ଗଦି ଭାବେ ପରିଚିତ। ଏଠାରେ ପ୍ରାୟ ୫୦ଟି ଗୋଦାମ ଘର ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବିଏମ୍‌ସି ଅଧିନକୁ ଆସିଛି। କେତେକ ବ୍ୟବସାୟୀ ଏଠାରେ ଗୋଦାମ ଘର କିଣିଥିବା ବେଳେ କେତେକ ଭଡ଼ାରେ ମଧ୍ୟ ବ୍ୟବସାୟ କରୁଛନ୍ତି। ଏଥିପାଇଁ ବ୍ୟବସାୟୀମାନେ ବିଏମ୍‌ସିକୁ ହୋଲଡିଙ୍ଗ୍ ଟ୍ୟାକ୍ସ ମଧ୍ୟ ଦେଉଥିବା କହିଛନ୍ତି। କିନ୍ତୁ ଏହି ସ୍ଥାନରେ ବ୍ୟବସାୟୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ରାଜ୍ୟ ବାହାରୁ ଏଠାକୁ ପ୍ରାୟ ୩ ଶହ ଟ୍ରକ୍‌ରେ ୩ ହଜାର ଟନ୍ ଆଳୁ ଆସିଥାଏ। ଯାହା ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ପୁରୀ ସମେତ ଉପକଣ୍ଠ ବଜାରରେ ଆଳୁର ଆବଶ୍ୟକତାକୁ ପୂରଣ କରିଥାଏ। ଆଳୁ ଆମଦାନୀ ଓ ରପ୍ତାନୀ ନିମନ୍ତେ ଏଠାରେ ରାତି ପାହିଲେ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ଟ୍ରକ୍ ସାଙ୍ଗକୁ ମିନିଟ୍ରକ୍, ଅଟୋ ଆଦି ଗାଡ଼ିର ଭିଡ଼ ଜମେ। ହେଲେ ଏହି ସ୍ଥାନରେ ଅସରାଏ ବର୍ଷାରେ ଅବସ୍ଥା ଏଭଳି ହୋଇଥାଏ ଯେ, ରାଜ୍ୟ ବାହାରର ଗାଡ଼ି ଚାଳକମାନେ ଅସନ୍ତୋଷ ପ୍ରକାଶ କରୁଥିବା ବ୍ୟବସାୟୀମାନେ କହିଛନ୍ତି। କାରଣ କାଦୁଅ ସହ ବଡ଼ ବଡ଼ ଖାଲରେ ଗାଡ଼ିଚକା ଲାଖି ରହୁଥିବା ସହ ଚକାରେ କାଦୁଅ ପଶି ଜାମ୍ ହୋଇଯାଉଛି। ଫଳରେ ଗାଡ଼ି ଧୋଇବାରେ ସମୟ ଓ ଅର୍ଥ ନଷ୍ଟ ହେଉଛି। ଏଥିପାଇଁ ବ୍ୟବସାୟୀମାନଙ୍କୁ ଅର୍ଥ ଗଣିବାକୁ ପଡ଼ୁଛି। ଏହାସହ କାଦୁଅରେ ଗାଡ଼ି ଘଣ୍ଟା ଘଣ୍ଟା ଅଟକି ଯାଉଛି। ବର୍ଷା ଦିନରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଜମି ରହିବା ସହ ଅଳିଆ ଆବର୍ଜନାର ଦୁର୍ଗନ୍ଧ ମଧ୍ୟ ଅସହ୍ୟ ହୋଇପଡ଼ିଛି। ଭାରିଯାନ ନିୟମିତ ଯିବା ଆସିବା କରୁଥିବାରୁ ବରମୁଣ୍ଡା ବସଷ୍ଟାଣ୍ଡ ଭଳି ଏଠାରେ ଚଟାଣ ଗୁଡ଼ିକ ଶକ୍ତ ଭାବେ କରାଯିବା ସହ ଡ୍ରେନେଜ୍ ବ୍ୟବସ୍ଥା, ନିହାତି ଆବଶ୍ୟକ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏନେଇ ସର୍ବଭାରତୀୟ ରାଜ୍ୟ ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ଏଥିପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବିଏମ୍‌ସି କମିଶନରଙ୍କ ନିକଟରେ ନିବେଦନ କରାଯାଇଛି। ଗତବର୍ଷ ମେୟର ସମସ୍ତ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ହୋଇ ନାହିଁ। ଯଦି ସରକାର ଏହାକୁ ଗୁରୁତ୍ୱ ଦେଇ ଯଥାଶିଘ୍ର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ କେବଳ ୫୦ ବ୍ୟବସାୟୀ ନୁହଁନ୍ତି ଗାଡ଼ି ଚାଳକମାନେ ମଧ୍ୟ ଉପକୃତ ହେବେ।



## ପ୍ରେମିକାର ଫଟୋ ଭାଇରାଲ୍; ପ୍ରେମିକ ଗିରଫ





ଭୁବନେଶ୍ୱର, ୨୮।୫ (ସମିସ): ପ୍ରେମିକାର ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେହେରା ସାହିରେ ରହୁଥିବା କୃଷ୍ଣପ୍ରସାଦ ଥାନା ବ୍ରହ୍ମପୁରର ପ୍ରଦୀପ୍ତ ସୁନ୍ଦର ଜେନା (୨୫)।

ପୁଲିସ ସୂଚନା ଅନୁସାରେ, ଗଣପତି ବସ୍ତି ଅଞ୍ଚଳର ଜଣେ ଯୁବତୀ କିଛି ମାସ ପୂର୍ବରୁ ପ୍ରଦୀପ୍ତ ସଂସ୍ପର୍ଶରେ ଆସିଥିଲେ। ବନ୍ଧୁତାରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ବିବାହ ପ୍ରତିଶ୍ରୁତି ଦେଇ ପ୍ରଦୀପ୍ତ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲା। ଯୁବତୀଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ତେବେ ପ୍ରେମ ସମ୍ପର୍କ ବିଷୟରେ ପରିବାର ଲୋକେ ଜାଣି ତାଗିଦ୍ କରିବା ପରେ ଯୁବତୀ ଜଣକ ପ୍ରଦୀପ୍ତ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଦୀପ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲା।

ଏନେଇ ଯୁବତୀ ଜଣକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଦୀପ୍ତକୁ ଗିରଫ କରିବା ସହିତ ତା' ଠାରୁ ଏକ ମୋବାଇଲ ଫୋନ ଜବତ କରି କୋର୍ଟ ଚାଲାଣ କରିଛି।

## 'ନୃତ୍ୟବିଳାସ'ରେ ଓଡ଼ିଶୀ ସାଙ୍ଗକୁ ଲୋକନୃତ୍ୟ

ଭୁବନେଶ୍ୱର, ୨୮।୫(ସମିସ): ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟବିଳାସ' ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଥମେ ପ୍ରସ୍ତୁତିରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରେ ଶଙ୍କରାଭରଣ ପଲ୍ଲବୀ ପରିବେଷିତ ହୋଇଥିଲା। ଏହାପରେ ଦଳଗତ ନୃତ୍ୟାଭିନୟରେ ଓଡ଼ିଶାର ଲୋକଗଳ୍ପ ଉପରେ ଆଧାରିତ ଲୀଳାବତୀ ପ୍ରସଙ୍ଗ ପରିବେଷିତ ହୋଇଥିଲା। ନମିତା ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ସଂରଚିତ ଏହି ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା। ସେହିପରି ଶ୍ରୀ ଡ୍ୟାନ୍ସ ଏକାଡେମୀ ପୁରୀର ଶିଳ୍ପୀମାନେ ଓଡ଼ିଶୀ ଅଭିନୟରେ ମାନ ଉଦ୍ଧାରଣ ପ୍ରଦର୍ଶନ କରିବା ପରେ ସମ୍ବଲପୁରୀ, ଝୁମର ଓ ନବରଙ୍ଗପୁରର ଲୋକନୃତ୍ୟ ଆଦି ପରିବେଷଣ କରିଥିଲେ। ତେବେ ଅନୁଷ୍ଠାନର କନିଷ୍ଠରୁ ବରିଷ୍ଠ ପ୍ରାୟ ୭୦ ଜଣ ଶିଳ୍ପୀ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ହରିହର ମହାନ୍ତି, ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ଶ୍ରୀ ଡ୍ୟାନ୍ସ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସମ୍ପାଦିକା ନମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ବଳିୟାରସିଂହ ସଂଯୋଜନା କରିଥିବା ବେଳେ ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ଟିଟିସିଏମସ୍‌ର ଅଳିଆ ଟାଟି | ନିର୍ବାଚନ ପରେ ଜନତା ଲଢୁଛନ୍ତି; ନେତାଙ୍କ ଦେଖା ମିଳୁନି

ଭୁବନେଶ୍ୱର, ୨୮।୫(ସମିସ): ରାଜ୍ୟରେ ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ଗାଡ଼କଣସ୍ଥିତ ଟିଟିଏସ୍ ଗନ୍ଧାଉଥିଲା। ଏବେ ବି ଗନ୍ଧାଉଛି। ଅଞ୍ଚଳବାସୀଙ୍କ ସମସ୍ୟା ସେତେବେଳେ ଯାହାଥିଲା ଏବେ ବି ସେଇଆ ରହିଛି। କେଉଁଥିରେ କିଛି ପରିବର୍ତ୍ତନ ଆସିନାହିଁ। ପରିବର୍ତ୍ତନ ଆସିଛି ତ କେବଳ ନେତୃତ୍ୱରେ। ନିର୍ବାଚନ ଜିତିବାକୁ ରାଜ୍ୟ ବିଜେପିର ନେତାମାନେ ଟିଟିଏସ୍ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଲେ। ଏହାକୁ ଏକ ଅସ୍ତ୍ର କରି ନିର୍ବାଚନ ଲଢ଼ିଲେ। ଜିତିଲା ପରେ ସରକାର ବି କଲେ। ହେଲେ ଜିତିବା ପରେ ଟିଟିଏସ୍ ପୁଣି ସେଭଳି ଗନ୍ଧାଉଛି। କିନ୍ତୁ ରାଜ୍ୟ ବିଜେପି ନେତାଙ୍କୁ ଆଉ ଆନ୍ଦୋଳନରେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳୁନି। ଏଣୁ ସ୍ଥାନୀୟ ଲୋକେ ଏହି ଲଢ଼େଇକୁ ଆଗେଇ ନେଇ କେତେବେଳେ ସଚେତନତା କରୁଛନ୍ତି, ଆଉ କେତେବେଳେ ଅଞ୍ଚଳରେ ପଦଯାତ୍ରା କରୁଛନ୍ତି। ପୁଣି କେତେବେଳେ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ୍ ଉଦ୍‌ଘାଟନ କରୁଛନ୍ତି। ଏହି କ୍ରମରେ ବୁଧବାର ଲୋକେ ପ୍ରତିବାଦ କରିଛନ୍ତି।

୨୦୨୩ ମସିହାରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ରାଜଧାନୀରେ ବିଭିନ୍ନ ସମସ୍ୟା ନେଇ ଧରଣା ଦେଲେ। ବିଜେପି ଏହାକୁ ରାଜଧାନୀରେ ନିର୍ବାଚନ ମୁଦ୍ଦା ବନାଇବ ବୋଲି ପ୍ରସ୍ତୁତି ହେଲା। ବର୍ତ୍ତମାନର ଏକାମ୍ର ବିଧାୟକ ବାବୁ ସିଂ ଏହାର ନେତୃତ୍ୱ ନେଇ ଧାରଣାରେ ବସିଲେ। କହିଲେ ସରକାରକୁ ଆସିବା ମାତ୍ରେ ଆମେ ଏହାକୁ ହଟାଇଦେବୁ। ହେଲେ ସରକାରଙ୍କୁ ଏକ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ଟିଟିଏସ୍ ହଟିବାର ନାଆ ଧରୁନି। ନିର୍ବାଚନ ଶେଷ ହେବା ପରେ ଟେଣ୍ଟ୍ ହଟିଗଲା। ନେତା ବି ଧରଣାରୁ ଉଭାନ ହୋଇଗଲେ। ଏହାପରେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହା ବିରୋଧରେ ଲମ୍ବା ଲଢେଇ ଲଢ଼ିବାକୁ ପ୍ରାୟାସ କରିଛନ୍ତି।

ବୁଧବାର ପ୍ରବଳବର୍ଷା ସତ୍ତ୍ୱେ ଗଡ଼କଣ ଅଳିଆଗଦା ଗେଟ ସମ୍ମୁଖରେ ଅଳିଆଗଦା ହଟାଅ ଓ ସୈନିକସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଶତାଧିକ ସାଧାରଣ ଲୋକଙ୍କ ଦ୍ୱାରା ପ୍ଲାକାର୍ଡ ଧରି ପ୍ରଦର୍ଶନ କରାଯାଇଥିଲା। କଥା ଦେଇ କଥା ରଖିଲ ନାହିଁ ମୋହନ ଭାଇ। ଏଭଳି ସ୍ଲୋଗାନ ସହିତ ଜନ ପ୍ରତିବାଦ କରାଯାଇଥିଲା। ଆଗାମୀ ରବିବାର ଦିନ ଠାରୁ ପ୍ରତିବାଦ ସହିତ ଅଳିଆ ଗାଡ଼ି ସବୁ ଡାମପିଙ୍ଗ ୟାର୍ଡ଼ ଭିତରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ମୁଖପାତ୍ର ପ୍ରସନ୍ନ ବିଷୋୟୀ ଘୋଷଣା କରିଛନ୍ତି। ଜନ ପ୍ରତିବାଦ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ, ଆଶୁତୋଷ ମିଶ୍ର, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ସଞ୍ଜୟ ମଲ୍ଲିକ, ପ୍ରିତିଶ ବସା, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ସମୀର ସରକାର ଓ ପ୍ରଦୀପ୍ତ ପରିଡ଼ା ପ୍ରଭୃତି ନେତୃତ୍ୱ ନେଇ ଜନ ପ୍ରତିବାଦକୁ ସଫଳ କରିଥିଲେ।

■ ଅଳିଆଗଦା ସମ୍ମୁଖରେ ଗଣପ୍ରତିବାଦ





## ରାଜ୍ୟର ପ୍ରଥମ ଦିବ୍ୟାଙ୍ଗ ର୍‍ୟାମ୍ପ୍ ଶୋ 'ଅଧ୍ୟାୟ'





ଭୁବନେଶ୍ୱର, ୨୮।୫(ସମିସ): ୟୁଏସଏଫଏସିଟି ଫାଉଣ୍ଡେସନ ପକ୍ଷରୁ ସମାବେଶୀ ସମାଜ ଗଠନ ପ୍ରୟାସରେ ଓଡ଼ିଶାର ପ୍ରଥମ ଦିବ୍ୟାଙ୍ଗ ର୍‍ୟାମ୍ପ ଶୋ 'ଅଧ୍ୟାୟ' ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଅଧ୍ୟାୟ' ଫାଉଣ୍ଡେସନର ପ୍ରତିଷ୍ଠାତା ଜେ.ଏସ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଥଲେଟ ଦୂତୀ ଚାନ୍ଦ ଓ ଭିନ୍ନକ୍ଷମ ବିଭାଗର ଉପସଚିବ ସନ୍ୟାସୀ ବେହେରା, ସହକାରୀ ପୁଲିସ ଆୟୁକ୍ତ ଅଞ୍ଜନା ଟୁଡୁ, ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ରୋଜାଲିନ ପାଟଶାଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଲୋକଙ୍କୁ ବଞ୍ଚିବା ପାଇଁ ଯେପରି ଅଧିକାର ହାସଲ କରିବାକୁ ପଡୁଛି ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଏହି ଅଧିକାର ମିଳିବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ ନୁହଁନ୍ତି। ଏହି ମନୋଭବ ସେମାନଙ୍କ ଭିତରେ ସୃଷ୍ଟି କରିବା ପାଇଁ ଓଡ଼ିଶାର ପ୍ରଥମ ର୍‍ୟାମ୍ପ ଶୋ ଅଧ୍ୟାୟ ୟୁଏସଏଫଏସିଟି ଫାଉଣ୍ଡେସନ ତରଫରୁ ସୃଷ୍ଟି କରାଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ।

## ଡାକ୍ତରଙ୍କୁ ମାଡ଼: ଜେଲ୍‌ଗଲେ ୨ ଯୁବକ

ବାଲିଅନ୍ତା, ୨୮।୫(ସମିସ): ପୁରୁଣା ଫାଣ୍ଡି ଛକ ନିକଟରେ ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାରେ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଳକାଟି ଫାଣ୍ଡି ପୁଲିସ। ଗିରଫ ଅଭିଯୁକ୍ତ ଯୁବକ ହେଲେ ବାଲିପାଟଣା ଥାନା ବୋଧଖଣ୍ଡି ମେଳକ ଗ୍ରାମର କୁନା ମଲ୍ଲିକ ଓରଫ କାଳିଆ(୨୯) ଓ ଚିତ୍ତରଞ୍ଜନ ମଲ୍ଲିକ(୧୯)। ପୁଲିସ ସୂଚନା ଅନୁସାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିଶିଥ ରଞ୍ଜନ ଶତପଥୀ ମଙ୍ଗଳବାର ସନ୍ଧ୍ୟାରେ ଡ୍ୟୁଟି ସାରି ଭୁବନେଶ୍ୱର ଫେରୁଥିବା ବେଳେ ପୁରୁଣା ଫାଣ୍ଡି ଛକ ନିକଟରେ ବାଇକ ସାଇଡ ମରାକୁ କେନ୍ଦ୍ରକରି କୁନା, ଚିତ୍ତରଞ୍ଜନ ଏବଂ ଅନ୍ୟ ଜଣେ ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ୩ ଜଣ ଯାକ ନିଶିଥରଞ୍ଜନଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କ କବଳରୁ ନିଶିଥରଞ୍ଜନଙ୍କୁ ଉଦ୍ଧାର କରି କୁନା ଓ ଚିତ୍ତରଞ୍ଜନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଯୁବକ ଜଣକ ଖସି ପଳାଇଥିଲା। ଆଜି ପୁଲିସ ଅଟକ କୁନା ଓ ଚିତ୍ତରଞ୍ଜନଙ୍କୁ ଗିରଫ କରି ଜେଲ ପଠାଇଛି।

## ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନ ଜରୁରୀ

ଭୁବନେଶ୍ୱର, ୨୮।୫(ସମିସ): କୋଣଠେସା ହୋଇ ରହିଯାଉଥିବା ମହିଳା ଓ ଯୁବତୀଙ୍କୁ ଋତୁସ୍ରାବ ଉପରେ ଅଧିକ ଜାଣିବା ଜରୁରୀ ଓ ବ୍ୟକ୍ତିଗତ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ସଚେତନତା ଜରୁରୀ ବୋଲି ମତପ୍ରକାଶ ପାଇଛି। ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ଆକ୍ସନ୍‌ଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୯ ଅଧୀନସ୍ଥ ଅରବିନ୍ଦ ନଗର ଗୋଷ୍ଠୀ ଗୃହ ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଶାକର୍ମୀ ନଳିନୀ ମହାରଣା, ସ୍ନିଗ୍ଧା ଦାସ ଓ କଲ୍ୟାଣୀ ରାଉତ ପ୍ରମୁଖ ଋତୁସ୍ରାବ ସମୟରେ କ'ଣ କରିବା ଉଚିତ୍ ଓ ଅନୁଚିତ୍ ସେ ଦିଗ ଉପରେ ସ୍ଥାନୀୟ ମହିଳା ଓ ଯୁବତୀଙ୍କୁ ବୁଝାଇଥିଲେ। ଏଥିରେ ଭୁବନେଶ୍ୱର ୟଙ୍ଗ ଅର୍ବାନ୍ ଓମେନ୍ ଫୋରମ୍ ଓ ମହିଳା ଆରୋଗ୍ୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଷ୍ଣୁପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।





## 'ରାଷ୍ଟ୍ର ନିର୍ମାଣରେ ଉଦ୍ୟୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୨୮।୫(ସମିସ): ରାଷ୍ଟ୍ର ନିର୍ମାଣରେ ଉଦ୍ୟୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଦ୍ୟୋଗୀମାନେ ରାଷ୍ଟ୍ରର ବିକାଶକୁ ଆଗେଇ ନେଇଥାନ୍ତି ବୋଲି ମତ ଦେଇଛନ୍ତି ବିଶିଷ୍ଟ ବ୍ୟକ୍ତିବିଶେଷ। ୟୁନିଟ୍-୯ ସ୍ଥିତ ବୁଦ୍ଧମନ୍ଦିର ପରିସରରେ ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ସହ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସମାଧାନ ଓ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମ ସଭାପତି, ବିଶିଷ୍ଟ ଉଦ୍‌ଯୋଗୀ ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଶିଳ୍ପ ପରାମର୍ଶଦାତା ଅମୀୟ କୁମାର ଶତପଥୀ ଉଦ୍ୟୋଗୀକୁ ଆଧାର କରି କିପରି ଜଣେ ସଫଳ ବ୍ୟବସାୟ କରିପାରିବ, ନିଜ ନିର୍ମିତ ଦ୍ରବ୍ୟକୁ ବଜାରରେ ସଫଳ ଭାବେ ବିଜ୍ଞାପିତ କରିବା ସହ ଆଜିର ସମୟରେ ବୈଷୟିକ ଜ୍ଞାନକୌଶଳକୁ ବିନିଯୋଗ କରି ସଫଳତା ପାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଉଦ୍‌ଯୋଗୀ ଭାବେ ବି. ପି ସିଂଙ୍କ ସହିତ ଅନ୍ୟ କିଛି ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

## ଶିଳ୍ପୀଙ୍କ ନିଆରା ପ୍ରୟାସ | ବିରଳ ପ୍ରଜାତିର ଘାସରୁ ଆକର୍ଷଣୀୟ କଳାକୃତି

ଭୁବନେଶ୍ୱର, ୨୮।୫(ସମିସ)

ହଜିଯାଉଥିବା ବିଭିନ୍ନ ପ୍ରଜାତିକୁ ନେଇ ମୁଦ୍ରଣ କଳା ତାଙ୍କ ନିଶା ଓ ପେସା। ସେ ଜଣେ ଶିଳ୍ପୀ ସେ ବିଭିନ୍ନ ପ୍ରକାରର ବିରଳ ପ୍ରଜାତିର ଘାସକୁ ନେଇ ଗବେଷଣା କରୁଛନ୍ତି। କଥାଟି ନିଆରା ଲାଗୁଥିଲେ ମଧ୍ୟ ସତ୍ୟ। ବର୍ତ୍ତମାନ ସମୟରେ ହଜିଯାଉଥିବା ଘାସକୁ ନେଇ ସେ ସୁନ୍ଦର ଭାବେ ମୁଦ୍ରଣ କଳାକୃତି କରିଥାନ୍ତି। ଏ ହେଉଛନ୍ତି ଭୁବନେଶ୍ୱରରେ ରହୁଥିବା ୨୮ ବର୍ଷୀୟ ଶିଳ୍ପୀ ସରୋଜ କୁମାର ବାଡ଼ତ୍ୟା।

ଅନେକ ବର୍ଷ ଧରି ସେ ନିଜ ପ୍ରୟାସ ମାଧ୍ୟମରେ ଏପରି କଳାକୃତି କରୁଛନ୍ତି। କାରଣ ହୁଏତ କେହି ଏପରି ଘାସକୁ ନେଇ ନିଜ କଳା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳେନାହିଁ। ସରୋଜଙ୍କ ପ୍ରକୃତ ଘର ଗଞ୍ଜାମ। ମୁଦ୍ରଣ କଳାରେ ସେ ସିଦ୍ଧହସ୍ତ। ହେଲେ ପିଲାବେଳୁ ସେ ପ୍ରକୃତି ସହ ଅଧିକ ଜଡ଼ିତ। ପରିବେଶରୁ ହଜି ଯାଉଥିବା ଘାସକୁ ସେ ସବୁଠି ସଂଗ୍ରହ କରିଥାନ୍ତି। ଯାହାକୁ ନେଇ ସେ ଏକ ସ୍ୱତନ୍ତ୍ର ପୁସ୍ତକ ମଧ୍ୟ କରି ରଖିଛନ୍ତି। ଯେଉଁଥିରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ଶହେରୁ ଅଧିକ ପ୍ରକାରର ଘାସ ସେ ସଂଗ୍ରହ କରି ସାରିଛନ୍ତି। କେବଳ ସେତିକି ନୁହଁ, ସେହି ପୁସ୍ତକରେ ଘାସ ସହିତ ତାର ଉପକାରିତା ଓ କାର୍ଯ୍ୟ ମଧ୍ୟ ଉଲ୍ଲେଖ କରି ରଖିଛନ୍ତି। ଏହି ପୁସ୍ତକର ସଂଖ୍ୟା ୪ ରେ ପହଁଚିଲାଣି। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳର ରଙ୍ଗିନ୍ ମାଟି ଜୈବିକ ପଦାର୍ଥକୁ ବ୍ୟବହାର କରି ପ୍ରାକୃତିକ ରଙ୍ଗ କରିଥାନ୍ତି। ଯାହା ତାଙ୍କ ମୁଦ୍ରଣ କଳାରେ ଦେଖିବାକୁ ମିଳିଥାଏ। ଏହି କଳାକୃତି ତିଆରିରେ ତାଙ୍କୁ ମାସ ମାସ ସମୟ ଦେବାକୁ ପଡ଼ିଥାଏ। ଏନେଇ ସରୋଜ କୁହନ୍ତି, ଖଲ୍ଲିକୋଟ ଆର୍ଟ କଲେଜରେ ବ୍ୟାଚେଲର କରିବା ପରେ ହାଇଦରାବାଦ ୟୁନିଭର୍ସିଟିକୁ ପରବର୍ତ୍ତୀ କୋର୍ସ କରିବାକୁ ଯାଇଥିଲେ। ସେଠାକାର ପରିବେଶ ତାଙ୍କୁ ଏହି କଳା ପ୍ରତି ବେଶୀ ଆଗ୍ରହ ସୃଷ୍ଟି କରିଥିଲା ବୋଲି କୁହନ୍ତି। ଯେଉଁଠି ସେ ବିଭିନ୍ନ ପ୍ରକାରର ଘାସ ସହ ପରିଚିତ ହେଲେ। ପରେ ପରେ ଏହା ତାଙ୍କର ଏକ ପ୍ରକାରର ନିଶା ଭାବେ ପରିଲକ୍ଷିତ ହେଲା। କଳା ପ୍ରଦର୍ଶନ ପାଇଁ ଏବଂ ସେଥିରେ ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟ ଶିଖିବା ପାଇଁ ତାଙ୍କୁ ଅନେକ ସମୟରେ ବିଭିନ୍ନ ରାଜ୍ୟ ତଥା ସହର ବୁଲିବାକୁ ପଡ଼ିଥାଏ। ସେଠାରୁ ଫେରିଲାବେଳେ ସେହି ସ୍ଥାନର ଘାସ ସଂଗ୍ରହ କରି ସାଙ୍ଗରେ ନେଇ ଆସିଥାନ୍ତି। ଯାହା ତାଙ୍କୁ କଳାରେ ଏକ ଭିନ୍ନ ପରିଚୟ ଦେଇଛି।

ବର୍ତ୍ତମାନ ସମୟରେ ବଦଳୁଥିବା ପରିବେଶ ଏବଂ ସହରୀକରଣ ପ୍ରଭାବରେ ଅନେକ କିସମର ଘାସ ଲୋପ ପାଇବାକୁ ବସିଲାଣି। ଯାହାର ଅନେକ ଔଷଧୀୟ ଗୁଣ ରହିଛି। ତେଣୁ ଆଗକୁ ଏସବୁ ନ ମିଳିବା ଆଶଙ୍କାରେ ସେ ଏପରି ସଂଗ୍ରହ କରି ରଖୁଛନ୍ତି ବୋଲି କହିଥିଲେ।

**ସଂଗ୍ରହ କଲେଣି ୧୦୦ରୁ ଅଧିକ ପ୍ରକାରର ଘାସ**





## କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

# ‘ସମ୍ବଲପୁର ଚିଡ଼ିଆଖାନା’ ସମ୍ପ୍ରସାରଣ ପାଇଁ ଅନୁରୋଧ

**ସମ୍ବଲପୁର, ୨୮।୫ (ସମିସ)**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଭେଟିଥିଲେ। ଏହି ଅବସରରେ ସମ୍ବଲପୁର ଚିଡ଼ିଆଖାନା ସମ୍ପ୍ରସାରଣ ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏଥିସହ ‘ନଗର ବନ ଯୋଜନା’ (ଏନ୍‌ଭିୱାଇ) ଅଧୀନରେ ଶିଳ୍ପାଞ୍ଚଳ ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ କୋଇଲା ଖଣି ଅଞ୍ଚଳ ଅନୁଗୋଳ, ଢେଙ୍କାନାଳ ତଥା ଗ୍ରୀଷ୍ମ ପ୍ରଭାବିତ ଅଞ୍ଚଳ ଟିଟିଲାଗଡ଼ ଓ ବଲାଙ୍ଗୀରକୁ ନଗର ବନରେ ବିକଶିତ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସମ୍ବଲପୁର ଚିଡ଼ିଆଖାନାର ସମ୍ପ୍ରସାରଣ ସହ ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ଅନ୍ତର୍ଭୁକ୍ତ କରିବା ପାଇଁ ବିକଶିତ କରିବାକୁ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ।

ଶ୍ରୀ ପ୍ରଧାନ ଏ ସମ୍ପର୍କିତ ଦୁଇଟି ପୃଥକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ଯେ ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ ଅନୁଗୋଳ-ଢେଙ୍କାନାଳ ଏବଂ ଟିଟିଲାଗଡ଼ ଓ

**ସମ୍ବଲପୁର ଓ ଅନୁଗୋଳ ସମେତ ବିଭିନ୍ନ ସହରକୁ ‘ନଗର ବନ’ରେ ବିକଶିତ କରାଯାଉ**

**ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ କରାଯାଉ**

ବଲାଙ୍ଗୀର ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନରୁ ପ୍ରବଳ ଗରମ ହେଉଛି। ଫଳସ୍ୱରୂପ ଏହା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ପୌର ନିଗମ, ପୌର ପରିଷଦ, ପୌରପାଳିକା କିମ୍ବା ସହରାଞ୍ଚଳ ସଂସ୍ଥା



(ୟୁଏଲବି) ଦ୍ୱାରା ପରିଚାଳିତ ଅଞ୍ଚଳରେ ସହରାଞ୍ଚଳ ଜଙ୍ଗଲ ବିକାଶ ପାଇଁ ନଗର ବନ ଯୋଜନା ଆରମ୍ଭ ହୋଇଛି, ଯାହା ପ୍ରଶଂସନୀୟ।

ଏହାବ୍ୟତୀତ ଆଉ ଏକ ପତ୍ରରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ୨୦୨୩ରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ) ସମ୍ବଲପୁର ଚିଡ଼ିଆଖାନାକୁ ‘ସମ୍ବଲପୁର ଚିଡ଼ିଆଖାନା ଏବଂ ସଂରକ୍ଷଣ କେନ୍ଦ୍ର’ ରୂପେ ଘୋଷଣା କରିଥିଲେ। ୧୯୮୦ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଚିଡ଼ିଆଖାନାଟି ଏକ ସାଧାରଣ ହରିଣ ପାର୍କରୁ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସାର୍ବଜନୀନ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ଏହି ଚିଡ଼ିଆଖାନାରେ ଚିତାବାଘ, ଭାଲୁ, ପାଇଥନ୍ ଏବଂ ମୟୂର ସମେତ ୧୫ ପ୍ରଜାତିର ୩୩୩ ପ୍ରାଣୀଙ୍କୁ ରଖାଯାଇଛି। କେନ୍ଦ୍ରୀୟ ଚିଡ଼ିଖାଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ଅନୁଯାୟୀ, ଉକ୍ତ ଚିଡ଼ିଆଖାନା ପୂର୍ବରୁ ନନ୍ଦନକାନନ ଚିଡ଼ିଆଖାନା ସହିତ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ଏବଂ ଦେବ୍ରିଗଡ଼ ଅଭୟାରଣ୍ୟ ସହିତ ସ୍ଥାନାନ୍ତର କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳନା କରିସାରିଛି। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସାର୍ବଜନୀନ ଶିକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ସମ୍ବଲପୁର ଚିଡ଼ିଆଖାନା ଅନେକ ନୂତନ ଆକର୍ଷଣ କାମ କରିବାକୁ ଯୋଜନା କରୁଛି, ଯେଉଁଥିରେ ନାଇଟ୍ ସଫାରୀ, ଆଫ୍ରିକୀୟ ପେଙ୍ଗୁଇନ୍ ଭଳି ଜଳଜୀବ, ମରୁଭୂମି ଏବଂ ବର୍ଷାଜଳ ବାୟୋଡୋମ୍, ଛୋଟ ଛୋଟ ମାଙ୍କଡଙ୍କ ଏନକ୍ଲୋଜୋରରେ ଚାଲିବାର ବ୍ୟବସ୍ଥା ସହ ପକ୍ଷୀପାଳନ ଆଦି ଅନ୍ତର୍ଭୁକ୍ତ। ଏଥିପାଇଁ ଏହି ବିକାଶଗୁଡ଼ିକୁ ଦୃଷ୍ଟିରେ ରଖି, ସମ୍ବଲପୁର ଚିଡ଼ିଆଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ଉନ୍ନତିକରଣକୁ ସହଜ କରିବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ସେହିପରି ଦେବ୍ରିଗଡ଼ ଅଭୟାରଣ୍ୟରେ କିପରି ବାଘ ସଂଖ୍ୟା ବୃଦ୍ଧି ହୋଇପାରିବ, ବାଘଙ୍କ ସଂରକ୍ଷଣ ହୋଇପାରିବ ସେ ଦିଗରେ ମଧ୍ୟ ପଦକ୍ଷେପ ନେବା ପାଇଁ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

## ନୀଳଡୁଙ୍ଗୁରିରେ ହେବ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ

ସେହିପରି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଭେଟି ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ଏ ସମ୍ପର୍କିତ ଏକ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୦୯-୧୦ ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବଲପୁରରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ (ଟିଏମସି)



ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ) ର କାର୍ଯ୍ୟକାରୀ କମିଟି ଦ୍ୱାରା ଏହାକୁ ନୀତିଗତ ଭାବରେ ଅନୁମୋଦନ କରାଯାଇଥିଲା। ଏବେ କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଆନୁଷଙ୍ଗିକ ଭିତ୍ତିଭୂମି ସହ ସମ୍ବଲପୁରର ନୀଳଡୁଙ୍ଗୁରିରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠାକୁ ପୁନଃବିଚାର କରାଯାଉ। ଶ୍ରୀ ପ୍ରଧାନ ଏ କ୍ଷେତ୍ରରେ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଉକ୍ତ ସ୍ଥାନଟି ଭୌଗୋଳିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ନେଇ ଏକ କେନ୍ଦ୍ରୀୟ ବଜାରର ପେଣ୍ଠସ୍ଥଳୀ ହେବା ପାଇଁ ଉପଯୁକ୍ତ। ସମ୍ବଲପୁର ଏକ ବିକଶିତ ସହର ହୋଇଥିବାରୁ ଏଠାକୁ ରାସ୍ତା ଏବଂ ରେଳ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି। ସମ୍ବଲପୁରର ଆଖପାଖରେ ଭୁବନେଶ୍ୱର, କଟକ, ରାୟପୁର, ରାଞ୍ଚି ଏବଂ ବିଳାସପୁର ଭଳି ପ୍ରମୁଖ ବଜାର ରହିଛି। ଏହାସହ ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, କୋଲକାତା ଏବଂ ହାଇଦ୍ରାବାଦ ସମେତ ଦୂରବର୍ତ୍ତୀ ମେଟ୍ରୋ ବଜାରଗୁଡ଼ିକୁ ମଧ୍ୟ ସମ୍ବଲପୁରରୁ ରେଳ ଏବଂ ସଡ଼କ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି। ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ କରାଯାଉ ବୋଲି ଶ୍ରୀ ପ୍ରଧାନ କେନ୍ଦ୍ର କୃଷିମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି।

## ସଚେତନ କରାଇପାରୁନି କଲରଟ୍ୟୁନ୍ | ନିବେଶ ନାଁରେ ନେଇଗଲେ ୬୫ ଲକ୍ଷ

**ସମ୍ବଲପୁର, ୨୮।୫(ସମିସ):** ମୋବାଇଲରେ କାହାକୁ କଲ କଲା ମାତ୍ରେ ସାଇବର ସଚେତନତା ଦେଇ କଲର ଟ୍ୟୁନ ବାଜିବାରେ ଲାଗିଛି। ୩ମାସରୁ ଅଧିକ ସମୟ ହେଲାଣି କଲର ଟ୍ୟୁନ ବାଜି ବାଜି ଲୋକଙ୍କ କାନ ବଧିରା ହୋଇ ଗଲାଣି। ଏହା ସତ୍ତ୍ୱେ ମଧ୍ୟ ସାଇବର ଲୁଟେରା ସେହି ସମାନ ଢଙ୍ଗରେ ଲୁଟି ଚାଲିଛନ୍ତି। ସାଇବର୍ ଠକେଇର ନୂଆଁ ଫଣ୍ଡା ‘ଷ୍ଟକ୍ ଇନ୍‌ଭେଷ୍ଟମେଣ୍ଟ’। ଲୋଭ ଦେଖାଇ ନିବେଶ କରିବା ନାଁରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଠକେଇ। ଏଭଳି ଠକେଇର ଶିକାର ହୋଇଛନ୍ତି କ୍ଷେତରାଜପୁର ଥାନାଞ୍ଚଳର ବଡ଼ବଜାରର ଜଣେ ବ୍ୟକ୍ତି। ବଡ଼ ବଡ଼ ପରିମାଣର ଲୋଭ ଦେଖାଇ ୬୫ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଯାଇଛନ୍ତି ସାଇବର ଲୁଟେରା। ଏନେଇ ସେ ସାଇବର୍ କ୍ରାଇମ ଅର୍ଥନୈତିକ ଶାଖା ଭୁବନେଶ୍ୱର ଥାନାରେ ଏତଲା ଦେଇଛନ୍ତି। ସେଠାରୁ ଏକ ଜିରୋ ଏଫଆଇଆର ନଂ ୩/୨୫ରେ ମାମଲା ରୁଜୁ କରି ସମ୍ବଲପୁର ଥାନାକୁ ପଠାଯାଇଛି। ଯୁବକଙ୍କ ସୂଚନା ଅନୁସାରେ, ପ୍ରିୟରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତ ପ୍ରଥମେ ତାଙ୍କ ସମ୍ପର୍କରେ ଆସିଥିଲେ। ପରେ ତାଙ୍କୁ ଡିଜିଟାଲ ଜିପିଏନଏସ ବିଜିନେସ ପ୍ରାଇଭେଟ ଲିମିଟେଡ କମ୍ପାନୀ ବିଷୟରେ କହିଥିଲେ।

**ଷ୍ଟକ୍ ଇନଭେଷ୍ଟମେଣ୍ଟ ଆଳରେ ଠକେଇ**

**ସାଇବର ପୁଲିସ କାହାର ଟେର ପାଉନି**

ପ୍ରତିମାସରେ ନିବେଶ ଟଙ୍କାର ୭ ପ୍ରତିଶତ ସୁଧ ମିଳିବା ନେଇ ସେ କହିଥିଲେ। ରଞ୍ଜନ ପ୍ରଥମେ ଏହି କଥାକୁ ବିଶ୍ୱାସ କରିନଥିଲେ। ୪ ବର୍ଷ ହେବ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକମାନେ ଏହି କମ୍ପାନୀ ସହ ଯୋଡି ହୋଇ ଲାଭାର୍ଥୀ ହେଉଥିବା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ରଞ୍ଜନ ଏହି କଥାରେ ବିଶ୍ୱାସ କରି ତାଙ୍କ ଆକାଉଣ୍ଟ ନଂ ୫୦୨୦୦୦୬୯୮୪୬୩୪୮ରୁ ୨ ଲକ୍ଷ ୫୦ ହଜାର ଟଙ୍କା ନିବେଶ କରିଥିଲେ। ଏହାର କିଛି ଦିନ ପରେ କମ୍ପାନୀ ତରଫରୁ ଅନଲାଇନ ମାଧ୍ୟମରେ ଏକ ମିଟିଂ କରାଯାଇଥିଲା। ଏଥିରେ ଅବିନାଶ ସାହୁ ଓ ଅଜୟ ଶର୍ମା ନାମକ ୨ ଜଣ ବ୍ୟକ୍ତି ସଂସ୍ଥାର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଜର ପରିଚୟ ଦେଇ ଏହା ଏକ ବିଶ୍ୱସ୍ତନୀୟ ସଂସ୍ଥା ବୋଲି କହିଥିଲେ। ଏଥିରେ ଆମେ ନିବେଶ କରି ସୁଧ ଆକାରରେ ଅନେକ ଟଙ୍କା ଉପାର୍ଜନ କରିଛୁ ବୋଲି କହିଥିଲେ। ଏହାପରେ ରଞ୍ଜନ ମୋଟ ୭୯ ଲକ୍ଷ ୬୦ ହଜାର ଟଙ୍କା ନିବେଶ କରିଥିଲେ। ଏହାପରେ ସେ ୧୪ ଲକ୍ଷ ୬୦ ହଜାର ଟଙ୍କା ଫେରିପାଇଥିଲେ। ଏହା ପରେ ଠକେଇର ଶିକାର ହୋଇଥିବାର ଜାଣିବାକୁ ପାଇଥିଲେ। ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସମ୍ବଲପୁର ଜିଲ୍ଲାରେ ଗତ ୨ ବର୍ଷ ମଧ୍ୟରେ ଏହି ସମାନ ଢଙ୍ଗ ଠକେଇ ଶହେ ପାର କରି ସାରିଛି। ପୁଲିସ କିନ୍ତୁ ଠକଙ୍କୁ ଧରିବାରେ ସକ୍ଷମ ହେଉନଥିବା ଜଣାପଡ଼ିଛି।



ବମ୍ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ଦେବବିବାହ ସକାଶେ ନୃସିଂହ ମହାପ୍ରଭୁଙ୍କ ଦେବ ନିମନ୍ତ୍ରଣ

## ମାରୱାଡ଼ି ଯୁବା ମଞ୍ଚ ଓ ଶକ୍ତି ସମ୍ବଲପୁର ପକ୍ଷରୁ ‘ୱାଟର୍ କୁଲର୍ ମେସିନ’ ସ୍ଥାପନ

**ସମ୍ବଲପୁର, ୨୮।୫ (ସମିସ) :** ସମ୍ବଲପୁର ମାରୱାଡି ଯୁବା ମଞ୍ଚ ଓ ଶକ୍ତି ସମ୍ବଲପୁର ପକ୍ଷରୁ ସ୍ଥାନୀୟ ଦଲେଇପଡ଼ାସ୍ଥିତ ପୁରୁଣା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ତଥା ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଆଜି ‘ୱାଟର୍ କୁଲର୍ ମେସିନ’ ସ୍ଥାପନ କରାଯାଇଛି। ସମ୍ବଲପୁର ସହରକୁ ଆସୁଥିବା ପଥଚାରୀଙ୍କୁ ଶୁଦ୍ଧ ଶୀତଳ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ୱାଟର କୁଲର୍ ବ୍ୟବସ୍ଥା କରାଯାଇଛି ବୋଲି ମାରୱାଡି ଯୁବା ମଞ୍ଚ ସଭାପତି ଦିନେଶ ମିତ୍ତଲ କହିଛନ୍ତି। ସାଥୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶତ୍ରୁଘନ ଲାଲ



ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏପରି ନିଃସ୍ୱାର୍ଥପର ସେବା ଯୋଗାଇଦେଇଥିବାରୁ ମାରୱାଡି ଯୁବା ମଞ୍ଚ ଓ ଶକ୍ତିର କର୍ମକର୍ତ୍ତାଙ୍କୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ପୌରପରିଷଦର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ସାଧୁବାଦ ଜଣାଇଛନ୍ତି। ‘ସାଥୀ’ ଚାରିଟେବୁଲ ଟ୍ରଷ୍ଟ ଉପସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ସଦସ୍ୟ ଓ ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି ସଦସ୍ୟ ତଥା ମାରୱାଡି ଯୁବା ମଞ୍ଚ ଓ ଶକ୍ତି ସମ୍ବଲପୁର ପକ୍ଷରୁ ବ୍ରିଜ କିଶୋର ଅଗ୍ରୱାଲ, କେଶବ ଟିବ୍ରିୱାଲ, ନିଶା ଅଗ୍ରୱାଲ, ଡଲି ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଶିୟଳ ଭବନ ନିର୍ମାଣ ପାଇଁ ଜାଗା ଦାବି

**ସମ୍ବଲପୁର, ୨୮।୫ (ସମିସ) :** ସମ୍ବଲପୁରରେ ଶିୟଳ ଭବନ ନିର୍ମାଣ ପାଇଁ ଜାଗା ଦେବାକୁ ଆଜି ସମ୍ବଲପୁର ଶିୟଳ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ପ୍ରାୟ ୮ ହଜାର ଶିୟଳ(ଖଜୁରିଆ) ପରିବାର ରହୁଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ଅନେକ ସମ୍ବଳ ଅଭାବରୁ ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମଧ୍ୟ ଦେଇ ପାରୁ ନାହାନ୍ତି। ଶିୟଳ ଭବନ ପାଇଁ ଜାଗା ଦେଲେ ସମାଜର ବାର୍ଷିକ ଉତ୍ସବ, ସଭାସମିତି ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା କରିବୁ ବୋଲି ଉଲ୍ଲେଖ କରିଛନ୍ତି। ସଭାପତି ସୁରେଶ ବେହେରା, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବେହେରା, ସହସମ୍ପାଦକ ପୁରୀ ବେହେରା, ଅଶୋକ ବେହେରା, ନନ୍ଦି ବେହେରା, ଓମକାର ରାଉତ, ପୀତବାସ ବେହେରା, ଭରତ ବେହେରା, ସାଲେଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ରମା ଘାଟିରେ ୪ଘଣ୍ଟା ରାସ୍ତା ଜାମ

**ଜମନକିରା, ୨୮।୫(ସମିସ):** ଜମନକିରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୫୩ ଉପରେ ବଡ଼ରମା ଘାଟି ଉପରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ କଲିକତାରୁ ଡାକ ପାର୍ସଲ୍ ନେଇ ରାୟପୁର ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ିଟି ପୁରା ରାସ୍ତା ଅବରୋଧ କରିବାରୁ ପ୍ରାୟ ୪



ଘଣ୍ଟା ଧରି ରାସ୍ତା ଜାମ ହୋଇଯାଇଥିଲା। ପ୍ରାୟ ୩ଟାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଗୌଡପାଲି ଫାଣ୍ଡି ଅଧିକାରୀ ରାସ୍ତା ପାର କରିଥିଲେ। ସବୁବେଳେ ଘାଟି ରାସ୍ତାରେ ଜାମ ରହୁଥିଲେ ମଧ୍ୟ ସରକାର ଷଣ୍ଢପଥରରୁ ଗୌଡପାଲି ଛକ ପର୍ଯ୍ୟନ୍ତ ଚାରିଟିକିଆ ରାସ୍ତା ନିର୍ମାଣ ହୋଇପାରୁନାହିଁ ବୋଲି ଲୋକେ କହିଛନ୍ତି।

## ଗୁପ୍ତେଶ୍ୱର ବାବାଙ୍କ ବିବାହୋତ୍ସବରେ ଯୋଗଦେବେ ସାଧୁସନ୍ନ୍ୟାସୀ

# ବିଶେଷ ଆକର୍ଷଣ ଅଘୋରୀ ନୃତ୍ୟ ଓ ନନ୍ଦୀ ବାବା

**ସମ୍ବଲପୁର, ୨୮।୫(ସମିସ):** ଦଲେଇପଡ଼ା ଗୁପ୍ତେଶ୍ୱର ବାବାଙ୍କ ବିବାହ ଉତ୍ସବ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପ୍ରାୟ ଅଧିକାଂଶ ମନ୍ଦିର କମିଟି ନବ ବିବାହିତ ଦେବଦମ୍ପତିଙ୍କ ନଗରପରିକ୍ରମା ଉପରେ ଧ୍ୟାନ ଦେଉଥିବାବେଳେ ଦଲେଇପଡ଼ା ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି ବର୍ଣ୍ଣାଢ୍ୟ ବରଯାତ୍ରୀ ଶୋଭାଯାତ୍ରା ଉପରେ ଗୁରୁତ୍ୱ ଦେଇଥାଏ। ବାବା ଗୁପ୍ତେଶ୍ୱର ଯେତେବେଳେ ବର ବେଶ ଧାରଣ କରିଥାନ୍ତି ସେହି ସମୟ କିପରି ଭାବ ଭକ୍ତିମୟ ରହିବ ତା ଉପରେ ବିଶେଷ ଦୃଷ୍ଟି ଦିଆଯାଇଥାଏ। ଚଳିବର୍ଷ ଗୁପ୍ତେଶ୍ୱର ବାବାଙ୍କ ବରଯାତ୍ରୀରେ ମଧ୍ୟପ୍ରଦେଶ ଉଜ୍ଜୟିନୀ ମହାକାଳରୁ ଆସିବାକୁ ଥିବା ଡମ୍ବରୁ ବାଦ୍ୟ ସହ ଆକର୍ଷଣୀୟ ‘ନନ୍ଦୀ’ ବାବା ମୁଖ୍ୟ ଆକର୍ଷଣ ରହିବ। ଏହା ବାଦ ବରଯାତ୍ରୀ ଶୋଭାଯାତ୍ରାରେ ରାଜସ୍ଥାନୀ ନୃତ୍ୟ, କଲିକତାର କାଳୀ ନୃତ୍ୟ, ଉତ୍ତରାଖଣ୍ଡର ଅଘୋରୀ ନୃତ୍ୟ ଦଳ ଓ ପାଖଆଖର ବିଭିନ୍ନ ନାମକରା ସଂକୀର୍ତ୍ତନ ମଣ୍ଡଳୀ ଏହି ବରଯାତ୍ରୀରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ବାବା ଚଳିତ ବର୍ଷ ଜଗନ୍ନାଥ କଲୋନୀ ନିବାସୀ ସାବିତ୍ରୀ ପଟ୍ଟନାୟକ ଓ ସମରଜୀତ ପଟ୍ଟନାୟକଙ୍କ ବାସଭବନକୁ ବିବାହ ପାଇଁ ଯିବେ। ବରଯାତ୍ରୀ ଶୋଭାଯାତ୍ରାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବାପାଇଁ ସମସ୍ତ ବ୍ୟବସ୍ଥାକୁ ଶେଷ ସ୍ପର୍ଶ ଦିଆଯାଉଛି। ସେପଟେ ପତ୍ରପେଣ୍ଡି, ବିବାହ ଓ ପାଣିଗ୍ରହଣକୁ ରୀତିନୀତି ଅନୁଯାୟୀ କରିବାକୁ କନ୍ୟାପକ୍ଷ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ମିଳିଥିବା ସରକାରୀ ସହାୟତା ସହିତ ମନ୍ଦିର କମିଟି ସଦସ୍ୟ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁଦାନ ତଥା ସହଯୋଗରେ ଏହି ବିବାହ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି ସୂଚନା ଦେଇଛନ୍ତି ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା। ପାଞ୍ଚ କିଲୋଗ୍ରାମ ଠାରୁ ଅଧିକ ଓଜନର ଚାନ୍ଦି ମେଢ଼ ସହ ଅନ୍ୟ ସୁନା ରୁପାର ସମସ୍ତ ଗହଣାଗାଣ୍ଠି ପିନ୍ଧାଇ ଗୁପ୍ତେଶ୍ୱର ବାବାଙ୍କୁ ବର ବେଶରେ ସଜ କରାଯିବା ପରେ ବରଯାତ୍ରୀ ଶୋଭାଯାତ୍ରା ବାହାରିବ। ବିଳମ୍ବିତ ରାତ୍ରିରେ ହସ୍ତବନ୍ଧନ ପଡ଼ିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ବର ପିତା ମାତା ଭାବେ ତର୍ପଣ ପ୍ରଧାନ ଓ ମୃଣାଳିନୀ ସାହୁଙ୍କୁ ଚୟନ କରାଯାଇଛି।




ପ୍ରାୟ ଦଶରୁ ପନ୍ଦର ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିବା କମିଟି କୋଷାଧକ୍ଷ ରାହୁଲ ଠାକୁର ସୂଚନା ଦେଇଛନ୍ତି। ପତ୍ରପେଣ୍ଡି ଓ ବରଯାତ୍ରୀରେ ସାମିଲ ହେବାପାଇଁ ଅନେକ ସାଧୁସନ୍ଥଙ୍କୁ ସମ୍ମାନର ସହ ନିମନ୍ତ୍ରଣ କରାଯିବ ବୋଲି କମିଟି ଅଧକ୍ଷ ଶତ୍ରୁଘନ ଲାଲ ସାହା କହିଛନ୍ତି। ଦଲେଇପଡ଼ା ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି ଉପ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ସହିତ, ସ୍ୱୟଂଜୀତ ପଟ୍ଟନାୟକ, ବିମଲ ବେରିହା, ବିଶ୍ୱରାଜ ଭୋଇ, ଇନ୍ଦ୍ରଜୀତ ଡ଼ନସେନା, ଅନୁପ ତରିଆ, ଶିବମ ପରମାର ପ୍ରମୁଖ ଯାତ୍ରା ଆୟୋଜନରେ ସହଯୋଗ କରୁଛନ୍ତି।

ସମ୍ବଲପୁର ଶୀତଳଷଷ୍ଠୀ
ବଡ଼ବଜାର

# ନାଦଶ୍ୱରମ ବାଦ୍ୟ ଓ ଧମାଲ ଢୋଲବାଜା ହେବ ମୁଖ୍ୟ ଆକର୍ଷଣ





**ସମ୍ବଲପୁର, ୨୮।୫ (ସମିସ)**

ବଡ଼ବଜାରର ଶ୍ରୀଶ୍ରୀ ଶୀତଳେଶ୍ୱର ବାବାଙ୍କ ୨୨ତମ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ଆୟୋଜନ କରାଯାଉଛି। ଲୋକକଳା ଓ ଲୋକସଂସ୍କୃତି ଆଧାରିତ କଳା ପ୍ରଦର୍ଶନକୁ ପ୍ରାଧାନ୍ୟ ଦିଆଯିବ ବୋଲି ଶୀତଳଷଷ୍ଠୀ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଏଥର ମୁଖ୍ୟ ଆକର୍ଷଣ ହେବ ମୁଖ୍ୟ ପରଭା ସମ୍ମୁଖରେ ଆନ୍ଧ୍ରପ୍ରଦେଶର ନାଦଶ୍ୱରମ ବାଦ୍ୟ ଏବଂ ରାୟପୁରର ଧମାଲ ଗ୍ରୁପ୍‌ର ଢୋଲ ବାଜା ସହିତ ଡିଜେ, ଲେଜର ଶୋ’ ଓ ଆତସବାଜି। ଯୁଗଳ ଦର୍ଶନ ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୨୦୦ରୁ ୧୫୦୦ କଳାକାର ସାମିଲ ହେବେ। ବଡ଼ବଜାର ଯାତ୍ରା କମିଟିର ଏହା ୨୨ତମ ଶୀତଳଷଷ୍ଠୀ ଯାତ୍ରା ହୋଇଥିବାରୁ ପୂର୍ବର ୨୧ଥର ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ତୁଲାଇଥିବା ଦମ୍ପତ୍ତିଙ୍କୁ ଏଥର ନିମନ୍ତ୍ରଣ କରାଯାଇ ସାମିଲ କରାଯିବ। ବରଯାତ୍ରୀ ବାହାରିବା, ୧ ତାରିଖ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବା ଏବଂ ୨ ତାରିଖ ସକାଳେ ଯାତ୍ରା ପୁନଃ ଆରମ୍ଭ ହେବା ସମୟରେ ଭବ୍ୟ ଆଳତୀ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ସାହୁ କହିଛନ୍ତି।

**କାର୍ଯ୍ୟସୂଚୀ**

ମେ ୨୯ : ପତରପେଁଡ଼ି (ନିର୍ବନ୍ଧ)
ମେ ୩୦ : ଗୁଆଗୁଣ୍ଡା (ଦେବ ନିମନ୍ତ୍ରଣ)
ମେ ୩୧ : ବରାନୁଗମନ ଓ ଦେବବିବାହ
ଜୁନ ୧ : ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ
ଜୁନ ୨ : ଶୋଭାଯାତ୍ରା ପରେ ସନ୍ଧ୍ୟାରେ ମନ୍ଦିର ପ୍ରବେଶ

ଚଳିତବର୍ଷ ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା କମିଟିର ବ୍ୟୟ ଅଟକଳ ରହିଛି ୩୦ ଲକ୍ଷ ଟଙ୍କା। ଶୋଭାଯାତ୍ରାରେ ରାଜ୍ୟ ବାହାରୁ ନାଦଶ୍ୱରମ ଆନ୍ଧ୍ରପ୍ରଦେଶ, ଛଉନୃତ୍ୟ ପୁରୁଲିଆ, ଝାଲେର ଝାଞ୍ଜ ବିଲାସପୁର, ଶୁଆନୃତ୍ୟ ଛତିଶଗଡ଼, ଅଞ୍ଚଳ ଆଦିବାସୀ ନୃତ୍ୟ ଅମ୍ବିକାପୁର ଓ ଧମାଲ ବାଦ୍ୟ ରାୟପୁରର ରହିଛି। ଏହାସହ ରାଜ୍ୟ ଭିତରୁ ଦୁଲଦୁଲି, ଘଣ୍ଟ ସମ୍ବଲପୁର, ଅଘୋରୀ, ଶିବପାର୍ବତୀ ପାରମ୍ପରିକ ନୃତ୍ୟ ରାଉରକେଲା, ଢାଙ୍ଗେର ଭବାନୀପାଟଣା, ସମ୍ପ୍ରଦା ପତଥାଲଗାଁ, ଆଧୁନିକ କଣ୍ଢେଇ ନୃତ୍ୟ ରାଉରକେଲା ଆଦି ପରିବେଷଣ କରାଯିବ। ରେକର୍ଡ ଡ୍ୟାନ୍ସରେ ଆସାମ, ରାଉରକେଲା, ଭୁବନେଶ୍ୱର, କୋଲକାତାର ନୃତ୍ୟ ଦଳ ରହିବେ। ପ୍ରଜ୍ଞାପନ ମେଢ଼ରେ ଜଗନ୍ନାଥ ବିଗ୍ରହ, ପହେଲଗାମ ଚରିତ୍ର, ଶାରୀରିକ ଯତ୍ନ ଓ କାର୍ଟୁନ ଚରିତ୍ର ରହିବ। ମୁଖ୍ୟପରଭା ତାମଡ଼ା ତାରକସି କାର୍ଯ୍ୟ ହେବାକୁ ଥିବାବେଳେ ହନୁମାନ ପରଭା ଶଙ୍ଖଚକ୍ର ଗଦା ପଦ୍ମ, ରାଧାକୃଷ୍ଣ ପରଭା ମୟୁର ଚୂଳ ଶୈଳୀରେ ହେବ।

## ୩୫ ବର୍ଷ ଅପେକ୍ଷା ପରେ ମିଳିଲା କନ୍ୟାଦାନ ସୌଭାଗ୍ୟ : ଅକ୍ଷୟ ଜେନା

ଦୀର୍ଘ ୩୫ ବର୍ଷ ଧରି ଦେବ ଦେବ ମହାଦେବଙ୍କୁ କନ୍ୟାଦାନ କରିବା ପାଇଁ ଅପେକ୍ଷା କରିବା ପରେ ଏଥର ସେହି ସୁଯୋଗ ମିଳିଛି ବୋଲି କନ୍ୟା ପିତା ଅକ୍ଷୟ ଜେନା କହିଛନ୍ତି। ୫ ବର୍ଷ ପୂର୍ବରୁ ସେ ଶୀତଳେଶ୍ୱର ବାବା ଯାତ୍ରା କମିଟିକୁ ସାମିଲ ହେବା ପାଇଁ ଆବେଦନ କରିଥିଲେ। ତେବେ, ଚଳିତ ବର୍ଷ କନ୍ୟା ପିତାମାତା ଭାବେ କମିଟି ପକ୍ଷରୁ ଚୟନ କରି କନ୍ୟା ପିତାମାତା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଦେବ ଦେବ ମହାଦେବ ଏବଂ ପରିବାରର ବରିଷ୍ଠ ମାନଙ୍କ ଆଶୀର୍ବାଦରୁ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଛି ବୋଲି ଶ୍ରୀ ଜେନା କହିଛନ୍ତି।

ଚଳିତବର୍ଷ ମୁଦିପଡ଼ା ପଦ୍ମକେଶରୀ ପାର୍କ ଅଞ୍ଚଳ ନିବାସୀ ଅକ୍ଷୟ କୁମାର ଜେନା ଓ କିରଣ ଜେନା କନ୍ୟା ପିତାମାତା ଦାୟିତ୍ୱ ତୁଲାଉଛନ୍ତି। କନ୍ୟାପିତା ଅକ୍ଷୟ ଜେନା ଜଣେ ବ୍ୟବସାୟୀ ହୋଇଥିବାବେଳେ କନ୍ୟାମାତା କିରଣ ଜେନା ଜଣେ ଗୃହିଣୀ। ସେମାନଙ୍କ କେବଳ ତିନୋଟି ପୁତ୍ର ସନ୍ତାନ ଅଛନ୍ତି। ମୁଦିପଡ଼ା ଜଗନ୍ନାଥ ମନ୍ଦିରରେ ବିବାହ ଉତ୍ସବ ସମ୍ପାଦିତ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।


ବର୍ଷାକୁ ଦେଖି ଧାନ ଉପରେ ପାଲ ଘୋଡ଼ାଉଛନ୍ତି ଚାଷୀ

# ଭିଜିଲା ଧାନ, ଚିନ୍ତାରେ ଚାଷୀ

**ସମ୍ବଲପୁର, ୨୮।୫ (ସମିସ)**

ଗତ ଦୁଇଦିନ ହେଲା ଲଘୁଚାପ ପ୍ରଭାବରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଛି। କ୍ଷେତରେ ଧାନପେଟା ଏବଂ ଖୋଲା ଆକାଶ ତଳେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଅନେକ କ୍ଷେତରେ ଠିଆ



ଧାନ ବର୍ଷା ଯୋଗୁଁ ଲୋଟି ପଡୁଥିବାବେଳେ କଟା ହୋଇଥିବା ଧାନ ପେଟାଗୁଡ଼ିକ ବର୍ଷାରେ ଓଦା ହେଉଛି। ଧାନ ଅମଳ କଲାପରେ ଚାଷୀ ତାହାକୁ ବସ୍ତାରେ ଭରିବା ପୂର୍ବରୁ ଶୁଖାଇଥାଏ। ଏହିଭଳି ଧାନ କ୍ଷେତ, ଖଳା ଓ ରାସ୍ତାରେ ଜମା କରିଥିବାବେଳେ ଶୁଖିବା ବଦଳରେ ଧାନ ଓଦା ହୋଇଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲଘୁଚାପ ବର୍ଷା ଥିବାବେଳେ ମୌସୁମୀ ଆଗୁଆ ଭାବେ ଓଡ଼ିଶାରେ ପ୍ରବେଶ କଲାଣି। ରବି ଋତୁର ଧାନ ସଂଗ୍ରହ ଚାଲିଥିବାରୁ ବର୍ଷା ଯୋଗୁଁ କ୍ଷେତରେ କ୍ଷୟକ୍ଷତି ଏବଂ ଓଦା ଧାନରେ ମିଲର୍



କ୍ୱିଣ୍ଟାଲ ପିଛା ୮ରୁ ୧୦ କିଲୋ କଟ୍‌ନିଛଟ୍‌ନି କରିବ ବୋଲି ଚାଷୀ ଆଖିରୁ ନିଦ ହଜିଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷି ବିଭାଗର ଏକ ଦଳ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

ଆଜି ଦିନତମାମ ଖରା ହୋଇଥିବାବେଳେ ଚାଷୀ ଧାନପେଟା ଗୁଡ଼ିକ ସଂଗ୍ରହ କରିବାକୁ ଯୋଜନା କରୁଥିଲା। କିନ୍ତୁ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ଅପରାହ୍ଣରେ ପୁଣି ବର୍ଷା ହୋଇଛି। ଲଘୁଚାପ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲା ସଦର ଉପଖଣ୍ଡ ଓ କୁଚିଣ୍ଡା ଉପଖଣ୍ଡରେ କେତେକ ସ୍ଥାନରେ କ୍ଷେତରେ ଡାଲୁଆ ଧାନ ଓଦା ହୋଇଯାଇଛି। କ୍ଷେତରେ ପାଣି ଜମି ଠିଆ ଧାନ ଗୁଡ଼ିକ ଲୋଟି ପଡ଼ିଥିବାବେଳେ ଧାନ ପେଟା ଗୁଡ଼ିକ ଓଦା ହୋଇଯାଇଛି। କେତେକ ସ୍ଥାନରେ ଧାନ ଗଜା ହୋଇଥିବା ଚାଷୀ କହିଛନ୍ତି। ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅସମାନ ବର୍ଷା ହେଉଥିବାରୁ କେଉଁଠି ଚାଷୀ ଶୃଙ୍ଖଳା ପାଗରେ ଧାନ ଅମଳ କରୁଛି ତ' ଆଉ କେଉଁଠି ବର୍ଷା ଯୋଗୁଁ ଧାନଫସଲ ଓଦା ହେବାସହ କୃଷି ଶ୍ରମିକମାନେ ବସି ରହିଛନ୍ତି। ମହାନଗର ନିଗମରେ ସାମିଲ ହୋଇଥିବା ବିଭିନ୍ନ ଗାଁ ସହିତ ବସନ୍ତପୁର, କର୍ଡୋଲା, କୁଦ୍‌ଗୁଣ୍ଡେରପୁର, କଲାମାଟି ଆଦି ବିଭିନ୍ନ ପଞ୍ଚାୟତରେ ବର୍ଷା ଯୋଗୁଁ ଧାନ ଓଦା ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ଚଳିତବର୍ଷ ଜିଲ୍ଲାରେ ୧୬୪୯୦ ଜଣ ପଞ୍ଜିକୃତ ଚାଷୀ ରବି ଧାନ ବିକ୍ରୟ କରିବେ। ଜିଲ୍ଲାରେ ୫୮ ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇଥିବାବେଳେ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) / ବୃହତ୍ ଅଞ୍ଚଳ ବହୁମୁଖୀ ସମିତି (ଲ୍ୟାମ୍ପସ୍) ଏବଂ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରୁଛନ୍ତି। ମୋଟ ୪୬ଟି ମିଲ୍‌କୁ ରବିଧାନ ସଂଗ୍ରହରେ ସାମିଲ କରାଯାଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଚାଷୀକୁ ସମସ୍ତେ ଦାଉ ସାଧୁଛନ୍ତି, ଶେଷରେ ବମ୍ପର କ୍ରପ୍ ସମୟରେ ଯଦି ପ୍ରକୃତି ଦାଉ ସାଧିବ ତେବେ କାହାକୁ କହିବା। ଡାଲୁଅ ଧାନରେ ଚାଷୀ ବିଶେଷ ଭାବେ ଲାଭ କରିଥାଏ। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ଆକଳନ କରାଯାଇ କ୍ଷତିପୂରଣ ସହ ବୀମା ଦିଆଗଲେ ଚାଷୀ ଉପକୃତ ହୁଅନ୍ତା।

## ରାଜସ୍ୱ ଓ କୃଷି ବିଭାଗକୁ ସ୍ଥିତି ଅନୁଧ୍ୟାନ ନିର୍ଦ୍ଦେଶ

ଚାଉଁରପୁରର ଚାଷୀ ସରୋଜ ମହାପାତ୍ର କହିଛନ୍ତି, ସେ ୩୦ ଏକରରେ ଧାନ ଚାଷ କରିଥିବାବେଳେ ପ୍ରାୟ ୩୦୦ ପ୍ୟାକେଟ୍ ଧାନ ଓଦା ହୋଇଯାଇଛି। ଧାନ କାଟି ପ୍ରାୟ ୫ ଏକରରେ କ୍ଷେତରେ ଫସଲ କାଟିବା ପରେ ଧାନ ପେଟା ପଡ଼ିରହିଛି। ତିନିଦିନ ପାଣିରେ ପଡ଼ିରହି ଗଜା ହେବାକୁ ବସିଲାଣି। ଏନେଇ ଜିଲ୍ଲା ପ୍ରଶାସନ ସହାୟତା କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ଚାଷୀ ଗଣେଶ ମହନ୍ତ ୧୨ ଏକର ଚାଷ କରିଥିବାବେଳେ ଅଦିନିଆ ବର୍ଷା ଯୋଗୁଁ ପ୍ରାୟ ୧୦୦ ପ୍ୟାକେଟ୍ ଧାନ ଓଦା ହୋଇଥିବାବେଳେ ୪ ଏକରରେ ଧାନପେଟା କ୍ଷେତରେ ଓଦା ହୋଇଯାଇଛି। ସରକାର କ୍ଷତିପୂରଣ ଦେଲେ ଚାଷୀର ଅବସ୍ଥା କିଛିଟା ସୁଧୁରିପାରିବ।

ଏନେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ରାଜସ୍ୱ ଓ କୃଷି ବିଭାଗ କ୍ଷେତ୍ର ଅଧିକାରୀମାନଙ୍କୁ ସ୍ଥିତି ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ରିପୋର୍ଟ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଜିଓ ଟ୍ୟାଗ ଫଟୋ ଆଦି ଆସିଲାପରେ ତାହାକୁ ଦେଖି ନିଷ୍ପତ୍ତି ନିଆଯିବ। ଓଦା ଧାନ ଯୋଗୁଁ କଟ୍‌ନିଛଟ୍‌ନି ବଢ଼ିବା ଆଶଙ୍କା ନେଇ ଜିଲ୍ଲାପାଳ କହିଛନ୍ତି, ରବି ଧାନ ୫୦ ପ୍ରତିଶତ ସଂଗ୍ରହ ସରିଲାଣି ଏବଂ ବଳକା ଧାନକ୍ରୟ ଚାଲିଛି। ପାଗକୁ ଦେଖି ଚାଷୀମାନଙ୍କୁ ସଚେତନ କରାଯାଉଛି ଏବଂ ଏଭଳି ସ୍ଥିତି ନଉପୁଜିବା ନେଇ ଜିଲ୍ଲା ପ୍ରଶାସନ ସଜାଗ ରହିବ।

## ପଞ୍ଚାୟତ ସମିତି ବୈଠକ ଅଧାରୁ କକ୍ଷ ତ୍ୟାଗ କଲେ ଜନ ପ୍ରତିନିଧି



**ନାକଟିଦେଉଳ, ୨୮।୫ (ସମିସ):** ନାକଟିଦେଉଳ ପଞ୍ଚାୟତ ସମିତି ସାଧାରଣ ବୈଠକ ଅଧାରୁ କକ୍ଷ ତ୍ୟାଗ କରିଲେ ବ୍ଲକ ଅଧ୍ୟକ୍ଷା ଓ ସରପଞ୍ଚ, ସମିତିସଭ୍ୟ। ଆଜି ନବମ ସାଧାରଣ ଅଧିବେଶନରେ ନାକଟିଦେଉଳ ସମିତି ବୈଠକ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶାରେ ପଲ୍ଲୀସଭା ଓ ଗ୍ରାମସଭାରେ ପ୍ରସ୍ତାବ ଦେଇଥିବା କାର୍ଯ୍ୟ ନଆସି ନୂତନ କାମ ମଞ୍ଜୁର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପଲ୍ଲୀସଭା ଓ ଗ୍ରାମସଭାରେ ଦେଇଥିବା କାର୍ଯ୍ୟ ନଆସି ଅଲଗା ହୋଇଥିବା ଜାଣିବା ପରେ ଗୃହରେ ହୋ ହାଲ୍ଲା କରି ଆଧା ବୈଠକରୁ ଗୃହ ତ୍ୟାଗ କରି ସମସ୍ତେ ବାହାରକୁ ଚାଲି ଯାଇଥିଲେ। ବ୍ଲକ ଅଧ୍ୟକ୍ଷା ସୁରୂପା ରାଣୀ ସାହୁ ଓ ସରପଞ୍ଚ ଦଳ ସଭାପତି ରାମପ୍ରସାଦ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯଦି ଆମେ ଲୋକପ୍ରତିନିଧି ହୋଇ ଆମକୁ ପ୍ରାଧାନ୍ୟ ଦିଆଯାଉନି କି ପ୍ରପୋଜାଲ ଗ୍ରହଣ ହେଉନି ଆମକୁ କାହିଁକି ବୈଠକ ପାଇଁ ଡାକୁଛନ୍ତି? ମିଟିଂରେ ଦେଇଥିବା ପ୍ରପୋଜାଲ ବଦଳ ଯିଏ କରିଛି ସିଏ ଗୃହ ଚଳାଉ କହି ବାହାରକୁ ଚାଲି ଯାଇଥିଲେ। ଯେପର୍ଯ୍ୟନ୍ତ ଆମ୍ଭର ପ୍ରପୋଜାଲ ଗ୍ରହଣ କରା ନଯିବ, ବ୍ଲକ ଚଳାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।। ଗତ ୧୫/୦୧/୨୫ଦିନ ପଞ୍ଚାୟତ ସଭା ଗୃହରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶାର ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟ ଖସଡ଼ା ସରକାରଙ୍କ ନିୟମ ଅନୁସରେ ଦିଆଯାଇଥିଲା, ତେବେ ଯେଉଁ କାର୍ଯ୍ୟ ଗୁଡିକର ନାମ ଦିଆଯାଇଥିଲା ତାହା ଅନୁମୋଦନ ନହୋଇ ଆମ୍ଭମାନଙ୍କ ଅଜାଣତରେ କାର୍ଯ୍ୟ ଖସଡ଼ାକୁ କିଏ ପରିବର୍ତ୍ତନ କରିଛି ଆମ୍ଭମାନଙ୍କୁ ୦୩/୦୬/୨୫ମଧ୍ୟରେ ନଜଣେଇଲେ ୪ ତାରିଖରେ ବ୍ଲକରେ ତାଲା ପଡ଼ିବା ସହ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ଅଧ୍ୟକ୍ଷା, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବୀ ପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି।

## ଅନ୍ତର୍ଜାତୀୟ ମହିଳା ସ୍ୱାସ୍ଥ୍ୟ ଦିବସ ପାଳିତ

**ଲପାଙ୍ଗା, ୨୮।୫(ସମିସ):** ଆଦିତ୍ୟ ଆଲୁମିନିୟମ, ଲପାଙ୍ଗା ଦ୍ୱାରା ଜଙ୍ଗଲା ଗ୍ରାମପଞ୍ଚାୟତର ଭୋଇପାଲି ଗ୍ରାମ ଠାରେ ୨୧୮ ମହିଳାଙ୍କୁ ନେଇ ପାଳନ କରାଯାଇଥିଲା। ଏଥିରେ ମହିଳାଙ୍କ ସ୍ୱାସ୍ଥ୍ୟ ଗତ ଅଧିକାରକୁ ସହାୟତା କରିବା ତଥା କାମରେ ପରିଣତ କରିବା ମୁଖ୍ୟ ଉଦେଶ୍ୟ ଥିଲା। ଏହା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗ କ୍ରମରେ କତରବଗା ପିଏଚସିର ଡାକ୍ତର ସୁଭଦ୍ରା ଦାସଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୋଇପାଲି ଓ ସିଠାପଡ଼ାର ୨୫୦ ଜଣ ମହିଳା ଉପସ୍ଥିତ ଥିଲେ। ଡକ୍ଟର ଦାସ ତାଙ୍କ ଉକ୍ତିରେ କହିଥିଲେ ସ୍ୱାସ୍ଥ୍ୟ ମହିଳା



ମାନଙ୍କର ଜନ୍ମ ଗତ ଅଧିକାର ଏବଂ ସମସ୍ତେ ଏହାକୁ ସାହାଯ୍ୟ ଓ ସହଯୋଗ କରିବା ଦରକାର। ତତ୍ ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ସ୍ତରରେ ମଧ ମହିଳାମାନେ ପରିଷ୍କାର ପରିଚ୍ଛନ୍ନତା, ବ୍ୟକ୍ତି ଗତ ସ୍ୱାସ୍ଥ୍ୟ ପାଇଁ ନିଜର ଲଢେଇ ଜାରି ରଖିବା ଦରକାର। ଏଥିରେ କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜନ ସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରସଂଶିତ କରାଯାଇଥିଲା।

## ଶୀତଳଷଷ୍ଠୀ ପୂର୍ବରୁ ପୁଲିସର ଫ୍ଲାଗମାର୍ଚ୍ଚ

**ସମ୍ବଲପୁର, ୨୮ ।୫(ସମିସ):** ଶୀତଳଷଷ୍ଠୀ ପୂର୍ବରୁ ସମ୍ବଲପୁର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଷଷ୍ଠୀ ହେଉଛି ସମ୍ବଲପୁର ସହରର ଏକ ପାରମ୍ପରିକ ଏବଂ ଐତିହ୍ୟ ସମ୍ପନ୍ନ ପର୍ବ। ଏହି ସମୟରେ କିଛି ସ୍ଥାନରେ ଅନୈତିକ କାର୍ଯ୍ୟ ଚାଲିଥିବା ଘଟଣା ନଜରକୁ ଆସିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ସବୁ ଅନୈତିକ କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଆଜି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। କୌଣସି ବ୍ୟକ୍ତି ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ରୁହନ୍ତୁ ନାହିଁ। ସହରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଛି ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଯଦି କୌଣସି ବ୍ୟକ୍ତି ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବାର ଘଟଣା ନଜରକୁ ଆସିବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସପି ଶଶାଙ୍କ ବେଉରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକୁ ବଡ଼ବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା ଯାତ୍ରା କମିଟିର କାର୍ଯ୍ୟକାରି ସଭାପତି ସରୋଜ ସାହୁ ପ୍ରଶଂସା କରିଛନ୍ତି। ଏହିଭଳି ଫ୍ଲାଗମାର୍ଚ୍ଚ ସହ ଚଢଉ ଜାରି ରହିବା ଆବଶ୍ୟକ। ପୁଲିସର ଏହିଭଳି ଆଭିମୁଖ୍ୟ ରହିଲେ ସହରର ଅପରାଧିକ ମାମଲା ହ୍ରାସ ପାଇବ ବୋଲି ଶ୍ରୀ ସାହୁ ଆଶାପ୍ରକାଶ କରିଛନ୍ତି।

## ପଶ୍ଚିମ ଓଡ଼ିଶାରେ ଶିକ୍ଷାର ସାରଥୀ 'ପିନାକଲ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ'

**ସମ୍ବଲପୁର, ୨୮।୫ (ସମିସ) :** ପିନାକଲ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ତରଫରୁ ସିଟି ପ୍ୟାଲେସ, ଅଇଁଠାପାଲିଠାରେ ଯୁକ୍ତ ଦୁଇରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଆଜି ଆୟୋଜନ କରାଯାଇଥିଲା। ଏଥିରେ ପିନାକଲର ସେକ୍ରେଟାରୀ ଇଂ ମନୋରଞ୍ଜନ ମିଶ୍ର, ପିନାକଲ କଲେଜର ଅଧ୍ୟକ୍ଷ ଭଗବାନ ମେହେର, କଳା ବିଭାଗର ସଂଯୋଜକ ଜିତୁରାଜ ଚାନ୍ଦ, ବିଜ୍ଞାନ ବିଭାଗର ସଂଯୋଜକ ମନୋଜ ଗୁରୁ, ବାଣିଜ୍ୟ ବିଭାଗର ସଂଯୋଜକ ଓମ୍ ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଯୁକ୍ତ ଦୁଇ କଳା ବିଭାଗର ଛାତ୍ରୀ ପ୍ରଜ୍ଞା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପିନାକଲର ସେକ୍ରେଟାରୀ ଇଂ. ମନୋରଞ୍ଜନ ମିଶ୍ର କହିଲେ ଯେ, ପିନାକଲ ସବୁବେଳେ ନୂତନ ଚିନ୍ତାଧାରା ଦ୍ୱାରା ଏବଂ ନୂତନ ପ୍ରୟୋଗ ଦ୍ୱାରା ଶିକ୍ଷାକ୍ଷେତ୍ରକୁ ଆଗକୁ ନେବାରେ ଏବଂ ଏକ ନୂତନ ବିପ୍ଲବ ଆଣିବାରେ ପ୍ରଚେଷ୍ଟା କରିବ ବୋଲି କହିଥିଲେ। ପିନାକଲ ଏପର୍ଯ୍ୟନ୍ତ କୋଚିଂ ମାଧ୍ୟମରେ ତାର ରେଜଲ୍ଟ ଦେଇ ଆସିଛି। ଏହି ରେଜଲ୍ଟକୁ ଭିତ୍ତିକରି ଏବଂ ସମ୍ବଲପୁର ବୁଦ୍ଧିଜୀବୀ, ଅଭିଭାବକ ଓ ଶିକ୍ଷାବିତ ମାନଙ୍କ ସହଯୋଗରେ ଏକ କଲେଜରେ ପରିଣତ କରାଯାଇଛି। ଇଂ ମିଶ୍ର ନିଜ ବକ୍ତବ୍ୟ ମାଧ୍ୟମରେ କଲେଜ ପ୍ରତି ଥିବା ସଂଶୟକୁ ଦୂର




କରିବା ପାଇଁ ପିନାକଲ କଲେଜର ସାମସ କୋଡ୍‌କୁ ସର୍ବସମ୍ମୁଖରେ ପ୍ରକାଶ କରିଥିଲେ। ଆଗାମୀ ବର୍ଷ ପିନାକଲ କଲେଜ ସମଗ୍ର ଓଡ଼ିଶାରେ ତା 'ର ରେଜଲ୍ଟ ଦ୍ୱାରା ଇତିହାସ ସୃଷ୍ଟି କରିବ ବୋଲି ଦୃଢ଼ ମନ୍ତବ୍ୟ କରିଛନ୍ତି। ପିନାକଲ କଲେଜ ଅଧ୍ୟକ୍ଷ ଶ୍ରୀ ମେହେର ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ପିନାକଲ କେବଳ ଶିକ୍ଷାଦାନ ଦିଏ ନାହିଁ, ଏହା ହେଉଛି ଚରିତ୍ର ନିର୍ମାଣର ଏକ କାରଖାନା। ଏ ବର୍ଷ ଯୁକ୍ତ ଦୁଇରେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଟପ୍ପର ହୋଇଥିବା କୃତୀ ଛାତ୍ରୀ ବିଜ୍ଞାନ ଟପ୍ପର ତୃଷ୍ଣା ହାତୀ ଏବଂ କଳା ଟପ୍ପର କୃତୀ ଛାତ୍ର ବିଷ୍ଣୁ ପ୍ରସାଦ ନାଏକଙ୍କୁ ଲାପଟପ ଏବଂ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଅଙ୍କିତା ବଣିଆ, ସ୍ମୃତି ରଞ୍ଜନ ଦାଶ, ସ୍ୱାତୀ ମଞ୍ଜରୀ ପଣ୍ଡା, ଯୁଧିଷ୍ଠିର ସାହୁ, ତ୍ରିଷ୍ଣା ପ୍ରିୟଦର୍ଶିନୀ ମହାକୁର, ଶ୍ୱେତାଂଶୁ ମିଳନ କର୍ଣ୍ଣ, ଲୋକେଶ ପ୍ରଧାନ, ମୋନାଲିସା ଭୋଇଙ୍କୁ ମାନପତ୍ର ଓ ଗିଫ୍ଟ ହାମ୍ପର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତା'ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବାଣିଜ୍ୟ ବିଭାଗର ସଂଯୋଜକ ଅଧ୍ୟାପକ ଓମ ପ୍ରକାଶ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ହରେନ୍ଦ୍ର ପାଇକଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ରେଢ଼ାଖୋଲରେ ବିଇଓଙ୍କ ଯୋଗଦାନ

**ରେଢ଼ାଖୋଲ, ୨୮।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ବରିହା ରେଢାଖୋଲ ଗୋଷ୍ଠୀ ଶିକ୍ଷାଧିକାରୀ ଭାବରେ ଯୋଗଦାନ କରିଛନ୍ତି। ସେ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଉଭୟ ଦାୟିତ୍ୱ ନିର୍ବାହ କରିବେ। ପ୍ରକାଶ ଥାଉ କି ପୂର୍ବରୁ ନିଯୁକ୍ତ ବିଇଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗଦାନ ନ କରିବାରୁ ଅନେକ କାର୍ଯ୍ୟ ସ୍ଥଗିତ ରହିଛି। ଯଦ୍ୱାରା ବିଭିନ୍ନ ବିଦ୍ୟାଳୟର ବିକାଶ ମୂଳକ କାର୍ଯ୍ୟ ଅଟକି ରହିଛି। ଯେଉଁଥିପାଇଁ ଶ୍ରୀ ବରିହାଙ୍କୁ ଏହି ଦାୟିତ୍ୱ ନିର୍ବାହ କରିବାକୁ ଦିଆଯାଇଛି। ନୂତନ ଭାବେ ଯୋଗଦାନ କରିଥିବା ବିଇଓଙ୍କୁ ଅଫିସ୍ କର୍ମକର୍ତ୍ତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱାଗତ କରିଛନ୍ତି।

## ଗୁରୁ ନାନକ ପବ୍ଲିକ୍ ସ୍କୁଲରେ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୮ ।୫(ସମିସ):** ଗୁରୁନାନକ ପବ୍ଲିକ ସ୍କୁଲର ପ୍ରେକ୍ଷାଳୟରେ ସ୍କୁଲ ଅଧ୍ୟକ୍ଷ ଡ. ରବୀନ୍ଦ୍ରନାଥ ଦାଶଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା, ସମ୍ମାନୀତ ଅତିଥି ସ୍କୁଲ




ସମ୍ପାଦକ ସର୍ଦ୍ଦାର ରଣଜିତ ସିଂ ସାଲୁଜା ଯୋଗ ଦେଇଥିଲେ। ସର୍ବାଧିକ ନମ୍ବର ରଖିଥିବା। ବିଦ୍ୟାର୍ଥୀମାନଙ୍କୁ ସ୍ମୃତି ଚିହ୍ନ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ରାସ୍ତାକଡ଼ରେ କଂକ୍ରିଟ୍ ପିଲର୍ ନିର୍ମାଣକୁ ବିରୋଧ

**ସମ୍ବଲପୁର, ୨୮।୫ (ସମିସ) :** ଲକ୍ଷ୍ମୀଟକିଜ ଛକ ନିକଟସ୍ଥ ରାସ୍ତାକଡ଼ରେ ବିପଜ୍ଜନକ ଭାବେ ଆଡଭାର୍‌ଟାଇଜିଂ ସଂସ୍ଥା ଦ୍ୱାରା କଂକ୍ରିଟ୍ ପିଲର୍ ନିର୍ମାଣ କରାଯାଉଛି। ଏହି ଛକରୁ ରାସ୍ତା ସଂକୁଚିତ ହୋଇଥିବାବେଳେ ହୋର୍ଡିଂ ସ୍ଥାପନ



ପାଇଁ ପାଦଚଲା ରାସ୍ତାକୁ ଅବରୋଧ କରାଯାଉଛି। ଲକ୍ଷ୍ମୀଟକିଜ ଛକ ସମ୍ବଲପୁରର ଏକ ମୁଖ୍ୟ ବ୍ୟସ୍ତବହୁଳ ଛକ। ଏପରିସ୍ଥଳେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ। ଚାଲି ଚାଲି ଯାଉଥିବା ଲୋକେ ରାସ୍ତା ଉପରେ ଗାଡ଼ି ସମ୍ମୁଖକୁ ଆସିଯିବା ଆଶଙ୍କା ରହିଛି। ପୁଣି ଶୀତଳଷଷ୍ଠୀ, ଦୁର୍ଗାପୂଜା ଆଦିରେ ଏହି ଛକର ବିଭିନ୍ନ ଦିଗକୁ ଥିବା ରାସ୍ତାରେ ପ୍ରବଳ ଭିଡ଼ ଜମିଥାଏ। ଉପରୋକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ବେଆଇନ କଂକ୍ରିଟ୍ ପିଲର୍ ହଟାଇବାକୁ ସଚେତନ ନାଗରିକ ମାନଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ତଥା ସମ୍ବଲପୁର ମହାନଗର ନିଗମ ପ୍ରଶାସକ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରାଯାଇଛି। ଏହାସହ ଏଭଳି ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥା ଏବଂ ଏଥିସକାଶେ ଅନୁମୋଦନ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଦାବି ହୋଇଛି।

# ଆଜି ମୁକ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀର ପତରପେଣ୍ଡି

**ଜମନକିରା, ୨୮।୫(ସମିସ)**

ଜମନକିରା ନିକଟସ୍ଥ ପଶ୍ଚିମାଭିମୁଖୀ ଶୈବ ପୀଠ ମୁକ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ପାଇଁ ବୁଧବାର ଅକ୍ଷୟ ତୃତୀୟା ଦିନ ଥାଳ ଉଠା ପର୍ବ ସମ୍ପନ୍ନ ହୋଇଯାଇଛି। ଦେବଦମ୍ପତିଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ ଥାଳ ଉଠା ପାଇଁ ନୀତି ନିର୍ଘଣ୍ଟ ହୋଇ ନିର୍ଦ୍ଧାରିତ ସମୟ ରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ଚଳିତବର୍ଷ ଜଗତ ଜନନୀ ମାତା ପାର୍ବତୀଙ୍କ ପିତା ମାତା ଭାବେ ସମ୍ବଲପୁର ସତ୍ୟସାଇ ବିହାର ନିବାସୀ ହିମାଂଶୁ ମେହେର ଓ ତାଙ୍କ ଧର୍ମପତ୍ନୀ ଜୋସ୍ତାରାଣୀ ମେହେର ଏବଂ ବାବା ମୁକ୍ତେଶ୍ୱରଙ୍କ ପିତା ମାତା ଭାବେ ଭୁବନେଶ୍ୱର(ମୂଳ ବାସିନ୍ଦା ଦଳେଇପଡ଼ା) ନିବାସୀ ବାଲଗୋବିନ୍ଦ ବେରିହା ଓ ତାଙ୍କ ଧର୍ମପତ୍ନୀ ପୁଷ୍ପମିତ୍ରା ବେରିହା ମନୋନୀତ ହୋଇଛନ୍ତି। ଆସନ୍ତା କାଲି ପତରପେଣ୍ଡି, ୩୦ତାରିଖରେ ଗୁଣ୍ଡାଦିଆ ଦେବ ନିମନ୍ତ୍ରଣ, ୩୧ରେ ଗଣ୍ଠିଲି ଫିଟା, ସନ୍ଧ୍ୟାରେ ବରାନୁଗମନ ଓ ରାତ୍ରିରେ ବିବାହ ପାଣିଗ୍ରହଣ, ଜୁନ୍ ୧ ରବିବାର ଦେବ ଦମ୍ପତିଙ୍କ ନଗର ପରିକ୍ରମା ଓ ୨ରେ ଝୁଲଣ ଉତ୍ସବ ମନ୍ଦିର ପ୍ରବେଶ କାର୍ଯ୍ୟସୂଚୀ ନିର୍ଘଣ୍ଟ ହୋଇଛି।








### ମା' ଙ୍କୁ କନ୍ୟା ରୂପେ ପାଇବା ଆମ ସୌଭାଗ୍ୟ: ହିମାଂଶୁ ମେହେର

ଚଳିତ ବର୍ଷ ଜଗତ ଜନନୀ ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇବା ଆମ ସୌଭାଗ୍ୟ ବୋଲି କହିଛନ୍ତି କନ୍ୟା ପିତା ହିମାଂଶୁ ମେହେର। ଝିଅ ବିବାହ ପାଇଁ କନ୍ୟା ଦାନରେ ଯାହା ସାମଗ୍ରୀ ଦେବା କଥା ସାଧ୍ୟମତେ ତାହା ପ୍ରସ୍ତୁତ କରାଯାଇଛି। ଏ ପର୍ଯ୍ୟନ୍ତ ଆମେ ପାଟଶାଢ଼ି, ସୁନା ଗହଣା ମଧ୍ୟରେ ସୁନା ହାର, କାନ ଫୁଲ, ନାକ ଫୁଲ, ମଙ୍ଗଳ ସୂତ୍ର, ଶଙ୍ଖା, ରୁପା ପାଉଜି, ଛତ୍ର, ମୁକୁଟ, କଂସା ଓ ପିତଳ ବାସନ, ଘରକରଣା ସାମଗ୍ରୀ କିଣା ସରିଥିବା ବେଳେ ଜ୍ୱାଇଁ ମୁକ୍ତେଶ୍ୱର ବାବାଙ୍କ ପାଇଁ ପାଟ ବସ୍ତ୍ର, ମୁକୁଟ, ମାଳି, ଚିଲମ୍, କଠାଉ, ଡମ୍ବରୁ, ତ୍ରିଶୂଳ ଆଦି କିଣି ସାରିଛୁ। ଘରେ ବନ୍ଧୁ ବାନ୍ଧବ ଆସି ପହଞ୍ଚି ଗଲା ଗଲେଣି। ଚଳିତବର୍ଷ ମାତା ପାର୍ବତୀଙ୍କ ପିତା ମାତା ଭାବେ ସମ୍ବଲପୁର ସତ୍ୟସାଇ ବିହାର ନିବାସୀ ହିମାଂଶୁ ମେହେର ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାରାଣୀ ମେହେର ଏବଂ ବାବା ମୁକ୍ତେଶ୍ୱରଙ୍କ ପିତା ମାତା ଭାବେ ଭୁବନେଶ୍ୱର(ମୂଳ ବାସିନ୍ଦା ଦଳେଇପଡ଼ା) ନିବାସୀ ବାଲଗୋବିନ୍ଦ ବେରିହା ଓ ତାଙ୍କ ଧର୍ମପତ୍ନୀ ପୁଷ୍ପମିତ୍ରା ବେରିହା ଦାୟିତ୍ୱ ତୁଲାଇବେ ବୋଲି କମିଟି ସଭାପତି ପି କେ କାନାପାନ ଜଣାଇଛନ୍ତି।

## ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାର ବିକାଶ ଦାବି



**ସମ୍ବଲପୁର, ୨୮।୫ (ସମିସ) :** ଜେଲ ଛକ ନିକଟରେ ଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାର ବିକାଶ ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟ ମାନେ ବୁଧବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଡେରା ପରିସରରେ ପାଣି ଜମୁଥିବାରୁ ଏହାକୁ ବିକାଶ କରିବାକୁ ଦାବି କରାଯାଇଥିଲା। ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ସମ୍ବଲପୁରୀ ପ୍ରେମୀଙ୍କ ପାଇ ଏକ ବଡ଼ କାର୍ଯ୍ୟକ୍ରମ। ଏଥିରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥାନ୍ତି। ସେଥିପାଇଁ ସମ୍ବଲପୁରୀ ଡେରା ପରିସରକୁ ବର୍ଷା ପୂର୍ବରୁ ସଫାସୁତୁରା କରିବା ସହ ସମତଳ କରିବା ଦିଗରେ ନିର୍ଦ୍ଦେଶ ଦେବାପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଥିଲା। ସେହିପରି ଏଠାରେ ଏକ ଖୋଲା ମଞ୍ଚ ନିର୍ମାଣ କରିବା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟ ମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଡେରାର ସାମ୍ନାପଟେ ପାଚେରି ନଥିବାରୁ ମାଟି ମାଫିଆ ମାନେ ଡେରା ଭିତରୁ ଜେସିବି ସାହାଯ୍ୟରେ ମାଟି ଖୋଳି ନେଇ ଯାଉଥିବା ଯୋଗୁଁ ଏହାରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଛି। ଆଲୋଚନା ସମୟରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ରାହୁଲ ଗୁପ୍ତା, ସୁଷମା ପ୍ରଧାନ, ଭୂମିସୂତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସେମାନଙ୍କ ମୁହଁରୁ ...

ମୋ ପୁଅକୁ ମତେ କେହି ଫେରାଇ ପାରିବେନି। ତାକୁ କେଉଁପରି ଭାବରେ ମୋ ଠାରୁ ଅଲଗା କରାଯାଇଛି ତାକୁ ଜାଣିବା ପାଇଁ ଏହି ସାତବର୍ଷର ସଂଘର୍ଷ ଥିଲା। ତାର ଆଜି ଅନ୍ତ ଘଟିଛି। ମାନ୍ୟବର କୋର୍ଟ, କ୍ରାଇମବ୍ରାଞ୍ଚ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବି। ତାଙ୍କର ସହଯୋଗ ବଳରେ ମୁଁ ଆଜି ନ୍ୟାୟ ପାଇପାରିଛି।

**ରବୀନ୍ଦ୍ର ସାହୁ, ସୌମ୍ୟଶେଖରଙ୍କ ବାପା**

ମାନ୍ୟବର କୋର୍ଟଙ୍କ ରାୟକୁ ଆମେ ସମ୍ମାନ ଜଣାଉଛୁ। ବାପା ମା' ହିସାବରେ ଆମେ ଚାହୁଁଥିଲୁ ତାକୁ ଫାଶୀ ଦଣ୍ଡ ମିଳୁ। କିନ୍ତୁ ଆମର ନ୍ୟାୟିକ ପ୍ରକ୍ରିୟା ଉପରେ ବିଶ୍ୱାସ ରହିଛି। ମାନ୍ୟବର କୋର୍ଟ ତା' ଉପରେ ଯେଉଁ କାରାଦଣ୍ଡାଦେଶ ଲଗାଇଛନ୍ତି ସେଥିରେ ସେ ପ୍ରତିଦିନ ମରିବ। ଏକ ପୁଅ ଛେଉଣ୍ଡ ବାପା ମା'ର ପୀଡ଼ା ସେ ବୁଝିପାରିବ।

**ସଂଯୁକ୍ତା ସାହୁ, ସୌମ୍ୟଶେଖରଙ୍କ ମା'**

### ପାଟଣାଗଡ଼ ପାର୍ସଲ ବୋମା ମାମଲାର ରାୟ ପ୍ରକାଶ

# ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗିର, ୨୮।୫(ସମିସ)

୨୦୧୮ ଫେବୃଆରୀ ମାସ ୨୦ ତାରିଖ। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର ଜନୈକ ବ୍ୟକ୍ତିଙ୍କ ଘରେ ହୋଇଥିଲା ପାର୍ସଲ ବୋମା ବିସ୍ଫୋରଣ। ଯାହାକି ସାରା ରାଜ୍ୟ ତଥା ଦେଶର ପ୍ରମୁଖ ଖବର ପାଲଟିଥିଲା। ପ୍ରତିଶୋଧ ପରାୟଣ ହୋଇ ମଣିଷ କେତେ ରକ୍ତମୁଖା ହୋଇପାରେ ତାହା ଦେଖିଥିଲା ମଣିଷ ସମାଜ। ବାହାଘର ଉପହାରରେ ମୃତ୍ୟୁର ଦୂତ ପଠାଇ ଆତ୍ମ ସନ୍ତୁଷ୍ଟି ଚାହିଁଥିଲା ଅଧ୍ୟାପକ ପୁଞ୍ଜିଲାଲ। କିନ୍ତୁ ଆଇନ ହାତରୁ ଖସି ପାରିଲା ନାହିଁ। ଶେଷରେ ଦୋଷୀ ସାବ୍ୟସ୍ତ କରି ଏକମାତ୍ର ତଥା ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଆଜୀବନ କାରାଦଣ୍ଡର ସଜା ଶୁଣାଇଛନ୍ତି କୋର୍ଟ।

ଦୀର୍ଘ ସାତ ବର୍ଷ ପରେ ଏହି ପାର୍ସଲ ବୋମା ମାମଲାର ରାୟ ପ୍ରକାଶ ପାଇଛି। ପାଟଣାଗଡ଼ ଏସଡିଜେଏମ କୋର୍ଟରେ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହିତ ୧ ଲକ୍ଷ ୪୦



ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ନ୍ୟାୟ ଅପକ୍ଷୋରେ ଥିବା ମୃତ ସୌମ୍ୟଶେଖର ଓ ଜେମାମଣିଙ୍କ ପରିବାର ଲୋକଙ୍କୁ ଏହା ସାମାନ୍ୟ ସନ୍ତୁଷ୍ଟି ଦେଇଥିବା କୁହାଯାଉଛି। ମାମଲାର ରାୟ ଶୁଣାଣି ଉପରେ ସାରା ରାଜ୍ୟର ନଜର ରହିଥିବାବେଳେ ଶୁଣାଣି ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସଂକ୍ଷେପରେ ଘଟଣାବଳୀ

ସେଦିନ ଥିଲା ୨୦୧୮ ମସିହା ଫେବୃଆରୀ ୨୦ ତାରିଖ। ପୁଅ ସୌମ୍ୟଶେଖରଙ୍କ ବାହାଘର ସରିଥାଏ। ଘରକୁ ଆସିଲା ଏକ ପାର୍ସଲ। ପରିବାର ଲୋକେ ଭାବିଲେ କେହି ଜଣେ ବୋଧହୁଏ ବାହାଘର ପାଇଁ ଉପହାର ପଠାଇଛି। ସୌମ୍ୟଶେଖର ଏହି ପାର୍ସଲକୁ ଖୋଲିବାରୁ ଭୟଙ୍କର ବିସ୍ଫୋରଣ ଘଟିଲା। ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସ୍ଥାନୀୟ ବ୍ରହ୍ମପୁରା ଅଞ୍ଚଳ ଥରି ଉଠିଲା। ଏହି ଘଟଣାରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କର ଆଇ ଜେମାମଣିଙ୍କ ମୃତ୍ୟୁ ହୋଇଥିବାବେଳେ ନବବଧୂ ରିମାରାଣୀ ଗୁରତର ଭାବରେ ଆହତ ହୋଇଥିଲେ। ଏହି ଖବର ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଥିଲା। ପ୍ରଥମେ ଏହି ମାମଲାକୁ ପାଟଣାଗଡ଼ ପୁଲିସ ତଦନ୍ତ କରୁଥିବାବେଳେ ପରେ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ପ୍ରାୟ ଦେଢ଼ମାସ ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବରେ ଭଇଁଷା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଧରାପଡ଼ିଥିଲା।

### ପ୍ରତିଶୋଧ ପରାୟଣତାରୁ ପାର୍ସଲ ବୋମା

ମନରେ ଥିବା ପ୍ରତିଶୋଧ ପରାୟଣ ଭାବ କେମିତି ଜଣେ ମଣିଷକୁ ରକ୍ତମୁଖା କରିଦିଏ ପାଟଣାଗଡ଼ ପାର୍ସଲ ବୋମା ଘଟଣା ହେଉଛି ତାର ଜ୍ୱଳନ୍ତ ଉଦାହରଣ। ମୃତ ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁ ଭଇଁଷା କଲେଜର ପ୍ରିନ୍ସିପାଲ ହେବାରୁ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ପୁଞ୍ଜିଲାଲଙ୍କୁ ସେହି ଚୌକି ଛାଡ଼ିବାକୁ ପଡ଼ିଥିଲା। କେବଳ ସେହି ଚୌକି ପାଇଁ ତାଙ୍କୁ ଜୀବନରୁ ମାରିଦେବାକୁ ଷଡ଼ଯନ୍ତ୍ର କରି ପାର୍ସଲ ବୋମା ତିଆରି କରିଥିଲା ପୁଞ୍ଜିଲାଲ। ଯାହାର ଭୟାବହତା ସାରା ଦେଶ ଦେଖିଛି।

### ୭ ବର୍ଷର ବିଚାର, ୬୨ ଜଣଙ୍କ ସାକ୍ଷ୍ୟ

ପାଟଣାଗଡ଼ ପାର୍ସଲ ବୋମା ଘଟଣାର ତଦନ୍ତ ପୁଲିସ ଓ କ୍ରାଇମବ୍ରାଞ୍ଚ ପାଇଁ ଯେତେ ଚ୍ୟାଲେଞ୍ଜ ଥିଲା, ସେମିତି ଥିଲା ମାମଲାର ବିଚାର। ଦୀର୍ଘ ସାତ ବର୍ଷ ଧରି ମାମଲାର ବିଚାର ହେଲା। ଘଟଣାକୁ ନେଇ ୬୨ ଜଣ ସାକ୍ଷ୍ୟ ପ୍ରମାଣ ଦେଲେ। ତେବେ ସମସ୍ତ ପ୍ରକାର କଳ୍ପନା ଜଳ୍ପନାର ଅନ୍ତ କରି ବୁଧବାର ମାମଲାର ରାୟ ଶୁଣାଇଛନ୍ତି ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟ। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡାଦେଶ ଶୁଣାଇଛନ୍ତି।

## ସରକାରୀ ଓକିଲ ଆଶିଷ ଚନ୍ଦନଙ୍କ ସାମ୍ବାଦିକ ସମ୍ମିଳନୀ

ବୁଧବାର ପାଟଣାଗଡ଼ ପାର୍ସଲ ବୋମା ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ ପରେ ସରକାରୀ ଓକିଲ ଆଶିଷ ଚନ୍ଦନ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ସମ୍ମିଳନୀରେ ସେ କହିଛନ୍ତି ଯେ ପାଟଣାଗଡ଼ ପାର୍ସଲ ବୋମା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୬୨ ଜଣ ସାକ୍ଷ, ୧୦୦ ଟି ଦଲିଲ ଦସ୍ତାବିଜ, ୫୨ ଟି ଆବଶ୍ୟକୀୟ ଉପକରଣ, ପୁଞ୍ଜିଲାଲ ଠାରୁ ଜବତ କରାଯାଇଥିବା ଲ୍ୟାପଟପ, ଡାୟରୀ, ପେନ ଡ୍ରାଇଭ, ମେମୋରୀ କାର୍ଡ, ରାୟପୁର ଯିବା ସମୟର ବାଇକ ଷ୍ଟାଣ୍ଡ ଟିକେଟ, ଏଭଳି ଅନେକ ପ୍ରମାଣ କୋର୍ଟରେ ଦାଖଲ କରାଯାଇଥିଲା। ସରକାରୀ ପକ୍ଷରୁ ସମସ୍ତ ପ୍ରମାଣ ଟିକିନିଖି ଭାବେ ଦାଖଲ କରାଯାଇଥିଲା। ଏହା ଏକ ଐତିହାସିକ ତଦନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁଞ୍ଜିଲାଲ ଯେଉଁ ଅନାମଧେୟ ଚିଠି ଲେଖି ଏହି ମାମଲାକୁ ବିଭ୍ରାନ୍ତି କରିବାକୁ ଚେଷ୍ଟା କରିଥିଲା ଉକ୍ତ ଚିଠି ହିଁ ଏହି ମାମଲାର ତଦନ୍ତ ଦିଗକୁ ଆଗକୁ ନେଇଥିଲା। ଉକ୍ତ ଚିଠିରେ ଥିବା ଇଂରାଜୀ ଲେଖା ହିଁ ପୁଞ୍ଜିଲାଲ ଆଡ଼କୁ ଇଙ୍ଗିତ କରିଥିଲା ଓ ତଦନ୍ତରେ ପୁଞ୍ଜିଲାଲଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ପୁଞ୍ଜିଲାଲ ଉକ୍ତ ଚିଠି ଲେଖିଥିବା ଲାପଟପ, ବୋମା ତିଆରି ପାଇଁ ଖୋଲିଥିବା ବିଭିନ୍ନ ସାଇଟ୍ ଓ



ଏପରିକି ରିମାଣ୍ଡ ସମୟରେ କ୍ରାଇମବ୍ରାଞ୍ଚ ସମ୍ମୁଖରେ ପୁଞ୍ଜିଲାଲ ବୋମା ମଧ୍ୟ ତିଆରି କରିଥିଲା। ରାୟପୁର ଯାଇଥିବା ସମୟରେ ସ୍କାଇ କିଙ୍ଗ କୋରିଅର ମାଲିକ ଓ ଡିଟିଡିସି କମ୍ପାନୀର ଗୋଟିଏ ଝିଅ ପୁଞ୍ଜିଲାଲକୁ ଜେଲରେ ଓ କୋର୍ଟରେ ରାୟପୁରରେ ଦେଖିଥିବା ଭଳି ପ୍ରମାଣ କ୍ରାଇମବ୍ରାଞ୍ଚ ହସ୍ତଗତ କରିଥିଲା।

ଏହି ମାମଲାରେ ସମୟ ଗଡ଼ୁଥିବା କଥାରେ ପୁଞ୍ଜିଲାଲ ସହଯୋଗ କରୁନଥିବା ଯୋଗୁଁ ସାତ ବର୍ଷ ଲାଗିଥିଲା ଏଥିରେ ସରକାରୀ ପକ୍ଷରୁ କୌଣସି ହେଳା କରାଯାଇନାହିଁ। ଏପରିକି କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାରେ ହସ୍ତଗତ ହୋଇଥିବା ସମସ୍ତ ପ୍ରମାଣ ଉପରେ ଗୋଟି ଗୋଟି କରି କହିଥିଲେ। ପୁଞ୍ଜିଲାଲ ଯେଉଁ ନିର୍ଦୋଷ ବୋଲି କହୁଛି ଲୋକ ମିଛ କହିପାରେ କିନ୍ତୁ ପରିସ୍ଥିତି କେବେ ମିଛ କହିପାରେନାହିଁ ବୋଲି କହିଥିଲେ। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତାଙ୍କୁ ଏହି ମାମଲାରେ ସରକାରୀ ଓକିଲ ଭାବେ ଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ।

## ଜନସାଧାରଣଙ୍କ ପ୍ରତିକ୍ରିୟା

ଅଦାଲତ ସମସ୍ତ ସାକ୍ଷ ପ୍ରମାଣ କୁ ଆଧାର କରି ଯେଉଁ ରାୟ ଆଜି ଶୁଣାଇଛନ୍ତି ଆଇନ ସମ୍ମତ ଓ ଏହି ରାୟ କୁ ସମସ୍ତେ ଗ୍ରହଣ କରିବାକୁ ହେବ।

**ସରୋଜ ମେହେର - (ପୂର୍ବତନ ବିଧାୟକ ପାଟଣାଗଡ଼)**

ପାଟଣାଗଡ଼ ପାର୍ସଲ ବୋମା ଘଟଣା ଏକ ଚାଞ୍ଚଲ୍ୟକାର ଘଟଣା। ସାତ ବର୍ଷ ପରେ ଏହି ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ପାଟଣାଗଡ଼। ଯାହା ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମାମଲାର ଫଳାଫଳ ପ୍ରକାଶ ପରେ ଲୋକଙ୍କ ମଧ୍ୟରେ ଆଇନ ତଥା ଅଦାଲତ ଉପରେ ଆହୁରି ଭରସା ରହିବ।

**ସୁବାସ ଚନ୍ଦ୍ର ଆଚାର୍ଯ୍ୟ - (ଆଇନଜୀବୀ)**

ପାଟଣାଗଡ଼ ପାର୍ସଲ ବୋମା ଘଟଣା ସାରା ଦେଶ ତଥା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସମସ୍ତେ ଏହି ରାୟକୁ ସମ୍ମାନ ଜଣାଇବା କଥା। ଆଇନ ରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି। ଏହି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ ଜନସାଧାରଣ ସଜାଗ ରହିବା କଥା।

**ଗିରିରାଜ ଭୋଇ - (ଯୁଗ୍ମ ସମ୍ପାଦକ, ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ)**

ଜଜ ମେଣ୍ଟ ପାଇଁ ସମସ୍ତେ ଅପେକ୍ଷାରେ ଥିଲେ। ଜଜ୍ ପୁଞ୍ଜିଲାଲ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଲେ। ଏହି ବିଚାର ଦ୍ୱାରା ଅଦାଲତଙ୍କ ଉପରେ ଲୋକଙ୍କ ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଲା।

**ରାନା ପ୍ରଧାନ - (ଆଇନଜୀବୀ, ପାଟଣାଗଡ଼ )**

### ବଲାଙ୍ଗିରରେ ଶୀତଳ ଷଷ୍ଠୀ

## ପ୍ରସ୍ତୁତି ଶେଷ, ସହର ଉତ୍ସବମୁଖର

**ବଲାଙ୍ଗିର, ୨୭।୫(ସମିସ):** ଦେବ ଦେବ ମହାଦେବ ଓ ଆଦିଶକ୍ତି ମା' ପାର୍ବତୀଙ୍କ ଶୁଭବିବାହ ହେବ। ତିଥି ଲଗ୍ନ ବାହାରିଛି, ପ୍ରସ୍ତୁତି ସରିଛି। ଏବେ କେବଳ ବାହାଘରକୁ ଅପେକ୍ଷା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ବାହାଘରକୁ ନେଇ ଉତ୍ସବମୁଖର ସାରା ବଲାଙ୍ଗିର ସହର। ବଲାଙ୍ଗିର ସହରର ବିଭିନ୍ନ ପଡ଼ାରେ ଶୀତଳ ଷଷ୍ଠୀ ପୂଜା ପାଇଁ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ସହରର ରାଧାରାଣୀ ପଡ଼ା ଏବଂ ସାଗର ପଡ଼ାରେ ଶିବପାର୍ବତୀଙ୍କ ବିବାହ ପାଇଁ ଉତ୍ସାହ ଲାଗିରହିଛି।



ରାଧାରାଣୀ ପଡ଼ା ଶୀତଳ ଷଷ୍ଠୀ ପୂଜା କମିଟି ତରଫରୁ ୨୫ ତମ ଶୀତଳ ଷଷ୍ଠୀ ମହୋତ୍ସବ ପାଳିତ ହେବ। ଗୁରୁବାର ଶିବପାର୍ବତୀଙ୍କୁ ଲୋକାଚାର ପିତାମାତାଙ୍କ ଘରକୁ ଅଣାଯିବ। ୩୦ ତାରିଖରେ ମାଟିପକା, ୩୧ ତାରିଖରେ ବରଯାତ୍ରୀ ଓ ବାହାଘର ହେବ। ସେହିଭଳି ୧ ତାରିଖରେ ଲେଉଟାଣି ଓ ନଗରପରିକ୍ରମା ହେବ। ଏଥର ଶୋଭାଯାତ୍ରାରେ ମାଲକାନଗିରିର କୋୟା ନୃତ୍ୟ, ଫୁଲବାଣୀର ଆଦିବାସୀ ନୃତ୍ୟ, ବୌଦ୍ଧର ମୟୂର ନୃତ୍ୟ, ନାଗପୁର ଏବଂ ଛତିଶଗଡ଼ର ରେକର୍ଡ ଡ୍ୟାନ୍ସ ସାମିଲ ହେବ ବୋଲି ଜଣାପଡ଼ିଛି। ଚଳିତବର୍ଷ ବର ପିତାମାତା ଭାବରେ କଂସାରୀ ପଡ଼ାର ଅମିତାଭ ନାଗ ଓ ଲଳିତା ନାଗ ଦାୟିତ୍ୱ ତୁଲାଉଛନ୍ତି। କନ୍ୟା ପିତାମାତା ଭାବରେ ରାଧାରାଣୀ ପଡ଼ାର ଲଲାଟେନ୍ଦୁ ଦାସ ଓ ରଞ୍ଜିଲତା ଦାସ ଦାୟିତ୍ୱ ବହନ କରିବେ।

ସେହିଭଳି ସାଗର ପଡ଼ା ଶୀତଳ ଷଷ୍ଠୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ ୪୭ ତମ ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମ ପାଳନ କରାଯିବ। ବାଲୁଙ୍କେଶ୍ୱର ବାବାଙ୍କ ଲୋକାଚାର ପିତାମାତା ଭାବରେ ରୁଗୁପଡ଼ିପଡ଼ାର ପ୍ରଭାସ ପଟ୍ଟନାୟକ ଓ ଅଭିପ୍ସା ବହିଦାର ରହିଥିବାବେଳେ ମାତା ପାର୍ବତୀଙ୍କ ପିତାମାତା ଭାବରେ ରାଧାରମଣ ବର୍ଗର୍ତ୍ତୀ ଓ ସୁଷମା ବର୍ଗର୍ତ୍ତୀ ରହିଛନ୍ତି। ଗୁରୁବାର ଭଗବାନ ଲୋକାଚାର ପିତାମାତାଙ୍କ ଘରକୁ ଆସିବେ ଏବଂ ବିବାହ କାର୍ଯ୍ୟ ଆରମ୍ଭ କରାଯିବ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଲୋକେ ଶିବଶକ୍ତିଙ୍କ ଯୁଗଳ ବେଶ ଦର୍ଶନ କରି ଆଶିଷ ଲଭିବା ସହିତ ଶୋଭାଯାତ୍ରାରେ ସାରା ସହର ଦୁଲୁକିବ।

## ଅଭିନେତ୍ରୀ ପ୍ରାଚୀ ପାଣିଗ୍ରାହୀଙ୍କୁ 'ଶିଳ୍ପୀ ସମ୍ମାନ'




**କଣ୍ଟାବାଞ୍ଜି, ୨୮।୫(ସମିସ):** ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡ଼ିର ଅଭିନେତ୍ରୀ ତଥା ଆଇନଜୀବୀ ପ୍ରାଚୀ ପାଣିଗ୍ରାହୀଙ୍କୁ ଓଡ଼ିଶା ପତ୍ରକାର ସଂଘ ଶିଳ୍ପୀ ସମ୍ମାନରେ ସମ୍ବର୍ଦ୍ଧିତ କରିଛି। ରବିବାର ଓଡ଼ିଶା ପତ୍ରକାର ସଂଘ, ବଲାଙ୍ଗୀରର ବାର୍ଷିକ ଉତ୍ସବ କଣ୍ଟାବାଞ୍ଜିସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିବା ବେଳେ ଏହି ଅବସରରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଚୀ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚରେ ତାଙ୍କ ନୃତ୍ୟ ପରିବେଷଣ କରିଥିବାବେଳେ ଅଭିନେତ୍ରୀ ଭାବରେ ତାଙ୍କ ଅଭିନୟ ଜରିଆରେ ଲୋକପ୍ରିୟତା ହାସଲ କରିଛନ୍ତି। ପେସାରେ ସେ ଜଣେ ଆଇନଜୀବୀ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ପ୍ରାଚୀ ବେଶ ଆଗ୍ରହ ପ୍ରକାଶ କରିଥାନ୍ତି। ପ୍ରାଚୀ ଜଣେ ନୃତ୍ୟଶିଳ୍ପୀ ଭାବରେ ବେଶ ପରିଚିତ ହୋଇ ପାରିଥିବାରୁ ଓଡ଼ିଶା ପତ୍ରକାର ସଂଘ ତାଙ୍କୁ ଶିଳ୍ପୀ ସମ୍ମାନ ପ୍ରଦାନ କରିଛି। ପ୍ରାଚୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କର୍ଲାବାହେଲି ଝାଙ୍କରପଡ଼ାରେ ଜଳସଙ୍କଟ

**ତୁରେକେଲା, ୨୮।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ହିଆଲ୍ ପଞ୍ଚାୟତ କରଲାବାହେଲି ଗାଁର ଝାଙ୍କରପଡ଼ାରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ବିଶୁଦ୍ଧ ପାନୀୟ ଜଳ ମୁନ୍ଦେ ପାଇଁ ଗାଁ ଲୋକେ ତହଳବିକଳ ହେଉଛନ୍ତି। ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ଦୀର୍ଘ ଦିନରୁ ଏହା ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ଗାଁରେ ଏକ ସୋଲାର ଚାଳିତ ପମ୍ପ ଅଛି, କିନ୍ତୁ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଛି। ଯାହା ଫଳରେ ଗାଁର ମହିଳାମାନେ ପାଣି ଆଣିବା ପାଇଁ କୂଅ ପୋଖରୀକୁ ଯିବାକୁ ପଡୁଛି। ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଗାଁର ପିଇବା ପାଣି ସମସ୍ୟା ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ତୁରେକେଲା ବିଡିଓଙ୍କୁ ପଚାରିବାରୁ ସେ ଶୀଘ୍ର ପିଇବା ପାଣି ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।



## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

**ବଲାଙ୍ଗିର, ୨୮।୫(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଚନ୍ଦନଭାଟି ଫାଣ୍ଡି ସାଲେପାଲି ଗ୍ରାମରେ ବଜ୍ରପାତରେ ଜଣେ ନାବାଳିକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ମାନସୀ ବରିହା ଓ ହେବୋ ବରିହା ୧୫ ବର୍ଷର ଝିଅ ମାଖନ ବରିହା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ଣରେ ମାଖନ ବରିହା ଶୌଚ ହେବାପାଇଁ ଘର ବାରିପଟକୁ ଯାଇଥିଲେ। ଏହି ସମୟରେ ଜୋରରେ ପବନ ବହିବା ସହିତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## କଅଁସର ପିଚୁ ରାସ୍ତା ନିମ୍ନମାନର ଅଭିଯୋଗ

**ସଇଁତଳା, ୨୮।୫(ସମିସ):** ସଇଁତଳା ବ୍ଲକ କଅଁସର ଗ୍ରାମରୁ ଡଙ୍ଗରମୁଣ୍ଡା ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିମି ରାସ୍ତାଟି ପିଚୁ କାମ କରାଯାଇଛି। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ରାସ୍ତା କଡ଼ରେ ମାଟି ପୋତିବାକୁ ଯାଇ ରାସ୍ତା ଅଧା ପୋତି ଦିଆଯାଇଛି। ଯାହାଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥିବା ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏଥିଯୋଗୁଁ ଗ୍ରାମବାସୀ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ମଧ୍ୟ ପ୍ରଶାସନ ଚୁପ ରହୁଥିବାରୁ ସାଧାରଣରେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା କାମ ଅତ୍ୟନ୍ତ ନିମ୍ନମାନରେ ହୋଇଥିବା ଗ୍ରାମବାସୀ ଅଭିଯୋଗ କରୁଥିବାବେଳେ ଯନ୍ତ୍ରୀ ଶ୍ରୀମନ୍ତ ପଣ୍ଡା କାମ ଠିକ ହୋଇଥିବା କହିଛନ୍ତି। ସେହିପରି ଯନ୍ତ୍ରୀ ଉକ୍ତ ରାସ୍ତାରେ ହାଇୱା ଯାଉଥିବାରୁ ରାସ୍ତାର ପିଚୁ ଉଠିଯିବା ସ୍ୱାଭାବିକ ବୋଲି କହିଛନ୍ତି। ଯଦି କାମ ଠିକ୍ ହୋଇଛି ତେବେ ପିଚୁ କିଭଳି ଭାବରେ ଉଠିଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ବିଷୟରେ ବଲାଙ୍ଗିରରେ ଥିବା ଅତିରିକ୍ତ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଅର୍ଚ୍ଚନା ଦେବୀ ଲୋଇସିଂହାର ପ୍ରଥମ ମହିଳା ଜମିଦାର

ବଲାଙ୍ଗିର, ୨୮।୫(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହାର ପ୍ରଥମ ମହିଳା ଜମିଦାରଙ୍କ ରାଜ୍ୟାଭିଷେକ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ପୂଜାବିଧି ଅନୁସାରେ କୁଳ ଦେବତା ବଡ଼ଦେଓଙ୍କ ଆବାହନ କରିବା ପରେ ତାଙ୍କ ଆଶୀର୍ବାଦ ଲାଭ କରି ତାଙ୍କର ପାଗ ଭିଡ଼ା ପରମ୍ପରା ସମ୍ପନ୍ନ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଗୌନ୍ତିଆ, ଜମିଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ବୁଧବାର ଲୋଇସିଂହା ରାଜବାଟିରେ ସ୍ଥାନୀୟ ଜମିଦାର ପରିବାର ତରଫରୁ ଅନୁଷ୍ଠିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ୧୯ ତମ ଲୋଇସିଂହା ଜମିଦାର ତଥା ପ୍ରଥମ ଲୋଇସିଂହା ମହିଳା ଜମିଦାର ଭାବେ ଅଭିଷିକ୍ତ ହୋଇଥିଲେ ଅର୍ଚ୍ଚନା ଦେବୀ ସିଂହ ରାଏ। ଅର୍ଚ୍ଚନା ଦେବୀ ହେଉଛନ୍ତି ପୂର୍ବତନ ଜମିଦାର ସ୍ୱର୍ଗତ ଜୟକୃଷ୍ଣ ସିଂ ରାଏଙ୍କ ବଡ଼ ନାତୁଣୀ ତଥା ତାଙ୍କ ବଡ଼ ପୁଅ ସ୍ୱର୍ଗତ ତ୍ରୟମ୍ବ କିଶୋର ସିଂ ରାଏ ଓ ରାଜମାତା ଓଗ୍ନେଶ୍ୱରୀ ସିଂ ରାଏଙ୍କ ବଡ଼ ଝିଅ। ପାଟନା ରାଜ୍ୟ ସମୟରେ ଲୋଇସିଂହା ଜମିଦାରଙ୍କ ପ୍ରଭାବ ରହିଥିଲା। ବଡଦେଓଙ୍କ ଉପାସନା କରିଥିବାରୁ ତାଙ୍କୁ ୨୨ ଖଣ୍ଡ ଗାଁର ଜମିଦାରୀ ପାଟନା ରାଜା ପ୍ରଦାନ କରିଥିଲେ। ଅଞ୍ଚଳରେ ଲୋଇସିଂହା ଜମିଦାର ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ସରଳ ମନୋଭାବ ଯୋଗୁଁ ଲୋକଙ୍କ ସହ ସୁସମ୍ପର୍କ ରହି ଆସିଛି। ଆଜି ବି ଲୋକେ ତାଙ୍କୁ ଜମିଦାର ଭାବେ ସମ୍ମାନ ଦେଉଥିବା ବେଳେ କିଛି ଦିନ ପୂର୍ବରୁ ପୂର୍ବତନ ଜମିଦାର ଜୟକୃଷ୍ଣ ସିଂ ରାଏ ଙ୍କ ଦେହାନ୍ତ ହୋଇଥିଲା। ଏହା ପୂର୍ବରୁ ତାଙ୍କ ବଡ଼ ପୁଅ ତ୍ରୟମ୍ବ କିଶୋର ସିଂ ରାଏ ଓ ବଡ଼ ନାତି ଯୋତେଶ୍ୱର୍ ସିଂ ରାଏଙ୍କ ମଧ୍ୟ ଦେହାନ୍ତ ହୋଇଥିଲା। ଫଳରେ ପରମ୍ପରା ଅନୁସାରେ ଅର୍ଚ୍ଚନା ଦେବୀ ସିଂ ରାଏ ହିଁ ଜମିଦାର ପାଇଁ ଉତ୍ତରାଧିକାରୀ ରହିଥିଲେ। ତେବେ ବୁଧବାର ସେ ଆନୁଷ୍ଠାନିକ ଭାବେ ଏହି ପଦ ମଣ୍ଡନ କରିଛନ୍ତି। ବୁଧବାର ସକାଳୁ ଏଥିପାଇଁ ଆବଶ୍ୟକ ପୂଜାବିଧି ସମ୍ପନ୍ନ କରାଯାଇଥିଲା। ପରେ କୁଳ ଦେବତା ବଡ଼ଦେଓଙ୍କୁ ପୂଜା କରି ଆବାହନ କରାଯାଇଥିଲା। ଆବାହନ ପରେ ତାଙ୍କ ଆଜ୍ଞା ମାଗି ଆଶୀର୍ବାଦ ନେଇ ଅର୍ଚ୍ଚନା ଦେବୀଙ୍କୁ ତାଙ୍କ ମାମୁ ପାଗ ଭିଡ଼ିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆଣି ତାଙ୍କୁ ପିନ୍ଧା ଯାଇଥିଲା। ଏହା ସରିବା ପରେ ନୂତନ ଭାବେ ଅଭିଷିକ୍ତ ଜମିଦାର ଅର୍ଚ୍ଚନା ସିଂ ରାଏଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ନିକଟସ୍ଥ ଅଞ୍ଚଳର ଜମିଦାର, ଗୌଣ୍ତିଆନା ସମାଜର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିବା ସହ ଅର୍ଚ୍ଚନା ଦେବୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ ଯେ ଅର୍ଚ୍ଚନା ଦେବୀଙ୍କ ପୂର୍ବରୁ ୧୮ ଜଣ ଜମିଦାର ରହି ସାରିଛନ୍ତି। ତେବେ ଅର୍ଚ୍ଚନା ଦେବୀ ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ମହିଳା ଜମିଦାର। ଏହି କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଥିଲା। ଜମିଦାର ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଅଧୀନରେ ଥିବା ୨୨ ଖଣ୍ଡ ଗାଁର ଲୋକଙ୍କ ସହଯୋଗ କାମନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

**ପରମ୍ପରା ସହ ହେଲା ରାଜ୍ୟାଭିଷେକ**

**ଦାୟିତ୍ୱ ନେବା ପରେ ଗାଁରେ ଶୋଭାଯାତ୍ରା**

**ଲୋକଙ୍କ ସହଯୋଗ କାମନା କଲେ**



# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ତେଜୁଛି ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ଜାନ୍



**ନୂଆପଡ଼ା, ୨୮।୫(ସମିସ):** ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ଅସାମାଜିକ ଯୁବକଙ୍କ ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି କରି ଜିଲ୍ଲା ସାମ୍ବାଦିକ ସଂଘ 'ଜାନ'ତରଫରୁ ନୂଆପଡ଼ା ଏସ୍‌ପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ କେତେକ ଅସାମାଜିକ ଯୁବକ ହାତ ଗୋଡ ବାନ୍ଧି ବର୍ବରତାର ସହ କଙ୍ଗାରୁ କୋର୍ଟ ଚଳାଇଥିଲେ। ଏହି ଘଟଣାକୁ ନୂଆପଡ଼ା ଜିଲ୍ଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ (ଜାନ) ନିନ୍ଦା କରିଛି। ଅଭିଯୁକ୍ତ ଗିରଫ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଦିନକୁ ଦିନ ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢୁଛି। ତେଣୁ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି। 'ଜାନ' ସମ୍ପାଦକ ରତନ କେତକୀ ଏବଂ ପୂର୍ବତନ ସଭାପତି ମାୟାଧର ସରାଫଙ୍କ ନେତୃତ୍ୱରେ 'ଜାନ୍'ର ଏକ ଟିମ ନୂଆପଡ଼ା ଏସପି ଜି.ଆର. ରାଘବେନ୍ଦ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାନ ପୂର୍ବତନ ସଭାପତି ମାୟାଧର ସରାଫ, ସଂଯୋଜକ ଅଶ୍ୱିନୀ ପାଣିଗ୍ରାହୀ, ପୁରୋହିତ ସୁନାନି, ସଞ୍ଜୀବ ପାଣିଗ୍ରାହୀ, ଚେତୁରାମ ପ୍ରଧାନୀ, ଚନ୍ଦ୍ରଶେଖର ପଟେଲ ପ୍ରମୁଖ ସାମିଲ ଥିଲେ।

# ୧୦୦ ଶଯ୍ୟା ବିଶିଷ୍ଟ କିମ୍ସ ଶାଖାର ଭୂମିପୂଜା

**ଭବାନୀପାଟଣା, ୨୮।୫(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକସ୍ଥିତ ବାଦିଲିରେ ଥିବା କିସ୍ ଆବାସିକ ବିଦ୍ୟାଳୟ ପଛପଟ ପଡ଼ିଆରେ ଭୁବନେଶ୍ୱରସ୍ଥିତ କିମ୍ସ ଡାକ୍ତରଖାନାର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଶାଖାର ଭୂମିପୂଜା କରାଯାଇଛି। ପ୍ରମୋଦ ସାହୁ, ପ୍ରିୟରଞ୍ଜନ ବହିଦାର, ଦିଲୀପ ନାୟକ, ପରମାନନ୍ଦ ମାଝୀ, ଡ. ଶିବରାମ ନାୟକ, କର୍ତ୍ତବ୍ୟ ଅନୁଷ୍ଠାନରୁ ଅଶୋକ ପଟ୍ଟନାୟକ, ସେବାଜଗତରୁ ସତ୍ୟ ପଟ୍ଟନାୟକ, ଅନ୍ତ୍ୟୋଦୟରୁ ଦିଲୀପ ଦାସ, ଡ. ନିରୋଦ ଚନ୍ଦ୍ର କହଁର, ଘନଶ୍ୟାମ ଅଗ୍ରୱାଲ, ତ୍ରିଲୋଚନ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ, କିସ୍ ବିଦ୍ୟାଳୟର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପାଧନ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



### ଯୁବକଙ୍କ ନିଖୋଜ ଉପରୁ ପରଦା ଉଠିଲା

# ୧୦ ଦିନ ପରେ ମିଳିଲା ମୁଣ୍ଡବିହୀନ ଶବ

**କଳମପୁର, ୨୮।୫(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଦେପୁର ଗ୍ରାମର ଅଁତରୁ ମାଝି (ରୂପ ସିଂ)ଙ୍କ ନିଖୋଜ ତଥା ହତ୍ୟା ସନ୍ଦେହ ଉପରୁ ପରଦା ଉଠିଛି। ୧୦ ଦିନ ପରେ ପୋଖରିରୁ ତାଙ୍କ ମୁଣ୍ଡ ବିହିନ ଶବ ମିଳିଛି। ଏହି ଘଟଣାରେ ପୁଲିସ ଗୋଆ ପଳାଇଥିବା ସେହି ପଡ଼ାର ଲିଙ୍ଗରାଜ ମାଝିକୁ ଗିରଫ କରିଛି। ଗୁଣିଗାରେଡି ପାଇଁ ସେ ଗଣ୍ଡିମୁଣ୍ଡ ଅଲଗା କରି ପୋଖରିରେ ଫିଙ୍ଗି ଦେଇଥିଲା ବୋଲି ପୁଲିସ ଆଗରେ ମାନିଛି।

ଗତ ୧୭ତାରିଖ ସେ ନିଖୋଜ ହୋଇଯାଇଥିବା ନେଇ କଳମପୁର ଥାନାରେ ଅଭିଯୋଗ ହୋଇଥିଲା। ପରଦିନ ନିକଟସ୍ଥ ଅନ୍ୟ ଏକ ଗ୍ରାମର ଜଣେ ବିବାହିତ ମହିଳାଙ୍କ ଶରୀରରେ ଅଁତରୁଙ୍କ ଆତ୍ମା ପ୍ରବେଶ କରି ତାଙ୍କୁ ହତ୍ୟା କରାଯାଇଥିବା କହିଥିଲା। ତେବେ ନିକଟରେ ଥିବା ବୈଁଝଲି ସାଗର ପୋଖରୀ ପର୍ଯ୍ୟନ୍ତ ରକ୍ତଛିଟା ଦେଖିବାକୁ ମିଳିଥିଲା। ଏହା ସହ ପଞ୍ଚାୟତ ନିକଟରୁ ଅଁତରୁଙ୍କ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏହି ଘଟଣା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏହାକୁ ପୁଲିସ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲା। ପୁଲିସ ନିଖୋଜ ମାମଲାକୁ ହତ୍ୟାରେ ପରିବର୍ତ୍ତନ କରିଥିଲେ। କଳମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ, କଳମପୁର ଥାନା ଏଏସଆଇ ଶେଖର ଜେନା, ବଡକୁଟ୍ରୁ ଏଏସଆଇ ଶିବ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଦେଖିବା ସହ ତୁରନ୍ତ କଳମପୁର ଅଗ୍ନିଶମ ବାହିନୀକୁ ଡକାଇ ୨ ଦିନ ଧରି ପୋଖରିରେ ଖୋଜାଖୋଜି କରିଥିଲା; କିନ୍ତୁ ଶବ ମିଳିପାରି ନ ଥିଲା। ତେବେ ଯେଉଁ ଦିନଠାରୁ ଏହି ଘଟଣା ଘଟିଛି ସେହି ଦିନଠାରୁ ସେହି ପଡ଼ାର କେତେକ ଯୁବକ ଫେରାର ଥିବା ପୁଲିସ ସୂଚନା ପାଇଥିଲା। ସେହିଭଳି ୮ ଦିନ ପରେ ମଙ୍ଗଳବାର ଦିନସାରା ତାଙ୍କ ସ୍ତ୍ରୀ, ପୁଅ, ଝିଅ, ଭାଇଁ ସମେତ ବନ୍ଧୁବାନ୍ଧବ କଳମପୁର ଥାନା ସମ୍ମୁଖରେ ନ୍ୟାୟ ପାଇଁ ଧାରଣା ଦେଇଥିଲେ। ଶେଷରେ ଗୋଆ ପଳାଇଥିବା ଅଭିଯୁକ୍ତକୁ ପୁଲିସ ଧରିଛି। ବୁଧବାର ଭୋରରୁ ଅଭିଯୁକ୍ତକୁ ଆଣି ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରିଥିଲା। ପୁଲିସ ତାକୁ ଶବ ଫିଙ୍ଗିଥିବା ସ୍ଥାନକୁ ନେଇଥିଲା। ସେଠାରେ ଅଭିଯୁକ୍ତ ଶବ ଫିଙ୍ଗିଥିବା ସ୍ଥାନ ଦେଖାଇଥିଲା। କଳମପୁର ଅଗ୍ନିଶମ ବାହିନୀ ଓ ବଲାଙ୍ଗୀରରୁ ଆସିଥିବା ଓଡ୍ରାଫ ଟିମ ଶବ ଉଦ୍ଧାର ପାଇଁ ପୋଖରୀ ଭିତରେ ପଶିଥିଲେ। ଦୀର୍ଘ ସମୟ ଖୋଜିବା ପରେ ମୃତକଙ୍କ ମୁଣ୍ଡ ବିହିନ ଶବ ମିଳିଥିଲା।

> **ଗୁଣିଗାରେଡ଼ି ପାଇଁ ଗଣ୍ଡିମୁଣ୍ଡ ଅଲଗା କରି ପୋଖରୀରେ ଫିଙ୍ଗି ଦେଇଥିଲା ହତ୍ୟାକାରୀ**

# ଉଦନ୍ତୀରେ ପ୍ରବାହିତ ହେଲା ପ୍ରଥମ ବର୍ଷା ଜଳ

## ଆଶ୍ୱସ୍ତି ପାଇଲେ ନଦୀକୂଳବାସୀ

**ସିନାପାଲି, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଜୀବନରେଖା ଉଦନ୍ତୀ ନଦୀରେ ଚଳିତ ବର୍ଷର ପ୍ରଥମ ବର୍ଷା ଜଳ ପ୍ରବାହିତ ହେବା ଯୋଗୁଁ ନଦୀକୂଳିଆବାସୀଙ୍କୁ ଆଶ୍ୱସ୍ତି ମିଳିଛି। ପ୍ରାକ୍ ମୌସୁମୀ ବର୍ଷା ସାଙ୍ଗକୁ ଛତିଶଗଡ଼ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଦ୍ୱାରା ଉଦନ୍ତୀ ନଦୀରେ ଜଳ ପ୍ରବାହିତ ହେଉଛି। ଯାହା ଫଳରେ ଉଦନ୍ତୀ ନଦୀର ଉଭୟ ପାର୍ଶ୍ୱରେ ଥିବା ଗାଁ ଗୁଡିକର ଜନସାଧାରଣଙ୍କୁ ଖରା ଓ ଗ୍ରୀଷ୍ମ ସାଙ୍ଗକୁ ଜଳ କଷ୍ଟରୁ ମୁକ୍ତି ମିଳିଛି। ଗ୍ରୀଷ୍ମ ଋତୁରେ ଉଦନ୍ତୀ ନଦୀ ଶୁଖିଲା ପଡ଼ିଥିବା ବେଳେ ନଦୀ ଅଞ୍ଚଳର ଜନସାଧାରଣ ବିଶେଷ ଭାବରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ଉପାନ୍ତ ଘାଟମାଳ, ନଙ୍ଗଲବୋର୍ଡ, ଗୋର୍ଲା, ଖଇରପଦର ପଞ୍ଚାୟତ ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ନିତ୍ୟ କର୍ମ ସାଙ୍ଗକୁ ପାନୀୟ ଜଳ, ଗାଧୋଇବା ଏପରିକି ବନ୍ୟ ପଶୁପକ୍ଷୀମାନଙ୍କୁ ଜଳ ସମସ୍ୟାରୁ ମୁକ୍ତି ମିଳିଛି। ସେହିପରି ନଦୀରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଓ ବସୁଧା ମାଧ୍ୟମରେ ଜଳ ଯୋଗାଣ ଏବେ ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ସିନାପାଲି ସହରବାସୀ ସମେତ କାପସି, ଯୁଗେନପଦର, ନୀଳଜୀ, ଗଡ଼ରାମାଳ, ଫୁରୁସୁଣ୍ଡ, ଖଳନା, ପଲସାପଡ଼ା, ବରଗାଁ, ସାଲେକେଲା, ସାଗୁନଭାଡ଼ି, ଲିଆଡ, କପିଆ, ନଦୀ ଗାଁ, ହାତୀବନ୍ଧା ସମେତ ଅନେକ ଗ୍ରାମର ଜନସାଧାରଣଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ଏହି ନଦୀ ସୁଦୂର ଛତିଶଗଡ଼ ଅଞ୍ଚଳରୁ ପ୍ରବାହିତ ହୋଇ ସିନାପାଲି ବ୍ଲକର ବଣ ପାହାଡ ଘେରା ଘାଟମାଳ ପଞ୍ଚାୟତର ସିନ୍ଦୂରଶିଲ-ଚିତାରମାରେ ପ୍ରଥମେ ପ୍ରବେଶ କରି ଅନେକ ଜଙ୍ଗଲ ଓ ଗାଁ ଗଣ୍ଡା ଛୁଇଁ ସିନାପାଲି ସହର ପାଦଦେଶରୁ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ମିଶିଛି। ଏହି ନଦୀରେ ବର୍ଷା ଜଳ ପ୍ରବାହିତ ହେବା ଫଳରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅଞ୍ଚଳ ଜନସାଧାରଣଙ୍କୁ ମଧ୍ୟ ବେଶ ଆଶ୍ୱସ୍ତି ମିଳିଛି।



# ଜିଲ୍ଲାପାଳଙ୍କ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ

**ଶଗଡ଼ା, ୨୮।୫(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମନମୁଣ୍ଡାସ୍ଥିତ ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଉଠାଜଳସେଚନ ପ୍ରକଳ୍ପର ସ୍ଥିତି ବୁଲି ଦେଖିବା ସହ ମହାନଦୀର ବନ୍ୟା ସ୍ଥିତି ପରଖିଥିଲେ। ପ୍ରକଳ୍ପରୁ ସ୍ଥାନୀୟ ଚାଷୀଙ୍କୁ ପାଣି ମିଳୁଛି ନା ନାହିଁ ସେ ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ପଣ୍ଡାଙ୍କ ସମେତ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ନୂଆପଡ଼ା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ରାଣୀମୁଣ୍ଡା ପଞ୍ଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କାର୍ମୀ ଓରାମ, ଅତିରିକ୍ତ ତହସିଲଦାର, ସ୍ଥାନୀୟ ସରପଞ୍ଚ ଦେବବ୍ରତ ସୁପକାର, ଏସିଏଫ୍ ମହମ୍ମଦ ସାଲେହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ସିନାପାଲି ସିଡିପିଓ ଝରଣା ଶତପଥୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱାମୀଙ୍କ ଦଶାହରେ ଆଖିବୁଜିଲେ ସ୍ତ୍ରୀ



**ଗୋଲାମୁଣ୍ଡା, ୨୮।୫(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତର ସାନଚେରଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଚେରଗାଁ ଗ୍ରାମର ବାସୁରାମ ଦାସ(୯୦)ଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ଚଳିତ ମାସ୧୯ ତାରିଖ ସୋମବାର ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ଦଶାହ କାର୍ଯ୍ୟ ଦିନରେ ସ୍ତ୍ରୀ ଖୀରାନ୍ଦ୍ରୀ ଦାସ (୮୦)ଙ୍କ ମୃତ୍ୟୁ ଘଟିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଚିନ୍ତାରେ ଖୀରାନ୍ଦ୍ରୀଙ୍କ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ବଢ଼ି ଯାଇଥିଲା।

### ସରକାର ଶୁଣିଲାନି, ପ୍ରଶାସନ ଧ୍ୟାନ ଦେଲାନି

# ଯୁବକଙ୍କ ଉଦ୍ୟମରେ ମରାମତି ହେଲା ରାସ୍ତା



**ଧର୍ମଗଡ଼, ୨୮।୫(ସମିସ):** ଶୁଣିଲେନି ମୋହନ ସରକାର କି ସ୍ଥାନୀୟ ପ୍ରଶାସନ। ଶେଷରେ ଚାଷୀଙ୍କ ସମସ୍ୟା ସମାଧାନ କଲେ ଯୁବକ। ନିଜ ଉଦ୍ୟମରେ ମରାମତି କଲେ ରାସ୍ତା। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ନନ୍ଦ ଗାଁ ପଞ୍ଚାୟତ ମାଳପଡ଼ାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଭବାନୀଶଙ୍କର ବଣିଆ ନାମକ ଏହି ଯୁବକ ଜଣକ ନିଜ ଉଦ୍ୟମରେ ଏବଂ ନିଜ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ନନ୍ଦଗାଁ ପଞ୍ଚାୟତ ମଝେନପଦର ଗାଁଠାରୁ ମଣ୍ଡି ଦେଇ ଭାଲୁଡୋବା ରାସ୍ତା ସେ ମରାମତି କରିଛନ୍ତି। ଏହି ରାସ୍ତାରେ ୩ଟି ଗାଁର ଲୋକ ଯାତାୟାତ କରନ୍ତି। ସେହିଭଳି ଏହି ରାସ୍ତା ଉପରେ ପ୍ରାୟ ୧୦୪୦ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ନିର୍ଭର କରନ୍ତି। ପୂର୍ବ ସରକାର ସମୟରେ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ମମରଣଯନ୍ତା ପାଲଟିଥିଲା। ଏହାର ମରାମତି ନେଇ ମୋହନ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଲୋକେ ଜଣାଇଥିଲେ; ହେଲେ କେହି ନ ଶୁଣିବାରୁ ଭବାନୀଶଙ୍କର ନିଜ ହାତ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ରାଜ୍ୟର ହିତ ପାଇଁ ମୋହନ ସରକାର ଅନେକ ଯୋଜନା କରୁଥିବା ଡିଣ୍ଡିମ ପିଟୁଛନ୍ତି। ଏହି ରାସ୍ତା ଜଣେ ଯୁବକ ମରାମତି କରିବା ସରକାରୀ ଯୋଜନା ଏ ରାଜ୍ୟରେ କେତେ କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଜଣା ପଡୁଛି।

# ମୃତ ହୋମଗାର୍ଡଙ୍କ ପରିବାରକୁ ମାସକର ଦରମା ଦେଲା ସଂଘ

**ନୂଆପଡ଼ା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅଷ୍ଟମୀ ସୁନାନୀଙ୍କ ମୃତ୍ୟୁ ପରେ ଜିଲ୍ଲା ହୋମଗାର୍ଡ ସଂଘ ତରଫରୁ ତାଙ୍କ ପରିବାରକୁ ମାସକର ଦରମା ପ୍ରଦାନ କରାଯାଇଛି। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ନାଏକଙ୍କ ନେତୃତ୍ୱରେ ଜିଲ୍ଲା ହୋମଗାର୍ଡ ସଂଘ ସଭାପତି ଶରତ ହଂସ ଓ ସାଥିମାନେ ମୃତକ ଅଷ୍ଟମୀଙ୍କ ଗାଁ ଜାମଗାଁକୁ ଯାଇ ପରିବାର ଲୋକଙ୍କୁ ଗୋଟିଏ ମାସର ଦରମା ବାବଦକୁ ୭୩ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି।



# ତରଭା ରଥଯାତ୍ରା ପାଇଁ ପ୍ରସ୍ତୁତି

**ତରଭା, ୨୮।୫(ସମିସ):** ତରଭା ତରଭା ରଥଯାତ୍ରା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ବୁଧବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ଗଗନ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ ସ୍ୱାଗତ ଭାଷଣ ଦେବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ପାଳିତ ହୋଇ ପାରିବ ସେ ବିଷୟରେ ଉପସ୍ଥିତ ଜନସାଧାରଣ ଓ କାଉନସିଲରଙ୍କ ମତ ଲୋଡା ଯାଇଥିଲା। ଏହି ଅବସରରେ ତରଭା ଶ୍ରୀ ଦଧିବାବନଙ୍କ ରଥଯାତ୍ରାର ସୁପରିଚାଳନା ସକାଶେ ବିଭିନ୍ନ କମିଟି ଗଠନ କରଯାଇଛି। ରଥ ପରିଚାଳନା କମିଟିର ସଭାପତି ଭାବେ ରତନ ଲାଲ ଅଗ୍ରୱାଲ, ଉପ ସଭାପତି ଭାବେ ମଧୁସୂଦନ ପାଣ୍ଡେ ମନୋନୀତ ହୋଇଛନ୍ତି। ସେହିଭଳି ପୂଜା କମିଟି, ସାଂସ୍କୃତିକ କମିଟି ଗଠନ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତରଭାର ସମସ୍ତ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହଯୋଗ କାମନା କରାଯାଇ କମିଟି ଗଠନ କରାଯାଇଛି। ସନ୍ଧ୍ୟା ୫ଟାରେ ରଥଟଣା ଆରମ୍ଭ କରିବ। ରେଜିଷ୍ଟ୍ରିଭୁକ୍ତ ପଡ଼ା ତରଫରୁ ପ୍ରଦାନ କରାଯାଉଥିବା ଉପନ ଭୋଗ ସାନ୍ଧ୍ୟ ୫ଟା ପୂର୍ବରୁ ସାରିବାକୁ ଅନୁରୋଧ କରାଯାଇଛି। ରଥ ମରାମତି ପାଇଁ ଆବଶ୍ୟକ କାଠ ଓ ବିଭିନ୍ନ ଉପକରଣ ଶୀଘ୍ର ଆଣି ରଥ ପ୍ରସ୍ତୁତ କରିବା ଏବଂ ଦେବୋତ୍ତର ବିଭାଗରୁ ପ୍ରତିବର୍ଷ ଯେପରି ଅନୁଦାନ ଆସିବ ସେ ବିଷୟରେ ଚିଠି କରାଯିବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୋନପୁର ଏସ୍‌ପିଙ୍କୁ ସାକ୍ଷାତ କରିବା, ରାତି ୧୦ଟାରେ ମୀନା ବଜାର ବନ୍ଦ କରାଯିବା, ରଥଯାତ୍ରା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସମ୍ବନ୍ଧରେ ଆଲୋଚନା ପରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।



ବୈଠକରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଆଇଆଇସି ଅନିତା କିଡୋ, ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର, ବ୍ଲକ କୋଷାଧ୍ୟକ୍ଷ ଲକ୍ଷ୍ୟବ୍ରତ ନାଏକ, କାଉନସିଲର ଆକବର ଅଲ୍ଲୀ, ସନ୍ତୋଷ ମେହେର, ବିଦ୍ୟାଧର ଦେହେରୀ, ସୁଜାତା ରଥ, ସତ୍ୟନାରାୟଣ ପୁଜାହାରୀ, ମାନସ ସାହୁ, କିରଣ ନାଏକ, ସୁରେନ୍ଦ୍ର ଦଳବେହେରା, ପରେଶ ପୂଜାହାରୀ, ଅଶୋକ ସାହୁ, ପ୍ରଦୀପ ପାଣିଗ୍ରାହୀ, ସନ୍ତୋଷ ସାହୁ, ପ୍ରଦୀପ ମହାଣା, ଦୁର୍ଗା ଷଡଙ୍ଗୀ, ଜୟପ୍ରକାଶ ନାରାୟଣ ସାହୁ, ସଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ମାନ ଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ଭୋଲା ବର୍ମା, ସୁକାନ୍ତ ମିଶ୍ର, ରାଜେଶ ଗୁରୁ, ଭରତ ମେହେର, ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୋକାନ ଉଚ୍ଛେଦ ନୋଟିସ୍ ପରେ ଉତ୍ତେଜନା

**ନୂଆପଡ଼ା, ୨୮।୫(ସମିସ)**

ନୂଆପଡ଼ା ସହରର ସୌନ୍ଦର୍ଯ୍ୟକରଣ ସହ ଦୁର୍ଘଟଣା ପ୍ରବଣତାକୁ ରୋକିବାକୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ଏନ୍‌ଏସି ପ୍ରଶାସନ ତରଫରୁ ନୋଟିସ କରାଯିବାପରେ ଉଠା ଦୋକାନୀ ସଂଘ ତରଫରୁ ନୂଆପଡ଼ା ବନ୍ଦ ଡାକରା ଦିଆଯାଇଛି। ଏନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବେରୋଜଗାର ଉଠାଦୋକାନୀମାନଙ୍କୁ ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଚଳିତ ମାସ ୨୩ ତାରିଖରେ ସାତ ଦିନ ଭିତରେ ରାସ୍ତା ପାର୍ଶ୍ୱରୁ ଦୋକାନ ଉଠାଇବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ଏହି ନୋଟିସ ଜାରି ହେବାପରେ ବର୍ତ୍ତମାନ ସ୍ଥିତିରେ ଦୋକାନ ଘର ଛାଡିଲେ ପରିବାର ପ୍ରତିପୋଷଣକୁ ନେଇ ଦୋକାନୀଙ୍କ ମଧ୍ୟରେ ଭାଲେଣି ପଡ଼ିଗଲା। ଦୋକାନୀମାନେ ଏକତ୍ରିତ ହୋଇ ବୁଧବାର ଦିନ ନୂଆପଡ଼ାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ଏପରିକି ପରିବା ଦୋକନ ମଧ୍ୟ ବନ୍ଦ ଥିଲା। ମଧ୍ୟାହ୍ନରେ ଦୋକାନୀମାନେ ଏକଜୁଟ ହୋଇ ଏକତା ଛକ ନିକଟରେ ପ୍ରତିବାଦ ସଭା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଭାନୁ ପ୍ରତାପ ସିଂ ମାଝୀ, ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମରେ ଦୋକାନୀମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ବେରୋଜଗାରମାନଙ୍କୁ ଥଇଥାନ ପ୍ରକ୍ରିୟା ଚାଲିଛି; ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।



> **ଉଠାଦୋକାନୀଙ୍କ ୬ ଘଣ୍ଟିଆ ନୂଆପଡ଼ା ବନ୍ଦ**
> **ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

# ପରାକ୍ରମ ଶୋଭାଯାତ୍ରାରେ ସୋନପୁର ସହର ତ୍ରିରଙ୍ଗାମୟ

**ସୋନପୁର, ୨୮।୫(ସମିସ):** ସୁବର୍ଣ୍ଣପୁରରେ ବୁଧବାର ସକାଳେ ଏକ ଭବ୍ୟ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରଠାରୁ ଆରମ୍ଭ ହୋଇ ବିଜୁପଟ୍ଟନାୟକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଉପଜିଲ୍ଲାପାଳ ସୌମ୍ୟରୂପା ରଥ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ସେବା ସଂଗଠନର ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ମହିଳା ସମନ୍ୱୟ ସମିତି ତରଫରୁ ବିଜୁ ପଟ୍ଟନାୟକ ଛକଠାରେ ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବରଗଡ଼ରୁ ସୁଶ୍ରୀ ଜୟଶ୍ରୀ ମହାପାତ୍ର ଯୋଗ ଦେଇଥିଲେ। ଆରତି ଖମାରୀ, ସ୍ମିତାରାଣୀ ମେହେର, ନିରୂପମା ପରଧିଆ, ସୁନନ୍ଦା ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ସରିତା ସାହୁ, ପୁଷ୍ପାଞ୍ଜଳି ମଲ୍ଲିକ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମାରୱାଡ଼ି ଯୁବାମଞ୍ଚ ଓ ଟ୍ରକ ଆସୋସିଏସନ ସହଯୋଗ କରିଥିଲା।



# ସାମ୍ବାଦିକ ସୁରକ୍ଷା ଆଇନ୍ ଆଣିବାକୁ ଜାବ୍‌ର ଦାବି

**ବରଗଡ଼, ୨୮।୫(ସମିସ):**



ସାମ୍ବାଦିକଙ୍କୁ ଦେଶରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଆଖ୍ୟା ମିଳିଛି। କିନ୍ତୁ ବିଭିନ୍ନ ସମୟରେ ସେମାନେ ଅସୁରକ୍ଷିତ ତଥା ଅବହେଳିତ ହେଉଥିବା ଘଟଣା ସାମ୍ନାକୁ ଆସୁଛି। ବର୍ତ୍ତମାନ ସାମ୍ବାଦିକ ନିଜ ସ୍ୱତନ୍ତ୍ରତା ଅନୁଯାୟୀ ସାମ୍ବାଦିକତା କରିବାକୁ ଅସମର୍ଥ। କାରଣ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କୌଣସି ବଳିଷ୍ଠ ପଦକ୍ଷେପ ନେଉନାହାନ୍ତି। ସମାଜରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଦୁର୍ନୀତିକୁ ଲୋକଲୋଚନକୁ ଆଣିଲେ ସାମ୍ବାଦିକଙ୍କୁ କେବେ ରାଜନୈତିକ ଚାପ ତ କେବେ ଠିକାଦାରଙ୍କ ଅତ୍ୟାଚାରର ସାମ୍ନା କରିବାକୁ ପଡୁଛି। ନଗଣ୍ୟ ଦରମାରେ ସମାଜସେବାରେ କାର୍ଯ୍ୟରତ ସାମ୍ବାଦିକ କାହାରିକୁ ଖାତିର ନକରି ସତ୍ୟର ସନ୍ଧାନରେ ଲାଗିଥାଏ। କାରଣ ସେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ।

ବଲାଙ୍ଗିର ଅଞ୍ଚଳରେ ଜଣେ ଠିକାଦାର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ କଙ୍ଗାରୁ କୋର୍ଟ କରି ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ତଥାପି ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ପ୍ରତି କୌଣସି ଚରମ ପଦକ୍ଷେପ ନନେବା ଅତି ଦୁଃଖର ବିଷୟ। ତେଣୁ ବୁଧବାର ରାଜ୍ୟରେ ସାମ୍ବାଦିକ ସୁରକ୍ଷା ପାଇଁ ପଦକ୍ଷେପ ନେବା ନିମନ୍ତେ ଓୟୁଜେର ନିର୍ଦ୍ଦେଶକ୍ରମେ ବିଭିନ୍ନ ଦାବି ନେଇ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ବରଗଡ଼(ଜାବ୍) ଅଣ୍ଟାଭିଡ଼ିଛି। ଜାବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବଲାଙ୍ଗିର ସାମ୍ବାଦିକଙ୍କୁ ମାଡ଼ ଘଟଣାରେ ଗିରଫ ଅଭିଯୁକ୍ତକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଏବଂ ଛତିଶଗଡ଼ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ମଧ୍ୟ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି ରଖାଯାଇଛି। ଏହାସହ ସରକାରଙ୍କ କାର୍ଯ୍ୟକାଳର ଏକ ବର୍ଷ ପୂର୍ତ୍ତୀ ଅବସରରେ ଓୟୁଜେର ମୂଳ ଦାବି ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ୧୬ ବର୍ଷ ଧରି ଶୀତଳଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସ୍ୱାସ୍ଥ୍ୟବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ସମୟରେ ଜାବ୍‌ର ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁ, ଉପସଭାପତି ବ୍ୟୋମକେଶ କର, ସଦସ୍ୟ ହେମନ୍ତ ପ୍ରଧାନ, ହେମନ୍ତ ନାୟକ, ସରୋଜ ଷଡ଼ଙ୍ଗୀ, ରଞ୍ଜିତ ଦାଶ, ଅଶ୍ୱିନୀ ପାତ୍ର, ଯୁଧିଷ୍ଠିର ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ବଳରାମ ବାଗ, ବଳରାମ ଦୀପ, ରାଜେଶ ମିଶ୍ର, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କାନାଡାରେ ଓଡ଼ିଆ ଶିକ୍ଷାବିତ୍‌ଙ୍କ ବକ୍ତବ୍ୟ



**ପଦ୍ମପୁର, ୨୮।୫(ସମିସ):** କାନାଡା ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ ବ୍ରାମ୍ପଟନରେ ଗତ ୨୫ ଓ ୨୬ରେ ଦ୍ୱିଦିବସୀୟ କାନାଡା ରାଷ୍ଟ୍ରୀୟ ହିନ୍ଦୁ ମହା ଅଧିବେଶନ ହୋଇଯାଇଛି। ଏଥିରେ କାନାଡା ସମେତ ଅନ୍ୟ ଦେଶର ପ୍ରାୟ ୬ ଶହ ବୌଦ୍ଧ, ହିନ୍ଦୁ, ଜୈନ, ଇହୁଦୀ, ଅନେକ ହିନ୍ଦୁ ସଂଗଠନ ଓ ମନ୍ଦିର ପରିଚାଳନା କମିଟି ପ୍ରତିନିଧି ଯୋଗ ଦେଇଥିଲେ। କାନାଡା ସରକାରଙ୍କ ମନ୍ତ୍ରୀ, ବିଧାୟକ, ସାଂସଦ, ମେୟର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହିନ୍ଦୁ ସଂଗଠନ, ସମାଜ ନିର୍ମାଣ, କାନାଡାର ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶାର ଶିକ୍ଷାବିତ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ କାର୍ଯ୍ୟକର୍ତ୍ତା ଡ.ବାଞ୍ଛାନିଧି ପଣ୍ଡା ବିଦ୍ୟା ଭାରତୀ ଢାଞ୍ଚାରେ ହିନ୍ଦୁ ମୂଲ୍ୟ ଭିତ୍ତିକ ଶିକ୍ଷା ପାଇଁ ବିଦ୍ୟାଳୟ କିପରି ଖୋଲା ଯାଇ ପାରିବ ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ବିଶ୍ୱ ବିଭାଗ ଦାୟିତ୍ୱରେ ଥିବା ପୂଜ୍ୟ ସ୍ୱାମୀ ବିଜ୍ଞାନାନନ୍ଦଙ୍କ ମାର୍ଗଦର୍ଶନରେ ହୋଇଥିବା ସମ୍ମିଳନୀରେ କାନାଡା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ମନୀଷ ପୁରୀ, ଉପ ସଭାପତି ଜ୍ଞାନଚନ୍ଦନୀ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ବଣ୍ଟନ



**ଗାଇସିଲେଟ, ୨୮।୫(ସମିସ):** ବିଭିନ୍ନ ସରକାରୀ ଯୋଜନା ମଧ୍ୟରୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅନ୍ୟତମ। ଏଥିରେ ବିଭାଗ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ସରକାର ଭତ୍ତା ସହିତ ଟ୍ରାଇ ସାଇକେଲର ବ୍ୟବସ୍ଥା କରିଛନ୍ତି। ଯୋଜନାର ସୁଫଳ କେମିତି ଲୋକଙ୍କ ପାଖକୁ ପହଞ୍ଚିପାରିବ ସେଥିପାଇଁ ଗାଇସିଲେଟ ବ୍ଲକର ଯୁବ ନେତା ଯଜ୍ଞେଶ୍ୱର ପଧାନ ବ୍ଲକକୁ ଯାଇ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଧବାର ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀ ସମସ୍ତ ପ୍ରମାଣ ପତ୍ର ଦେଇ ଆବେଦନ କଲେ ଯଥାଶୀଘ୍ର ସେମାନଙ୍କୁ ଟ୍ରାଇ ସାଇକେଲ ଯୋଗାଇଦେବାକୁ କହିଥିଲେ। ପ୍ରଥମେ ନିଜ ଗାଁ ବୁରୋମୁଣ୍ଡାର ୩ ଜଣ ଭିନ୍ନକ୍ଷମଙ୍କ ପାଇଁ ଆବେଦନ କରିଥିଲେ। ଆବେଦନ କରିବାର ଗୋଟିଏ ଦିନ ମଧ୍ୟରେ ବ୍ଲକ ପ୍ରସାଶନ ସାଇକେଲ ଯୋଗାଇ ଦେଇଥିଲା।

## ୨୭୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



**ପାଇକମାଳ, ୨୮।୫(ସମିସ):** ପାଇକମାଳ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବୟସ୍କା ଅବିବାହିତ ମହିଳା ତଥା ଛାଡ଼ପତ୍ର ନେଇଥିବା ମହିଳା ସମେତ ମୋଟ ୨୭୩ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସମସ୍ତଙ୍କୁ ଭତ୍ତା ୧୦୦୦ ଟଙ୍କା ଓ ଗ୍ରୀଷ୍ମକାଳୀନ ଭତ୍ତା ୪୦୦ ଟଙ୍କା ମିଶାଇ ୧୪୦୦ ଟଙ୍କା ଲେଖାଁଏ ଦିଆଯାଇଥିଲା। ପାଇକମାଳ ବିଡିଓ ପ୍ରଫୁଲ୍ଲ ଉଦୁ ସଭା ପରିଚାଳନା କରିଥିବା ବେଳେ ନିତି ଆୟୋଗ ଅଧିକାରୀ ମଧୁସ୍ମିତା ବେହେରା, ବିଏସଏସଓ ଭବାନୀ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

## ହାଇଟେକ୍ ସର୍ଭେ ରଦ୍ଦ କରିବାକୁ ମନ୍ତ୍ରୀଙ୍କୁ ଦାବି

**ଦେବଗଡ଼, ୨୮।୫(ସମିସ):** ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ସାକ୍ଷାତ କରିଛି। ଜିଲ୍ଲାରେ ହୋଇଥିବା ହାଇଟେକ ସର୍ଭେ ସମ୍ପର୍କରେ ଏହି ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଛି। ସ୍ଥାନୀୟ ସର୍କିଟ ହାଉସ ପରିସରରେ ମନ୍ତ୍ରୀଙ୍କୁ ସାକ୍ଷାତ କରି ବ୍ୟାପକ ତ୍ରୁଟିଯୁକ୍ତ ହାଇଟେକ ସର୍ଭେ ସମ୍ପୂର୍ଣ୍ଣ ବାତିଲ କରିବାକୁ କମିଟି ଦାବି କରିଛି। ଏହି ସର୍ଭେ ଯୋଗୁଁ ଦେବଗଡ଼ ଜିଲ୍ଲାର ଜମି ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମୁଖୀନ ହେଉଥିବା ଦର୍ଶାଇ ଏହି ଦାବି କରାଯାଇଛି। ମନ୍ତ୍ରୀ ଶ୍ରୀ ପୂଝାରୀ ମଧ୍ୟ କମିଟିର ଦାବିକୁ ହୃଦୟଙ୍ଗମ କରିଛନ୍ତି। ଆଇନ ସଂଶୋଧନ କରିବା ପରେ ଏହି ସର୍ଭେକୁ ବାତିଲ କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପାଦକ ସୁଧୀର କପରଦାର ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ନାଗରିକ କମିଟି ପ୍ରତିନିଧି ଦଳରେ ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ପବିତ୍ର ପ୍ରଧାନ, ସୁଦାମ ବୁଢ଼ା, ପୁରୁଷୋତ୍ତମ ସାହୁ, ସନ୍ତୋଷ ସାହୁଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୋଗରେ ପ୍ରେମିକ ଗିରଫ



**ଦେବଗଡ଼, ୨୮।୫(ସମିସ):** ରିଆମାଳ ଥାନା ପୁଲିସ ଜଣେ ପ୍ରତାରକ ପ୍ରେମିକକୁ ଗିରଫ କରଛି। ଅଭିଯୁକ୍ତ ହେଉଛି ଚିରଗୁଣିକୁଦର ଗ୍ରାମର ସୁନୀଲ ରାଉତ। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପାଖ ଗାଁର ଜଣେ ୧୯ ବର୍ଷୀୟା ଯୁବତୀ ସହ ସେ ୫ ବର୍ଷ ହେବ ସମ୍ପର୍କରେ ଅଛି। ଯୁବତୀ ଜଣକ ନବମ ଶ୍ରେଣୀ ପାଠ ପଢୁଥିବା ସମୟରୁ ଉଭୟଙ୍କ ଭିତରେ ବନ୍ଧୁତା ସୃଷ୍ଟି ହୋଇଛି। ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ସେ ଅନେକ ସମୟରେ ନିଜ ଘରକୁ ନେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଉଭୟ ଅନେକ ସମୟ ଧରି ମୋବାଇଲ ଫୋନରେ କଥା ବାର୍ତ୍ତା ହେଉଥିଲେ। ଯୁବତୀ ଜଣକ ବିବାହ ପାଇଁ କହିବାରୁ ୧୫ ଦିନ ହେବ ସୁନୀଲ ପ୍ରେମିକାର ଫୋନ ନମ୍ବରକୁ ବ୍ଲାକ ଲିଷ୍ଟ କରିଦେଇଥିଲା। ଯୁବତୀ ଜଣକ ବାଧ୍ୟ ହୋଇ ସାକ୍ଷାତ କରି ସୁନୀଲକୁ ବିବାହ ପାଇଁ କହିଥିଲେ; ହେଲେ ସୁନୀଲ ବିବାହ ପାଇଁ ରୋକଠୋକ ମନା କରିଦେଇଥିଲା। ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣି ଶେଷରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ଦୁଷ୍କର୍ମ ସହ ପକ୍‌ସୋ ଆଇନ ଅନୁସାରେ ମାମଲା ରୁଜୁ କରି ସୁନୀଲକୁ ଗିରଫ କରିଛି।

## ଚୌସିଙ୍ଗା ଶିକାର ଅଭିଯୋଗରେ ଶିକାରୀ ଗିରଫ



**ଝାରସୁଗୁଡା, ୨୮।୫(ସମିସ):** ଚୁଆକାନୀ ଜଙ୍ଗଲରୁ ଚୌସିଙ୍ଗା ଶିକାର ଅଭିଯୋଗରେ ବନବିଭାଗ ଆଦିବାସୀ କଲୋନୀ ରଙ୍ଗିଆ ମୁଣ୍ଡା ଅଞ୍ଚଳର ସରୋଜ ମୁଣ୍ଡା (୪୮)କୁ ଗିରଫ କରିଛି। ଏହା ସହିତ ଅଭିଯୁକ୍ତ ଘରୁ ୩ କେଜି କଞ୍ଚା ମାଂସ, ୧.୫ କେଜି ରନ୍ଧା ମାଂସ, ୩ଟି ଫାସ, କଟୁରି, ପନିକି ଆଦି ବନ ବିଭାଗ ଜବତ କରିଛି। ଅଭିଯୁକ୍ତ ସରୋଜ ଚୁଆକାନୀ ଜଙ୍ଗଲରୁ ଚୌସିଙ୍ଗା ଶିକାର କରି ଘରେ ମାଂସ ବିକ୍ରି କରୁଥିଲା। ଏ ନେଇ ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆ ଖବର ପାଇ ଡେପୁଟି ରେଞ୍ଜର ସୁଦେଶନା ପ୍ରଧାନ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ଉଲାପ ବିଟ ଫରେଷ୍ଟର ଉପେନ୍ଦ୍ର ବେସନ, ରାଜପୁର ଫରେଷ୍ଟର ସରୋଜ ଭୋଇ, ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁ, ପାରା ଷ୍ଟାଫ ଯୋଗେଶ ଦେହୁରୀ ପ୍ରମୁଖ ଚଢଉ କରିଥିଲେ।

## ମାଦକ ଦ୍ରବ୍ୟ ବନ୍ଦ ଦାବି କଲେ ଗ୍ରାମବାସୀ

**ଝାରସୁଗୁଡ଼ା, ୨୮।୫(ସମିସ):** ଝାରସୁଗୁଡା ଜିଲ୍ଲା ଭଅଁରଖୋଲ ପଞ୍ଚାୟତ ସାଗରପାଲି ଗ୍ରାମର ଖଲିଆପଡ଼ାବାସୀ ମାଦକ ଦ୍ରବ୍ୟ ବନ୍ଦ ଦାବି କରିଛନ୍ତି। ଗ୍ରାମବାସୀ ଝାରସୁଗୁଡା ଏସ୍‌ପି ଏବଂ ଜିଲ୍ଲା ଅବକାରୀ ଅଧିକରୀଙ୍କ କାର୍ଯ୍ୟାଳୟକୁ ଯାଇ ଖଲିଆପଡ଼ାରେ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯେଉଁମାନେ ମାଦକ ଦ୍ରବ୍ୟ ସେବନ କରି ଗାଁରେ ଗଣ୍ଡଗୋଳ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବିଧାୟକଙ୍କ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପରିଦର୍ଶନ



**ଝାରସୁଗୁଡ଼ା, ୨୮।୫(ସମିସ):** ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବୁଧବାର କପୂମାଲସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ତାଲିମ କେନ୍ଦ୍ରରେ ୬୦ ଜଣ ଛାତ୍ରୀ ମୋବାଇଲ ଉପରେ ତାଲିମ ନେଉଛନ୍ତି। ଏହି ତାଲିମ କେନ୍ଦ୍ର ବାଙ୍ଗାଲୋରସ୍ଥିତ ଟାଟା ଇଲେକ୍ଟ୍ରୋନିକ ସହ ଅନୁବନ୍ଧିତ ହୋଇଛି। ଆଉ ୨୦ ଦିନ ପରେ ଏହି ଛାତ୍ରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ।

## କ୍ଷତିଗ୍ରସ୍ତ ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଝାରସୁଗୁଡ଼ା, ୨୮।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ରାଜପୁର ପଞ୍ଚାୟତ ରାଜପୁର ଦୁର୍ଗାମଣ୍ଡପରେ ଏନଟିପିସି ଦରଲଇପାଲି କାରଖାନା ପକ୍ଷରୁ ହୀରାକୁଦ ଜଳଭଣ୍ଡାରରୁ ପାଣି ନେବାପାଇଁ ବିଛା ଯାଇଥିବା ପାଇପ୍ ଲାଇନ କାର୍ଯ୍ୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଝାରସୁଗୁଡା ସଦର ବ୍ଲକ ରାଜପୁର ଚାନ୍ଦନୀମାଲ, ଗଉରମାଲ ଓ ଲୋଇସିଂହ ପଞ୍ଚାୟତର ଚାଷୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ ରାଜପୁରର ବୟୋଜ୍ୟେଷ୍ଠ ଚାଷୀ ଉମାକାନ୍ତ ମେହେରଙ୍କୁ ସଭାପତି ଭାବରେ ଚୟନ କରାଯାଇ ଉପସ୍ଥିତ ସମସ୍ତ ଚାଷୀଙ୍କୁ ସଭ୍ୟ ହିସାବରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏନଟିପିସି ଦରଲିପାଲି କମ୍ପାନୀ କର୍ତ୍ତୃପକ୍ଷ କିଛିବର୍ଷ ପୂର୍ବେ ରାଜପୁର, ଚାନ୍ଦନୀମାଲ, ଗୌରମାଲ, ଲୋଇସିଂହ ପଞ୍ଚାୟତ ଅଧୀନ ଚାଷୀଙ୍କ ରୟତି ଜମିରେ ପାଇପ୍ ଲାଇନ ନେବାପାଇଁ ସମ୍ପୃକ୍ତ ଚାଷୀଙ୍କୁ ନୋଟିସ ଦେଇ ସାମାନ୍ୟ କ୍ଷତିପୂରଣ ଦେଇ ହୀରାକୁଦ ଜଳଭଣ୍ଡାରରୁ ଦରଲିପାଲି ପର୍ଯ୍ୟନ୍ତ ପାଇପ୍ ଲାଇନ ନେଇଥିବା ବୈଠକରେ ଅଭିଯୋଗ କରିଥିଲେ। ସେହି ସମୟରେ କ୍ଷତିଗ୍ରସ୍ତ ଚାଷୀ ସେମାନଙ୍କ ସମ୍ପୃକ୍ତ ଜମିକୁ ସମ୍ପୂର୍ଣ୍ଣ ରୂପେ ଅଧିଗ୍ରହଣ ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏନଟିପିସି କମ୍ପାନୀ କର୍ତ୍ତୃପକ୍ଷ ଏହାକୁ କର୍ଣ୍ଣପାତ କରି ନ ଥିଲା। ବର୍ତ୍ତମାନ ପୁଣି କମ୍ପାନୀ କର୍ତ୍ତୃପକ୍ଷ ଦ୍ୱିତୀୟ ଥର ଉକ୍ତ ଜମିରେ ପାଇପ୍ ଲାଇନ ନେବାପାଇଁ ମସୁଧା କରୁଥିବା ଚାଷୀ ବିଭିନ୍ନ ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ପାଉଛନ୍ତି; କିନ୍ତୁ ଚାଷୀଙ୍କୁ ଏପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ କୌଣସି ନୋଟିସ୍ ହୋଇନି। ତେଣୁ ଅନୁଷ୍ଠିତ ବୈଠକରେ ବିନା ନୋଟିସ୍‌ରେ କମ୍ପାନୀ ପକ୍ଷରୁ ଯଦି କାର୍ଯ୍ୟ ଆରମ୍ଭ କରାଯାଏ ତେବେ ଏହାକୁ ତୀବ୍ର ବିରୋଧ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହା ସହ ଏନଟିପିସି ଦରଲିପାଲି କମ୍ପାନୀର କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।

## ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



**ଦେବଗଡ଼, ୨୮।୫(ସମିସ):** ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ଦିନକୁ ଦିନ ବିପନ୍ନ ହୋଇପଡ଼ିଛି। ଏଣୁ ଛତିଶଗଡ଼ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଦେବଗଡ଼ ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ସ୍ମାରକ ପତ୍ର ମାଧ୍ୟମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ମନ୍ତ୍ରୀ ଶ୍ରୀ ପୂଜାରୀ ଦେବଗଡ଼ ଗସ୍ତରେ ଆସିଥିବା ବେଳେ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସରକାରଙ୍କୁ ଏକ ବର୍ଷ ପୂରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି, ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ ଓ ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପାମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ୍ ୧୨ ପୂର୍ବରୁ ଘୋଷଣା କରିବାକୁ ଉଲେଖ କରାଯାଇଛି। ମନ୍ତ୍ରୀ ଶ୍ରୀ ପୁଝରୀ ଦାବିଗୁଡ଼ିକ ଉପରେ ସରକାର ଗୁରୁତ୍ୱ ଦେବା ସହ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓୟୁଜେର ପୂର୍ବତନ ସାଧାରଣ ସମ୍ପାଦକ ତଥା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅଶୋକ ନନ୍ଦ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟ ନାରାୟଣ ମିଶ୍ର, ବ୍ରିଜେଶ ରଞ୍ଜନ ସାହୁ, ଅନୁଜ ପ୍ରଧାନ, ସଞ୍ଜୀବ ପାଣିଗ୍ରାହୀ, ନିର୍ମାଲ୍ୟ ସାହୁ, ଶକ୍ତି ସୌରଭ ନନ୍ଦ, ଶିବାଶିଷ ଝାଙ୍କର ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ନାଟ୍ୟକାର ମଙ୍ଗଳ ମହାଙ୍କୁରଙ୍କ ସ୍ମୃତିଚାରଣ

**ଦେବଗଡ଼, ୨୮।୫(ସମିସ):** ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜାଗରଣ ଆର୍ଟ ଇଣ୍ଟର ନେସନାଲ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ମାର୍କଣ୍ଡେଶ୍ୱର ଶତପଥୀ, ଆଇନଜୀବୀ ଦିଲୀପ ଗୁରୁ, ସାମ୍ବାଦିକ ଅଶୋକ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର, ସୁଜିତ ପାତ୍ର, ଚିତ୍ତରଞ୍ଜନ ଦାସ, ଜନ୍ମଜୟ ନାୟକ, ରାକେଶ ଶତପଥୀ, ବିଶାଳ ନାୟକ, ଅମ୍ଳାନଶୁ ପୂଜାରୀ ପ୍ରମୁଖ ସ୍ୱର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଚାରଣ କରିଥିଲେ। କର୍ମକର୍ତ୍ତା ପ୍ରଦୀପ ପାତ୍ର, ଶ୍ରବଣ ନାଏକ, ଶିବାଶିଷ ଝାଙ୍କର, ପ୍ରକାଶ ଦେବତା, ସୌମ୍ୟରଞ୍ଜନ ନାୟକ, ଶୁଭମ ନନ୍ଦ, ନମନ ନାୟକ, ବିଷ୍ଣୁପ୍ରିୟା ଗଡ଼ତିୟା, ଜୁଲିରାଣୀ ଷଣ୍ଢ, ରେଶମା ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।

## ସନ୍ତୋଷ ସିଂ ସାଲୁଜା କଂଗ୍ରେସର ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ

**ଝାରସୁଗୁଡା, ୨୮।୫(ସମିସ):** ଝାରସୁଗୁଡା ଜିଲ୍ଲା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରିଛି। ଏହା ସହିତ ପିସିସି ସାଧାରଣ ସମ୍ପାଦକ ପବିତ୍ର ସାଉନ୍ତ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ପିସିସି ସମ୍ପାଦକ ସୀମାଞ୍ଚଳ ଗିରି ଉଲାକାଙ୍କୁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

## ମାରୱାଡ଼ିପଡ଼ା ପୋଖରୀର ପୁନଃଉଦ୍ଧାର କାର୍ଯ୍ୟ ଆରମ୍ଭ



**ଝାରସୁଗୁଡା, ୨୮।୫(ସମିସ):** ଝାରସୁଗୁଡ଼ା ୩ ନମ୍ବର ୱାର୍ଡ ଅଧୀନ ମାରୱାଡ଼ିପଡ଼ାରେ ଥିବା ମହାପ୍ରଭୁ ବନ୍ଧର ପୁନଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ୧୦ ବର୍ଷ ହେବ ଏହି ପୋଖରୀକୁ ପୋତିବାକୁ ଷଡ଼ଯନ୍ତ୍ର ହୋଇଥିଲା। ଏ ନେଇ କାଉନସିଲର ବନ୍ଦନା ମୁଦ୍ରା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ପୋଖରୀ ବିଷୟରେ ଅବଗତ କରାଇଥିଲେ। ଏହାପରେ ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପୋଖରୀର ପୁନଉଦ୍ଧାର କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ପୋଖରୀ ପୁନଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବର୍ଷା ଆସୁଥିବାରୁ ଶୀଘ୍ର ପୋଖରୀ କାମ ସାରିବାକୁ ପୌର ପରିଷଦ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ବିମଳେନ୍ଦୁ ଭୋଲ, ଉପ ନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆମର୍ଭ ହୋଇଛି।

**ଅଦିନିଆ ବର୍ଷାକୁ ଧାନ ବିକ୍ରି ସମସ୍ୟା**

# ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବରଗଡ଼, ୨୮।୫(ସମିସ):**



ଧାନ ବିକ୍ରି ସମସ୍ୟା ଏବଂ ଅଦିନିଆ ବର୍ଷାକୁ ନେଇ ଜୟ କିଷାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ସହ ବୁଧବାର ଆଲୋଚନା କରିଛି। ଜିଲ୍ଲାରେ ମନ୍ଥର ଗତିରେ ଧାନ ବିକ୍ରି ଚାଲିଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବିକ୍ରି ଆରମ୍ଭରୁ ଆଜି ଯାଏଁ ବିଭିନ୍ନ ସମସ୍ୟାରେ ଜିଲ୍ଲାର ଚାଷୀକୁଳ ଛନ୍ଦି ହେଉଛନ୍ତି। ଟୋକନ ଜନିତ ସମସ୍ୟା, କଟଣି ଛଟଣି ଏବଂ ମଣ୍ଡିମାନଙ୍କରେ ଦଲାଲ ଓ ମିଲରମାନଙ୍କ ଦୌରାତ୍ମ୍ୟରୁ ଚାଷୀ ବର୍ତ୍ତି ପାରୁନାହାଁ। କେବଳ କାଗଜପତ୍ରରେ ଧାନ କିଣା ବିକା ଚାଲିଛି। ଅଳ୍ପ କେତୋଟି ମଣ୍ଡି ଯଥା ବରପାଲି ବ୍ଲକର ସତଲମା, ଭେଡେନ ବ୍ଲକର ରେଶମ, ପଧାନପାଲି ଏବଂ ସଲେପାଲିରେ ଯେଉଁଠି ଚାଷୀ ନିଜେ ଧାନ ନେଇ ବିକ୍ରି କରିବା ପାଇଁ ଉଦ୍ୟମ କରୁଛି ସେଠି ନାନା ପ୍ରକାର କୌଶଳ କରି ଚାଷୀଙ୍କୁ ହଇରାଣ କରାଯାଉଛି। ଅତାବିରା ମଣ୍ଡିରେ ବିକ୍ରି ଆରମ୍ଭ ହେବା ଦିନରୁ ବିଭିନ୍ନ ଚାଷୀଙ୍କ ଧାନ ବିକ୍ରି ନହେଇ ପଡ଼ିରହିଛି। କିନ୍ତୁ ସେଠି ୟାର୍ଡକୁ ଧାନ ନଆଣି ବହୁ ଚାଷୀଙ୍କ ଧାନ ବିକ୍ରି ହେଉଛି। ଏପରି ସମସ୍ୟା ଭିତରେ ଚାଷୀ ଲଢ଼େଇ କରୁଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏସମସ୍ତ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ସହିତ ଆଜି ଆଲୋଚନା ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ ସଂଗ୍ରହ ଏବଂ ମିଲରଙ୍କ ଉପରେ ନିର୍ଭର ନକରି ପାସ୍କ ନିଜେ ସମସ୍ତ ଧାନ କିଣି ଗଚ୍ଛିତ କରୁ ବୋଲି ସଂଗଠନ ପକ୍ଷରୁ ଜିଲ୍ଲାପାଳ ଗୋୟଲଙ୍କୁ ନିବେଦନ କରାଯାଇଥିଲା। ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୩୯, ୯୫, ୧୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା। ହେଲେ ଏପର୍ଯ୍ୟନ୍ତ ୧୬, ୮୭, ୦୦୦ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଛି। ସେହିପରି ସତଲମା ରେଶମ, ପଧାନପାଲି ଏବଂ ସଲେପାଲି ମଣ୍ଡିରେ ପାଞ୍ଚ ଶତକଡ଼ା ବି ଧାନ ବିକ୍ରି ହୋଇ ନଥିବା କହି ଚାଷୀ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଆଲୋଚନାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଯୋଗ ଦେଇଥିଲେ। ମଣ୍ଡିମାନଙ୍କରେ ପଡ଼ି ରହିଥିବା ସମସ୍ତ ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ କିଣିବା ଏବଂ ସରକାର ଧାନ ମାନରେ କୋହଳ କରି ସମସ୍ତ ଧାନ ଉଠାଇବା ବ୍ୟବସ୍ଥା ନକଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସେ ଚେତାବନୀ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପ୍ରଧାନ, ଚଞ୍ଚଳ ପ୍ରଧାନ, ଅରୁଣ ପ୍ରଧାନ, ଭଞ୍ଜନ ବାରିକ, ସିଲିଂ ସାହୁ, ତପୋବନ୍ତ ନାୟକ, ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ବିରଞ୍ଚି ମହାକୁଡ଼ଙ୍କ ସମେତ ବିଭିନ୍ନ ମଣ୍ଡିର ପ୍ରତିନିଧି ଯୋଗ ଦେଇଥିଲେ।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ



**ପାଣିକୋଇଲି,୨୮।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ବେଙ୍ଗା ଆଦିବାସୀ ସାହିରେ ଜୈନିକ ନାବାଳିକାକୁ ଅପହରଣ କରିବା ଅଭିଯୋଗେ ଜଣେ ବିବାହିତ ଯୁବକଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ଏକ ମାମଲା ୩୦୭/୨୫ ରୁଜୁ କରି ତଦନ୍ତ କରି ନାବାଳିକା ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ମାତ୍ର ଏହି ମାମଲାରେ ଜାମିନରେ ଆସିବା ପରେ ଅଦାଲତକୁ ସହଯୋଗ ନ କରିବାରୁ ଅଭିଯୁକ୍ତ ବେଙ୍ଗା ସାହିର ଦଶରଥ ମୁଣ୍ଡାଙ୍କ ପୁଅ ବଂଶୀ ମୁଣ୍ଡାଙ୍କ ନାମରେ ଅଦାଲତ ଗିରଫ ପରୱାନା ଜାରି କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଣିକୋଇଲି ପୁଲିସ ବଂଶୀକୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ଗାଡ଼ି ବ୍ୟାଟେରି ଓ ପାଲ ଚୋରି କରି ଗିରଫ

**ପାଣିକୋଇଲି,୨୮।୫(ସମିସ):** ପାଣିକୋଇଲି ପୁଲିସ ଏକ ଚୋରି ମାମଲାରେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଛିଡା ହୋଇଥିବା ଟ୍ରକରୁ ପାଲ ଓ ବ୍ୟାଟେରି ଚୋରି କ୍ରମାଗତ ଭାବେ ହେଉଛି। ପାଣିକୋଇଲି ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଆଜି ଜଣେ ଅଭିଯୁକ୍ତକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଗୋଳେଇପୁର ଗ୍ରାମର ଇଦ୍ରିସ ଖାନଙ୍କ ପୁଅ ଟିକୋ ଖାନ ୨୨ ତାରିଖ ବିଳମ୍ବିତ ରାତ୍ରୀରେ ତାଙ୍କ ଛିଡାହୋଇଥିବା ଟ୍ରକ୍‌ରୁ ସେକ ଜୁମନ, ସେକ ରାଜୁ ଓ କ୍ଷରୋଦ ମଲିକ ଏକ ବାଇକ୍ ଓ ସ୍କୁଟିରେ ଆସି ୨ଟି ବ୍ୟାଟେରି ଆସି ଚୋରି କରିଥିବା ଖଲାସୀ ଦେଖିଥିଲା। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୪୦/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଖମଣ ପଞ୍ଚାୟତ ନାହାନ୍ଦା ଗ୍ରାମର ଲକ୍ଷ୍ମୀଧର ମଳିକଙ୍କ ପୁଅ କ୍ଷରୋଦ ମଳିକ ମଳିକଙ୍କ ଘରେ ଚଢାଉ କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲା। ଏଥି ସହିତ ତା ଘରୁ ୨ଟି ଚୋରିହୋଇଥିବା ବେଟାରୀ ଓ ଏକ ପାଲ ଜବତ କରାଯାଇଥିଲା। ଫଳରେ କ୍ଷରୋଦକୁ ଗିରଫ କରାଯାଇ ଦଫା ୩୦୩(୨)/୩(୫) ବିଏନ୍‌ଏସରେ ଅଦାଲତ ଚାଲାଣ କରାଯାଇଛି।

## କୂଅରୁ ଗାଈକୁ ଉଦ୍ଧାର କରିବାକୁ ଯାଇ ଯୁବକ ଗୁରୁତର

**ସୁକିନ୍ଦା,୨୮।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଦୁଅବନ୍ଦି ଗ୍ରାମର ଏକ କୂଅରେ ଖସି ପଡ଼ିଥିବା ଗାଈକୁ ଉଦ୍ଧାର କରିବା ସମୟରେ କୂଅରେ ପଡ଼ି ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ବୁଧବାର କାଦୁଅବନ୍ଦି ଗ୍ରାମ ରତିକାନ୍ତ ମହାନ୍ତଙ୍କ କୂଅରେ ଏକ ଗାଈ ଖସିପଡ଼ିଥିଲା। ସେହି ଗାଈକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଯୁବକ ଚେଷ୍ଟା ଜାରି ରଖିଥିବା ବେଳେ ଉଦ୍ଧାରକାରି କୁଶ ମହାନ୍ତ ଭାରସାମ୍ୟ ହରାଇ କୂଅରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗଭୀର କୂଅରେ ଫସି ରହିଥିବା ଯୁବକ ଓ ଗାଈକୁ ଉଦ୍ଧାର କରିବାରେ ବିଫଳ ହୋଇ ସୁକିନ୍ଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀର ରଜନୀକାନ୍ତ ସାମଲ ଏକ ସ୍ୱତନ୍ତ୍ର ଟିମ ନେଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଉପାୟରେ କୁଶ ଓ ଗାଈକୁ ଉଦ୍ଧାର କରିଥିଲେ। ଦମକଳ ବାହିନୀର କର୍ମଚାରୀ ମାନଙ୍କର ସାହସିକତା କାର୍ଯ୍ୟକୁ ସ୍ଥାନୀୟ ଲୋକେ ସାଧୁବାଦ୍ ଦେଇଛନ୍ତି। କୁଶ ଆହତ ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି।

## ଶତାୟୁ ଧର୍ମପ୍ରାଣାଙ୍କ ପରଲୋକ

**ଦଶରଥପୁର,୨୮।୫(ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ରାଣୁଆ ଗ୍ରାମର ସ୍ୱର୍ଗତ ବୃନ୍ଦାବନ ସ୍ୱାଇଁଙ୍କ ଧର୍ମପତ୍ନୀ ତଥା ଶତାୟୁ ମହିଳା ବେଙ୍ଗ ସ୍ୱାଇଁ (୧୦୪)ଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ସେ ବିଗତ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ନାତି, ନାତୁଣୀଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବର ପାଇ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଶିକ୍ଷାବିତ ଦେବ ଦିବାକର ବିହାରା, ସମାଜସେବୀ ଅରୁଣ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମୃତଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ଭକ୍ତଚରଣ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଶ୍ରୀଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ପାଣିକୋଇଲି,୨୮।୫(ସମିସ):** ପଥରପଦା ଗଳିପୋଲ ନିକଟରେ ପଥରପଦା, କାଜିପାଟଣା, ନୂଆଗାଁ, କଣ୍ଟିଗଡିଆ, ନୁରୁଙ୍ଗା, ସଠିପୁର, ପାଣିକୋଇଲି ଗ୍ରାମକୁ ନେଇ ଜୟ ହନୁମାନ ଛକ ଠାରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥି ନିମନ୍ତେ ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା। ଆଜି ପ୍ରତ୍ୟୁଷରୁ ବୈତରଣୀ ନଦୀକୁ କଳସ ଯାତ୍ରା ବିଗ୍ରହସ୍ଥଳରେ ପହଞ୍ଚିଥିଲା। କଳସ ଯାତ୍ରା ମହାସମାରୋହରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଗ୍ରହ ନଗର ଭ୍ରମଣ, ମନ୍ଦିର ନ୍ୟାସ, ମହାସ୍ନାନ, ମନ୍ଦିର ଶୋଧନ, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୂତି କରାଯିବ। ଏଥି ନିମନ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ୩ଦିନ ଧରି ଯୁବକ ନିଖୋଜ
# ଉଦ୍ଧାର କରିବା ଦାବିରେ ରାସ୍ତାରୋକ

**କୁଆଖିଆ,୨୮।୫(ସମିସ)**



କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ୨୩ ବର୍ଷିୟ ପୁଅ ପପୁନି ସୋମବାର ଠାରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ଘଟଣା ଦିନ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାରି ଭିତରେ ୩ ଦିନ ବିତିଗଲାଣି, ପୁଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। ନିଖୋଜ ଯୁବକକୁ ତୁରନ୍ତ ଠାବ କରିବାକୁ ଦାବି କରି ବୁଧବାର ଗ୍ରାମବାସୀଙ୍କ ପକ୍ଷରୁ କୁଆଖିଆ-ଜେନାପୁର ରାସ୍ତାରେ ଧାରଣା ଦେଇଥିଲେ। ଖବର ପାଇ ପୁଲିସ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ନିଖୋଜ ଯୁବକକୁ ତୁରନ୍ତ ଠାବ କରାଯିବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାରି ଭିତରେ ପୁଲିସ ଜଣେ ସନ୍ଦିଗ୍ଧ ଯୁବକକୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ପପୁନି ଘଟଣାଦିନ ସକାଳେ ସାବିତ୍ରୀ ବ୍ରତ ପାଇଁ ବଜାରକୁ ଫଳମୂଳ କିଣିବାକୁ ଯାଇଥିଲେ। ପୂଜା ସାମଗ୍ରୀ ଆଣି ଘରେ ଦେଇ ଗାଡି କିସ୍ତି ଦେବା ପାଇଁ ଟଙ୍କା ଉଠାଇବାକୁ କହି ପୁଣି ବଜାରକୁ ଯାଇଥିଲେ। ସେବେଠାରୁ ଆଉ ଘରକୁ ଫେରିନାହାଁନ୍ତି। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପପୁନିକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଏଣେତେଣେ ଖୋଜାଖୋଜି କରିବାରୁ ତାର ବାଇକ୍‌ଟି କଣିଆକଣ ସ୍ଥିତ ଏକ ପୋଲ ନିକଟରୁ ଉଦ୍ଧାର କରିଥିଲେ। ଉକ୍ତ ବାଇକଟିକୁ ପୋଲ ନିକଟରେ ଥିବା ଦୋକାନ ମାଲିକ ସାଉଁଟି ଜେନା ଚଢୁଥିବାର ସାଧାରଣ ଲୋକ ଦେଖିଥିଲେ ଏବଂ ବାଇକ୍ ଚାବି ଦୋକାନ ମାଲିକଙ୍କ ଠାରୁ ଉଦ୍ଧାର କରାଯାଇଥିଲା। ତେବେ ପୁଅର ନିଖୋଜ ସଂପର୍କରେ ପରିବାର ଲୋକେ ତାକୁ ପଚରାଉଚୁରା କରିବାରୁ ସେ ବାରମ୍ବାର କଥା ବଦଳାଇ ଉତ୍ତର ରଖିଥିଲା। ଏଥିରେ ପରିବାର ଲୋକଙ୍କର ସନ୍ଦେହ ହେବାରୁ ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୋକାନୀକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାଯାଇଛି। ତେବେ ଅଭିଯୋଗକୁ ନେଇ ପୁଲିସ ପକ୍ଷରୁ ତଦନ୍ତରେ ଶୀଥିଳତା, ନିଖୋଜ ଯୁବକର ସନ୍ଧାନ ପାଇବାରେ ବିଫଳତା, ନିଖୋଜ ହେବା ପଛର ଅସଲ କାରଣ ଓ ସେଥିରେ କାହାର ସଂପୃକ୍ତି ରହିଛି ତାକୁ ବାହାର କରିବା ଦାବିରେ ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ଧାରଣାରେ ବସିଥିଲେ। ପୁଲିସ ଘଟଣାରେ ହସ୍ତକ୍ଷେପ କରିବା ସହ ରାସ୍ତାରୁ ଧାରଣା ହଟାଇ ଯାତାୟତ ସ୍ୱାଭାବିକ କରିଥିଲେ।

## କୋରେଇ ବ୍ଲକ୍ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି



**କୋରେଇ,୨୮।୫(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ ଯାଜପୁର ରୋଡ ଲକ୍ଷ୍ମୀଧର ସ୍ୱାଇଁ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ତହସିଲଦାର ବ୍ୟାସନଗର ଦେବାଶିଷ ରାଉତ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ବ୍ୟାସ ସରୋବର ମହିମା ଆଶ୍ରମରେ ଭବ ପ୍ରସାଦଙ୍କୁ ସମ୍ବର୍ଦ୍ଧନା



**ବ୍ୟାସନଗର,୨୮।୫(ସମିସ):** ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବ ପ୍ରସାଦ ଦାସ ବ୍ୟାସ ସରୋବରସ ସ୍ଥିତ ମହିମା ଆଶ୍ରମ ପରିଦର୍ଶନ କରି ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଅବସରରେ ଆଶ୍ରମର ସଭାପତି ତଥା ଯୁବ ନେତା ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଭବ ପ୍ରସାଦଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମହିମା ବାବା ସ୍ୱାଧୀନ ଦାସ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଶ୍ରମର ଭଲ ମନ୍ଦ ବିଷୟରେ ତାଙ୍କ ସହ ଆଲୋଚନା କରିଥିଲେ। ଭବ ପ୍ରସାଦ ଆଶ୍ରମ ସମସ୍ୟା ବିଷୟରେ ବିଷୟରେ ଶୁଣିଲା ପରେ ଏହି ସମସ୍ୟାର ସମାଧାନ ଖୁବ ଶୀଘ୍ର ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ଭବ ପ୍ରସାଦଙ୍କ ସହିତ ବ୍ୟାସନଗର ପୌରଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଉପସ୍ଥିତ ରହିବା ସହିତ ଏହି ଆଶ୍ରମର ଉନ୍ନତିରେ ମୋର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏମାନଙ୍କ ବ୍ୟତିତ ଏହି କାର୍ଯ୍ୟକ୍ରମରେ କାଉନ୍ସିଲର ପାର୍ଥ ସାରଥି ନାୟକ, ବିଜୟ କୁମାର ଜେନା, ଯୁବ ନେତା ପ୍ରତାପ ମହାନ୍ତି, ମନୋଜ ରାଉତ, ମନୋଜ ପରିଡା, ବିକାଶ ଆଇଚ, ପ୍ରଶାନ୍ତ ଖୁଣ୍ଟିଆଙ୍କ ସମେତ ଆଶ୍ରମର ସଦସ୍ୟ ମୋହନ ସାମଲ, ଗୋବିନ୍ଦ ରାଉତ, ବିନୋଦ ବିହାରୀ ସାମଲ, ପ୍ରଭାତ ବଳ, ଅମୂଲ୍ୟ ମଲ୍ଲିକ, କ୍ଷୀରୋଦ ରାଉତ, ରାଜେନ୍ଦ୍ର କୁମାର ନାୟକ, ନିରଞ୍ଜନ ରାଉତ, ଚକ୍ରଧର ନାୟକ, ଟୁଲିଆ ଦେହୁରୀ, ଆଶିଷ କୁମାର ମଲିକ, ଜଗବନ୍ଧୁ ଜେନା, ମନୋଜ ରାଉତ, ଚିପକ୍ ଲାହା, ବିଜୟ ଜେନା ପ୍ରମୂଖ ଉପସ୍ଥିତ ରହିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ

**କବାଟବନ୍ଧ,୨୮ ।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡଳି ଗ୍ରାମରେ ଗତ ୨୬ ତାରିଖ ଦିନ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ନୃସିଂହ ଚରଣ ମଳିକଙ୍କ ଚାଳ ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଏହି ଅଗ୍ନିକାଣ୍ଡରେ ତାଙ୍କର ଲକ୍ଷ୍ୟାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଖବର ପାଇ ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ଅନୁଷ୍ଠାନ ତଥା ସ୍ଥାନୀୟ ବୃନ୍ଦାଦେଇପୁରସ୍ଥ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଅନୁଷ୍ଠାନ ପକ୍ଷରୁ ସହାୟତା ଭାବେ ପ୍ରଦାନ କରାଯାଇଛି। ଏହି ମାନବୀୟ କାର୍ଯ୍ୟରେ ଅନୁଷ୍ଠାନର ଉପଦେଷ୍ଟା କାହ୍ନୁ ଚରଣ ସାହୁ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସଦସ୍ୟ ସିଦ୍ଧାନ୍ତ ପଲାଇ ସାମିଲ ହୋଇଥିଲେ। ସାଧାରଣରେ ଅନୁଷ୍ଠାନର ଏହି ଉଦ୍ୟମକୁ ଅତ୍ୟନ୍ତ ପ୍ରଶଂସା କରାଯାଇଛି।

## ଜୁନ ୬କୁ କଳା ଦିବସ ପାଳିବ ବିଜେଡି



**ଦାନଗଦୀ ୨୮ ।୫ (ସମିସ):** ସୁକିନ୍ଦା ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ଜୁନ ୬ ତାରିଖରେ "ବନ୍ଦ କର ଏ ରକ୍ତର ହୋଲି' ଆନ୍ଦୋଳନ ପାଇଁ ନିଷ୍ପତି ନିଆଯାଇଛି। ଯାହାର ବୈଠକ ଦାନଗଦି ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦାନଗଦି ବ୍ଲକର ୨୩ ଗୋଟି ପଞ୍ଚାୟତର ବିଜୁ ଜନତା ଦଳର ମୁରବୀ ତଥା କର୍ମୀ ମାନେ ଯୋଗଦେଇଥିଲେ। ଦିନକୁ ଦିନ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅଶାନ୍ତ ହୋଇ ଉଠିଛି। ଦିନ ଦି ପହରେ ଗୁଣ୍ଡାରାଜ ଦେଖିବାକୁ ମିଳୁଛି। ଯେଉଁ ବ୍ୟକ୍ତି ନିଜର ହକ ପାଇଁ କିଛି କହିଲା ତାହାକୁ ଶାସକ ବିଜେପିର ଗୁଣ୍ଡା ମାନେ ଆକ୍ରମଣ କରୁଛନ୍ତି। ବିଭିନ୍ନ ବ୍ଲକ୍ ଅଫିସ ବିଜେପି ବାଲାଙ୍କ ଆଡାସ୍ଥଳୀ ପାଲଟିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ଲୋକମାନେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟରତ ଭିନ୍ନକ୍ଷମ ସାମ୍ବାଦିକଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅନ୍ୟାୟ, ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ଯାହାକୁ ନେଇ ବିରୋଧୀ ବିଜୁ ଜନତା ଦଳ ଆଗାମୀ ଜୁନ ୬ ତାରିଖକୁ କଳା ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତି ନେଇଛି।

## ସାଥୀ କମିଟିର ଓରିଏଣ୍ଟସନ କର୍ମଶାଳା

**ଯାଜପୁର,୨୮।୫(ସମିସ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ନିଃସହାୟ ପିଲାମାନଙ୍କୁ ଚିହ୍ନଟ, ଆଧାର ପଞ୍ଜୀକରଣ, ଆଇନଗତ ସହାୟତା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହିତ ସଂଯୋଗୀକରଣକୁ ସୁଗମ କରିବା ଏବଂ କୌଣସି ପିଲା ଯେପରି ଆଇନଗତ ପରିଚୟ କିମ୍ବା ଅଧିକାର ବିନା ନ ରହିବ ତାହାକୁ ନିଶ୍ଚିତ କରିବା ଲକ୍ଷରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା ନିମନ୍ତେ ଏକ ସାଥୀ କମିଟି ଗଠନ କରାଯାଇଛି। ଜିଲ୍ଲା ଜଜ୍ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ପୋକ୍‌ସୋ କୋର୍ଟର ବିଚାରପତି ଅଭିଜିତ ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କମିଟିର ସଦ୍ୟସ୍ୟମାନଙ୍କ ଏକ ଓରିଏଣ୍ଟସନ୍ କର୍ମଶାଳା ସିଭିଲ କୋର୍ଟ ଆଭାସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରାଧିକରଣର ସଚିବ ଲିପା ମହାନ୍ତି, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ. ଏକେ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମାଜ ମଙ୍ଗଳ ଅଧିକାରୀ, ଆରକ୍ଷୀ ଅଧିକାରୀ ପ୍ୟାନେଲ ଲୟର, ପିଏଲ୍‌ଭିମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ହାତୀବାରି,୨୮।୫(ସମିସ):** ହାତୀବାରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯିବା ସହିତ ଅନ୍ୟ ଅଭିଯୋଗ ଗୁଡ଼ିକ ତଦାରଖ କରି ତୁରନ୍ତ ସମାଧାନ ପାଇଁ ବିଡିଓ ପ୍ରଦୀପ କୁମାର ସେଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଆଡ଼ିଶନାଲ ବିଡିଓ ରଞ୍ଜନ କୁମାର ବେହେରା, ଜିପିଓ ସତ୍ୟଭୂଷଣ ବିଶ୍ୱାଳ, ଶୁଭାଙ୍ଗୀ ରୟ, ବୁଲୁ ବେହେରା, ସୁଜାତା ମହାପାତ୍ର, ରାଶପ୍ରଭା ଖଟୁଆ, ମିନର୍ଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତରେ ଏଭଳି ଶିବିର କରିବା ଦ୍ୱାରା ଗରିବ ଓ ସାଧାରଣ ବର୍ଗର ଲୋକମାନଙ୍କ ଅଭିଯୋଗ ସରକାରଙ୍କ ନିକଟରେ ସିଧା ପହଞ୍ଚି ପାରିବ ଯାହାଦ୍ୱାରା ତାହାର ସମାଧାନ ମଧ୍ୟ ଶୀଘ୍ର ହୋଇ ପାରିବ।

# ଲଘୁଚାପ ବର୍ଷାରେ ଭୁଶୁଡ଼ିଲା ମାଟିଘର



**ଦଶରଥପୁର,୨୮।୫(ସମିସ):** ତିନି ଦିନ ହେବ ଲାଗିରହିଥିବା ଲଘୁଚାପ ଜନିତ ବର୍ଷାରେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ତରାଙ୍ଗ ଗ୍ରାମର ଜଣେ ହିତାଧିକାରୀଙ୍କ ପରିବାର ଲୋକେ ବାସହରା ହୋଇପଡିଥିବା ବେଳେ ସୌଭାଗ୍ୟବଶତଃ ନିଶ୍ଚିତ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି। ତରାଙ୍ଗ ଗ୍ରାମର ଦିଲ୍ଲୀପ କୁମାର ଦାସ ଜଣେ ଦଳିତ ବର୍ଗର। ମୂଲ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡୁଥିବା ବେଳେ ଦିଲ୍ଲୀପଙ୍କ ପାଇଁ ପକ୍କାଘରଟିଏ ସ୍ୱପ୍ନ ପରି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଭାବରୁ ପକ୍କା ଘର ସ୍ୱପ୍ନ ସଦୃଶ ଥିବାରୁ ଦିଲ୍ଲୀପ ସପରିବାର ମାଟିଘରେ ରୁହନ୍ତି। ଦଶରଥପୁର ଅଂଚଳରେ ଗତ ସୋମବାର ଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଦିଲ୍ଲୀପଙ୍କ ପରିବାରକୁ ବାସହରା କରିଛି। ମଙ୍ଗଳବାର ରାତିରେ ଦିଲ୍ଲୀପ ଏବଂ ତାଙ୍କ ପତ୍ନୀ ପିଙ୍କି ପିଲା ଛୁଆଙ୍କୁ ନେଇ ଶୋଇଥିବା ବେଳେ ୨ ଦିନ ବର୍ଷା ପାଣିରେ ଭିଜି ଦୁର୍ବଳ ହୋଇପଡିଥିବା ବାସଗୃହର ମାଟି କାନ୍ଥ ହଠାତ ଭୁଶୁଡିବା ଆରମ୍ଭ କରିଥିଲା। ଦୁର୍ଘଟଣା ପୂର୍ବରୁ କାନ୍ଥ ଭୁଶୁଡିବା ଶବ୍ଦ ଶୁଣି ଦିଲ୍ଲୀପଙ୍କ ପରିବାରର ସମସ୍ତଙ୍କୁ ବାହାରକୁ ଉଠି ଆସି ନିଶ୍ଚିତ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଝାଟିମାଟି ଯୁକ୍ତ ସମ୍ପୂର୍ଣ ବାସଗୃହ ଭୁଶୁଡି ପଡିଥିଲା। ଏବେ ସରକାରଙ୍କ ତରଫରୁ ମିଳୁଥିବା ପିଡ଼ିଏସ ଚାଉଳ ଦିଲ୍ଲୀପଙ୍କ ଏକ ମାତ୍ର ସାହାରା ହୋଇଥିବା ବେଳେ ଘର, ଚୁଲି ଭାଙ୍ଗି ନଷ୍ଟ ହୋଇଥିବାରୁ ପୂରା ପରିବାର ପଡୋଶୀଙ୍କ ଉପରେ ଆଶ୍ରିତ। ସୂଚନା ଥାଉକି ଦିଲ୍ଲୀପ ବହୁ ବାର ସରକାରଙ୍କ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ପାଇଁ ପଞ୍ଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରୀ କରିଥିଲେ ହେଁ ତାଙ୍କୁ ପକ୍କାଘର ଖଣ୍ଡେ ମିଳିନାହିଁ। ଏବେ ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ବାସହରା ଦିଲ୍ଲୀପଙ୍କ ପରିବାରକୁ ଆବାସ ଯୋଜନାରେ ପକ୍କା ଘରଟିଏ ଉପଲବ୍ଧ କରାଇବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ତତଫରୁ ସରକାରଙ୍କୁ ଦାବି କରାଯାଇଛି।

## ଶୋଭନୀୟ ଆନ୍ଦୋଳନ ସଦସ୍ୟାଙ୍କ ସ୍ମୃତିଚାରଣ ସଭା



**କୁନ୍ଦଳ,୨୮।୫(ସମିସ):** ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଶୋଭନୀୟଆନ୍ଦୋଳନ ପକ୍ଷରୁ ଦୀର୍ଘ ୪୦ ବର୍ଷ ଧରି କାମ କରୁଥିବା ସଦସ୍ୟା କମଳା ଶତପଥିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଗୁରୁମା ଡ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୂଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମହେଶ୍ୱର ବଳ, ରାମଚନ୍ଦ୍ର ସାମଲ, ଈଶ୍ୱରଚନ୍ଦ୍ର ଦାସ, ଅଭିଯାନ ପ୍ରତିଷ୍ଠାତା ମଧୁସୂଦନ ଦାସ, ଶିକ୍ଷାବିତ୍ ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇଥିଲେ। କରୁଣାକର ରଣା, ସମାଜବିଜ୍ଞାନୀ ନିରାକାର ଭାଇ, ଆଇନଜୀବୀ ବିଜୟ କୁମାର, ବ୍ରହ୍ମପୁରରୁ ଦେବୀପଦ, କରୁଣାକର ପ୍ରଧାନ, ଭବାନୀ ପାଟଣାରୁ ତୁଳସୀରାମ ଜଗତ, ଅକ୍ଷୟ ମହାନ୍ତି, ସାଧୁସାଧନ, ନିଗମାନନ୍ଦ, ଇଂ.ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଡ.ବନଲତା ଦେବୀ, ମମତା ଗୁରୁମା, କେଦାର ଗୁରୁମା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "କମଳା ମା' ଉନ୍ମୋଚନ ହେବା ସହ ତାଙ୍କ ସ୍ମୃତିକୁ ଉଜ୍ଜୀବୀତ କରିବା ପାଇଁ କମଳା ରୋଷଶାଳା ନାମରେ ଏକ ରୋଷଶାଳା ଉଦ୍‌ଘାଟନ କରାଯାଇଥିଲା। ମିନତୀ ଦେବୀ, ବରଦା ଗୁରୁମା, ମନୋରମା ଦେବୀ, ଗିତାଞ୍ଜଳି ସ୍ୱାଇଁ, ଉର୍ମିଳା ଗୁରୁମା ପ୍ରମୁଖ କମଳା ଶତପଥିଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମା'ଶାରଦା ଦେବୀ କାର୍ଯ୍ୟକ୍ରମରେ ଆଶ୍ରୀବାଣୀ ପ୍ରଦାନ କରିଥିବା ବେଳେ ଅଧାପିକା ଜ୍ୟୋତ୍ରିମୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ




ବାଲେଶ୍ୱର,୨୮।୫(ସମିସ): ୟୁନିସେଫ, ୟୁଥ ଫର ୱାଟର ପ୍ଲସ ଓ ମେ ଆଇ ହେଲ୍ପ ୟୁର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସମାଜସେବୀ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା ଅସିତ ପ୍ରଧାନ ଯୋଗ ଦେଇ ଋତୁଶ୍ରାବ ସମୟରେ ପରିଚ୍ଛନତା, ହାତଧୁଆ, ସାନିଟାରୀ ପ୍ୟାଡ଼ର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ମହିଳା ସ୍ୱାସ୍ଥ୍ୟ କର୍ମୀ ଅର୍ପିତା କର ଓ ଆଇସିଡିଏସ ସୁପରଭାଇଜର ଶୁଭଶ୍ରୀ ଦାଶ ଋତୁସ୍ରାବ ସମ୍ପର୍କିତ ଅନ୍ଧବିଶ୍ୱାସ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱର୍ଣ୍ଣଲତା ଘୋଷ, ଅନୁପମା ଦାଶ, ଜୟନ୍ତୀ ବିଶ୍ୱାଳ ଓ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

# ଜିଲ୍ଲାପାଳଙ୍କୁ ଛାତ୍ର ଅଭିଭାବକଙ୍କ ଅଭିଯୋଗପତ୍ର

ବାଲେଶ୍ୱର,୨୮।୫(ସମିସ): ରେମୁଣା ସୂତେଇସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ପିଲା ମାନଙ୍କର ସମସ୍ତ ପାଠ ପଢା ଖର୍ଚ୍ଚ ସରକାର ବହନ କରିବା ପରିବର୍ତ୍ତେ ଅଭିଭାବକ ମାନଙ୍କୁ ଦେବା ପାଇଁ ଅଧ୍ୟକ୍ଷଙ୍କ ତରଫରୁ ତାଗିଦ କରାଯାଉଥିବାର ଅଭିଯୋଗ ଆଜି ଜଣେ ଅଭିଭାବିକା କରିଛନ୍ତି। ରେମୁଣା ଥାନା ଅନ୍ତର୍ଗତ ସିରେଇପୁର ଗ୍ରାମର ଗୋକୁଳ ସିଂଙ୍କ ପତ୍ନୀ ପ୍ରଭାତୀ ସିଂ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ନମିତା ରେମୁଣା ସୁତେଇସ୍ଥିତ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଅଛି। ଏହି ବିଦ୍ୟାଳୟରେ ନମିତାକୁ ଭର୍ତ୍ତି କଲାବେଳେ ପିଲାର ସମସ୍ତ ପାଠ ପଢା ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନମିତା ରହୁଥିବା ହଷ୍ଟେଲର ଖର୍ଚ୍ଚ ବାବଦରେ ୩ ହଜାର ଟଙ୍କା ଏବଂ ଟିଉସନ ପଢ଼ିବା ବାବଦରେ ୨ହଜାର ଟଙ୍କା ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଗିଦ କରାଯାଉଛି ବୋଲି ନମିତାଙ୍କ ମା' ପ୍ରଭାତୀ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି। ଏହି ସମ୍ପର୍କିତ ସ୍ମାରକ ପତ୍ର ଅଭିଭାବିକା ପ୍ରଭାତୀଙ୍କ ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଭାବିକା ପ୍ରଭାତୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦିଗ୍‌ଦର୍ଶନ ଅଧିବେଶନ

ବାଲେଶ୍ୱର,୨୮।୫ (ସମିସ): ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସାଥୀ କ୍ୟାମ୍ପେନ୍ ର ସଫଳ ରୂପାୟନ ପାଇଁ ଏକ ଓରିଏଣ୍ଟେସନ୍ ସେସନ୍ ( ଦିଗ୍‌ଦର୍ଶନ ଅଧିବେଶନ) ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇ ଯାଇଛି। ଏହି ସେସନ୍‌ରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନ ସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୁଲିସ୍ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧୀକ୍ଷକ, ପ୍ୟାନେଲ୍ ଲୟର୍ ଏବଂ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରିଥିଲେ। ପ୍ରକାଶ ଥାଉକି ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ସାଥୀ କ୍ୟାମ୍ପେନ୍ ମାଧ୍ୟମରେ ୧୮ ବର୍ଷରୁ କମ୍ ନିରାଶ୍ରୟ ଶିଶୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ଆଧାର ସଂଯୋଗୀ କରଣ କରାଯିବା, ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ୍ କରାଯିବା ଏବଂ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାରର ନିଃଶୁଳ୍କ ଆଇନ୍‌ସେବା ପ୍ରଦାନ କରାଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି।

# ମନରେଗା କାମରେ ଅନିୟମିତତା

ରାଜଘାଟ, ୨୮।୫ (ସମିସ): ବସ୍ତା ବ୍ଲକ୍‌ରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନାନାଦି ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ମଣିଷ ବଦଳରେ ମେସିନରେ କାମ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଦିନ ମଜୁରିଆମାନଙ୍କ ପାଇଁ ୧୦୦ ଦିନର କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳରେ ପୋଖରୀ, ବନ୍ଧ, ଖେଳ ପଡ଼ିଆ, କଚ୍ଚାରାସ୍ତା, କେନାଲ ଆଦି ନିର୍ମାଣ ନିମନ୍ତେ ଶ୍ରମିକମାନଙ୍କୁ ନିୟୋଜିତ କରିବାର ସରକାରୀ ବ୍ୟବସ୍ଥା ରହିଛି କିନ୍ତୁ ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ସୋନପୁର ଗ୍ରାମରେ ୧୦ଲକ୍ଷ ଟଙ୍କାର ପୋଖରୀ ଖୋଳାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜେସିବିରେ କାମକରି ବିଲ୍ ଉଠାଇବାକୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟ ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଫଟୋ ଉଠାଇବାକୁ ଅନୁମତି ନଥାଏ, ଏହାକୁ ନଜର ରଖିବା ପାଇଁ ଗ୍ରାମର କିଛି ମୁଷ୍ଟିମେୟ ଲୋକଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଦିଆଯାଇଛି। ନାମକୁ ମାତ୍ର ଜବ କାର୍ଡ ଦର୍ଶାଇ ନିରୀହ ଦିନ ମଜୁରିଆଙ୍କୁ ଠକି ଚାଲିଥିବା ବେଳେ ଜବକାର୍ଡଧାରୀଙ୍କୁ କାର୍ଡ ପିଛା କୋଡ଼ିଏ ତିରିଶ ଟଙ୍କା ଦେଇ ଠିକାଦାର ମାଳେମାଲ ହେଉଥିବା ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟ ସ୍ଥାନରୁ ମାତ୍ର ୫୦୦ମିଟର ଦୂରରେ ଚଳିତ ବର୍ଷ ଫେବୃଆରୀରେ ସମାନ ଢଙ୍ଗରେ ଠିକାଦାର ଯନ୍ତ୍ରୀଙ୍କୁ ହାତବାରିସ କରି ଜେସିବି ଓ ଟ୍ରାକ୍ଟରରେ କାମ କରି ବିଲ ହାତେଇଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏ ନେଇ ଯନ୍ତ୍ରୀ ପ୍ରଶାନ୍ତ ପ୍ରାମାଣିକଙ୍କୁ ପଚାରିବାରୁ ଜେସିବିରେ କାମ ହେଉଥିଲେ ବିଲ୍ ବନ୍ଦ କରାଯିବ ବୋଲି କହିଛନ୍ତି।

# ଜିଲ୍ଲା ମେଡିକାଲରେ ପିଲା ଚୋରି ଉଦ୍ୟମ

ବାଲେଶ୍ୱର, ୨୮।୫(ସମିସ)



ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ଚୋରି ଘଟଣା ବଢ଼ିଚାଲିଛି। ମଙ୍ଗଳବାର ବିଳମ୍ବିତ ରାତି ୨ଟାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କଠାରୁ ତାଙ୍କ ନବଜାତ ଶିଶୁକୁ ଦୁଇ ଜଣ ମହିଳା ଚୋରି କରିବାକୁ ଉଦ୍ୟମ କରିଥିଲେ। ପୁଲିସ ପହଞ୍ଚି ସମ୍ପୃକ୍ତା ଦୁଇ ମହିଳାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଭୋଗରାଇ ଆରୁହାବୃତ୍ତି ଅଂଚଳର ସତ୍ୟବ୍ରତ ଦାସଙ୍କ ପତ୍ନୀ ସାଗରିକା ଦାସ ପ୍ରସୂତି ପାଇଁ ଗତ ୧୮ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରଦିନ ୧୯ ତାରିଖରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ନବଜାତ ଶିଶୁ କନ୍ୟାକୁ ଜଣ୍ଡିସ ହୋଇଥିବାରୁ ତାକୁ ପ୍ରଥମେ ଆଇସିୟୁ ଏବଂ ପରେ ଲାଇଟରେ ରଖାଯାଇଥିଲା। ଗତକାଲି ସେମାନେ ମେଡିକାଲରୁ ଘରକୁ ଯିବାର ଥିଲା। ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ଶିଶୁ କନ୍ୟାକୁ ମେଡିକାଲ ମଧ୍ୟରୁ ଦୁଇ ଜଣ ମହିଳା ଚୋରି କରିବାକୁ ଉଦ୍ୟମ କରୁଥିବା ନେଇ ସତ୍ୟବ୍ରତ ଅଭିଯୋଗ କରିଛନ୍ତି। ତାଙ୍କର କନ୍ୟା ସନ୍ତାନ ଜନ୍ମ ହୋଇସାରିବା ପରେ ସେମାନଙ୍କୁ ବେଡ ନ ମିଳିବାରୁ ସ୍ତ୍ରୀ ଓ ପ୍ରସୂତି ବିଭାଗର ଚତୁର୍ଥ ମହଲାରେ ଥିବା ଲିଫ୍ଟ ନିକଟରେ ଥିବା ବାରଣ୍ଡାରେ ରହିଥିଲେ। ଏପରିକି ତାଙ୍କ ଝିଅକୁ ଜନ୍ମ ପରେ ଜଣ୍ଡିସ ରୋଗର ଚିକିତ୍ସା ପାଇଁ ସେମାନେ ମେଡିକାଲରେ ଅଧିକ ଦିନ ରହିଥିଲେ। ମଙ୍ଗଳବାର ବିଳମ୍ବିତ ରାତି ୨ଟା୩୦ରେ ଜଣେ ମହିଳା ତାଙ୍କ ପତ୍ନୀଙ୍କ ନିକଟରେ ଥିବା ପିଲାଟିକୁ ନେବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ପତ୍ନୀ ସାଗରିକାଙ୍କର ନିଦ ଭାଙ୍ଗିଯାଇଥିଲା। ଫଳରେ ସେ ଚିତ୍କାର କରିବାରୁ ପିଲାଟିକୁ ଚୋରି କରିବାକୁ ଉଦ୍ୟମ କରୁଥିବା ମହିଳା ଜଣଙ୍କ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟ ଜଣେ ମହିଳା ସେଠାରେ ଲାଗିଥିବା ସିସିଟିଭିକୁ ଅବରୋଧ କରି ଏକ ବ୍ୟାଗ ଧରି ଠିଆ ହୋଇଥିଲେ। ପାଟି ଶୁଣି ସମସ୍ତେ ଉଠି ପଡିବା କାରଣୁ ସେମାନେ ଦୌଡି ଦୌଡି ପଡିଯାଇଥିଲେ। ପରେ ଦୁଇ ମହିଳାଙ୍କୁ କାବୁ କରି ଫାଣ୍ଡି ପୁଲିସ ଜିମା ଦିଆଯାଇଥିଲା। ଘଟଣା ସଂକ୍ରାନ୍ତରେ ସତ୍ୟବ୍ରତ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଟକ ମହିଳା ଦ୍ୱୟ ଖଡ଼ଗପୁରର ହେଲେ ବିଜୟା ବେହେରା ଓ ବେବି ନଗାଲ। ଘଟଣାର ତଦନ୍ତ ଚାଲିଥିବା ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି। ଘଟଣା ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ନାୟକଙ୍କ ନିକଟରେ ଖବର ନଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଦୁଇ ଥର ମଧ୍ୟ ପିଲା ଚୋରି ଘଟଣା ଘଟିଛି।

**ଦୁଇ ମହିଳା ଅଟକ**

# ନିଷ୍ଟ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ବାଲେଶ୍ୱର, ୨୮।୫(ସମିସ): ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ଓଡିଶା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଚାନ୍ଦିପୁର ରାସ୍ତାର ହିଡିଗାଁ ସ୍ଥିତ କଲେଜ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଣ୍ଡନରେ ଅବସ୍ଥାପିତ ଇଞ୍ଜିନିୟର ଜୀବନ ଜ୍ୟୋତି ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଇଂ ପରିଡାଙ୍କ ଧର୍ମପତ୍ନୀ ଆୟୁଷ୍ମିତା ପରିଡା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୱାର୍ଲଡ ବୁକ ଅଫ ରେକର୍ଡ ହୋଲଡର ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳ କ୍ୟାରିୟର ଗଠନରେ ନିଷ୍ଟ କଲେଜର ଶିକ୍ଷାଦାନର ଧାରାକୁ ପ୍ରଶଂସା କରିଥିଲେ । ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ ନାୟକ ଓ କେଶବ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ହରିହର ରାଉତ ସଭାପତିତ୍ୱ କରିଥିଲେ। ସୌଜନ୍ୟା ନନ୍ଦୀ, ଅନୁରାଧା ମହାନ୍ତି ,ସ୍ୱିଦ୍ୟୁତି ମହାନ୍ତି, ଦେବଜ୍ୟୋତି ଜେନା, ଅରୁସ୍ମିତା ପ୍ରଧାନ, ଅଭିଲିପ୍ସା ସ୍ୱାଇଁ, ଅବିନାଶ ବିଶ୍ୱାଳ, ଦେବସ୍ମିତା କର, ଦେବଦୁର୍ଲଭ ଦାସ, ସୁମନ ସାହୁ, ପଦ୍ମଲୋଚନ ଖିଲାର, ଦୁର୍ଗା ପ୍ରସାଦ ମଲ୍ଲିକ, ଚନ୍ଦନ କୁମାର ରାଉତ, ପ୍ରତିଭା ଜେନା, ପ୍ରାଚୀ ପରମିତା ଦାସ, ସୁଭଦୀ ସାମଲ, ଶିବ ଶଙ୍କର ପୃଷ୍ଟି, ଗିରିଜା ଶଙ୍କର ପରିଡା, ଅଭିପ୍ସା ପାତ୍ର ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ରବିଧାନ କ୍ରୟକୁ ନେଇ ଦ୍ୱନ୍ଦ୍ୱରେ ଚାଷୀ



ବାଲେଶ୍ୱର,୨୮।୫(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ନୂଆପାଢ଼ୀ ସେବା ସମବାୟ ସମିତିରେ ଚଳିତ ରବିଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀମାନେ ଆଜି ବିଭିନ୍ନ ଦାବିନେଇ ଜିଲ୍ଲାପାଳଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଏହି ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଗତ ୧୫ତାରିଖ ଏବଂ ୧୬ ତାରିଖ ଠାରୁ ଧାନ କିଣିବା ପାଇଁ ସେମାନଙ୍କୁ ଟୋକନ ଆସିଛି। ଯାହାର ସମୟସୀମା ୨୮ ଦିନ ମଧ୍ୟରେ ଶେଷ ହୋଇଯିବ। ହେଲେ ଆଜକୁ ୧୩ଦିନ ବିତିଯାଇଥିଲେ ସୁଦ୍ଧା ସମିତି ସେମାନଙ୍କ ଠାରୁ ଧାନ କ୍ରୟ କରିନାହିଁ। ଏପରିକି ସମିତିର ସମ୍ପାଦକଙ୍କୁ ଚାଷୀମାନେ ଯୋଗାଯୋଗ କରିବାରୁ ସେମାନେ ଜାଣିବାକୁ ପାଇଥିଲେ ଯେ, ସମିତିକୁ ମୋଟ ୧୪୧କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ମାତ୍ର ସେମାନଙ୍କ ସମିତିକୁ ୮୧ଜଣ ଚାଷୀଙ୍କ ଠାରୁ ମୋଟ ୨୫୦୬.୨୨ କୁଇଣ୍ଟାଲ ଧାନ କିଣିବା ପାଇଁ ଟୋକନ ଆସିଥିଛି। ଯାହାଦ୍ୱାରା ଚାଷୀଙ୍କ ଠାରୁ ଧାନ କିଣିବା ସମ୍ଭବପର ନୁହେଁ। ଯଦି ସଠିକ ସମୟସୀମା ମଧ୍ୟରେ ସମିତିକୁ ନିର୍ଦ୍ଦିଷ୍ଟ ପରିମାଣର ଟାର୍ଗେଟ ପ୍ରଦାନ କରାନଯାଏ ତେବେ ସେମାନେ ସମିତିରେ ଧାନ ବିକ୍ରି କରିପାରିବେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଚଳିତ ରବି ଋତୁରେ ଧାନ କିଣାକୁ ସଠିକ ଭାବେ ପରିଚାଳିତ କରିବାର ସୁବ୍ୟବସ୍ଥା କରାଇବାକୁ ଚାଷୀ ପ୍ରେମରଞ୍ଜନ ପାତ୍ର, ଅଶୋକ କୁମାର ନାୟକ, ମାୟାଧର ମହାପାତ୍ର, ଦିବ୍ୟରଞ୍ଜନ ପଣ୍ଡା, ବସନ୍ତ ମଞ୍ଜରୀ ଜେନା, ଅଭିଜିତ ପଣ୍ଡା, ବନମାଳି ବେହେରା, ଗଣେଶ୍ୱର ପଣ୍ଡା, ଉମେଶ ଚନ୍ଦ୍ର ଜେନା, ମହେଶ୍ୱର ରାଉତ ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓୟୁଜେର ଦାବିପତ୍ର

ବାଲେଶ୍ୱର,୨୮।୫(ସମିସ): ବଲାଙ୍ଗିର ଜିଲ୍ଲାର ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ଘଟଣାରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଅସନ୍ତୋଷ ପ୍ରକାଶ କରିବା ସହିତ ଦୃଢ଼ ନିନ୍ଦା କରାଯାଇଛି। ଏନେଇ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ୟୁନିଅନର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ସଦସ୍ୟ ପ୍ରସନଜିତ ଆଶ, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ହାଇଦର ଖାନ, ସମରେଶ ମଣ୍ଡଳ, ସୋମନାଥ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା।

# ମୃତ ପ୍ରଶାନ୍ତଙ୍କ ପରିବାରକୁ ଭେଟିଲେ ଆସାମ ସ୍ୱାସ୍ଥ୍ୟମନ୍ତ୍ରୀ

● ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ

ବାଲେଶ୍ୱର,୨୮।୫(ସମିସ): ଗତ ଏପ୍ରିଲ ୨୨ତାରିଖରେ ଜାମ୍ମୁ କାଶ୍ମୀରର ପହେଲଗାମ ଠାରେ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକଙ୍କ ପରିବାରକୁ ଆସାମ ସରକାର ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା



ଅନୁସାରେ ଆଜି ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ଇଶାଣୀ ଗ୍ରାମରେ ପ୍ରାଣ ହରାଇଥିବା ସ୍ୱର୍ଗତ ପ୍ରଶାନ୍ତ ଶତପଥିଙ୍କ ଘରେ ଆସାମର ସ୍ୱାସ୍ଥ୍ୟମନ୍ତ୍ରୀ ପହଁଚି ପରିବାରକୁ ସମବେଦନା ଜଣାଇବା ସହ ପରିବାରକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ଆସାମ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ଅଶୋକ ସିଂଘଲ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବାର୍ତ୍ତା ସମ୍ବଳିତ ମାନପତ୍ର ଓ ପାଞ୍ଚ ଲକ୍ଷ ଟଙ୍କାର ଚେକ ମୃତକ ପ୍ରଶାନ୍ତ ଶତଥୀଙ୍କ ପତ୍ନୀଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ମମତା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ମୋହିତ ପୋଦାର, ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ଏମ୍ସ ଇନିସେଟ ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା

# ଟପ୍ପର ଶିବମ ପାଢ଼ୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୮।୫ (ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ଏମ୍ସର ଇନିସେଟ୍ ସର୍ବଭାରତୀୟ ପିଜି ମେଡିକାଲ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଶିବମ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିବମ ସର୍ବ ଭାରତୀୟ ସ୍ତରରେ ଉକ୍ତ ପରୀକ୍ଷାରେ ୯୯.୯୮ ପର୍ସେଣ୍ଟାଇଲ ମାର୍କ ରଖି ୧୯ ତମ ସ୍ଥାନ ହାସଲ କରିଛନ୍ତି। ସେ ଏମ୍ସ ଏବଂ ଏହା ଅଧିନସ୍ଥ ବିଭିନ୍ନ କେନ୍ଦ୍ରୀୟ ମେଡିକାଲ କଲେଜରେ ଏମଡିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ପୂର୍ବରୁ ୨୦୧୯ ମସିହାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରୁ କୌଣସି କୋଚିଙ୍ଗ ନ ନେଇ +୨ ବିଜ୍ଞାନରେ ୮୯ ପ୍ରତିଶତ ମାର୍କ ସହିତ ସେହି ବର୍ଷ ନିଟ୍ ର ଏମ. ବି.ବି.ଏସ ମେଡିକାଲ କୃତକାର୍ଯ୍ୟ ହୋଇ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅଧ୍ୟୟନ କରୁଥିଲେ। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ଡ. ସନ୍ତୋଷ ରାଉତ, ସେକ୍ସନ ଅଧିକାରୀ ବଳରାମ ନାଏକ, ଆକାଉଣ୍ଟାଣ୍ଟ ନିରଞ୍ଜନ ତ୍ରିୟା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ**

# ପୂର୍ବ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍‌ଯାପିତ

ବାଲେଶ୍ୱର,୨୮।୫ (ସମିସ)




ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନଫରେନ୍ସ (ଇଆଇଓସି) ଆୟୋଜିତ ହୋଇଯାଇଛି। ଏହି ତିନିଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତୀୟ ପାରମ୍ପରିକ ଜ୍ଞାନ ପରମ୍ପରା ବିଷୟରେ ଆଲୋଚନା ଓ ଚର୍ଚ୍ଚା ହୋଇଯାଇଛି।

ଏହି ସମ୍ମିଳନୀ ଦୁଇ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାଣତତ୍ତ୍ୱ, ଓ ସାହିତ୍ୟିକ ମୂଳତତ୍ତ୍ୱ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଚଳିତ ବର୍ଷ ଓଡିଶାରେ ବିଶେଷ ଭାବେ ସଂରକ୍ଷିତ ଅଥର୍ବ ବେଦର ପୈପ୍ପଲାଦ ପରମ୍ପରା ଓ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ ଭକ୍ତି ଦାର୍ଶନିକତା ଉପରେ ବିଶେଷ ଗଭୀରତା ଦିଆଯାଇଥିଲା। ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ବିଶେଷ ଅଧିବେଶନ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା। ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା। ଏଥିରେ ଆୟୁର୍ବେଦ, ଭାଷା ବିଜ୍ଞାନ, ନାଟ୍ୟଶାସ୍ତ୍ର ଓ ସାହିତ୍ୟ ସମାଲୋଚନା ସମେତ ବିଭିନ୍ନ ବିଷୟର ଅନୁଷ୍ଠାନ ହୋଇଥିଲା। ସମ୍ମିଳନୀରେ ପ୍ରତିବଦ୍ଧତାକୁ ପୁନର୍ନିର୍ବାହ କରି ଭାରତୀୟ ଜ୍ଞାନ ପରମ୍ପରା (ଆଇକେଏସ)କୁ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ କରିବା ପୂର୍ବକ ଶିକ୍ଷାର ସମସ୍ତ ମାନଦଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇ ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ। ଏହି ସଭାରେ ପ୍ରଫେସର ହରେକୃଷ୍ଣ ମିଶ୍ର, ଡ଼ା. ନିବେଦିତା ପତି, ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅସହାୟ ପରିବାରକୁ ସହାୟତା

ବାଲେଶ୍ୱର,୨୮।୫(ସମିସ): ୨୦୨୩ମସିହାରେ ଗୋଲାପୋଖରୀ ଅଞ୍ଚଳର ସ୍ୱର୍ଣ୍ଣରେଖା କ୍ୟାନସର ପୀଡିତ ସ୍ୱାମୀଙ୍କୁ ହରାଇଥିବା ବେଳେ ଗତ ବର୍ଷ ଜୁଲାଇ ମାସରେ ଏକମାତ୍ର ପୁଅ ଦୁର୍ଘଟଣାର ଶିକାର ହୋଇ ଏଯାବତ ଶଯ୍ୟାଶାୟୀ। ନିଜର ସ୍ୱଳ୍ପ ରୋଜଗାରରେ ପୁଅର ଚିକିତ୍ସା ସମ୍ଭବ ହେଉନି। ଧାର ଉଧାର ପାଇଁ ଦୁଆର ଦୁଆର ହେଉଛନ୍ତି। ଏହି ଘଟଣାରେ ସହଯୋଗର ହାତ ବଢାଇଛନ୍ତି ଯୁବନେତା ବିକ୍ରମ ପଣ୍ଡା। ସେ ସ୍ୱର୍ଣ୍ଣରେଖାଙ୍କ ବାସଭବନରେ ପହଂଚି ତାଙ୍କୁ ଆର୍ଥିକ ସହାୟତା ଦେବା ସହ ଆଗାମୀ ଦିନରେ ମଧ୍ୟ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣା ନେଇ ସ୍ୱର୍ଣ୍ଣରେଖା ବିଧାୟକଙ୍କ ନିକଟରୁ କିଛି ଆର୍ଥିକ ସହାୟତା ପାଇବା ସହ ତାଙ୍କ ପରାମର୍ଶରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିଥିଲେ। ମାତ୍ର ତାଙ୍କ ଆବେଦନ ଖାରଜ ହୋଇଯାଇଥିବା ସ୍ୱର୍ଣ୍ଣରେଖା କହିଛନ୍ତି। ତେଣୁ ବଦାନ୍ୟ ବ୍ୟକ୍ତିମାନେ ତାଙ୍କ ପୁଅର ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢାଇବାକୁ ସ୍ୱର୍ଣ୍ଣରେଖା ନିବେଦନ କରିଛନ୍ତି ।

# କୃତ୍ରିମ ବନ୍ୟାରେ ଉବୁଟୁବୁ ପୂରା ପରିବାର





ଭଦ୍ରକ,୨୮।୫(ସମିସ)

ଦୁଇ ଦିନ ହେବ ଚୁଲି ଜଳୁନି କି ପେଟକୁ ଦାନା ମୁଠେ ଯାଉନି। ଘର ଭିତରେ ଲହଡ଼ି ମାରୁଥିବା ବର୍ଷା ପାଣି ବୋହି ବୋହି ନୟାନ୍ତ ହେଲେଣି ପୂରା ପରିବାର । ରାଜନୈତିକ ଚକ୍ରବ୍ୟୁହରେ ଫସିଥିବା ପରିବାର ପାଇଁ ଏବେ ଦାଉ ସାଧିଛି ଅଦିନିଆ ଲଘୁଚାପ ଜନିତ ବର୍ଷା। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଖେରଙ୍ଗ ଗ୍ରାମରେ। ସୂଚନା ମୁତାବକ ଦୁଇ ଦିନ ହେବ ଚାନ୍ଦବାଲି ଅଞ୍ଚଳରେ ଲାଗି ରହିଛି ଲଘୁଚାପ ଜନିତ ବର୍ଷା । ବର୍ଷାଜଳ ନିଷ୍କାସନ ନ ହେବା କାରଣରୁ ଗାଁ ଗାଁରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। ସେହିପରି ଖେରଙ୍ଗ ଗ୍ରାମର ବସନ୍ତ ମଲ୍ଲିକଙ୍କ ଘର ଏକ ତଳିଆ ସ୍ଥାନରେ ଅବସ୍ଥିତ। ସେହି ବାଟ ଦେଇ ଗାଁ ଯାକର ବର୍ଷା ପାଣି ନିଷ୍କାସିତ ହୋଇଥାଏ। ମାତ୍ର ଗାଁରେ ଥିବା ସରକାରୀ ଜାଗାକୁ କିଛି ମୁଷ୍ଟିମେୟ ଲୋକ ଅବରୋଧ କରିବା ଫଳରେ ବସନ୍ତ ମଲ୍ଲିକଙ୍କ ଘର ନିକଟରେ ଗାଁ ଯାକର ପାଣି ଜମିବା ସହ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। କେବଳ ସେତିକି ନୁହେଁ ବସନ୍ତ ମଲ୍ଲିକଙ୍କ ଘରେ ଦୁଇ ଫୁଟର ପାଣି ଲହଡ଼ି ଖେଳୁଛି। ଦୀର୍ଘ ୨ବର୍ଷ ହେବ ଏହି ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାରଙ୍କ ସହିତ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଆଭିଯୋଗ କରିଛନ୍ତି ବସନ୍ତ। ବର୍ଷା ଜଳ ନିଷ୍କାସନ ପାଇଁ ଅନେକ ବିକଳ୍ପ ଥିଲେ ମଧ୍ୟ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ସମାଧାନ ହୋଇ ପାରୁନି। ଶାସକ ଓ ବିରୋଧୀଙ୍କ ତୁ ତୁ ମେ ମେ ଯୋଗୁଁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ପୂରା ପରିବାର। ଏ ବିଷୟରେ ଚାନ୍ଦବାଲି ତହସିଲଦାର ଓ ଭାରପ୍ରାପ୍ତ ବିଡିଓ ଭବତୋଷ ମଲ୍ଲିକଙ୍କୁ ପଚାରିବାରୁ ମୁଁ ଏହି ଘଟଣା ବିଷୟରେ ଅବଗତ ଅଛି। ଦୁଇ ଗୋଷ୍ଠୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ବାସୁଦେବପୁର,୨୮।୫(ସମିସ):** ଗରିବ ନାବାଳିକାର ସରଳତାର ସୁଯୋଗ ନେଇ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରିବା ସମୟରେ ସ୍ଥାନୀୟ ଯୁବକଙ୍କ ହାବୁଡରେ ଧରାପଡି ନାକେଦମ ହେବାର ଭିଡିଓ ସୋସିଆଲ ମିଡିଆର ଘୁରି ବୁଲୁଛି। ଯାହାକୁ ନେଇ ସମଗ୍ର ବାସୁଦେବପୁର ଚର୍ଚ୍ଚାର ବିଷୟ ହୋଇଛି। ବାସୁଦେବପୁର ୧୨ ନମ୍ବର ୱାର୍ଡର ବାଳିକା ହାଇସ୍କୁଲ ପଛ ପାଖରେ ଜଣେ ଗାଡି ଚାଳକ ସେହି ଅଞ୍ଚଳର ଜଣେ ଗରିବ ୧୨ ବର୍ଷର ନାବାଳିକାକୁ ଅର୍ଥ ଓ ଚକଲେଟର ପ୍ରଲୋଭନ ଦେଖାଇ ଏକାଧିକ ଥର ଦୁଷ୍କର୍ମ କରିଥିବା ପରେ ସ୍ଥାନୀୟ ଯୁବକଙ୍କ ହାତରେ ଧରା ପଡି ହଟହଟା ହେବକୁ ପଡିଛି । ଏକ ଭିଡିଓରେ ସତ କଥା ମାନିଥିବାର ଭିଡିଓ ଭାଇରାଲ ହେଉଅଛି। ସୋସିଆଲ ମିଡିଆର ଏ ମୋବାଇଲରୁ ସେ ମୋବାଇଲର ଭିଡିଓ ବୁଲୁଥିବା ବେଳେ ଥାନାର କୌଣସି ଅଭିଯୋଗ ହୋଇ ନଥିବାରୁ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନାବାଳିକାର ଦୁଷ୍କର୍ମ ଘଟଣାକୁ ଉଠାଇ ଥିବା ଯୁବକଙ୍କୁ ମାଡମାରି ଘଟଣାକୁ ଚପାଇ ଦେବାକୁ କିଛି ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଛନ୍ତି। କଙ୍ଗାରୁ କୋର୍ଟ ମାଧ୍ୟମରେ କିଛି ଭଦ୍ରମୁଖା କଜଳପାତିଆ ଭଦ୍ରବ୍ୟକ୍ତି ନାବାଳିକାର ପରିବାରକୁ ଅର୍ଥ ଦେଇ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି। ଘଟଣାର ସତ୍ୟାସତ୍ୟକୁ ନେଇ ବାସୁଦେବପୁରର ଚାହା ଦୋକାନ ଠାରୁ ପାନ ଦୋକାନ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି। ଭୟରେ ନାବାଳିକାର ପରିବାର ପକ୍ଷରୁ ଭୟରେ ଏପର୍ଯ୍ୟନ୍ତ ଏତାଲା ଦେବାକୁ ସାହସ କରିନାହାନ୍ତି।

## ଜଗାବଳିଆ ସୁନା ଦୋକାନରୁ ଚୋରି

**ତିହିଡି, ୨୮।୫(ସମିସ):** ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ଥିବା ଜଗାବଳିଆ ସୁନା ଦୋକାନର ସଟର ଭାଙ୍ଗି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ତିହିଡ଼ି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଦୋକାନର ମାଲିକ ମାୟାଧର ସାହୁ କରିଥିବା ଅଭିଯୋଗ ଅନୁଯାୟୀ ମଙ୍ଗଳବାର ରାତ୍ରିରେ ପ୍ରତିଦିନ ପରି ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ତେବେ ତାଙ୍କ ଦୋକାନ ଭଙ୍ଗାଯାଇଥିବା ନେଇ ସକାଳେ ଖବର ପାଇବା ପରେ ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଲେ। ଏ ନେଇ ସେ ତୁରନ୍ତ ଥାନାକୁ ଖବର ଦେଇଥିଲେ। ସୂଚନା ଅନୁଯାୟୀ ତାଙ୍କର ଦୋକାନର ଗ୍ରୀଲ, ସଟର ଭାଙ୍ଗି ଦୁର୍ବୃତ ପଶିବା ପରେ ସମ୍ମୁଖରେ ଥିବା ଏକ ମୋଟା କାଚକୁ ମଧ୍ୟ ଭାଙ୍ଗି ଦେଇଥିଲେ। ପରେ ସୋ କେଶରେ ଥିବା ୮ ହଳ ସୁନା ଶଙ୍ଖା ଦୁର୍ବୃତମାନେ ନେଇଯାଇଥିଲେ। ଚୋରି ହୋଇଥିବା ଗହଣାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ବିଲ ଭିତରକୁ ଓଲଟିଲା ଗୋରୁ ବୋଝେଇ ଗାଡ଼ି

**ତିହିଡି, ୨୮।୫(ସମିସ):** ବିରୋଧ ସତ୍ତ୍ୱେ ବନ୍ଦ ହେଉନି ବେଆଇନ ଗୋରୁ ଚାଲାଣ। ମଙ୍ଗଳବାର ରାତ୍ରିରେ ଗୋରୁ ବୋଝେଇ ଜାଇଲୋ କାର ରାସ୍ତା ତଳକୁ ଯାଇ ବିଲ ମଝିରେ ଓଲଟି ପଡ଼ିବା ପରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବେଆଇନ ଗୋରୁ ଚାଲାଣ କିପରି ବେଧଡ଼କ ଚାଲିଛି ତାହା ସ୍ପଷ୍ଟ ହୋଇଯାଇଛି। ପୀରହାଟ ଥାନା ଅଧୀନ ଆଦର୍ଶ ବିଦ୍ୟାଳୟ ଛକ ନିକଟରେ ଜାଇଲୋ କାରଟି ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଓଲଟି ପଡ଼ିଥିଲା। ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ସ୍ଥଳ ପୀରହାଟ ଥାନା ଅଧୀନରେ ହୋଇଥିବାରୁ ପୀରହାଟ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ ଉପସ୍ଥିତ ଯୁବକମାନେ ୮ ଗୋଟି ଗୋରୁ ଉଦ୍ଧାର କରିଥିଲେ। ଗୋରୁ ଗୁଡ଼ିକର ବେକ, ଗୋଡ଼ ଆଦି ବନ୍ଧା ହୋଇ ଗୋଟିଏ ଉପରେ ଗୋଟିଏ ଲଦା ଯାଇଥିଲେ। ରାତ୍ରିରେ ଗୋରୁ ଗୋଡ଼ିକ ଚାଲିଯାଇଥିବା ବେଳେ ପୁଲିସ ମାତ୍ର ୩ ଗୋଟି ଗୋରୁ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଏ ନେଇ ପ୍ରତିକ୍ରିୟା ଜାଣିବା ପାଇଁ ପୀରହାଟ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏକ ମାମଲା ରୁଜୁ ହୋଇଛି ଏବଂ ଗାଡ଼ି ଓ ୩ ଗୋରୁ ଜବତ ହୋଇଛି ବୋଲି କହିବା ସହ ଏହି ଘଟଣା ସମ୍ପର୍କରେ ଅଧିକ କିଛି ତଥ୍ୟ ଦେଇପାରିବେ ନାହିଁ ବୋଲି କହିଛନ୍ତି। ଗାଡ଼ିର ମାଲିକ କିଏ, ଗାଡ଼ି କିଏ ଚଳାଉଥିଲା, ଗାଡ଼ିର କାଗଜପତ୍ର ଅଛି କି ନାହିଁ ଆଦି ସବୁ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ତଦନ୍ତ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ ଟଙ୍କା ଆଦାୟ ଅଭିଯୋଗ

**ଧର୍ମଶାଳା,୨୮।୫(ସମିସ):** ସାରା ରାଜ୍ୟରେ ଆୟୁଷ୍ମାନ ହିତାଧିକାରୀମାନଙ୍କ ପାଇଁ ଇ-କେୱାଇସି ସହ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ ବୋଲି ସରକାରୀ ଲୋକମାନଙ୍କୁ ସଚେତନତା କରାଯାଇଛି। ଅନେକ ଅଞ୍ଚଳରେ କିଛି ଅସାଧୁ କର୍ମଚାରୀମାନେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସମୟରେ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜନ ଅସନ୍ତୋଷ ଦେଖା ଦେଇଛି। ଧର୍ମଶାଳା ବ୍ଲକରେ ବିଭିନ୍ନ ପରିବାରର ଠାରୁ ଜଣଙ୍କ ପିଛା ୫୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତରେ ଆଶାକର୍ମୀଙ୍କ ଉପସ୍ଥିତିରେ ଭିଏଲଇ ଗାଁ ମଧ୍ୟକୁ ଯାଇ ଲୋକଙ୍କ ଠାରୁ ୫୦ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଗୋଟିଏ ଗରିବ ପରିବାରରେ ୮ଜଣ ସଦସ୍ୟଥିଲେ। ସେହି ପରିବାରରୁ ୪ଶହ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ଜଣେ ଯୁବକ ବିରୋଧ କରି ଏହା ବିଷୟରେ ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ କରିବା ପରେ ଉକ୍ତ ଯୁବକଙ୍କୁ ସ୍ୱାସ୍ଥ୍ୟ କାର୍ଡ ନ ଦେଇ ଫେରାଇ ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏ ବିଷୟରେ ଧର୍ମଶାଳା ବିଡିଓଙ୍କୁ ଅବଗତ କରାଯାଇଥିଲେ ହେଁ ଲିଖିତ ଅଭିଯୋଗ ପାଇବା ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏନେଇ ଗ୍ରାମବାସୀ ଫୋନ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ କୌଣସି କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରସାସନ ଏହି ଅଭିଯୋଗର ତଦନ୍ତ କରି ହିତାଧିକାରୀମାନଙ୍କ ଠାରୁ ନିଆଯାଇଥିବା ଟଙ୍କାକୁ ଫେରସ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଖଣ୍ଡଳମଣିଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି
## ଅଘୋରୀ ନୃତ୍ୟ, ଯୋଡ଼ି ଶଙ୍ଖ ମୁଖ୍ୟ ଆକର୍ଷଣ

**ଆରଡ଼ି,୨୮।୫(ସମିସ):** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ବା ଶୀତଳଷଷ୍ଠୀ ଉତ୍ସବ ଆଉମାତ୍ର ୨ଦିନ ବାକି। ଏଥିପାଇଁ ପୀଠରେ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଚଳିତବର୍ଷ ବିବାହ ଉତ୍ସବରେ ବରପିତା ଭାବେ ଆଲୋକ ପଣ୍ଡା ଚୟନ ହୋଇଥିବା ବେଳେ କନ୍ୟାପିତା ଭାବେ ବିଶ୍ୱଜିତ ପାଢୀ ଚୟନ ହେବା ପରେ ଲଗ୍ନଧରା ନୀତି ସମ୍ପନ୍ନ ହୋଇଛି। ଏବେ ଉଭୟ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ପୀଠ ସମେତ ଆଖପାଖ ଅଞ୍ଚଳର ଥିବା ସମସ୍ତ ଦେବାଦେବୀଙ୍କୁ ମଙ୍ଗୁଳାଗୁଆ ଓ ନିମନ୍ତ୍ରଣପତ୍ର ବାଣ୍ଟିବା ପରେ ବନ୍ଧୁପରିଜନ ଓ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଚଳିତ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅର୍ଥାତ ଆସନ୍ତା ଶନିବାର ଦିନ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି। ବିବାହ ଉତ୍ସବର ମୁଖ୍ୟ ଆକର୍ଷଣ ବରାନୁଗମନ ଶୋଭାଯାତ୍ରାରେ ଚଳାତବର୍ଷ ଅଘୋରୀ ନୃତ୍ୟ ସହ ବ୍ରହ୍ମପୁର ଯୋଡିଶଙ୍ଖ ସହ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ଶ୍ରୀକ୍ଷେତ୍ର ପୁରୀର ସାହିମେଢ ନୃତ୍ୟ, କେନ୍ଦୁଝରର କଳସ ନୃତ୍ୟ ଆଦି ଅଧିକାଂଶ ଜିଲ୍ଲାର ସଂକିର୍ତନ ମଣ୍ଡଳୀ ଯୋଗ ଦେବେ। ବାଜା, ବାଣ ରୋଷଣୀରେ ପ୍ରକମ୍ପିତ ହେବ ସମଗ୍ର ପୀଠ।




ଏଥିପାଇଁ ସମସ୍ତ ବାଦ୍ୟକାର ଓ ନୃତ୍ୟ ଦଳଙ୍କୁ ବଇନା ଦିଆଯାଇଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି। ଆସନ୍ତା ଶୁକ୍ରବାର ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ଅନୁଷ୍ଠିତ ହେବା ସହ ଶନିବାର ସକାଳ ୧୦ଟାରେ ବରଧରାଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଦୋକାନୀଙ୍କୁ ମାଡ଼ ମାରିବା ଘଟଣା: ୨ ଗିରଫ

**କବାଟବନ୍ଧ,୨୮।୫(ସମିସ):** ଜଣେ ଦୋକାନୀକୁ ମାଡ଼ ମାରି ଦୋକାନ ଜିନିଷପତ୍ର ଭଙ୍ଗାରୁଜା ସହିତ ଟଙ୍କା ନେଇଯାଇଥିବା ଘଟଣାର ୩ ମାସ ପରେ ଜେନାପୁର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଯୁବକ ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ବଙ୍ଗୁ ମଲିକଙ୍କ ପୁଅ ଦୀପକ ମଲିକ (୨୫) ଏବଂ ସୁବାସ ମଲିକଙ୍କ ପୁଅ ସାନୁ ମଲିକ ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ପଦନ ରାଉତଙ୍କ ପୁଅ ରବୀନ୍ଦ୍ର ରାଉତଙ୍କୁ ମାଡ଼ ମାରି ତାଙ୍କ ଦୋକାନକୁ ଭଙ୍ଗାରୁଜା କରିବା ସହିତ ନଗଦ ଟଙ୍କା ନେଇଯାଇଥିବା ଦୋକାନୀ ଜଣଙ୍କ ଜେନାପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗ ମୁତାବକ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଦୋକାନ କରି ନିଜର ବ୍ୟବସାୟ କରନ୍ତି। ଗତ ଫେବୃଆରୀ ମାସ ୧୮ ତାରିଖ ବିଳମ୍ବିତ ରାତିରେ ଉକ୍ତ ଯୁବକ ମାନେ ଦୋକାନ ଭିତରେ ପଶି ଦୋକାନ ଶୋ'କେସ, ଫ୍ରିଜର, ଥଣ୍ଡା ବୋତଲ ସହିତ ୧୦ଟା ଟ୍ରେ ସହିତ ୬ ହଜାର ଟଙ୍କା ଚୋରି କରିବା ସହିତ ତାକୁ ମାଡ଼ ମାରି ଇଟାରେ ମଧ୍ୟ ବାଡେଇ ବିଭିନ୍ନ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ଏହା ପରେ ଦୋକାନୀ ରବୀନ୍ଦ୍ର କୁ ମାରିବା ପାଇଁ ଥଣ୍ଡା ବୋତଲ ଭାଙ୍ଗିବାରୁ ରବିନ୍ଦ୍ର ଜୀବନ ବିକଳେ ପେଟ୍ରୋଲ ପମ୍ପ ଭିତରକୁ ଦୌଡ଼ି ପଳାଇ ଯାଇଥିଲେ।ସେହି ସମୟରେ ସେଠାରେ କିଛି ଗାଡ଼ି ଚାଳକ ଆସି ଯିବାରୁ ଦୁର୍ବୃତ୍ତ ମାନେ ପଳାଇ ଯାଇଥିଲେ। ଖବର ପାଇ ଜେନାପୁର ଥାନା ସବ ଇନ୍ସପେକ୍ଟର ରଞ୍ଜନ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏ ସଂକ୍ରାନ୍ତରେ ରବୀନ୍ଦ୍ର ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପଲିସ କେସ ନମ୍ବର ୬୬/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଉଭୟ ଦୀପକ ଏବଂ ସାନୁଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରିଣୀ ନିରୂପମା ଜେନା ସୂଚନା ଦେଇଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ



**କଁୟାଗୋଲା,୨୮।୫(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିବାଙ୍କ (ପାଲଟପୁର) ଗ୍ରାମର ବରିଷ୍ଠ ସାହିତ୍ୟିକ ତଥା ଅଭିଯାନ ପତ୍ରିକାର ସମ୍ପାଦକ ଶମ୍ଭୁନାଥ ଦାସଙ୍କର ମାଆ ଦୁଲିଲତା ଦାସଙ୍କର ଏକାଦଶାହ ଉପଲକ୍ଷେ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ସାହିତ୍ୟିକ ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ସମସ୍ତ କବି ମାଆ ଶୀର୍ଷକ ଉପରେ ନିଜସ୍ୱ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କବି ଶୁଭେନ୍ଦୁ ମହାପାତ୍ର, ନାରାୟଣ ଚନ୍ଦ୍ର ଦାସ, ଶିଶିର ପଣ୍ଡା, ଯଯାତି ସାହୁ, ରାମଚନ୍ଦ୍ର ଦାଶ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ହରିଶ ଚନ୍ଦ୍ର ପଣ୍ଡା, ପ୍ରଦୀପ୍ତ କୁମାର ଦାସ, ସୁବ୍ରତ ମଲ୍ଲିକ, ଜିତେନ୍ଦ୍ର ବେହେରା, ପ୍ରଭାତ ମଲ୍ଲିକ, କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ସମ୍ପାଦକ ସସିକାନ୍ତ ନାୟକ, ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ଦୁର୍ଯୋଧନ ସାମଲ, ଅକ୍ଷୟ ମଲ୍ଲିକ, ଚନ୍ଦ୍ରଶେଖର ସାହୁ, ନିରାକାର ଦାସ, ବିକ୍ରମ ଦାସ, ଆନନ୍ଦ ଚନ୍ଦ୍ର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶମ୍ଭୁନାଥ ଦାସ ଓ କାଶୀନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲରଙ୍ଗି କ୍ରୋମାଇଟ୍ ମାଇନ୍ସରୁ ଚୋରି

**କୁହିକା,୨୮।୫(ସମିସ):** ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା କଲରଙ୍ଗି କ୍ରୋମାଇଟ ମାଇନ୍ସ ଖଣିରୁ ବେଲଗାମ ଭାବେ କ୍ରୋମାଇଟ ଚୋରା ଚାଲାଣ କରାଯାଉଥିବା ଜଣା ପଡିଛି। କଲରଙ୍ଗୀ ଭୀମ ଟାଙ୍ଗର ଖଣିରୁ କ୍ରୋମାଇଟ ଉତ୍ତୋଳନ ସହ ଚୋରା ଚାଲାଣ ବେଳେ ସୁକିନ୍ଦା କାଳିଆପାଣି ବନ ବିଭାଗ ଦୁଇଟି ଗାଡିକୁ ଅଟକ ରଖି ଥିବା ସୂଚନା ମିଳିଛି। ଓଆର ୦୪ ପି ୧୦୧୫ ନମ୍ବର ବିଶିଷ୍ଟ ଏକ ଦଶ ଚକିଆ ହାଇୱା ସହ ଓଡି୦୫ବି ଜେଡ ୧୬୭୮ ଜେସିବି ମେସିନକୁ ବନବିଭାଗ ଜବତ କରିଛି। କିନ୍ତୁ କ୍ରୋମାଇଟ ଉତ୍ତୋଳନ କରି ଚୋରାଚାଲାଣ କରୁଥିବା ବ୍ୟକ୍ତି ବିଶେଷ ଘଟଣା ସ୍ଥଳରୁ କୌଶଳ କ୍ରମେ ଖସି ଯାଇଥିବା ସୂଚନା ମିଳିଛି। ଚୋରା କ୍ରୋମାଇଟ ଚାଲାଣ ରାକେଟ ଖଣି ଉପତ୍ୟାକା କାଳିଆପାଣି ଅଞ୍ଚଳରେ ସକ୍ରିୟ ଥିବା ଶୁଣିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଯାଜପୁର ଡିଡିଏମ୍‌ଙ୍କୁ ଚକମା ଦେଇ କ୍ରମାଇଟ ମାଫିଆ ଏହି ଲୁଟତ ରାଜ କରୁଥିବା ଅଭିଯୋଗ ହେଉଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବରୀ,୨୮।୫(ସମିସ):** ବରୀ ପଞ୍ଚାୟତ ବାଗଦା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଭୟ କୁମାର ମହାନ୍ତି (୭୫)ଙ୍କର କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ବରୀ ଉପ ନିବନ୍ଧକ କାର୍ଯ୍ୟାଳୟରେ ଅଫିସର ଭାବେ କାର୍ଯ୍ୟ କରିବାପରେ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବୋହୂ, ଝିଅ, ନାତି ଓ ନାତୁଣୀମାନେ ଉପସ୍ଥିତ ଥିଲେ।ସ୍ୱର୍ଗତ ମହାନ୍ତିଙ୍କର ମୃତ୍ୟୁଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମରଶରୀରକୁ ତାଙ୍କ ଗ୍ରାମ ବାଗଦା (ଦୁଧେଇ) ରେ ଥିବା ତାଙ୍କ ପୈତୃକ ଘରକୁ ଅଣାଯିବା ପରେ ସେଠାରେ କିଛି ସମୟ ଆତ୍ମୀୟ ସ୍ୱଜନଙ୍କ ଶେଷ ଦର୍ଶନ କରିବା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ଗ୍ରାମ୍ୟ ରାସ୍ତାରେ ପାଣି



**ବାରିକପୁର,୨୮।୫(ସମିସ):** ଲଘୁଚାପ ଜନିତ କାରଣରୁ ଗତ ୨ଦିନ ଧରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ସକାଳ ଠାରୁ ସନ୍ଧ୍ୟା ଯାଏଁ କ୍ରମାନ୍ୱୟରେ ବ୍ଲକ ର ବିଭିନ୍ନ ସ୍ଥାନରେ ବର୍ଷା ହେଉଥିବା ଜଣାଯାଇଛି। ଫଳରେ ବିଭିନ୍ନ ଗ୍ରାମ୍ୟ ରାସ୍ତା ଉପରେ ପ୍ରଚୁର ପରିମାଣରେ ପାଣି ଜମିଥିବା ଦେଖିବାକୁ ମିଳିଛି। ବ୍ଲକ ଅଧୀନସ୍ଥ ମାଳଦା, ରହଣିଆ, ରାଜେନ୍ଦ୍ର ପୁର,ପାଟୁଳି, ବିଷ୍ଣୁପୁର, ଜଳହରି, ରାଢୋ, ନପଙ୍ଗ, ଆଖୁଆପଦା, କୁଲଣା,ରଣଜିତ୍, ସରସଦା, କୋରିଗାଁ, ମଣୀନାଥପୁର, ପୁରିପଡା, ନେରଡା ପ୍ରମୁଖ ଗାଁ ରାସ୍ତାରେ ବର୍ଷା ପାଣି ଠିଆ ହୋଇ ରହିଛି। ସେମିତି ବଡ ଧରଣର ବର୍ଷା ହୋଇନଥିବା ବେଳେ ଡ୍ରେନେଜ ସମସ୍ୟା ଥିବା କାରଣରୁ ପାଣି ନିଷ୍କାସନ ହେଉନଥିବା ଜଣାପଡିଛି। ଫଳରେ ଗ୍ରାମବାସୀମାନଙ୍କ ଯାତାୟାତ ପାଇଁ ଘୋର ଅସୁବିଧା ସୃଷ୍ଟି ହେଉଛି। ଏପରିକି କେତେକ ଖାଲୁଆ ସ୍ଥାନରେ ବର୍ଷା ଜଳ ଜମିଥିବା ଯୋଗୁଁ ସାଇକେଲ ଓ ମୋଟର ସାଇକେଲ ଆରୋହୀ ମାନେ ଯାତାୟାତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଲାଗି ରହିଲେ ସମସ୍ୟା ଦ୍ୱିଗୁଣିତ ହୋଇଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ରାସ୍ତା ଉପରେ ବିପଦ ସଙ୍କୁଳ ଟ୍ରାନ୍ସଫର୍ମର

**ମଞ୍ଜୁରୀ ରୋଡ,୨୮।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜୋରାଗଡିଆ ସୀମିଳିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ କିଛି ବିଦ୍ୟୁତ୍ ଖୁଣ୍ଟ ରହିଛି। ଏପରିକି ବିଦ୍ୟୁତ୍ ଖୁଣ୍ଟରେ ଟ୍ରାନ୍ସଫର୍ମର ବସିଥିବା ବେଳେ ସେଥିରେ ୧୧କେଭି ଲାଇନ ସଂଯୋଗ ରହିଛି। ଉକ୍ତ ଟ୍ରାନ୍ସଫର୍ମରରୁ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବାଯୋଗାଯାଉଥିବାବେଳେଏହାର



ସୁରକ୍ଷା ପ୍ରତି କେହି ଦୃଷ୍ଟି ଦେଇନାହାନ୍ତି। ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ରାସ୍ତା ଉପରେ ରହିଥିବା ବେଳେ ପଥଚାରୀଙ୍କ ପାଇଁ ଏହା କେତେବେଳେ ଯେ ବିପଦ ଆଣିବ କହି ହେଉନାହିଁ। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବା ଜରୁରୀ ହୋଇଛି। କେବଳ ଉକ୍ତ ସ୍ଥାନ ନୁହେଁ ଅନେକ ଜାଗାରେ ମଧ୍ୟ ଏଭଳି ବିପଦ ସଙ୍କୁଳ ଭାବେ ବିଦ୍ୟୁତ୍ ସରବରାହ ହେଉଥିବା ଜଣାପଡ଼ିଛି।

## ଉପକାରାଗାର ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ୍

ରଗଡି,୨୮।୫(ସମିସ)

ସ୍ଥାନୀୟ ରଗଡ଼ି ସ୍ଥିତ ଉପକାରାଗାରର ଅନ୍ତେବାସୀମାନଙ୍କୁ ଗାଈ, ମଇଁଷି ଓ ଛେଳି ଚାଷ ସହିତ ଜିଆ ଖତ ଉତ୍ପାଦନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ଏକ ୧୦ ଦିନିଆ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଜୁନ ୬ ତାରିଖରେ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ, କାରାପାଳ ତଥା ଅଧିକ୍ଷକ ସୋମାଞ୍ଜଳି ପ୍ରଧାନ, ମୁଖ୍ୟମନ୍ତ୍ରୀ ଦକ୍ଷତା



ବିକାଶ କର୍ମଚାରୀ ରାକେଶ କୁମାର ନାୟକ ଏବଂ ମୁଖ୍ୟ ପ୍ରଶିକ୍ଷକ, ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରସନ୍ନ କୁମାର ରାଉତ ଏବଂ କାରାଗାରର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏହି ସ୍ୱଳ୍ପ ଅବଧିର ତାଲିମ୍ କାର୍ଯ୍ୟକ୍ରମରେ ଚୟନ କରାଯାଇଥିବା ଉପକାରାଗାରର ଅନ୍ତେବାସୀମାନଙ୍କୁ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ୍ ପ୍ରଦାନ କରାଯିବ। ତାଲିମ୍ ବାବଦର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯିବ। ତାଲିମ୍ ସମାପ୍ତ ପରେ ତାଲିମ୍‌ପ୍ରାପ୍ତ ସମସ୍ତ ଅନ୍ତେବାସୀମାନଙ୍କୁ ଷ୍ଟେଟବ୍ୟାଙ୍କ ପ୍ରମାଣ ପତ୍ର ସହିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯିବ।

## ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା

**ବନ୍ତ/ଆଗରପଡ଼ା,୨୮।୫(ସମିସ):** ଆଗରପଡ଼ା ଅଞ୍ଚଳରେ କ୍ରମଶଃ ବୁଲା ଗୋରୁ ଗାଈଙ୍କ ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାର ଜଣାପଡ଼ିଛି। ସ୍ଥାନୀୟ କାଣ୍ଡବା ସାଳନ୍ଦୀ ସେତୁ ଉପରେ ସଂଖ୍ୟାଧିକ ଗୋରୁ ଗାଈମାନେ ଦିନରାତି ଆଡ୍ଡା ଜମାଉଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଅନେକ ସମୟରେ



ଦୁର୍ଘଟଣାମାନ ଘଟୁଛି। ଗୋରୁ ଗାଈମାନେ ରାସ୍ତା ଅବରୋଧ କରି ଠିଆ ହେଉଥିବାରୁ ବାଇକ୍ ଧକ୍କା ହୋଇ ଆରୋହୀମାନେ କ୍ଷତ ବିକ୍ଷତ ହେବା ସହ ୪ ଚକିଆ ଯାନ ଧକ୍କାରେ ଗୋରୁ ଗାଈମାନେ ଆହତ ହେଉଛନ୍ତି। ଆମ୍ବୁଲାନ୍ସ ଓ ଦମକଳ ପରି ଅତି ଜରୁରୀ ଗାଡ଼ି ଗୁଡ଼ିକ ଏହି ଗୋରୁ ଗାଈଙ୍କ ରାସ୍ତା ଅବରୋଧ କରି ରହିବା ଫଳରେ ଯାଆଆସ କରିବାରେ ଅହେତୁକ ବିଳମ୍ବ ଘଟୁଛି। ଯେତେ ହର୍ଣ୍ଣ ବଜାଇଲେ ସୁଦ୍ଧା ସେମାନେ ରାସ୍ତାରୁ ଘୁଞ୍ଚିବା କାଠିକର ପାଠ ହୋଇ ପଡୁଛି। ମାଲିକମାନେ ଗୋରୁଗାଈମାନଙ୍କୁ ଗୁହାଳରେ ନ ବାନ୍ଧି ବେପରୁଆ ଢଙ୍ଗରେ ଏମାନଙ୍କୁ ଛାଡ଼ି ଦେଉଛନ୍ତି। ଏଥିଯୋଗୁଁ ଦୁର୍ଘଟଣାମାନ ଘଟୁଥିଲେ ସୁଦ୍ଧା ସେଥିପ୍ରତି ତାଙ୍କର କୌଣସି ନିଘା ରହୁନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।